ମୁଣ୍ଡାରୀ ସାହିତ୍ୟର ଇତିହାସ

(History of Mundari Literature)

ଶ୍ରୀଧର ସିଂହ

ମୁଣ୍ଡାରୀ ସାହିତ୍ୟର ଇତିହାସ
(History of Mundari Literature)

ଲେଖକ ଓ ସଂକଳକ
ଭଞ୍ଜ ଗୌରବ, ମୁଣ୍ଡାରୀ ମାର୍ଶାଲ୍ଲ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ
ଜନଜାତି କବି ଓ ଲେଖକ
ଶ୍ରୀ ଶ୍ରୀଧର ସିଂହ M.A.B.Ed. O.E.S. (Rtd. D.I. of Schools)

Digitized by srujanika@gmail.com

(ମୁଣ୍ଡାରୀ କାନାଗାର ରେୟାଃ ବାରନିକା)

ମୁଣ୍ଡାରୀ ସାହିତ୍ୟର ଇତିହାସ

(History of Mundari Literature)
From 1953 to 2014

ଲେଖକ ଓ ସଂକଳକ
ଭଞ୍ଜଗୌରବ, ମୁଣ୍ଡାରୀ ମାର୍ଶାଲ କବି କୁସୁମ ରାଜ୍ୟପାଳ ପୁରସ୍କାରପ୍ରାପ୍ତ
ଶ୍ରୀ ଶ୍ରୀଧର ସିଂହ ଏମ୍.ଏ.ବି.ଇଡି.ଓ.ଇ.ଏସ୍.
ଅବସରପ୍ରାପ୍ତ ଶିକ୍ଷାଜିଲ୍ଲା ଅଧିକାରୀ

ସଂକଳିତ ଓ ରଚିତ: ୨୦୧୩
ପ୍ରକାଶନ: ୨୫ ଅଗଷ୍ଟ, ୨୦୧୪
ଡି.ଟି.ପି.(ଅକ୍ଷରସଜ୍ଜା): ବୁଧିଆ ସିଂ ବଡସାହି, ମୟୂରଭଞ୍ଜ
ମୋ.: ୯୭୭୮୦୪୧୭୯୦
ଅଳଙ୍କରଣ ଓ ପ୍ରଚ୍ଛଦ:
ମୁଦ୍ରଣ:
ପ୍ରକାଶକ: ମୁଣ୍ଡାରୀ ଭାଷା ବିକାଶ ପରିଷଦ, କାଳିଆପଦା
ମୂଲ୍ୟ: ଟ.୧୧୦/- (ଏକଶତ ଦଶ ଟଙ୍କା) ମାତ୍ର
ସ୍ୱତାଧିକାରୀ: ଶ୍ରୀ ଶଶିଧର ସିଂ ଓ ଅନ୍ୟ ପୁତ୍ରମାନେ

-ଯୋଗାଯୋଗ-
ଶ୍ୟାମରାୟ କୁଟୀର, ବିରଗାମ୍ ମହଲ, ବାଲେଡୀ,
ସା.: କାଳିଆପଦା, ପୋ.ଅ.: ଶିରାଥଳୀ, ଭାୟା.: ପୁରୁଣାବାରିପଦା,
ଜିଲ୍ଲା: ମୟୂରଭଞ୍ଜ, ଓଡିଶା, ପିନ୍ କୋର୍ଡ: ୭୫୭୧୦୨
Mob.No.: 9437321318, 9439927019, 8018406744,
Land phone: 06795-273117

Digitized by srujanika@gmail.com

ମୋର ଏହି ପୁସ୍ତକ

'ମୁଣ୍ଡାରୀ ସାହିତ୍ୟର ଇତିହାସ'

ମୁଣ୍ଡାରୀ ଭାଷାର ଲିପି ଉଦ୍ଭାବକ, ମୁଣ୍ଡାରୀ ଭାଷାବିତ୍, ପଥ ପ୍ରଦର୍ଶକ, ସାର୍ଣ୍ଣା ଧର୍ମର ରକ୍ଷକ ପଣ୍ଡିତ ଅଲଗୁରୁ ୰ରୋହିଦାସ ସିଂହ ନାଗ ବିର୍‌ଗାମ୍ (ତା୦୫।୦୨।୧୯୩୪ରିଖ - ତା୩୦।୧୨।୨୦୧୨ରିଖ)ଙ୍କୁ ଉତ୍ସର୍ଗୀକୃତ କଲି।

ଭଞ୍ଜ ଗୌରବ, ଶ୍ରୀଧର ସିଂହ ବିର୍‌ଗାମ୍

ବାଲେଡି

ତା୦୫।୦୬।୨୦୧୪

Digitized by srujanika@gmail.com

ଅଭିମତ

ମୁଣ୍ଡାରୀ ମାର୍ଶାଲ, ଭଞ୍ଜଗୌରବ, ଭଞ୍ଜ ପ୍ରଦୀପ କବି କୁସୁମ ଶ୍ରୀ ଶ୍ରୀଧର ସିଂହ, ମୁଣ୍ଡାରୀ ସାହିତ୍ୟର ଜଣେ ଉଜ୍ଜ୍ୱଳ ପ୍ରତିଭା । ଅଦ୍ୟାବଧି ସେ ପଇଁତାଳିଶ ଖଣ୍ଡରୁ ଅଧିକ ମୁଣ୍ଡାରୀ, ଓଡ଼ିଆ ଓ ଇଂରାଜୀ ଭାଷାରେ କବିତା, ପ୍ରବନ୍ଧ, ଗଳ୍ପ ପୁସ୍ତକ ରଚନା କରିଛନ୍ତି । ସେ ଜଣେ ମୁଣ୍ଡାରୀ ଭାଷା ଓ ସାହିତ୍ୟର ଜାଜ୍ଜ୍ୱଲ୍ୟମାନ ତାରକା କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହା ନିଶ୍ଚିତ ଯେ ଅଲିଖିତ ମୁଣ୍ଡାରୀ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଉପରୋକ୍ତ ତିନୋଟି ଭାଷାରେ ଲିପିବଦ୍ଧ କରି ମୁଣ୍ଡାରୀ ସାହିତ୍ୟ ଜଗତରେ ଏକ ଅତୁଳନୀୟ ପରମ୍ପରା ସୃଷ୍ଟି କରିଛନ୍ତି । ତାଙ୍କ ଲେଖନୀରୁ ସୃଷ୍ଟି 'ମୁଣ୍ଡାରୀ ସାହିତ୍ୟର ଇତିହାସ' ମୁଣ୍ଡା ସମାଜର ଏକ ଅନନ୍ୟ କୃତି ତଥା ଦିଗ୍‌ଦର୍ଶକ ହୋଇରହିବ; ତାହାରି ମାଧ୍ୟମରେ ଅନ୍ୟ ମୁଣ୍ଡାରୀ ଭାଷାର ଉତ୍ତରଦାୟାଦ କବି, ଲେଖକ, ପ୍ରାବନ୍ଧିକ ଓ ଗବେଷକମାନେ ମୁଣ୍ଡାରୀ ସାହିତ୍ୟର ମୂଲ୍ୟାୟନ ତଥା ସାହିତ୍ୟିକ ମୂଲ୍ୟବୋଧର ସ୍ୱରୂପ ଦେଖିପାରିବେ ।

ଆଶା ଓ ବିଶ୍ୱାସ ତାଙ୍କଦ୍ୱାରା ରଚିତ ଏହି ମୁଣ୍ଡାରୀ ସାହିତ୍ୟର ଇତିହାସ ଯୁଗେ ଯୁଗେ ଅମର ରହିବ ଏବଂ ଶ୍ରୀସିଂହ ମୁଣ୍ଡାରୀ ସାହିତ୍ୟ ସୃଷ୍ଟିର ସ୍ରଷ୍ଟା ତଥା ମୁଣ୍ଡାରୀ ସାହିତ୍ୟ ଜଗତରେ ଆଲୋକ ସଦୃଶ୍ୟ ରହିବେ; ଏଥିରେ କୌଣସି ସନ୍ଦେହ ନାହିଁ । ଈଶ୍ୱର ତାଙ୍କୁ ଦୀର୍ଘଜୀବୀ କରାନ୍ତୁ; ଏହା ହିଁ କାମନା ଓ ପ୍ରାର୍ଥନା ।

ଜର୍ଜ ଲାକରା
ତା୧୫.୦୨.୨୦୧୪
ରାଉରକେଲା, ସୁନ୍ଦରଗଡ଼

Digitized by srujanika@gmail.com

ଅଭିମତ

ଶ୍ରୀ ଶ୍ରୀଧର ସିଂହ ମୁଣ୍ଡାରୀ ସାହିତ୍ୟର ଏକ ଜଣାଶୁଣା ନାମ। ସେ ଭୂମିଜ(ମୁଣ୍ଡା) ମାନଙ୍କର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆଧାର କରି ବହୁ ପୁସ୍ତକ ରଚନା କରି ସମାଜର ଗୁଣଗାରିମାକୁ ନିଜ ଲୋକଙ୍କ ଓ ବୃହତ୍ତର ସମାଜର ଲୋକଙ୍କ ପାଖରେ ପହଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ଭୂମିଜ ସମାଜର ବ୍ୟକ୍ତି ହିସାବରେ ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁଡିକ ତଥ୍ୟ ଉପରେ ଆଧାରିତ।

ଭୂମିଜ(ମୁଣ୍ଡା) ବୃହତ୍ତର ମୁଣ୍ଡା ଗୋଷ୍ଠୀର ଏକ ଶାଖା ଗୋଷ୍ଠୀ ହୋଇଥିବାରୁ ତାଙ୍କର ଏହି ପୁସ୍ତକଟି (ମୁଣ୍ଡାରୀ ସାହିତ୍ୟର ଇତିହାସ)କୁ ଝାଡଖଣ୍ଡ ରାଜ୍ୟର କମ୍ପାଟ ମୁଣ୍ଡାଙ୍କ ସାହିତ୍ୟକୁ ଆଧାର କରି ରଚନା କରିଛନ୍ତି। ସେ ଏସ୍.ସି. ରାୟଙ୍କ The Mundas and their country ଏବଂ Father Hoffmannଙ୍କ ବିଶାଳ ପୁସ୍ତକ ଏନ୍‌ସାଇକ୍ଲୋପିଡିଆ ମୁଣ୍ଡାରିକାରୁ ପ୍ରେରଣା ପାଇ ଏ ପୁସ୍ତକ ରଚନା କରିଛନ୍ତି।

ମୋର ଆଶା ଓ ବିଶ୍ୱାସ ଏ ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ।

ଡଃ. ବିନୋଦ ନାୟକ
ତା୨୬.୦୭.୨୦୧୩
(ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ସମ୍ମାନ ପ୍ରାପ୍ତ)

Digitized by srujanika@gmail.com

ଅଭିମତ

ଶ୍ରୀ ଶ୍ରୀଧର ସିଂହ ଆଦିବାସୀ ସମ୍ପ୍ରଦାୟର ଜଣେ ଲବ୍ଧପ୍ରତିଷ୍ଠ ସାରସ୍ୱତ ସାଧକ । ତାଙ୍କ ଅମର ଲେଖନୀରୁ ଏପର୍ଯ୍ୟନ୍ତ ପଇଁଚାଳିଶରୁ ଊର୍ଦ୍ଧ୍ୱ ପୁସ୍ତକ ସୃଷ୍ଟି ହୋଇ ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରିଛି । 'ମୁଣ୍ଡାରୀ ସାହିତ୍ୟର ଇତିହାସ' ରଚନା ତାଙ୍କର ଏକ ଅଭିନବ ପ୍ରୟାସ । ଏହା ଆଦିବାସୀ ସାହିତ୍ୟର ଅତୀତର ପୃଷ୍ଠା ଉନ୍ମୋଚନ କରିବା ସହିତ ଭବିଷ୍ୟତ ପାଇଁ ପ୍ରେରଣା ହେବ ବୋଲି, ଆଶା କରାଯାଏ । ଆଗାମୀଦିନରେ ତାଙ୍କର ଲେଖନୀ ଅଧିକ ବଳିଷ୍ଠ ହେଉ, ଏହା ହିଁ କାମନା ।

ଡଃ. ରାଜକିଶୋର ନାୟକ
ତା୦୬.୧୧.୨୦୧୩
ଭୁଗୁଡାକଟା, ବାରିପଦା

Digitized by srujanika@gmail.com

ପଦେଅଧେ

କାଳିଆପଦା
ତା୦୫।୦୬।୨୦୧୪

ପୃଥିବୀରେ ଅନେକ ଭାଷା ରହିଛି। କେତେ ଗୁଡିକ ଭାଷା ସଂପ୍ରତି ମାନବ ସମାଜରୁ ଲୋପ ହେବାକୁ ବସିଲାଣି; ୟୁନେସ୍କୋ ରିପୋର୍ଟ ଅନୁସାରେ ପୃଥିବୀର ପ୍ରାୟ ୬୫୦୦ ଭାଷା ମଧ୍ୟରୁ ଅଧା ଲୁପ୍ତ ହେବା ଅବସ୍ଥାରେ। ୧୯୯୨ ମସିହାରେ ତୁର୍କର ଉଭି ଭାଷା ଲୋପ ପାଇଲା ଏବଂ 'ଆକ୍ଲାଲା ସାମି' ଭାଷା ରୁଷ୍ ଦେଶରେ ୨୦୦୩ ମସିହାରେ ଲୋପ ପାଇଲା। ଏହିପରି ଅନେକ ଆଦିବାସୀ ଅଞ୍ଚଳର ଭାଷା ଗୁଡିକର ଲିପି ନଥିବାରୁ ସେଗୁଡ଼ିକର ଲୋପ ପାଇବାର ବେଶି ଆଶଙ୍କା ରହିଛି।

ସୁତରାଂ ମୁଣ୍ଡାରୀ ଭାଷା ବହୁ ପ୍ରାଚୀନ ଭାଷା। ଏହି ଭାଷା କହୁଥିବା ମୁଣ୍ଡା, ଭୂମିଜ, ତାମୁଡିଆ ଭୂମିଜ, ତାମୁଳିଆ ଭୂମିଜ, ହଳଦୀ ପୋଖରିଆ, କଡା, ମୁଣ୍ଡା ମାହାଲି, ତାମୁଡିଆ, ବୀରହଳ ପ୍ରଭୃତି ନିଜ ନିଜ ମନ ମଧ୍ୟରେ ରଖି ଦୀର୍ଘ ବର୍ଷ ବଞ୍ଚାଇ ରଖିଥିଲେ ଏବଂ ସ୍ନ ୧୯୭୫ ମସିହାରେ ଏହାର ଏକ ସାଙ୍କେତିକ ରେଖା 'ଲିପି' ଉଦ୍ଭାବିତ ହୋଇଛି। ଏହି ମୁଣ୍ଡା ଲିପି ମାଧ୍ୟମରେ କିଛି ପୁସ୍ତକ ମଧ୍ୟ ରଚିତ ହୋଇଛି।

Digitized by srujanika@gmail.com

ଏହି ଭାଷାକୁ ଲିପିବଦ୍ଧ କରି ରଖିବା ପ୍ରୟାସ ଜାରି କରି ହିନ୍ଦୀ, ଓଡିଆ, ବଙ୍ଗଳା ଓ ମୁଣ୍ଡା ଲିପି ମାଧ୍ୟମରେ ଅନେକ ପୁସ୍ତକ ଆତ୍ମ ପ୍ରକାଶ କରିଛି। ତଥାପି ମୁଣ୍ଡା ଭାଷା ଓ ସାହିତ୍ୟର ସୁରକ୍ଷା ନିମନ୍ତେ 'ମୁଣ୍ଡାରୀ ସାହିତ୍ୟର ଇତିହାସ' ନାମରେ ପୁସ୍ତକଟି ସଂକଳନ କରି ମୁଣ୍ଡାରୀ ଭାଷାର ଇତିହାସ, ମୁଣ୍ଡାମାନଙ୍କର ସାମାଜିକ ଜୀବନ, ସାହିତ୍ୟ ଦର୍ଶନ, ଧର୍ମଧାରା, ଜୀବନଯାତ୍ରା, ମୁଣ୍ଡାରୀ ଲିଖିତ ଅଲିଖିତ ସାହିତ୍ୟର ସାଧାରଣ ଚିତ୍ର; ସ୍ୱରୂପ, ସାମାଜିକ ସଂଗଠନ, ସଚେତନତା ଆଦି ଉଲ୍ଲେଖ କରି 'ମୁଣ୍ଡାରୀ ସାହିତ୍ୟର ଇତିହାସ'ର ମୂଳଦୂଆ ସ୍ଥାପନ କରିଛି।

ଯେଉଁମାନେ ନୃ-ତାତ୍ତ୍ୱିକ, ମାନବକୁ ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ 'ଜୀବ' ବୋଲି ଭାବନ୍ତି; ସେମାନେ ହୁଏତ ଏହି ସରଳ ବିଶ୍ୱାସୀ, ଅମାୟିକ, ପ୍ରକୃତି ପ୍ରେମୀ, ଅଜ୍ଞ, ଜନଜାତିର ଭାଷା, ସାହିତ୍ୟ ଓ ସଂସ୍କୃତି, ନିରାଡମ୍ବର ଜୀବନ ଯାପନକୁ ନିଶ୍ଚୟ ଭଲ ପାଉଥିବେ; ପୁନଶ୍ଚ ଯେଉଁମାନେ ଜନଜାତିର ଲୋକମାନଙ୍କୁ 'ମନୁଷ୍ୟ' ରୂପରେ ଦେଖିବାକୁ ଭଲପାଆନ୍ତି ନାହିଁ, ମଣିଷ ପରି ମଣିଷ ବୋଲି ଭାବନ୍ତି ନାହିଁ; ସେମାନେ ଜନଜାତିଙ୍କର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମ୍ମାନ ଦେବେ କି ନା; ଏ ଅଧମ ଲେଖକ ବା ସଂକଳକ ବିଶ୍ୱାସକୁ ନେଇ ପାରୁନାହାନ୍ତି।

ଯେ ଯାହା ବି ହେଉ, ସଂପ୍ରତି ମୁଣ୍ଡାମାନେ ଶିକ୍ଷିତ ହେଲାପରେ ନାଚ ଗୀତରେ ଅଧିକ ପ୍ରାଧାନ୍ୟ ଦେଉଛନ୍ତି ଏବଂ ବିଭିନ୍ନ ଗଳ୍ପ, କବିତା, ପ୍ରବନ୍ଧ, ନାଟକ ରଚନା କରିବାରେ ଆଗ୍ରହ ପ୍ରକାଶ କରୁଛନ୍ତି। ସୁତରାଂ ଭବିଷ୍ୟତ ଦାୟାଦମାନଙ୍କ ପାଇଁ ଲିଖିତ ପୁସ୍ତକ ନିତାନ୍ତ ଆବଶ୍ୟକ। ସଂପ୍ରତି ସମଗ୍ର ପୃଥିବୀର ଆୟତନ ଓ ଆକାର ଛୋଟିଆ ମନେ ହେଉଥିବା ବେଳେ ଇଣ୍ଟରନେଟ୍, ମୋବାଇଲ ଫୋନ୍‌ର ପ୍ରଚୁର ବ୍ୟବହାରରେ ସମସ୍ତେ ଅଭ୍ୟସ୍ତ

Digitized by srujanika@gmail.com

ଓ ବ୍ୟସ୍ତ ରହୁଥିବା ବେଳେ ଲିଖିତ ସାହିତ୍ୟ, କବିତା, ନାଟକର ଆବଶ୍ୟକତା ରହିବ କି ନା ଭବିଷ୍ୟତ ସମୟ କହିବ। ସ୍ବ ୧୯୮୩ ମସିହା 'ମୁଣ୍ଡାରୀ ଦର୍ପନ୍'ରେ ଲିଖିତ ଆଇନ୍ ଅନୁସାରେ ମୋତେ ତତ୍‌କାଳୀନ 'ମୁଣ୍ଡାରୀ ସମାଜ ସାଓ୍ୱାଁର ଜାମ୍‌ଡା'ର ସଭାପତି ମହୋଦୟଙ୍କ ଅନୁରୋଧ କ୍ରମେ ମୋତେ ଦିଆଯାଇଥିବା 'ମୁଣ୍ଡାରୀ ସାହିତ୍ୟର ଇତିହାସ' ଲେଖିବାର କ୍ଷମତା ବଳରେ ମୁଁ ଆଜି ଏହି ପୁସ୍ତକ ଖଣ୍ଡିକ ଲେଖି; ସମଗ୍ର ମୁଣ୍ଡାମାନଙ୍କ ନିମନ୍ତେ ସଂକଳନ କରିଅଛି।

ଦୁନିଆଁ ଦରବାରରେ ସଂପ୍ରତି ମୁଣ୍ଡାରୀ ସାହିତ୍ୟର ଗତି ଠିକ୍ ଲଣ୍ଠନର ବତୀ ପରି; ଧଳା କାଚ ଭିତରେ ଜଳି ଜଳି ଘନ ପ୍ରଲେପ ଅନ୍ଧକାରକୁ ଦୂରେଇ ଦେଉଛି। ଜଳିବାକୁ ଇଛା କଲେ ବି ଜବରଦସ୍ତ ଅନ୍ୟମାନେ ତା'କୁ ଜଳିବାକୁ ନ ଦେଇ ଲିଭାଇବାକୁ ଚେଷ୍ଟା କରୁଛନ୍ତି। ଲଣ୍ଠନ ବାତୀ ଯାହା କହୁଛି ଠିକ୍ କହୁଛି।

ଲଣ୍ଠନ ବାତୀ କହୁଛି-

'ଲେଲ୍ ଇରିନ୍ ନାତେନ୍ କୁଟୁ ମୁଚୁ ବାଲାଏତେ ଗେରାଂ ରାକାବା
ଆଇଁ ମୟଦ୍ ମାସ୍କାଲ୍
ଜୁଲେନ୍ ନାତେନ୍ ଆଇଁଆଃ ଉତ୍‌ପାନ୍
ଭାଇଗରେ ଜୁଲେନ୍ ବେଗର୍ ବାନଃ ଯେତାନ୍ ଗତି
ଆଇଁ ହାର୍‌କିନ୍ ବାତି।'

ମୁଣ୍ଡାମାନଙ୍କର ନିଜ ଜାତି, ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଭଲ ପାଇବାର ଅଭାବ, ଆଗ୍ରହ, ଉଦ୍ଦୀପନାର ନ୍ୟୁନ ଆଶା; ବୀତସ୍ପୃହ ମନୋଭାବର ଦୋ' ଛକିରେ ଆଜି ମୁଣ୍ଡାରୀ ସାହିତ୍ୟ ଦଣ୍ଡାୟମାନ। ଦେଖୁଛି ମୁଣ୍ଡାରୀ ସାହିତ୍ୟକୁ ଗତିଶୀଳ ଓ ପ୍ରଗତିଶୀଳ କରିବାପାଇଁ ସାଂପ୍ରତିକ ଯୁବପିଢି

Digitized by srujanika@gmail.com

କେତେ ଆଗ୍ରହୀ । ମନେ ରଖିବା ଉଚିତ୍ ହେବ ଯେ, ସୃଜନଶୀଳ ମନୋଭାବରେ ହିଁ ଯେକୌଣସି ଭାଷାର ସାହିତ୍ୟ ବିକଶିତ ହୁଏ ଓ ସୁନ୍ଦର ଭାବେ ଦୁନିଆଁରେ ପ୍ରସ୍ଫୁଟିତ ହୁଏ । ସେଥିପାଇଁ ମୁଁ କହିଛି-

'ଗୁଃ ଗୁଃ ନୁବାଃ ନିଦାରେ ମାସ୍କାଲ୍ ଜାଁଆ-ଏନ୍
ସିକିଦ୍ ସିକିଦ୍ ତାନ୍ ମୁଇତୁଂ ଚେହେରା ।
ଛାଟା ପାଟା ଆକାଲ୍ ବାକାଲ୍ ତାନ୍‌ରେଆ;
ରିପି ରିପି ଚାବ୍ ଚାବ୍ ଚେହେରା;
ଅକଏ ପେ ଆୟମ୍ ତାଦା; ଆୟାଃ
ଏନ୍ କିଂତୁ ଅଡଃ ରାଗ୍ ରେଆ କାକାଲା ।' (କୁସୁଳୀ)

ମୁଣ୍ଡାମାନେ ମୁଣ୍ଡାରୀ ଭାଷାର ଆକୁଳତା ସମ୍ବନ୍ଧରେ କିଛି ଚିନ୍ତା ପ୍ରକଟ କରୁ ନ ଥିବାର ଜାଣି; ନିଜେ କେମିତି ଲଣ୍ଠନ ବତୀ ପରି ନିଜ ଭାଷା, ସାହିତ୍ୟ ପାଇଁ ଜଳୁଛି ଏହି ଦୁନିଆଁ ରୂପକ ଲଣ୍ଠନ କାଚ ମଝିରେ; ସାଧାରଣ ଜଣେ ମନୁଷ୍ୟ ଦେହ ଧରି-

ଆପେପେ ଲେଲ୍ ଧାଳି ତାନା
ଆଞାଃ ଜୁଲ୍ ମାସ୍କାଲ୍ ଆହାଲା ?
ଠହର୍ ଧାଳି ତାନାପେ ଆଇଁ ଜୁଲ୍ ତାନା
ଆର୍ ଜୁଲ୍ ତାନାଇଁ ବେଡେ ଦୁକୁତେ
ମଟ ଧତି ଆର୍ ଇସ୍ତୀଆ କାନ୍ ତାରା କେଚାଃ ସନଃରେ । (ଆଲ୍‌ଚି)
ନେ ଜାତି ଭାଷା ନାତେନ୍ ଆଞ୍ ଜୁଲ୍‌ତାନା
ଜୁଲ୍ ତାନାଇଁ ମୟଦ୍ ଫୁଣ୍ଡି କାଚ ତାଲାରେ । (ଆଇଁ ଜୁଲ୍ ତାନା)
ବିନ୍‌ଗା ଉଡୁଃ କବି ଅଲ୍ ତାନାଇଁ ଜୀବନ୍ ଜାଲା
ନାଚାର୍ ସାଲଟ୍ ନାତେନ୍ ଆଇଁ ଦ ଦୁରାଂଏଞଂ ଅଲା ।। (ଆଲ୍‌ଚି)

Digitized by srujanika@gmail.com

ଓଡିଶା ଓ ଅନ୍ୟାନ୍ୟ ରାଜ୍ୟରେ ରହୁଥିବା ମୁଣ୍ଡା, ମୁଣ୍ଡାରୀ, ଭୂମିଜ ତଥା ଅନ୍ୟାନ୍ୟ ଜନଜାତି ଖଡିଆ, କନ୍ଧ, କୁଇ, ହୋ, ଓରାଂ, କଦବା, ଗଣ୍ଡ କିମ୍ବା ଅନ୍ୟାନ୍ୟ ଜନଜାତିମାନଙ୍କୁ ନେଇ ସମଗ୍ର ଦେଶ କିମ୍ବା ସମଗ୍ର ଜନଜାତି ମାନଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ନିମନ୍ତେ 'ଆଦିବାସୀ ଭାଷା ଓ ସାହିତ୍ୟ ଏକାଡେମୀ' ଗଠନ କରି ସମସ୍ତଙ୍କର ଭାଷା ଓ ସାହିତ୍ୟର ବିକାଶ ଦିଗରେ ସମସ୍ତେ ତତ୍ପର ରହିବା ନିହାତି ଜରୁରୀ ଓ ଆବଶ୍ୟକ।

ତେଣୁ ଭାରତବର୍ଷରେ ଥିବା ସମସ୍ତ ଆଦିବାସୀ ଜନଜାତି ସଂପ୍ରଦାୟର ବ୍ୟକ୍ତିମାନେ ଏ ଦିଗରେ ଧ୍ୟାନ ଦେଲେ ଜନଜାତିର ବିଶେଷ ଉନ୍ନତି ସାଧିତ ହେବ ବୋଲି ଏ ପ୍ରାବନ୍ଧିକ ପ୍ରସ୍ତାବ ଦେବା ସଙ୍ଗେ ସଙ୍ଗେ ଆଶା ରଖିଛନ୍ତି।

ଏହି ପୁସ୍ତକ ସଂକଳନ କରିବାରେ ଯେଉଁ ବିଶିଷ୍ଟ ଲେଖକ, ପ୍ରାବନ୍ଧିକ, ଐତିହାସିକ ଓ ସାହିତ୍ୟିକ ମାନଙ୍କର ସହାୟତା ନେଇ ରଚନା କରିଛି; ସେମାନଙ୍କ ନିକଟରେ ମୁଁ ଚିର ଋଣୀ।

ଶ୍ରୀଧର ସିଂହ
ତା୦୫।୦୬।୨୦୧୪
ବୁଧବାର

ବିରଗାମ୍ ମହଲ୍
ଶ୍ୟାମରାୟ କୁଟୀର
ବାଲେଡୀ, କାଳିଆପଦା
ମୟୂରଭଞ୍ଜ, ଓଡିଶା

Digitized by srujanika@gmail.com

ସୂଚୀପତ୍ର

ପ୍ରଥମ ଅଧ୍ୟାୟ

ମୁଣ୍ଡାମାନଙ୍କର ଅବସ୍ଥାନ, ମୁଣ୍ଡାରୀ ଲିପି,
ମୁଣ୍ଡାରୀ ଭାଷାର ପରିଚୟ, ମୁଣ୍ଡାରୀ ଭାଷାରେ ମାତ୍ରା,
ମୁଣ୍ଡାରୀ ଭାଷାର ସଂକ୍ଷିପ୍ତ ଇତିହାସ ୦୧

ଦ୍ୱିତୀୟ ଅଧ୍ୟାୟ

ମୁଣ୍ଡାମାନଙ୍କର ସାମାଜିକ ଜୀବନଚର୍ଯ୍ୟା ୨୬

ତୃତୀୟ ଅଧ୍ୟାୟ

ସାହିତ୍ୟର ସଂଜ୍ଞା ଓ ସ୍ୱରୂପ, ସାହିତ୍ୟ ଓ ଦର୍ଶନ ୩୧

ଚତୁର୍ଥ ଅଧ୍ୟାୟ

ମୁଣ୍ଡାରୀ ସାହିତ୍ୟର ସାଧାରଣ ଚିତ୍ର,
ମୁଣ୍ଡାରୀ ସଙ୍ଗୀତ ବା କବିତା,
କାରାମ୍ ବଙ୍ଗା ଓ ନୃତ୍ୟର କିମ୍ବଦନ୍ତୀ ୩୯

ପଞ୍ଚମ ଅଧ୍ୟାୟ

ଆଣାଦୀ ଦୁରାଂ, ଓଡିଆରେ ଭାଷାନ୍ତର ୭୯

Digitized by srujanika@gmail.com

ଷଷ୍ଠ ଅଧ୍ୟାୟ
ମୁଣ୍ଡାରୀ ଭାଷା ଓ ସଂସ୍କୃତିର ସୁରକ୍ଷା ନିମନ୍ତେ
ଜନଜାତି ମୁଣ୍ଡାମାନଙ୍କ ଆନ୍ଦୋଳନ,
ମୁଣ୍ଡାଜାତି ଓ ଭାଷାର ପରିଚୟ ନିମନ୍ତେ
ନୀଳଗିରିରେ ବିରାଟ ଜନସମାବେଶ,
ମୁଣ୍ଡା ଜାତିର ସଂଗଠନ, ଏକତା, ଭାଷା,
ସାହିତ୍ୟ ଓ ଲିପିର ବିକାଶ ନିମନ୍ତେ
ପଶ୍ଚିମବଙ୍ଗରେ ମୁଣ୍ଡାମାନଙ୍କ ଆନ୍ଦୋଳନ,
ସୁଦୂର ସୁନ୍ଦରଗଡରେ ମୁଣ୍ଡା ସଂଗଠନ,
ଜନଜାତି ମୁଣ୍ଡାମାନଙ୍କର ଆଦ୍ୟ ବାସସ୍ଥଳୀ
ଝାରଖଣ୍ଡରେ ମୁଣ୍ଡାରୀ ଭାଷା ଆନ୍ଦୋଳନ ଓ
ମୁଣ୍ଡାରୀ ସାହିତ୍ୟର ଝଲକ ୮୬

ସପ୍ତମ ଅଧ୍ୟାୟ
ରାମାୟଣ, ମହାଭାରତ, ପୁରାଣ ଧର୍ମତତ୍ତ୍ୱ,
ଗୋପଲୀଳା, ମୁଣ୍ଡାରୀ ସଙ୍ଗୀତ ଓ
ନୃତ୍ୟର ଏକ ସଂକ୍ଷିପ୍ତ ପରିଚୟ ... ୧୦୯

ଅଷ୍ଟମ ଅଧ୍ୟାୟ
ଝୁମର ସଙ୍ଗୀତର ତାଳ ଓ ସ୍ୱର,
ମୁଣ୍ଡାରୀ ସଙ୍ଗୀତ ଓ କବିତାରେ ସମ୍ବନ୍ଧିତ,
ମୁଣ୍ଡାରୀ ଭାଷାର ଗୀତ, ମୁଣ୍ଡାରୀ ଯାଦୁର ସଙ୍ଗୀତ,
ଶେଷକଥା, ଓଡିଆ ଅନୁବାଦ ... ୧୨୨

Digitized by srujanika@gmail.com

ନବମ ଅଧ୍ୟାୟ
ଆୟମାଉ କାଜି, ଓରାଂ / ବରାଂ ଜାତି ରେୟାଃ ଉତ୍ପାନ୍,
ଏଙ୍ଗା-ବାଡାଏ ଜାତି ରେୟାଃ ଉତ୍ପାନ୍ କାହାନୀ,
ସୁନୁମ୍ ଆକ୍ରିଂ ମୁଣ୍ଡା କଓ୍ୱାଃ ବିନ୍ଗାନ୍ କାହାନୀ,
ହଳଦୀ ପୋଖରିଆ ଭୂମିଜ (ମୁଣ୍ଡା) କଓ୍ୱାଃ ଉତ୍ପାନ୍ କାହାନୀ,
ପରିଶିଷ୍ଟ, ମୁଣ୍ଡାରୀ ବ୍ୟଙ୍ଗ କବିତା,
ମୁଣ୍ଡାରୀ ସାହିତ୍ୟ ଓ ସଙ୍ଗୀତର ବ୍ୟୁତ୍ପତ୍ତି ... ୧୩୨

ଦଶମ ଅଧ୍ୟାୟ
ଯାଦୁର ଗୀତ, ଉଡୁଃମେୟା ମଦ୍ ସିର୍ମା,
ଲେଲେମ୍ ହାତୁ ଦଶା ... ୧୪୭

ଏକାଦଶ ଅଧ୍ୟାୟ
ମୁଣ୍ଡାରୀ ନାଟକ ଓ
ରଙ୍ଗମଞ୍ଚର ଭୂମିକା ତଥା ଅଭିଧାନର ଭୂମିକା ... ୧୬୨

ସହାୟକ ପୁସ୍ତକସୂଚୀ ... ୧୭୦

ପରିଚିତି ... ୧୭୨

Digitized by srujanika@gmail.com

ପ୍ରଥମ ଅଧ୍ୟାୟ

ମୁଣ୍ଡାମାନଙ୍କର ଅବସ୍ଥାନ

ପବିତ୍ର ଭାରତବର୍ଷର ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ମୁଣ୍ଡାମାନେ ଆଦିମ କାଳରୁ ବସବାସ କରିଛନ୍ତି । ଏହି ମୁଣ୍ଡାମାନେ ଝାଡଖଣ୍ଡର ରାଞ୍ଚି, ବୁଣ୍ଡୁ, ତାମାଡା, ସୁନାହାଟୁ, ଶିଲି, ଆଣ୍ଡକୀ, ବହଲାଗୋଡା ଆଦି ଅଞ୍ଚଳରେ ମୁଣ୍ଡା ନାମରେ ପରିଚିତ । ଭାରତବର୍ଷର ୬୭୬ ପ୍ରକାର ଆଦିବାସୀ ମଧ୍ୟରୁ 'ମୁଣ୍ଡା' ସଂପ୍ରଦାୟ ଏକ ଭିନ୍ନ ଓ ପ୍ରମୁଖ ଗୋଷ୍ଠୀ ଅଟେ । ଏହି ଆଦିବାସୀ ଗୋଷ୍ଠୀ ହେଉଛନ୍ତି ଭାରତବର୍ଷର ମୂଳ ବାସିନ୍ଦା । ପ୍ରାଚୀନ ଓ ମଧ୍ୟ ଯୁଗର ଶାସ୍ତ୍ର, ପୁରାଣ, ବେଦ, ବେଦାନ୍ତ ଓ ଉପନିଷଦରୁ ଜଣାଯାଏ; ଏହି ଦେଶରେ ଭରତ, ଭିଲ୍, କୋହ୍ଲ, କିରାତ, କିନାର, କିରିସ, ମୁଣ୍ଡା, ମତ୍ସ୍ୟ, ନିଷାଦ ଓ ବାନର ଗୋଷ୍ଠୀର ଏଠାରେ ପୂର୍ବରୁ ବାସ କରିଥିଲେ; ବର୍ତ୍ତମାନ ମଧ୍ୟ ଅଛନ୍ତି । ଭାରତବର୍ଷରେ ଜାତି, ବର୍ଣ୍ଣ, ସୃଷ୍ଟି ହେବାର ବହୁ ପୂର୍ବରୁ ଏହି ମୂଳ ନିବାସୀମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇଛନ୍ତି ।

ସ୍ନ ୧୭୯୩ ମସିହାରେ ଆମ ବିହାର, ଝାଡଖଣ୍ଡରେ ବିରାଟ ଦୁର୍ଭିକ୍ଷ ହୋଇଥିବାର ପ୍ରମାଣ ଡକ୍ଟର ଶରତ ଚନ୍ଦ୍ର ରାୟ ବାହାଦୂରଙ୍କ ମୁଣ୍ଡାଜ୍ ଏଣ୍ଡ୍ ଦେୟାର୍ କଣ୍ଟ୍ରି ପୁସ୍ତକରୁ ସ୍ପଷ୍ଟ ଚିତ୍ର ପଢିବାକୁ ମିଳେ । ଏହି ତଥ୍ୟ ଅନୁସାରେ ସେତେବେଳର ବିହାର ପ୍ରଦେଶରୁ ଅଗ୍ନାଅଗ୍ନି ବନସ୍ତ ମଧ୍ୟରେ ଥିବା

Digitized by srujanika@gmail.com

ମୁଣ୍ଡାମାନେ ଦଳଦଳ ହୋଇ ପୂର୍ବ ଆଡକୁ ଅର୍ଥାତ୍ ରାଞ୍ଚି ଜିଲ୍ଲାର ପୂର୍ବ ଦିଗ ବହଳାଗୋଡା ପାଖକୁ ପଳାଇ ଆସି; ଭାଇ ଭାଇ ମଧ୍ୟରେ ସଂପର୍କ ଛିନ୍ନ କରି ଦଳେ ଓଡିଶା ଆଡକୁ ଆଉ ଦଳେ ପଶ୍ଚିମବଙ୍ଗଳା ଆଡକୁ ପଳାଇ ଆସିଲେ । ଯେଉଁମାନେ ଓଡିଶାକୁ ଆସିଲେ; ସେହି ମୁଣ୍ଡାମାନେ ମୟୂରଭଞ୍ଜ ଓ ବାଲେଶ୍ୱରର ନୀଳଗିରି ଅଞ୍ଚଳକୁ ଆସି ସ୍ଥାୟୀ ଭାବେ ବସବାସ କରି ରହିଲେ ଏବଂ ଅଦ୍ୟାବଧି ଯୁଗ ଯୁଗ ଧରି ରହିଛନ୍ତି । ସେମାନେ ବିହାରରେ ଥିବା ନିଜ ନିଜ ଗ୍ରାମ ନାମ ଅନୁସାରେ ତଥା ନିଜ ଅଞ୍ଚଳର ନାମ ରଖିବା ପାଇଁ ନିଜକୁ ସେହି ଗ୍ରାମ ଓ ଅଞ୍ଚଳରେ ପରିଚିତ ହେଲେ । ଯେଉଁମାନେ ବୁଣ୍ଡୁ, ତାମାଡ୍‌ରୁ ଆସିଥିଲେ ସେମାନେ ନିଜକୁ ତାମ୍‌ଡିଆ ଭୂମିଜ, ଭୂମିଜ, ତାମୁଲିଆ ଭୂମିଜ, ମାଏଁପରଦ୍, ଶିଲି, ମାରାଧନ୍ ଆଦି ବିଭିନ୍ନ ଗ୍ରାମ ନାମରେ ନାମିତ ହୋଇ ପରିଚିତ ହେଲେ । ବେଙ୍ଗଲ୍‌ରେ ମଧ୍ୟ ତଦ୍ରୂପ ବିଭିନ୍ନ ଗ୍ରାମ ନାମରେ ପରିଚିତ ହୋଇ ବିଭିନ୍ନ ଥକ୍, ଗୋତ୍ର ସୃଷ୍ଟି କଲେ । ସୁତରାଂ ଓଡିଶାର ମୟୂରଭଞ୍ଜ, ବାଲେଶ୍ୱରର ନୀଳଗିରି, କେଉଁଝରର ଯୋଡା, ସୁନ୍ଦରଗଡର ସୁନ୍ଦରଗଡ ସବ୍‌ଡିଭିଜନ୍, ପାନପୁସି, ବଣେଇର ଜଡାବନ୍ଧ, କୁଚେଇତା, ବାଙ୍କି, ଏଲ୍‌ଗେଡା, ଧାନଘରା, ସିଲ୍‌ପୁଞ୍ଜି, ବଡ ପୁରୁନାପାନି, ବଡଗାଁ, ବେଲକୁଦର୍, ଘରିଆବାର, ସିହ୍ନାବାର, ଜାମ୍‌ଡୀ, ରକ୍ସି ମହୁପଡା, ଦାମଦର, ଗୋବରଦର, ଲିଗିରା, ଧର୍ମପୁର, ବଡଜଲ, ଆମ୍‌ରୁଲି, ଛାପଲ୍, ଉସ୍‌ଗୁଡା, ଫୁଲଝରି, ରଞ୍ଜା, କଣ୍ଟବାହାଲ, ଗିନିଆ ଫୁଣ୍ଟଗାଁ, ସଗଡା ପ୍ରଭୃତିରେ ଓ ପାନପୋଷ ସବ୍‌ଡିଭିଜନ୍ ର ଝିରପାନି, ବିଟକୁନ୍ଦୁରୀ, ଜବାଘାଟ, ଲିଣ୍ଡିରା, ବାଙ୍ଗୁରକେଲା ପ୍ରଭୃତି ସ୍ଥାନ ମାନଙ୍କରେ ଏହି ମୁଣ୍ଡାମାନେ 'ମୁଣ୍ଡାରୀ ଭୂମିଜ / ଭୂମିଜ ମୁଣ୍ଡାରୀ' ନାମରେ ନାମିତ ହୋଇ ପରିଚିତ ହେଉଛନ୍ତି । ପୁନଶ୍ଚ କେଉଁଝର ଜିଲ୍ଲାରେ ମଧ୍ୟ ଏହି ମୁଣ୍ଡାମାନେ 'ଭୂମିଜ' ନାମରେ ପରିଚିତ ହେଉଛନ୍ତି । କେଉଁଝର ଜିଲ୍ଲା ଯୋଡା ମାଇନିଂ ନିକଟରେ ଥିବା ମୁଣ୍ଡାମାନେ ନିଜ ନିଜର ଗୋତ୍ର କିମ୍ବା କିଲି ନିଜର ନାମ ପଛରେ ସାଙ୍ଗିଆ ଆକାରରେ ଲେଖି ପରିଚିତ ହେଉଛନ୍ତି ।

Digitized by srujanika@gmail.com

ଯଥା- ଏମିତି କବିର ସାଣ୍ଡିଲ୍, ଗୋବିନ୍ଦ ସାନ୍ତରା, ଶଙ୍କର ନାଗ୍, ମାନସିଂ ସାଣ୍ଡି, ଦେବରାଜ ସାମନ୍ତ, ଇତ୍ୟାଦି । ସଂପ୍ରତି ଏହି ମୁଣ୍ଡା ମାନେ କର୍ଣ୍ଣାଟକ, ଛତିଶଗଡର ବସ୍ତର, ସୁରଗୁଜା, ଜସ୍ ପୁର, ରାଇଗଡ ଓ ବିଳାସପୁର, ଜିଲ୍ଲା ଗୁଡିକରେ ବସବାସ କରୁଛନ୍ତି । ପେଟ ପ୍ରତିପୋଷଣ କରିବା ପାଇଁ କିଛି ମୁଣ୍ଡା ଆସାମ୍, ଆସାମର ତିନି ସୁକୁରିଆ, ତେଜପୁର, ଡେରାସୁନିତପୁର, ଆଣ୍ଡାମାନ, ନିକୋବର, ବେଙ୍ଗଲର ମେଦିନାପୁର, ବାଙ୍କୁଡା, ପୁରୁଲିୟା ଜିଲ୍ଲା ଗୁଡିକରେ ସ୍ଥାୟୀ ଭାବେ ବସବାସ କରି ରହିଛନ୍ତି । ଯାହାକୁ ଯେଉଁଠାରେ ସୁବିଧା, ଶାନ୍ତି ମିଳିଲା, ନିଜର ଗୁଜରାଣ ମେଣ୍ଟାଇ ପାରିଲା; ସେହି ସେହି ସ୍ଥାନ ଗୁଡିକରେ ଯାଇ ବସତି ସ୍ଥାପନ କରି ରହିଯାଇଛନ୍ତି ।

ମୁଣ୍ଡାମାନଙ୍କ ସ୍ଥାନାନ୍ତର ସଂପର୍କରେ ଏକ କବିତା ମଧ୍ୟ ରହିଛି ।

ସିଦା ମୁସିଂ ମୁଣ୍ଡା ବୁଣ୍ଡୁ ତାମ୍ଡା
ପାଞ୍ଚପରଗାନା ରେକ ତାଇକେନା ।
୧୭୯୩ ମସିହା ମାରାଂ ରିଙ୍ଗା ଆକାଲରେ
ଆଧା ଦକ ନି'ର୍ ହିଜୁଃ ଲେନା ॥୧॥
ଆଧା ଦକ ସେନଃଯାନା ବହଲାଗୋଡା ଉତ୍ତରସାଇ
ଆଧା ଦ; ଦକ୍ଷିନ୍ ତେକ ନି'ର୍ଯାନା
ହାଗା ହନ୍ ଦକ ଆପାଦ୍ୟାନା
ଆଟ୍କାଟଲ୍ଲ ବି'ର୍ ବିତାରରେ ॥୨॥
ହାଗାୟା ହାଗାୟା କ ବାପାଗେ ଯାନା
ଅରନ୍‌ବନ୍ ବି'ର୍ ହରାରେ
ରିଲିଂ କେଦାକ ହାତୁ ଜାତି ଗତର୍
ବୁରୁବଙ୍ଗା
ମାରାଂ ବୁରୁ କଚାରେ ॥୩॥
ଅତେ ଚେତାନ୍‌ରେ ଚାଷ୍ ବାସ୍ କାତେ
ଭୂମିଜ

Digitized by srujanika@gmail.com

ଉଦୁବେନ୍‌ଯାନାକ
ଡାମ୍‌ଡାଡେ ହିଜା କାନ୍ତେ ଡାମ୍‌ଡିଆ
ଭୂମିଜ
ଲୁତୁମେନ୍ ଯାନାକ ॥୪॥
ହାଗାୟା ହାଗାୟା କ ଓଡିଶା ମୂଲକ ରେକ
ଯାଣେବଣେକ
ଆପାଦାଯାନା ॥
ଜାତିନୀତିକ ରିଲିଂ କାତେ
ଜାତି ଗତର୍ ବାଗେ କାତେ
ପାଞ୍ଚପ୍ରଗନା ରେୟାଃ
ହାତୁ ତେକ ନୁତୁମେନ୍ ଯାନା ॥୫॥

ଏହି ମୁଣ୍ଡା ଓ ମୁଣ୍ଡାରୀ ଶବ୍ଦର ଅର୍ଥ ସଂପର୍କରେ ଏତିକି କୁହାଯାଇପାରେ ଯେ- 'The terms Munda and Mundari' are used by foreigners only to designate the Kholarians of the Ranchi District. Munda means a landed proprietor or a rich man.

(The Rev. J. Hoffmann. S.J.)

ସ୍ନ ୧୯୫୫ ମସିହାରେ ସିଂହଭୂମ ଓଡିଶାରୁ ଛିନ୍ନ ହେଲା ଏବଂ ଆମ ଓଡିଶା ପ୍ରଦେଶ ଅନ୍ତର୍ଗତ ଷଢେଇକଳା, ଖରସୁଆଁ, ଖଣ୍ଡାମଉଦା, ବହଳାଗୋଡା, ପଶ୍ଚମବଙ୍ଗର ଛତିନାଶୋଳ, ଗୋପିବଲ୍ଲଭ ମଧ ୧୯୫୫ ରେ ବିଛିନ୍ନ ହୋଇଗଲା। ଏହି ଅଞ୍ଚଳରେ ଥିବା ମୁଣ୍ଡା/ମୁଣ୍ଡାରୀ/ଭୂମିଜ ସଂପ୍ରଦାୟର ଲୋକମାନେ ବିଭିନ୍ନ ପ୍ରଦେଶରେ ରହିଗଲେ। ଯେମିତି ଭାରତବର୍ଷ ସ୍ୱାଧୀନ ହେଲାପରେ ବିରାଟ ଭାରତବର୍ଷକୁ ଦୁଇ ଭାଗ ଭାରତ, ପାକିସ୍ଥାନ ନାମରେ ବିଭକ୍ତ କରାଯାଇଛି। ସ୍ନ ୧୯୩୨ ମସିହା ଏପ୍ରିଲ ୧ ତାରିଖରୁ ଅନ୍ୟ ପ୍ରଦେଶ ଗୁଡିକରୁ ବିଛିନ୍ନ ହୋଇ ଉତ୍କଳ ନିର୍ମାତା ୰ମଧୁସୂଦନ

Digitized by srujanika@gmail.com

ଦାସ (ମଧୁ ବାବୁ)ଙ୍କ ପ୍ରଗାଢ ଚେଷ୍ଟାରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କରିଥିଲା। ଗତ ୨୦୦୦ ମସିହା ନଭେମ୍ବର ୧୫ ଅର୍ଥାତ୍ ସହୀଦ୍ ବିର୍ସା ମୁଣ୍ଡା ଜନ୍ମ ତିଥିରେ ବିହାର ପ୍ରଦେଶରୁ ଅଲଗା କରି 'ଝାଡଖଣ୍ଡ' ନାମରେ ଏକ "ସ୍ୱତନ୍ତ୍ର ପ୍ରଦେଶ" ଗଠିତ ହୋଇଅଛି। ଏହି ପ୍ରଦେଶରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରୁ ଆଦିବାସୀମାନେ ବହୁଳ ସଂଖ୍ୟାରେ ରହିଛନ୍ତି। ପୁନଶ୍ଚ ଆଦିବାସୀମାନଙ୍କ ମଧ୍ୟରୁ ଏହି 'ମୁଣ୍ଡା' ସଂପ୍ରଦାୟର ଲୋକ ସଂଖ୍ୟା ଅନ୍ୟମାନଙ୍କ ତୁଳନାରେ ଢେର ବେଶି।

ଏହି ଆଦିବାସୀ 'ମୁଣ୍ଡା/ଭୂମିଜ' ତାମୁଡିଆ; ତାମୁଲିଆମାନେ କଥାବାର୍ତ୍ତା କରୁଥିବା ଏବଂ ସ୍ୱତନ୍ତ୍ର ଧ୍ୱନି ଉତ୍ପନ୍ନ ହେଉଥିବା ଭାଷାକୁ ମୁଣ୍ଡାରୀ ଭାଷା କୁହାଯାଏ। ସୁତରାଂ ମୁଣ୍ଡାମାନଙ୍କ କଥିତ ଭାଷାକୁ ହିଁ ମୁଣ୍ଡାରୀ କୁହାଯାଏ।

ମନୁଷ୍ୟ ଆଦିମ ପଶୁ ଅବସ୍ଥାରୁ ନିଜକୁ ଉନ୍ନତି କରିବା ପାଇଁ ଯେଉଁ ଉପାୟମାନ ଉଦ୍ଭାବନ କରିଅଛି; ସେଗୁଡିକ ମଧ୍ୟରେ ଭାଷାର ବ୍ୟବହାର ଗୋଟିଏ।(୧)

ମଣିଷ ଯାହା ମାଧ୍ୟମରେ ହୃଦୟର ବିଭିନ୍ନ ଆବେଗ, ଉତ୍କଣ୍ଠା, ଅନୁଭୂତି, ଆଶା, ଆକାଂକ୍ଷା, ହର୍ଷ, ବିଷାଦ, ଖେଦ, ଅନୁଶୋଚନା, ଚିନ୍ତା ଚେତନା ଆଦି ପ୍ରତିକ୍ରିୟା ପ୍ରକାଶ କରେ ତାହା ହିଁ ମଣିଷର ଭାଷା କୁହାଯାଏ। ଯେଉଁ ଧ୍ୱନି ସ୍ପଷ୍ଟ ତାହା ହିଁ ଭାଷାର ଅନ୍ତର୍ଗତ। 'ମନୁଷ୍ୟମାନଙ୍କ ମଧ୍ୟରେ ସାମାଜିକ ସଂପର୍କ ସ୍ଥାପନ କରିବା ପାଇଁ ଭାଷା ହିଁ ସର୍ବୋତ୍କୃଷ୍ଟ ଉପାୟ। ମନୁଷ୍ୟ କଥା କହିପାରେ ବୋଲି ସେ ପଶୁ ଠାରୁ ଯେତେ ଉପରେ ଦେବତାମାନଙ୍କର ସେତେ ନିକଟରେ। ମନୁଷ୍ୟ କଥା କହିବାରେ ଜନ୍ମରୁ ଏତେ ଅଭ୍ୟସ୍ତ (Won't) ତାହାର ବୈଚିତ୍ର ବୁଝିବା ବା ସେ ସମ୍ବନ୍ଧରେ ଆଲୋଚନା କରିବାର ଆବଶ୍ୟକତା ସେ ଆଦୌ ଅନୁଭବ କରିପାରେ ନାହିଁ।'(୨)

ସୁତରାଂ ବିଭିନ୍ନ ପ୍ରଦେଶ ମାନଙ୍କରେ ରହୁଥିବା ମୁଣ୍ଡାମାନେ ବିଭିନ୍ନ ପ୍ରାଦେଶିକ ଭାଷାର ଆଶ୍ରୟରେ ପଡି ରହିଛନ୍ତି। ତଥାପି ମୁଣ୍ଡାମାନେ ନିଜ

Digitized by srujanika@gmail.com

ନିଜ ଗୃହ ପରିସର, ଗ୍ରାମ ଓ ସମାଜରେ ନିଜ ସାମାଜିକ ଜୀବନଚର୍ଯ୍ୟା ଭିତରେ, ନିଜର ସାଂସ୍କୃତିକ କାର୍ଯ୍ୟକଳାପ ପରିସର ଓ ସରହଦ୍ ମଧ୍ୟରେ ନିଜ ନିଜର ମାତୃଭାଷା ମୁଣ୍ଡାରୀ ଭାଷାକୁ ନିଜର ଦୈନନ୍ଦିନ କଥିତ ମୁଖ୍ୟ ଭାଷା ରୂପେ ବ୍ୟବହାର କରୁଛନ୍ତି।

ମୁଣ୍ଡାରୀ ଲିପି (ବାନି)

ଏହି ମୁଣ୍ଡାରୀ ଭାଷାର ସାଙ୍କେତିକ ଲିପି 'ମୁଣ୍ଡାରୀ ବାନି' ସ୍ନ ୧୯୭୫ ମସିହାରେ ଓଡିଶା ପ୍ରଦେଶର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଶ୍ୟାମାଖୁଣ୍ଟା ବ୍ଲକ୍ ଅଧିନସ୍ଥ ରଙ୍ଗାମାଟିଆ ପଞ୍ଚାୟତର ଶାଳବଣୀ ଗ୍ରାମର ସ୍ଥାୟୀ ବାସିନ୍ଦା ୰ରୋହିଦାସ ସିଂହ ନାଗ ମହୋଦୟ ଉଦ୍ଭାବନ କରିଛନ୍ତି ଏବଂ ଏହାକୁ ମୁଣ୍ଡାରୀ ସମାଜ ସାଓ୍ୱାଁର ଜାମ୍‌ଡା ଓ ଭାରତ ମୁଣ୍ଡା ସମାଜ ଜାମ୍‌ସେଦ୍‌ପୁର; ଟାଟା ନଗର ସର୍ବ ଭାରତୀୟ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ; ଯାହା ଭାରତ ସରକାରଙ୍କ ଦ୍ୱାରା ରେଜେଷ୍ଟ୍ରିଭୁକ୍ତ କରାଯାଇଛି ଏବଂ ମୁଣ୍ଡା ମାନଙ୍କ ଏହି ସାମାଜିକ ଅନୁଷ୍ଠାନ ଦ୍ୱାରା ସମଗ୍ର ଭାରତରେ ପ୍ରଚଳନ ନିମନ୍ତେ ସ୍ୱୀକୃତ ହୋଇଅଛି।

ମୁଣ୍ଡାରୀ ଭାଷାର ପରିଚୟ

ମୁଣ୍ଡାରୀ ବାନିରେ ମୋଟ୍ ସତେଇଶ୍‌ଟି ଅକ୍ଷର ଓ ପାଞ୍ଚୋଟି ମାତ୍ରା ଅଛି। ଇଂରାଜୀ ଭାଷାର ଲିଖନ ପ୍ରଣାଳୀ ପରି ଶବ୍ଦ ଗଠନ ଓ ବାକ୍ୟ ଗଠନ ବେଳେ କ୍ରମାନ୍ୱୟରେ ଗୋଟିଏ ଅକ୍ଷର ପରେ ଅନ୍ୟ ଏକ ଅକ୍ଷର(ଲିପି) ବ୍ୟବହାର କରାଯାଏ। ଏହା ରୋମାନିକ୍ ଲିପି ଶ୍ରେଣୀଭୁକ୍ତ। ସୁତରାଂ ମୁଣ୍ଡାରୀ ଲିପିର ଲିଖନ ପ୍ରଣାଳୀ ଇଂରାଜୀ ବର୍ଣ୍ଣମାଳା ସଦୃଶ। ଇଂରାଜୀ ବର୍ଣ୍ଣମାଳାରେ ବଡ ଅକ୍ଷର ଏବଂ ସାନ ଅକ୍ଷରମାନ ରହିଛି। କିନ୍ତୁ ମୁଣ୍ଡାରୀ ଲିପିମାଳା 'ମୁଣ୍ଡାରୀ ବାନି'ରେ ସେହିପରି ନ ରହି ଓଡିଆ ବର୍ଣ୍ଣମାଳା ପରି ଗୋଟିଏ ପ୍ରକାର ବର୍ଣ୍ଣ ବା ଲିପି (Script) ହିଁ ରହିଛି।

Digitized by srujanika@gmail.com

ମୁଣ୍ଡାରୀ ବାନିରେ ଥିବା ରାବାଲ୍ ବାନି (ଅଳ୍ପ ପ୍ରାଣ)କୁ 'ହାମ୍ଭାଲ୍ ବାନି' ଦୀର୍ଘ ପ୍ରାଣ କରିବାପାଇଁ ୩ ଓ ୪ (ଅ ଓ ଇହ୍) ବ୍ୟବହାର କରାଯାଏ। ଯେପରି ଇଂରାଜୀ 'h' (ଏଇଚ୍) ଅକ୍ଷର ନେଇ ଦୀର୍ଘ ପ୍ରାଣ କରାଯାଏ। କୌଣସି ମୁଣ୍ଡାରୀ ବାକ୍ୟ ଉଚ୍ଚାରଣ ସମୟରେ ଭାବକୁ ଠିକ୍ ଭାବେ ପ୍ରକଟ କରିବା ନିମନ୍ତେ ଉଚ୍ଚାରଣକ୍ଷମ ଅବୟବକୁ ସମୟ ସମୟରେ ବିଶ୍ରାମ କିମ୍ବା ସଞ୍ଚାତ୍ ହେବାକୁ ପଡିଥାଏ। ଏହି ବିଶ୍ରାମ ବା ସଞ୍ଚାତ୍ କୁ ଲେଖାରେ ଯେଉଁ ଚିହ୍ନ (Simbol) ଦ୍ୱାରା ସାଙ୍କେତିକ ଲେଖା ଦ୍ୱାରା ସୂଚିତ ହୁଏ ତାହାକୁ ବିରାମ ଚିହ୍ନ କୁହାଯାଏ। ମୁଣ୍ଡାରୀ ଭାଷାରେ ତାହାକୁ ଦିଶାଂତ କହନ୍ତି । ସେଗୁଡିକ ଏହିପରି :-

ଜୁକୁର ତଂ	-	, ;	କମା, ଦ୍ୱିତୀୟ ସ୍ଥଗିତ
ଟୁଣ୍ଡୁ ତଂ	-	.	ପୂର୍ଣ୍ଣଚ୍ଛେଦ
ବାର ଜୁକୁର ତଂ	-	;	ଦ୍ୱିତୀୟଚ୍ଛେଦ
ସାକୁଲାଇ ତଂ	-	:-	
ମାତଓ୍ୱାର ତଂ	-	!	ସମ୍ବୋଧନ ଚିହ୍ନ
କୁନୁଲି ତଂ	-	?	ପ୍ରଶ୍ନ ବାଚକ ଚିହ୍ନ
ଚୁଣ୍ଡୁଲ୍ ତଂ	-	" "	ଉଦ୍ଧୃତ ଚିହ୍ନ
ଏଚେଦ୍ ତଂ	=	-	ଡେସ୍ ଚିହ୍ନ

ମୁଣ୍ଡାରୀ ଭାଷାରେ ମାତ୍ରା

•	/	.	ˁ
ମୁଁହର୍ ତଂ	ତୟର୍ ତଂ	ଇକିର୍ ତଂ	ଅଜଦ୍ ତଂ

ବି:ଦ୍ର.: ମୁଣ୍ଡାରୀ ବର୍ଣ୍ଣମାଳାରେ ଦୁଇଟି ଅର୍ଦ୍ଧ ଉଚ୍ଚାରିତ ଅକ୍ଷର ରହିଛି।
ɛ ଏମିତି ଓଡିଆ ବର୍ଣ୍ଣମାଳାରେ ମଧ୍ୟ ରହିଅଛି। ମୁଣ୍ଡାରୀ ବର୍ଣ୍ଣମାଳାରେ ଏହି

Digitized by srujanika@gmail.com

ଅର୍ଦ୍ଧ ଉଚ୍ଚାରିତ ବର୍ଣ୍ଣକୁ ୯ ଅଜଦ୍ ଟଂ (ହଲନ୍ତ୍ ବ୍ୟବହାର ପରି) ଶବ୍ଦର ତୀର୍ଯ୍ୟକ ଉପରେ ହଲନ୍ତ୍ ପରି ବ୍ୟବହାର କରାଯାଏ ।

ପ୍ରତ୍ୟେକ ମୁଣ୍ଡାରୀ ଭାଷାର ଶବ୍ଦ ଶକ୍ତି ରହିଛି । ମୁଣ୍ଡାରୀ ଭାଷାର ବାକ୍ୟରେ ମନର ଭାବ ସଂପୂର୍ଣ୍ଣ ପ୍ରକାଶିତ ହୁଏ; କାରଣ ପ୍ରତ୍ୟେକ ବାକ୍ୟ ଅନ୍ୟାନ୍ୟ ଭାଷା ପରି ଅର୍ଥନିତ୍ୱ ହୁଏ । ମୁଣ୍ଡାରୀ ଭାଷାରେ ବ୍ୟବହୃତ ଶବ୍ଦ ଓ ଅର୍ଥର ସଂପର୍କ ଫୁଲ ଓ ମହକ ପରି ଅବିଚ୍ଛିନ୍ନ । ପ୍ରତ୍ୟେକ ମୁଣ୍ଡାରୀ ଭାଷାର ବାକ୍ୟରେ ଭାଷା ତତ୍ତ୍ୱର ନିୟମ ଅନୁସାରେ ଆକାଂକ୍ଷା, ଯୋଗ୍ୟତା ଓ ଆସତ୍ତି ଭରପୁର ରହିଛି । ବାକ୍ୟର ମୂଳ ଉପାଦାନ (Gin) ଶବ୍ଦ (ଟୁଂ) ଶବ୍ଦ ବାକ୍ୟରେ ବ୍ୟବହୃତ ହେଲେ ଅର୍ଥନିତ୍ୱ ହୁଏ । ସୁତରାଂ କେତେଗୁଡ଼ିଏ ବର୍ଣ୍ଣ ଏକତ୍ର ମିଶି ମନର ଭାବକୁ ପୂର୍ଣ୍ଣ ରୂପେ ବ୍ୟକ୍ତ କଲେ ଶବ୍ଦର ସୃଷ୍ଟି ହୁଏ । ଏହି ଶବ୍ଦଗୁଡ଼ିକ ଶୃଙ୍ଖଳିତ ଭାବରେ ବାକ୍ୟରେ ବ୍ୟବହୃତ ହେଲେ ତାହା 'ପଦ' ନାମରେ କଥିତ ହୁଏ ।

୧) ଯୋଗ୍ୟତା: ବାକ୍ୟରେ ବ୍ୟବହୃତ ପଦ ଗୁଡ଼ିକର ପରସ୍ପର ସହିତ ସମ୍ବନ୍ଧ ଥାଏ । ଏହି ବାକ୍ୟରେ ବ୍ୟବହୃତ ହୋଇଥିବା ପଦ ଗୁଡ଼ିକର ଅର୍ଥର ଅନ୍ୱୟରେ ପରସ୍ପର ବାଧାର ଅଭାବକୁ ସାର୍ଥକତା ବା ଯୋଗ୍ୟତା କୁହାଯାଏ । ଯଥା:-

ରାମ ଅଗ୍ନି ଖାଉଛି ।
(ରାମ ସେଙ୍ଗେଲ୍ ଜମ୍‌ତାନାଃ ।)

ଗଛଟି ଦଉଡୁଛି । 
(ଦାରୁଏଃ ନିର୍ ତାଦାଃ ।)

ପଥର ଗୀତ ଗାଉଛି । 
(ଧିରୀଏଃ ଦୁରାଂ ତାନାଃ ।)

ଏହି ବାକ୍ୟ ଗୁଡ଼ିକରେ ପରସ୍ପର ଭିତରେ ସଂପର୍କର ବିରୋଧ ଭାଷା ରହିଛି । ଏହି ଲିଖିତ ବାକ୍ୟଟି ନିର୍ଭୁଲ ବାକ୍ୟ ନୁହେଁ । ଏହି ଗୁଡ଼ିକ ବାକ୍ୟ ପଦବାଚ୍ୟ ନୁହେଁ ।

Digitized by srujanika@gmail.com

୨) **ଆକାଂକ୍ଷା:** ବାକ୍ୟରେ ପଦଟିଏ ଅର୍ଥବୋଧ ପାଇଁ ଅନ୍ୟ ପଦକୁ ଅପେକ୍ଷା କରିବାକୁ ଆକାଂକ୍ଷା କୁହାଯାଏ। ଆକାଂକ୍ଷା ବ୍ୟତୀତ ମନର ସଂପୂର୍ଣ୍ଣ ଭାବ ବ୍ୟକ୍ତ ହୋଇପାରେ ନାହିଁ। ଯଥା:-

ଏମିତି - ଗାଈ ମୁହଁରେ	[illegible]......
	(ଗାଈୟାଃ ମଚାରେ.......)
ରାମ ହରିକୁ	[illegible]........
	(ରାମ ହରିକେ.......)
ପିଲାମାନେ ବସ୍ତାନି ଧରି	[illegible]...
	(ହନ୍‌କ ବସ୍ତାନି ସାବ୍ କାତେ.......)

ଏହି ବାକ୍ୟଗୁଡିକ ସଂପୂର୍ଣ୍ଣ ପ୍ରକାଶ ପାଉନାହିଁ ।

୩) ଆସତ୍ତି ବା ଅନିତ୍ୱ:- ଆସତ୍ତି ଶବ୍ଦର ଅର୍ଥ ହେଉଛି ସନ୍ନିକଟ ବା ନିକଟତମ। ପଦମାନଙ୍କର ଯଥା ସ୍ଥାନରେ / ଯଥାଯଥ ବସାଣ ହିଁ ଆସତ୍ତି କୁହାଯାଏ। ଯଥା:-

ଆସତ୍ତି ନଥିବା ବାକ୍ୟ	ଆସତ୍ତି ଥିବା ବାକ୍ୟ
ବଡ ନଦୀ ଓଡିଶାର ମହାନଦୀ	ମହାନଦୀ ଓଡିଶାର ବଡ ନଦୀ। (କିମ୍ବା) ଓଡିଶାର ବଡ ନଦୀ ମହାନଦୀ।
ସିଙ୍ଗାଣି ନାକି କନିଅାଁ ଗାଁ	ଗାଁ କନିଅାଁ ସିଙ୍ଗାଣି ନାକି।
ସୁନ୍ଦର ପର୍ବତ ଦୂର ଦିଶେ	ଦୂର ପର୍ବତ ସୁନ୍ଦର ଦିଶେ।

ଯେଉଁ ଶବ୍ଦ ଯାହା ପାଖରେ ପ୍ରଯୁଜ୍ୟ; ସେଠି ବସିଲେ ବାକ୍ୟ ସୁନ୍ଦର ଓ ମଧୁର ଶୁଭେ।

ଭାଷାର ଦୁଇଟି ରୂପ- ଗୋଟିଏ ଲିପି; କେତେଗୁଡିଏ ରେଖାଚିତ୍ରର ସାଙ୍କେତିକ ଚିହ୍ନ ରହିଛି ଏବଂ ଏହି ସାଙ୍କେତିକ ଚିହ୍ନ ଦ୍ୱାରା ଶବ୍ଦର ଧ୍ୱନିକୁ ଲିପିବଦ୍ଧ କରିବା ହିଁ ଲିପି କୁହାଯାଏ। ଭାଷାକୁ ଲିପିବଦ୍ଧ କରି ରଖିବା ହିଁ

Digitized by srujanika@gmail.com

ସାହିତ୍ୟର ସୃଷ୍ଟି ହୁଏ। ଲିପି ଓ ଧ୍ୱନିର ସଂପର୍କ ମନୁଷ୍ୟ ଓ ତା'ର ଫଟୋ ଚିତ୍ର ସହିତ ତୁଳନୀୟ। ମନୁଷ୍ୟର ନିଜ ଛାଇ ସଦୃଶ୍ୟ ପରିପୂରକ। ଗୋଟିଏ ବ୍ୟତିରେକ ଅନ୍ୟଟି କଳ୍ପନା କରିବା ଅସମ୍ଭବ ମନେହୁଏ। ଗୋଟିଏ କଥିତ ଭାଷାର ସଂସ୍କାର ସୂତ୍ର, ଲିଖନ ପ୍ରଣାଳୀ, ପଠନ ଉଚ୍ଚାରଣର ନୀତିନିୟମ ବ୍ୟାକରଣ ବିଦ୍ୟାର ଅନୁଶାସନ। ମୁଣ୍ଡାମାନଙ୍କ କଥିତ ଭାଷା ମୁଣ୍ଡାରୀ ଏକ ବିଜ୍ଞାନ ସମ୍ମତ ଏବଂ ବ୍ୟାକରଣ ର ସମସ୍ତ ସଂସ୍କାର, ଲିଖନ ପ୍ରଣାଳୀ, ପଠନ, ଉଚ୍ଚାରଣ ନୀତି ନିୟମ ବ୍ୟାକରଣ ବିଦ୍ୟାର ଅନୁଶାସନରେ ଅନୁରଞ୍ଜିତ। ମୁଣ୍ଡାରୀ ଭାଷା ତତ୍ତ୍ୱର ନିୟମ, ଶବ୍ଦ ତତ୍ତ୍ୱ, ଅର୍ଥ ତତ୍ତ୍ୱ, ଧ୍ୱନି ବିଜ୍ଞାନ, ବୈୟାକରଣିକା ପ୍ରୟୋଗ ବିଧି ଏବଂ ପ୍ରଚୁର ଶବ୍ଦ ଭଣ୍ଡାର ପରିପୂର୍ଣ୍ଣ। ମୁଣ୍ଡାରୀ ଲିପି ସମୂହ ଅର୍ଥାତ୍ ମୁଣ୍ଡାରୀ ବର୍ଣ୍ଣମାଳାକୁ ଆଇ.ପି.ଏ. (I.P.A.) ଦ୍ୱାରା ସ୍ପଷ୍ଟ ଲେଖି ହୁଏ। ଅଧିକନ୍ତୁ-

ବି:ଦ୍ର:- I.P.A. = International Phonological Alphabets
(ଆନ୍ତର୍ଜାତିକ ଧ୍ୱନ୍ୟାତ୍ମକ ଲିପିମାଳା)

According to the Science of Language and the Study of the words, Linguistic and classification of Morphology etymology, genealogy, philology, and phonology of the language the Mundari Language is a grammatical and scientific Language.

Further it is to say as to rule, regulation and law of Language prescribed in grammar and Science of language. 'The Mundari is being used in juxt a position and agglutinative manner frequently.' (S.S. Birgam)

ଭାଷାତତ୍ତ୍ୱର ବିଧିବିଧାନ ଅନୁସାରେ ମୁଣ୍ଡାରୀ ଭାଷାର ପ୍ରତ୍ୟେକ ବାକ୍ୟ ଗୁଡିକରେ ପ୍ରତ୍ୟେକ ଶବ୍ଦ ଓ ବାକ୍ୟର ବ୍ୟବହାରରେ ପାଖାପାଖି କରି ରହିବା ବା ସନ୍ନିକଟରେ ସ୍ଥାପନ (juxt a position) ଏବଂ ପରସ୍ପର

Digitized by srujanika@gmail.com

ସଂଲଗ୍ନ ବା ସମ୍ବନ୍ଧିତ (Agglutinative) ଅଟନ୍ତି। ନିଜ ମାଆର ଭାଷା ସହିତ ଯିଏ ଖୁବ୍ ଘନିଷ୍ଠ ସଂପର୍କ ରଖେ; ଏବଂ ବାଲ୍ୟ କାଳେ ମାଆ ଠାରୁ ଯିଏ ବହୁତ ଶବ୍ଦ ଶିଖିଥାଏ; ସେ ହିଁ ଅନ୍ୟ ଭାଷାରେ ଖୁବ୍ ବେଶି ପାରଦର୍ଶୀତା ଲାଭ କରିଥାଏ।

ସଂପ୍ରତି 'ଘରୁ ଗୋଡ କାଢିଲେ ହିଁ ଅନ୍ୟ ଭାଷାର ସାହାଯ୍ୟ ନେବାକୁ ହେବ। ଆଜିର ଏହି କ୍ଷୁଦ୍ର ପୃଥିବୀରେ ମନୁଷ୍ୟ ପରସ୍ପରର ଏପରି ନିକଟତମ ପ୍ରତିବେଶୀ ହୋଇପଡିଛି; ଏକାଧିକ ଭାଷା ଶିକ୍ଷା ନକଲେ ପୂର୍ଣ୍ଣ ଜୀବନଯାପନ କରିବା ପକ୍ଷରେ ସମ୍ଭବ ନୁହେଁ। ତା'ଛଡା କୌଣସି ଜାତିର ଅନ୍ତରକୁ ଜାଣିବାକୁ ହେଲେ ସେହି ଜାତିର ଭାଷା ଜାଣିବା ଛଡା ଉପାୟନ୍ତର ନାହିଁ।' (୩)

i) There have been several dialectual phoetic transformation and several suffix have been adopted in word formations.

ii) The Mundas being an Austro-Asiastic people have their close lingustic affinity with Santal and Kolhas or Hoes. By Sunil Ku. Basu and Ramendra Nath Saha, *The Mundas*.

iii) Since long because continuous trail of migration and acculturation with Austric speaking people, the Munda have adopted Aryan speech and fused with Aryan and Dravids. So, original Munda language have been transformed in different orders.

iv) And also due to linguistic influsions of different languages the borrowed words are found to be present in Munda vocabularies. (By Sunil Kumar Basu and others)

Digitized by srujanika@gmail.com

ମୁଣ୍ଡାରୀ ଭାଷାର ସଂକ୍ଷିପ୍ତ ଇତିହାସ

ମୁଣ୍ଡାରୀ ଭାଷା ଭାରତର ମୂଳ ନିବାସୀ ଜାତିର ଭାଷା ଅଟେ । ଇତିହାସ କହେ ଯେ- ଏହି ମୁଣ୍ଡା ମୂଳ ନିବାସୀ ଆର୍ଯ୍ୟମାନଙ୍କର ଭାରତରେ ପ୍ରବେଶ କରିବା କିଛି ବର୍ଷ / ଯୁଗ ପୂର୍ବରୁ ହିଁ ଏଠାରେ ବଣ, ଜଙ୍ଗଲ, ପାହାଡ, ପର୍ବତ ନିକଟରେ ବସତି ସ୍ଥାପନ କରି ରହିଥିଲେ । ସେତେବେଳକୁ ମୂଳ ନିବାସୀଙ୍କର ସଂସ୍କୃତି ଓ ସଭ୍ୟତା ଏଠାରେ ବିସ୍ତାର ଲାଭ ହୋଇଥିଲା । କୁହାଯାଏ ଯେ ସେହି ଯୁଗରେ ସେମାନଙ୍କ ରାଜ୍ୟ ସବୁ ଉତ୍ତର-ଭାରତରେ ବିସ୍ତାର ଲାଭ ହୋଇଥିଲା ଏବଂ ଆର୍ଯ୍ୟମାନେ ଏଠାରେ ପ୍ରବେଶ କରିବାପରେ ପ୍ରଥମଥର ଏହି ମୂଳ ନିବାସୀ ମାନଙ୍କ ସହିତ ଯୁଦ୍ଧ କରିବାକୁ ପଡିଥିଲା । ବିଭିନ୍ନ କ୍ଷେତ୍ରରେ ବହୁ ସମସ୍ୟାର ସାମନା କରି ମୂଳ ନିବାସୀମାନେ ନିଜର ସ୍ଥିତି ବଜାୟ ରଖି ପାରିଥିଲେ । ଉତ୍ତର-ଭାରତରେ ମୁଣ୍ଡା ଭାଷାର ଅନେକ ଗାଁ, ସହର ଏବଂ ସ୍ଥାନ ମିଳିଥାଏ ଏବଂ ସେଥିପାଇଁ ମୁଣ୍ଡା ମାନଙ୍କ ବଂଶ, ଗୋତ୍ର, କିଲି ଅନୁସାରେ ଗ୍ରାମ ଗୁଡ଼ିକ ନାମିତ ହୋଇଅଛି । ଫାଦର୍ ହୋଫ୍‌ମେନ୍‌ଙ୍କ ଭାଷାରେ-

(Mundarica-Vol.6|8|9)- The Rigveda speaks of oboriginal leaders ruling over a hundred cities; of their firm forts and their castles; the composers of 10th hymn of the first book seems to envy the wealth of the 'Dasa kuyava' in passage thus interpreted by Ludwing : While the poor Aryan who can only wish for the wealth which he does not possess, has not even ordinary water to wash himself in the wives of the enemy in the insolent pride of their riches bathe in milk.'

ଉକ୍ତ ଅଭିଲେଖାରୁ ଜଣାଯାଏ ଯେ ସେତେବେଳେ ଏହି ମୂଳ ନିବାସୀମାନେ ଉନ୍ନତ ଥିଲେ ଏବଂ ସେତେବେଳେ ରାଜନୀତିଜ୍ଞ ଓ ଜ୍ଞାନୀ

Digitized by srujanika@gmail.com

ଲେଖାପଢା ଜାଣିଥିବା ବିଦ୍ୱାନ ମାନେ କେତେ କଥିତ ଗ୍ରନ୍ଥ ରଚନା କରିଥିଲେ । ସେତେବେଳର ସାହିତ୍ୟିକ ସଭ୍ୟତାରେ କେତେ ଧନୀ ଥିଲେ ସହଜେ ଅନୁମେୟ । ଯେତେବେଳେ କଥିତ ଅନୁଠା ଗ୍ରନ୍ଥ ଥିଲା; ସେତେବେଳେ ସାହିତ୍ୟ ଲିପିବଦ୍ଧ ପାଇଁ ନିଶ୍ଚୟ ମୁଣ୍ଡା ମାନଙ୍କର ଲିପି ଥିବାର ଅନୁମାନ କରାଯାଏ । ମୁଣ୍ଡା ଲିପି ନଥାଇ ପୁସ୍ତକ ଲେଖାହେବା ସମ୍ଭବ ମନେ ହେଉନାହିଁ ।

ପୁନଶ୍ଚ ଶରତ ଚନ୍ଦ୍ର ରାୟ The Historian of Ancient India in the Historians History of the World ଉଦାହରଣ ଦେଇ କହିଛନ୍ତି ଯେ, It was from the native that the Aryans learnt the art of building in stone, they themselves like other Indo-Europeans understanding only how to build in wood and piles or dwelling in caves.' (Mundas of their Country) Page-28

The organization of the villages under a headman was probably then already proper to one atleast of the Santali tribes and their people Mundas. The Mundas call themselves Horoko or Horo; men.

ଏହି ଐତିହାସିକ ଲେଖାରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ, ଆର୍ଯ୍ୟମାନେ ସେହି ଆଦି-ନିବାସୀମାନଙ୍କ ଠାରୁ ବହୁତ ବିଦ୍ୟା ଶିଖିଥିଲେ । ସମ୍ଭବତଃ ସେମାନେ ତାଙ୍କର ବହୁ ମୂଲ୍ୟ ଏବଂ ଚମତ୍କାର ପୂର୍ଣ୍ଣ 'ଲେଖାରୁ' 'ଲେଖା ପଦ୍ଧତି' ତଥା 'ଲେଖା-ପଢ଼ା' ଶୈଳୀ ଏବଂ ବ୍ୟାକରଣ ଇତ୍ୟାଦି ନିଜର କରି ନେଇଥିଲେ । ଯାହାକି ଯୁଗର ପରିବର୍ତ୍ତନ ଅନୁସାରେ ବଦଳି ବଦଳି ସଂପ୍ରତି ଉଦ୍ଭାବିତ ଦେବନାଗିରୀ ରୂପ; ମୁଣ୍ଡା ଲିପିର ଆକୃତି ସ୍ୱରୂପ ଅଟେ ।

ମୁଣ୍ଡାରୀ ଭାଷାକୁ ଏକ ପଛୁଆ ଓ ଦଳିତ ଜାତିର ଭାଷା ବୋଲି ବୁଝିବା ପରେ ଏହାର ଅଧ୍ୟୟନ କିମ୍ବା ଏହା ବିଷୟରେ ଅଧିକ ଗବେଷଣା ବା

Digitized by srujanika@gmail.com

ଅନୁସନ୍ଧାନର କାର୍ଯ୍ୟ ଟିକେ ବି ହୋଇ ନଥିଲା । ଯଦି ଅନୁସନ୍ଧାନ ବା ଗବେଷଣା କରାଯାଇ ଥା'ନ୍ତା; ତେବେ ବହୁତ ପୌରାଣିକ ତଥା ପ୍ରାଚୀନ କଥା ଜଣା ପଡିଥା'ନ୍ତା । ଏହା କହିବା ଅସତ୍ୟ ହେବ ନାହିଁ ଯେ, ଏହି ଭାଷା ସଂସ୍କୃତ ଠାରୁ ମଧ୍ୟ ବହୁ ପୁରୁଣା ଅଟେ ଏବଂ ଭାରତରେ ଯେତେ ବି ଭାଷା ଅଛି; ସେ ଭିତରୁ ସଂସ୍କୃତ ଏକ ଭାଷା ଅଟେ; ଯାହା ମୁଣ୍ଡାରୀ ଭାଷାରୁ ଉଚ୍ଚାରଣରେ ଏବଂ ବ୍ୟାକରଣରେ ସମାନ ଅଟେ । ବୈଦିକ ଯୁଗରେ ସଂସ୍କୃତ ହିଁ ଆର୍ଯ୍ୟମାନଙ୍କର ଭାଷା ଥିଲା । ଏହାର ସମାନତା ମୁଣ୍ଡାରୀ ଭାଷାରୁ ହିଁ ଉପଲବ୍‌ଧି କରାଯାଏ । ଭାଷା ଗବେଷକମାନଙ୍କ ମତରେ ପୃଥିବୀରେ ପ୍ରଥମେ ଚାରୋଟି ଭାଷା ଥିଲା । ସେଗୁଡିକ ହେଲା- ଇଂରାଜୀ, ହିନ୍ଦୀ, ସଂସ୍କୃତ ଓ ମୁଣ୍ଡାରୀ । ସଂସ୍କୃତ ଭାଷାରୁ ଯେମିତି ଅନେକଗୁଡିଏ ଭାଷାର ସୃଷ୍ଟି; ମୁଣ୍ଡାରୀ ଭାଷାରୁ ମଧ୍ୟ ସେମିତି ଅନେକ ଆଦିବାସୀ; ଦ୍ରାବିଡ ଭାଷାର ସୃଷ୍ଟି ।

୧) ମୁଣ୍ଡାରୀ ଭାଷାରେ ଦେବନାଗିରୀ ଲିପିକୁ ଲେଖିଲେ ବିସର୍ଗ, ହଲନ୍ତ, ଅଙ୍ (ଅଂ) ତଥା ଅମ୍ ର ପ୍ରୟୋଗ ପ୍ରଚୁର ରୂପରେ ହୁଏ । ଏହି ପ୍ରକାର ସଂସ୍କୃତରେ ମଧ୍ୟ ଏହାର ପ୍ରୟୋଗ ବହୁତ ରୂପରେ ହୋଇଥାଏ । ଯଥା-

Digitized by srujanika@gmail.com

କ) ବିସର୍ଗ (ଃ)ର ପ୍ରୟୋଗ ମୁଣ୍ଡାରୀରେ	ସଂସ୍କୃତରେ ମଧ୍ୟ ବିସର୍ଗ (ଃ)ର ପ୍ରୟୋଗ
୧. [illegible] - ଆମାଃ (ତୁମର)	୧. ଅନ୍ତଃ
୨. [illegible] - ଇନିୟାଃ (ତାଙ୍କର)	୨. ଗଜଃ
୩. [illegible] [illegible] - ଆଏଃ ତାଃରେ (ତାଙ୍କ ପାଖରେ)	୩. ନାଗଃ
୪. [illegible] - ଦାଃ (ପାଣି)	୪. ନାଥଃ
୫. [illegible] - ମାଃ (କାଟିବା, ହାଣିବା)	୫. ନଦୀଃ
୬. [illegible] - ଲଃ (ସହିତ)	୬. ପାଠତଃ, ପୁନଃ
୭. [illegible] - ଯଃ (ଝାଡୁ ମାରିବା)	
୮. [illegible] - ରଃ (ବିନ୍ଧିବା)	
୯. [illegible] - ମଃ (ଧୂଆଁ ଦେବା)	
୧୦. [illegible] - ନିଃ (ଇଏ, ଖୋଲିବା)	

Digitized by srujanika@gmail.com

[illegible]

ମୁଣ୍ଡାରୀ ଲିପି

MUNDARI SCRIPT

[illegible] ଅ	[illegible] ଅପ୍	[illegible] ଅଲ୍	[illegible] ଅୟ୍	[illegible] ଅଂ	[illegible] ଆ
[illegible] ଆଜ୍	[illegible] ଆବ୍	[illegible] ଆଞ୍	[illegible] ଆଃ	[illegible] ଇ	[illegible] ଇସ୍
[illegible] ଇଡ୍	[illegible] ଇତ୍	[illegible] ଇହ୍	[illegible] ଉ	[illegible] ଉଚ୍	[illegible] ଉଦ୍
[illegible] ଉକ୍	[illegible] ଉର୍	[illegible] ଏ	[illegible] ଏଣ୍	[illegible] ଏଗ୍	[illegible] ଏମ୍
[illegible] ଏନ୍	[illegible] ଏଟ୍	[illegible] ଏଳ୍			

[illegible] – ମାତ୍ରା - PHONETIC SYMBOLS

•	/	.	&
ମୁଁହର୍ ଟଂ	ତୟର୍ ଟଂ	ଇକିର୍ ଟଂ	ଅଜଦ୍ ଟଂ

[illegible] – ସଂଖ୍ୟା - MUNDARI NUMERICALS

[illegible]	[illegible]	[illegible]	[illegible]	[illegible]	[illegible]	[illegible]	[illegible]	[illegible]	[illegible]	[illegible]
0	1	2	3	4	5	6	7	8	9	10
ଶୂନ୍	ନାଦ୍	ବାର୍	ଆପି	ଉପୁନ୍	ମଣେ	ତୁରି	ଏୟା	ଇରାଲ	ଆରେ	ଗେଲ୍

Digitized by srujanika@gmail.com

(ଖ)ହଳନ୍ତ୍ (୍) ର ପ୍ରୟୋଗ ମୁଣ୍ଡାରୀରେ

୧. [illegible]-ଉବ୍ (ବାଳ, ଚୁଟି)
୨. [illegible]-ଗେଦ୍ (ମାଂସ କାଟିବା)
୩. [illegible]-ରେଦ୍ (ଚେର)
୪. [illegible]-ମେଦ୍ (ଆଖି)
୫. [illegible]-ମାଦ୍ (ବାଉଁଶ)
୬. [illegible]-ବେଦ୍ (ବାନ୍ଧିବା)
୭. [illegible]-ଉଦ୍ (ଛତୁ , ଗିଳିବା)
୮. [illegible]-ଉର୍ (ମାଟି ତାଡ଼ିବା)
୯. [illegible]-ଆଦ୍ (ହଜେଇବା)
୧୦. [illegible]-ଜମ୍ (ଖାଇବା)
୧୧. [illegible]-ହନ୍ (ପିଲା)
୧୨. [illegible]-ଅର୍ (ଟାଣିବା)
୧୩. [illegible]-ଇଲ୍ (ପକ୍ଷୀର ପର)
୧୪. [illegible]-ସିମ୍ (କୁକୁଡ଼ା)
୧୫. [illegible]-ଆର୍ (ଏବଂ , ଓ)
୧୬. [illegible]-ଇର୍ (ଦାଆ ସାହଯ୍ୟରେ କାଟିବା)
୧୭. [illegible]-ହାଲାମ୍(ବୁଢା)
୧୮. [illegible]-ସାର୍ (ଶର)
୧୯. [illegible]-ନିର୍ (ପଳାଇବା)
୨୦. [illegible]-ଝିର୍ (ବିଞ୍ଚିବା)

ସଂସ୍କୃତରେ ହଳନ୍ତ୍ (୍) ର ପ୍ରୟୋଗ

୧. ଜଗତ୍
୨. ତତ୍
୩. ତଦ୍
୪. ବାକ୍
୫. ପଶ୍ଚାତ୍
୬. ତଫାତ୍
୭. ଷଟ୍

(ଗ)ଅନୁସାର (ଂ)ର ପ୍ରୟୋଗ ମୁଣ୍ଡାରୀରେ

୧. [illegible]-ଏଲାଂ (ତାପ)
୨. [illegible]-ଏତାଂ (ପତଳା)
୩. [illegible]-ଆଲାଂ (ଜିଭ / ଆମେଦୁଇଜଣ- ତୁ ଏବଂ ମୁଁ)
୪. [illegible]-ତେତାଂ (ଶୋଷ)
୫. [illegible]-ହାତାଂ (ମସ୍ତିଷ୍କ)
୬. [illegible]-ରାତାଂ (ପତଳା)
୭. [illegible]-ରାବାଂ (ଶୀତ)
୮. [illegible]-ସାସାଂ (ହଳଦୀ)
୯. [illegible]-ବାସାଂ (ଗରମ କରିବା)
୧୦. [illegible]-ତିଂ (ହାତରେ ଝୁଲାଇ ଧରିବା)
୧୧. [illegible]-ଗିଳିଂ (ଭୁଲିଯିବା) ଇତ୍ୟାଦି... ।

Digitized by srujanika@gmail.com

ସଂସ୍କୃତରେ ଅନୁସାର(ଂ)ର ପ୍ରୟୋଗ	ସଂସ୍କୃତରେ ଆମ୍ (ମ୍)ର ପ୍ରୟୋଗ
୧. ଅହଂ	୧. କମ୍ ବଳବନ୍ତମ୍ ଶିବମ୍ ?
୨. ଏବଂ	ସୁଜଳମ୍ , ସୁଫଳମ୍ , ଶୀତଳମ୍
୩. ଆବାଂ, ତ୍ୱଂ	୨. ବିଦ୍ୟା ନରସ୍ୟ ଅଧିକମ୍
୪. ଜଳଂ	୩. ଗନ୍ତବ୍ୟଯମ୍
୫. ଫଳଂ	୪. ଶ୍ରୀତମ୍
୬. ପୁସ୍ତକଂ	୫. କର୍ତ୍ତବ୍ୟମ୍
୭. କୂପଂ	୬. ପେୟମ୍
୮. ଚୌରଂ ... ଇତ୍ୟାଦି	୭. ଗୟମ୍

(ଘ)ଆମ୍ (ମ୍)ର ପ୍ରୟୋଗ ମୁଣ୍ଡାରୀରେ

୧. [illegible]

କାନାଃମ୍ ନାମ୍ ତାନା ? (କ'ଣ ଖୋଜୁଛ ?)

୨. [illegible]

ଆମ୍ ଦୁବାକାନାମ୍ ? (ତୁମେ ବସିଛ କି ?)

୩ [illegible]

ଲେଲ୍ ତାନାମ୍ ? (ଦେଖୁଛ କି ?)

୪. [illegible]

ଆସେ ତାନାମ୍ ? (ମାଗୁଛ କି ?)

୫. [illegible]

ଲେଲେୟାମ୍ ? (ଦେଖିବ କି ?)

୬. [illegible]

ମଚା ଗେମ୍ ଲେସେର୍ ଯାଦା ? (ଚିକିଣିଆ କଥା କହିବା)

୭. [illegible]

ସେନଆମ୍ / ନାମେଆମ୍ (ଯିବା/ପାଇବ)

Digitized by srujanika@gmail.com

୨) ମୁଣ୍ଡାରୀ ଏବଂ ସଂସ୍କୃତ ଭାଷାରେ ସବୁଠାରୁ ଅଧିକ ସମୀପବର୍ତ୍ତୀ ଓ ସମାନତା ସର୍ବନାମର ବଚନ ଗୁଡିକର ପ୍ରୟୋଗ ହୋଇଥାଏ। ମୁଣ୍ଡାରୀ ଭାଷାର ତିନି ପୁରୁଷ (ମେତାନିଃ), ତିନି-ତିନି ବଚନ (ସାକାମ୍) ଅଛି ଅର୍ଥାତ୍ ଏକ ବଚନ (ମଦ୍ ସାକାମ୍), ଦ୍ୱି ବଚନ (ବାର୍ ସାକାମ୍), ବହୁବଚନ (ଇସୁ ସାକାମ୍); ଏହି ପ୍ରକାର ସଂସ୍କୃତରେ ମଧ୍ୟ ତିନି ପୁରୁଷରେ ତିନି-ତିନି ବଚନ ଅଛି; ଯେଉଁଟା କି ଭାରତର ଅନ୍ୟ କୌଣସି ଭାଷାରେ ମିଳେ ନାହିଁ। କିନ୍ତୁ ଏହି ବଚନ ଗୁଡିକର ପ୍ରୟୋଗରେ ମଧ୍ୟ ମୁଣ୍ଡାରୀ ଭାଷା ସଂସ୍କୃତ ଭାଷା ଠାରୁ ଆଗରେ ରହିଛି ଏବଂ ମୁଣ୍ଡାରୀ ବ୍ୟାକରଣର ପ୍ରାଧାନ୍ୟ ବିଷୟରେ ସୂଚନା ଦିଏ। ଏହି ଶ୍ରେଷ୍ଠତା ସଂସ୍କୃତ ଭାଷାରେ ନାହିଁ।

କ) ମୁଣ୍ଡାରୀରେ

	ଏକବଚନ	ଦ୍ୱିବଚନ	ବହୁବଚନ
୧. ସିଦା ନିଃ (ଉତ୍ତମ ପୁରୁଷ)	ଆଇଁ, [illegible]	ଆଲିଂ, ଆଲାଂ [illegible]	ଆଲେ, ଆବୁ [illegible]
୨) ତାଲା ନିଃ (ମଧ୍ୟମ ପୁରୁଷ)	ଆମ୍ [illegible]	ଆବିନ୍, ଆବେନ [illegible]	ଆପେ [illegible]
୩) ଏଟାଃ ନିଃ (ତୃତୀୟ ପୁରୁଷ)	ନିଃ, ଇନିଃ, [illegible]	ନିକିନ୍, ଇନାକିନ [illegible]	ନିକୁଃ, ଇନ୍କୁଃ [illegible]

ଖ) ସଂସ୍କୃତରେ

	ଏକବଚନ	ଦ୍ୱିବଚନ	ବହୁବଚନ
(ଉତ୍ତମ ପୁରୁଷ)	ଅହଂ (ମୁଁ)	ଆବାମ୍ (ଆମେ ଦୁହେଁ)	ବୟମ୍ (ହମ୍ଲୋକ୍)
(ମଧ୍ୟମ ପୁରୁଷ)	ତ୍ୱଂ (ତୁ)	ଯୁବମ୍ (ତୁମେ ଦୁହେଁ)	ବୟମ୍ (ତୁମ୍ଲୋକ୍)
(ତୃତୀୟ ପୁରୁଷ)	ସଃ (ସେ)	ତୌ (ସେ ଦୁହେଁ)	ତେ (ସେମାନେ)

Digitized by srujanika@gmail.com

ମୁଣ୍ଡାରୀ ଏବଂ ସଂସ୍କୃତ ଭାଷାମାନଙ୍କର ଏହି ସମାନତା କିମ୍ବା ଭିନ୍ନତାର ଅଧ୍ୟୟନ କରାଗଲେ ଏହା ଜଣାପଡେ ଯେ, ଏହି ଦୁଇ ଭାଷା ପରସ୍ପର ସମାନ ଭାଷା ଥିଲା; ଯଥା ଏହି ଦୁଇ ଭାଷାର ପଣ୍ଡିତ(ଜ୍ଞାନୀ) ନିଜ ନିଜ ଭାଷାରେ କେହି କାହା ଠାରୁ କମ୍ ନଥିଲେ ଏବଂ ସେମାନେ ନିଜ ଭାଷାରେ ନିପୁଣ ଥିଲେ ।

ମୁଣ୍ଡାମାନଙ୍କ ସମ୍ବନ୍ଧରେ କେତେ ଲେଖକ ମାନଙ୍କର ମତ ଯେ ସେମାନେ ଅଷ୍ଟ୍ରୋଏସିଆଟିକ୍ ଦଳର ଅଟନ୍ତି; ଆଉ କେତେ ଲୋକ କୁହନ୍ତି ଯେ ମୁଣ୍ଡାମାନେ ମଙ୍ଗଲୀୟ ଦଳର ଲୋକ ଅଟନ୍ତି । ସମୟର ଉତ୍‌ଥାନ ପତନର ଢେଉ ଭିତରେ ଏହି ମୁଣ୍ଡା ଜାତିର ବିଭାଜନ ତିନି ମୁଖ୍ୟ ଶାଖାରେ ହେଲା ଅର୍ଥାତ୍ ସେମାନେ-

୧. ହଲ (ହର) ମୁଣ୍ଡା

୨. ସାନ୍ତାଳ ମୁଣ୍ଡା

୩. ହୋ ମୁଣ୍ଡା

ଅଦ୍ୟାବଧି ଏହି ତିନି ଦଳର ଲୋକ ଯୁଗ ଯୁଗରୁ ବିଭିନ୍ନ ଦେଶ ଗୁଡ଼ିକରେ ଏପଟ ସେପଟ ବସତି ସ୍ଥାପନ କଲେ, ତଥାପି ତାଙ୍କ ଭିତରେ ନିଜ ନିଜର ମାତୃଭାଷା କହୁଛନ୍ତି ଏବଂ ସେହି ଭାଷାର ସୂକ୍ଷ୍ମ ଅଧ୍ୟୟନ କଲେ ଜଣାଯାଏ, ଏହି ତିନି ଦଳର ମାତୃଭାଷା ଅନ୍ୟ କିଛି ନୁହେଁ; ମୁଣ୍ଡାରୀ ହିଁ ଅଟେ । ଏହି ତିନି ଦଳ ଭିତରେ ଥିବା ଭାଷା ଗୁଡ଼ିକ ବିଶ୍ଳେଷଣ ଓ ଅଧ୍ୟୟନ କଲେ ଜଣାଯାଏ ପ୍ରାୟ ୩୦ ରୁ ୧୦ ପ୍ରତିଶତ ମୁଣ୍ଡାରୀ ଶବ୍ଦ ତିନି ଦଳ ମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବାର ମିଳିଥାଏ ।

ଏହି ତିନି ଦଳ ଗୁଡ଼ିକ ମଧ୍ୟରେ ଶବ୍ଦର ଉଚ୍ଚାରଣ ଏବଂ ବାକ୍ୟ ଗଠନ ଓ ପ୍ରୟୋଗରେ କିଛି ଭିନ୍ନତା ଜଣାପଡେ କିନ୍ତୁ ଶବ୍ଦରୂପ ଏବଂ ଧାତୁ ରୂପ ପ୍ରାୟ ସମାନ ଅଟେ । ଏଥିରୁ ପ୍ରମାଣିତ ହୁଏ ଯେ ଏହି ତିନି ଦଳ ମାନଙ୍କର ଉତ୍ପତ୍ତି; ଯୁଗ ଯୁଗରୁ ଗୋଟିଏ ମୂଳ ଉତ୍ପତ୍ତି, ଗୋଟିଏ କୁଳ ତଥା ପୂର୍ବଜରୁ ସୃଷ୍ଟି ହୋଇଥିଲା ଏବଂ ଆରମ୍ଭରେ ଏହି ତିନି ଦଳ ଗୋଟିଏ ଭାଷା

Digitized by srujanika@gmail.com

କହୁଥିଲେ । ଅନୁମାନ କରାଯାଏ ନିଜ ନିଜର ଖାଦ୍ୟପେୟ, ରୁଚି, ପୋଷାକ ପରିଛଦ, ସାମାଜିକ ଆଚରଣ, ସାମାଜିକ ସଂସ୍କାର ରୁ ହିଁ ସେମାନେ ଭିନ୍ନତା ବଜାୟ ରଖିବାକୁ ସର୍ବଦା ଚେଷ୍ଟିତ । ସଂପ୍ରତି ମୁଣ୍ଡାମାନେ, ମୁଣ୍ଡାରୀ, ନାଗୁରୀ ମୁଣ୍ଡା, ହାସାଦାଃ ମୁଣ୍ଡା, ତାମ୍‌ଡିଆ ଭୂମିଜ, ଭୂମିଜ, ଭୂମିଜ ମୁଣ୍ଡା, ମୁଣ୍ଡାରୀ ଭୂମିଜ, ହଳଦୀ ପୋଖରିଆ ଭୂମିଜ, କଡା ଭୂମିଜ, ତାମୁଡିଆ ଭୂମିଜ, ତାମ୍‌ଲିଆ ଭୂମିଜ, ତାମୁଲିଆ ଭୂମିଜ, କେରୋ ମୁଣ୍ଡା ପ୍ରଭୃତିରେ ବିଭକ୍ତ ହେଲେ ମଧ୍ୟ; ସେମାନଙ୍କର କଥିତ ଭାଷା 'ମୁଣ୍ଡାରୀ' । ଏହି ମୁଣ୍ଡାରୀ ଭାଷାରେ ହିଁ କଥାବାର୍ତ୍ତା କରୁଛନ୍ତି । ଏହି ଶବ୍ଦ ଗୁଡିକ ତିନି ଦଳର ଲୋକମାନେ ଏକା ପ୍ରକାର ଅର୍ଥରେ ହିଁ ବ୍ୟବହାର କରୁଛନ୍ତି । ଯଥା-

ଅଲାଃ - ଘର	ମେଦ୍ - ଆଖି	ସାଇଲ୍ - ଗୟଳ
ଅତେ - ଭୂମି	ଲୁତୁର୍ - କାନ	ନୁ' - ପିଇବା
ହାସା - ମାଟି	ମୁଁ - ନାକ	ଦାଃ - ପାଣି
ବାଆ, ବାହା - ଫୁଲ	ଡାଟା - ଦାନ୍ତ	ଲାନ୍ଦା - ହସିବା
ସାକାମ୍ - ପତ୍ର	ଜମ୍ - ଖାଇବା	ଲେଲ୍ - ଦେଖିବା
ଯ' - ଫଳ	ସିମ୍ - କୁକୁଡା	ଦୁବ୍ - ବସିବା
ଦାରୁ - ଗଛ	ସୁକୁରି - ଘୁଷୁରୀ	ନିର୍ - ପଳେଇବା
ମେରମ୍ - ଛେଳି	ସେତା - କୁକୁର	ହାଦ୍ - କାଟିବା
ଚେଣେ - ପକ୍ଷୀ	ଉରିଃ - ଗୋରୁ	ହୟୋ - ପବନ
କାଟା - ଗୋଡ	କାଲ୍‌କମ୍ - କଙ୍କଡା	ଗାମା - ବର୍ଷା
ତୀ'ଇ - ହାତ	ବିଂ - ସାପ	
ବଃ - ମୁଣ୍ଡ	ଚକେ - ବେଙ୍ଗ	

Digitized by srujanika@gmail.com

ଫାଦର ହୋଫ୍‌ମେନ୍ ଲେଖିଛନ୍ତି-

It tooks the Aryans a long time to over come and subjugate definitely the Aborigines and make of them really dasas, slaves and servants; nor was it without occasional reverses. such was the lot of the tribes that remained in their country. By inter marriage and otherwise they became gradually Hindused so as to lose their language and give rise to many of the lower castes of North India and Bengali. Some tribes prefered to retire before the invaders. [Ency. Mundarica Vol.6 1819 p]

ଉପର ଲିଖିତ ଲେଖାରୁ ସ୍ପଷ୍ଟ ଜଣାଯାଏ ଯେ, ଆର୍ଯ୍ୟମାନଙ୍କ ଠାରୁ ପରାଜିତ ହୋଇ ସେହି ଆଦି-ନିବାସୀମାନଙ୍କର ଅବସ୍ଥା କ'ଣ ହୋଇଥିବ ? ସହଜରେ ଅନୁମେୟ ସେମାନଙ୍କୁ ଅର୍ଥାତ୍ ମୂଳ ନିବାସୀମାନଙ୍କୁ ଦାସ, ଚାକର, ଗୁମାସ୍ତା କରି ରଖାଗଲା । କିଛି ଲୋକଙ୍କୁ ଅନ୍ୟ ଜାତିରେ କିମ୍ବା ଆର୍ଯ୍ୟମାନଙ୍କ ପରିବାରରେ ବିବାହ କରି ରଖିଲେ ଏବଂ ବିବାହ କରିବା ପାଇଁ ବାଧ୍ୟ କରାଯାଇଥିଲା । ଫଳରେ ଧୀରେ ଧୀରେ ମୂଳ ନିବାସୀମାନେ କେବଳ ନିଜର ମାତୃଭାଷା ନୁହେଁ ବରଂ ନିଜର ସଂସ୍କୃତି, ପରମ୍ପରା ସବୁ କିଛି ଭୁଲି ଯାଇଥିଲେ । ତା' ପରବର୍ତ୍ତୀ ସମୟରୁ ଏହି ଦେଶରେ କିଛି ପଛୁଆ ଜାତି ସୃଷ୍ଟି ହେଲା । ମୂଳ ନିବାସୀ ଜାତିର ପୁରୁଷମାନେ ମଧ୍ୟ ଅନ୍ୟ ଜାତିର ମହିଳାମାନଙ୍କ ସହ ଦାମ୍ପତ୍ୟ ଜୀବନ ବିତାଉଥିଲେ ଏବଂ ଅନ୍ୟ ଜାତିର ପୁରୁଷମାନେ ପଛୁଆବର୍ଗର ମହିଳାମାନଙ୍କ ସହ ସମ୍ପର୍କ ରଖୁଥିଲେ । ଯେଉଁ ସନ୍ତାନସନ୍ତତି ଜନ୍ମ ନେଉଥିଲେ ସେମାନଙ୍କୁ 'ଦାସ' ବୋଲି କୁହାଯାଉଥିଲା । କିଛି ଲୋକ କେବଳ ପରାଧିନତା ସ୍ୱୀକାର କରି ନଥିଲେ; ସେମାନେ ନିଜର ସବୁ କିଛି ଛାଡି ଜଙ୍ଗଲ, ପାହାଡ ତଥା କଠିନ ଘାଟି

Digitized by srujanika@gmail.com

ଗୁଡିକରେ ନିଜ ନିଜର ବୁଝାମଣାରେ ଭାଗ କରି ଘର-ଦ୍ୱାର କରି ସ୍ୱତନ୍ତ୍ର ଭାବରେ ବସବାସ କଲେ । ସେମାନେ ପଳାଇ ଯିବା ବଳେ ନିଜ ସାଥିରେ କିଛି ଲିଖିତ ସାହିତ୍ୟ ବା ଅଭିଲେଖ ନେଇ ନଥିଲେ; କେବଳ ନିଜର ମାତୃଭାଷାକୁ ସାଥିରେ ନେଇ ଯାଇଥିଲେ ଏବଂ ଏହା ଅତି ଆଶ୍ଚର୍ଯ୍ୟର କଥା ଯେ, କିଛି ଯୁଗ ଅତିବାହିତ ହେଲା ପରେ ମଧ୍ୟ ସେମାନେ ନିଜର ମାତୃଭାଷାକୁ ଜୀବିତ ଏବଂ 'କଥା-ବାର୍ତ୍ତା'ରେ ବଞ୍ଚେଇ ରଖିଥିଲେ ଏବଂ ଅଦ୍ୟାବଧି ବଞ୍ଚେଇ ରଖିଛନ୍ତି । ଏଥିରୁ ଅନୁମାନ କରାଯାଏ ଯେ, ମୁଣ୍ଡାରୀ ଭାଷା ସେହି ଯୁଗରେ କେତେ ଉନ୍ନତିର ଚରମସୀମାରେ ପହଞ୍ଚିଥିଲା ତଥା ତାହାର ନିଜ ଲୋକଙ୍କର ହୃଦୟ ପଟରେ କେତେ ଗଭୀରତା ଥିଲା । ଯାହାର ଲିଖିତ ଅଭିଲେଖ ଗୁଡିକର ନଷ୍ଟ ହୋଇଯିବା ପରେ ମଧ୍ୟ ଏହି ମୁଣ୍ଡାରୀ ଭାଷା ସେହି ଲୋକମାନଙ୍କ ମଧ୍ୟରେ ଏବେବି କଥାବାର୍ତ୍ତାରେ ଜୀବିତ ରହିଅଛି ।

ଓଡିଆ ଭାଷାନ୍ତର
ଶ୍ରୀ ଶ୍ରୀଧର ସିଂହ

ହିନ୍ଦୀ ମୂଳ ଲେଖା
ଡକ୍ଟର ମନମସୀହ ମୁଣ୍ଡୁ
Dr. M.M. Mundu

ସଂପ୍ରତି ମୁଣ୍ଡା ସମାଜର ମୁଷ୍ଟିମେୟ ଯୁବକ, ଯୁବତୀମାନେ ଉଚ୍ଚଶିକ୍ଷିତ ହୋଇ ନିଜର ଜନ୍ମମାଟି ଛାଡି ଦେଇ ସହର, ବଜାର ଗୁଡିକରେ ଚାକିରଣ ବାକିରୀ କରି ଆଧୁନିକ ସହରୀ ସଭ୍ୟତା ଆଡକୁ ଧାବମାନ ଏବଂ କେତେକାଂଶରେ ନିଜର ମାତୃଭାଷା ପରିତ୍ୟାଗ କରି; ସେହି ଚାକଚକ୍ୟ ଭିତରେ ହଜି ଯାଉଛନ୍ତି । ଅନ୍ୟମାନଙ୍କ ଗହଣରେ ରହି ପରିସ୍ଥିତି ସହିତ ଖାପଖୁଆଇ ଚଳିବାର ଦୁର୍ବାର ମୋହରେ ନିଜ ଭିଟାମାଟି ଜନ୍ମମାଟି ଗାଁ, ମଫସଲର ଚାଲିଚଳନ, ଖାଦ୍ୟପେୟ, ପୋଷାକ ପରିଛଦ ପରିବର୍ତ୍ତନ କଲେଣି; ଅବଶ୍ୟ ଏହା ସ୍ୱାଗତଯୋଗ୍ୟ ହୋଇପାରେ । ମଣିଷ ଶିକ୍ଷାଲାଭ କଲା ପରେ ନିଜର ପିଲା କବିଲାମାନଙ୍କୁ ନିଜର ମାତୃଭାଷା ନ ଶିଖାଇବା,

Digitized by srujanika@gmail.com

ବୃଦ୍ଧ ପିତାମାତାଙ୍କୁ ଭୁଲିଯିବା, ନିଜ ଜନ୍ମମାଟି ଗାଁ କୁ ନ ଚାହିଁବା, ନିଜ ମାତୃଭାଷାକୁ ଘୃଣା କରି ପରିତ୍ୟାଗ କରିବା, କ'ଣ ସଭ୍ୟତାର କିମ୍ୱା ନିଜ ବିକାଶର ସୁଲକ୍ଷଣ କି ? ନା ଶିକ୍ଷାଲାଭର ଅହମିକା ? ନା ଧନ ଯୌବନ ଓ ଧନ ରୋଜଗାରର ଗର୍ବ ଓ ଅହଂକାର ? ? ପାଠକେ ବୁଝିବେ । ମୋ ମତରେ ନିଜ ସମାଜର ସଂସ୍କୃତି, ଚାଲିଚଳନ ଓ ନିଜର ମାତୃଭାଷା ଭୁଲିଯିବା କ'ଣ ଅଜ୍ଞାନର ପରିଚୟ ନୁହେଁ କି ? ଏହା ଦ୍ୱାରା ନିଜର ଅଜ୍ଞତା, ଅହଂ, ଛଦ୍ମତା ପ୍ରକାଶ ପାଉନାହିଁ କି ?

ତେଣୁ Each Munda is responsible for the improvement or haromonion development of Munda community and the entire Munda community is equally responsible for the improvement of each Munda.

ମୁଣ୍ଡାରୀ ଭାଷାର ଲିପି ମୟୂରଭଞ୍ଜ ଜିଲ୍ଲାର ଶ୍ୟାମାଖୁଣ୍ଟା ବ୍ଲକ୍ ଅଧୀନସ୍ଥ ରଙ୍ଗାମାଟିଆ ଗ୍ରାମପଞ୍ଚାୟତ ଶାଳବଣି ନିବାସୀ ୰ପଣ୍ଡିତ ଅଲଗୁରୁ ରୋହିଦାସ ସିଂହ ନାଗ ସ୍ୱ ୧୯୭୫ ମସିହାରେ 'ମୁଣ୍ଡାରୀ ବାନି' ନାମରେ ଉଦ୍ଭାବନ କରିଥିଲେ । ଏହି ବର୍ଣ୍ଣମାଳାରେ ମୋଟ୍ ୨୭(ସତେଇଶ)ଟି ଅକ୍ଷର ରହିଛି । ଏହି ଲିପି ସାହାଯ୍ୟରେ କେତେଗୁଡ଼ିଏ ମୁଣ୍ଡାରୀ ପୁସ୍ତକ ଆତ୍ମପ୍ରକାଶ କରିଛି । ତେଣୁ ଯଥାର୍ଥରେ କୁହାଯାଇଛି- No Munda can be well recognised unless his/her own Society and Mother Language is developed.■

Digitized by srujanika@gmail.com

ପ୍ରକାଶିତ ପୁସ୍ତକ

୧. କବିତା - ହାମ୍‌ଟୁଃ
୨. ମୁଣ୍ଡାରୀ ଦର୍ପନ୍ (ତ୍ରୈମାସିକ ପତ୍ରିକା)
୩. ଗଳ୍ପ - ସାକିଂ ମା' ଗାଃ କାହାନି
୪. ମୁଣ୍ଡାରୀ ବାନି ପୁଥି (୧ମ, ୨ୟ, ୩ୟ ଭାଗ)
୫. ଉପୁରୁମ୍
୬. ମୁଣ୍ଡାରୀ ବାନି
୭. ସହଜ ମୁଣ୍ଡାରୀ ଭାଷା ଶିକ୍ଷା
୮. ଢଲ୍ ଚି ଖଲ୍
୯. ମୁଣ୍ଡାରୀ ବାନି ଆର୍ ଟୁଂ କ ଇତୁନ୍
୧୦. ସେନ୍‌ଗେ ସୁସୁନ୍, କାଜିଗେ ଦୁରାଂ
୧୧. ଆଣେଃ ରାସେ, ଶ୍ରୀ ଶ୍ରୀଧର ସିଂହ (୧ମ ଓ ୨ୟ ଭାଗ)

Digitized by srujanika@gmail.com

ଦ୍ୱିତୀୟ ଅଧ୍ୟାୟ

ମୁଣ୍ଡାମାନଙ୍କର ସାମାଜିକ ଜୀବନର ଚର୍ଯ୍ୟା

ମୁଣ୍ଡା ସମାଜରେ ଶିଶୁଟି ଜନ୍ମ ହେଲେ ଜନ୍ମ ହୋଇଥିବା ଘରର ଦୁଆର ବନ୍ଧ ନିକଟରେ ୩ଟି କେନ୍ଦୁଡାଳ ବନ୍ଧ ସହିତ ସମାନ୍ତର କରି ପୋତାଯାଏ । ଉଦ୍ଦେଶ୍ୟ ବ୍ରାହ୍ମଣ ବାବାଜୀ, ବୈଷ୍ଣବମାନଙ୍କ ସହ ଅନ୍ୟମାନଙ୍କୁ ଗୃହର ଓ ପରିବାରର ଅଶୂଚୀ ସମ୍ବନ୍ଧରେ ସୂଚନା ଦେବା । କେନ୍ଦୁଡାଳ ୮ ଦିନ ପର୍ଯ୍ୟନ୍ତ ପୋତାଯାଏ । ନବମ ଦିନ ବାରିକ, ରଜକ ଆଣି ନିଜର ଲୁଗାପଟା, ଜନ୍ମଦାତ୍ରୀର ଲୁଗାପଟା ଶୌଚ କରାଇବା ସଙ୍ଗେ ଗ୍ରାମର କେତେ ଘରର ଲୁଗାପଟା ରଜକ ଦ୍ୱାରା ସଫା କରାଯାଏ ଏବଂ ବାରିକ ଦ୍ୱାରା ସମସ୍ତଙ୍କର ନଖ, ଚୂଳ କାଟି ଶୌଚ ହୁଅନ୍ତି । ତା'ପରେ ଏକ ବର୍ଷ କିମ୍ବା ତିନି ବର୍ଷ ପୂରିବା ମକର ସଂକ୍ରାନ୍ତି ବାସୀ ଦିବସରେ ଶିଶୁର କର୍ଣ୍ଣଭେଦ କରାଯାଏ । ନୂତନ ଜନ୍ମିତ ଶିଶୁର ଅଜା, ଆଈ, ଗୋସବାପା, ମାଆ, ମାମୁଁ, ମାଇଁ, ବଡବାପା ଇତ୍ୟାଦିଙ୍କ ନାମରେ ନାମକରଣ (ସାକିଂ) କରାଯାଏ । ଏହି ଶୌଚ ଦିବସକୁ ନାର୍ତ୍ତା କୁହାଯାଏ ।

ମୁଣ୍ଡା ସମାଜରେ ଝିଅପୁଅମାନେ ପୂର୍ବେ ଚିତା କାଟୁଥିଲେ । ଜନ୍ମିତ ପୁଅଝିଅ ପାଠପଢ଼ି ସାବାଳକ ହୋଇ ବିବାହ ବୟସ ଯୋଗ୍ୟ ହେଲେ ଅନ୍ୟ ଗାଁର ଝିଅଟିଏ ଖୋଜି ବିବାହ କରି ଦିଆଯାଏ । ଝିଅ/ପୁଅର ବିବାହ

Digitized by srujanika@gmail.com

କାର୍ଯ୍ୟରେ ମଧ୍ୟ ବ୍ରାହ୍ମଣ, ବାରିକ, ରଜକର ବ୍ୟବହାର ମୁଣ୍ଡା ସମାଜରେ ପ୍ରଚଳିତ। ଏହି ବିବାହ ପ୍ରଣାଳୀ ନିମ୍ନ ପ୍ରକାରେ କରାଯାଏ। ଯଥା- ହଳଦୀମଖା, ଚଃଚୁମାଣ, ଆମ୍‌କୁଲ୍ ଜମ୍, ଦାପରମ୍, ଚାଉଳି ହେପେର୍, କନିଆଁର ଆମ୍‌କୁଲ୍ ଜମ୍, ଆଣନ୍ଦି, ସିନ୍ଦୁରୀ ରାକାବ୍, ଦାଃ ଆଉ, ତୁଇଁ ଏତେଲ୍, କାତିରୀ, ମେଣେଦ୍ ସାକମ୍ ତୁସିଂ, ଦହରା ସିନ୍ଦୁରୀ ରାକାବ୍ ଇତ୍ୟାଦି ମାଧ୍ୟମରେ ବିବାହ କାର୍ଯ୍ୟ ସମାପନ କରାଯାଏ।

ନୃତ୍ୟ ଗୀତରେ ମୁଣ୍ଡାମାନେ ଢୋଲ୍, ଦୁମାଂ, ରୁତୁ, ବାନାମ୍, କାରତାଲ୍, ନାଗରା ବ୍ୟବହାର କରନ୍ତି ଏବଂ ମୁଣ୍ଡାମାନେ କାରାମ୍, ଦାସାଇଁ, ଯାଦୁର୍, ଗେନା ପ୍ରଭୃତି ନାଚ ବିଭିନ୍ନ ସମୟରେ କରିଥା'ନ୍ତି। ପୂର୍ବେ ବିବାହ ଉତ୍ସବରେ କାଇପି/କାଇପାଲି ସୁସୁନ୍ (War dance) କରୁଥିଲେ।

ମୁଣ୍ଡାମାନଙ୍କ ଖାଦ୍ୟପେୟ ହିସାବରେ ସମସ୍ତଙ୍କ ପରି ଭାତ, ତରକାରୀ, ବିଭିନ୍ନ ଶାଗ, ବିଭିନ୍ନ ଡାଲି ଜାତୀୟ ଖାଦ୍ୟ ଖାଆନ୍ତି। ଦିନରେ ୨ଥର ଭାତ, ପଖାଳ ଖାଆନ୍ତି ଏବଂ ରାତିରେ ମଧ୍ୟ ଭାତ/ପଖାଳ ଖାଆନ୍ତି। ମୁଣ୍ଡାମାନଙ୍କ ପରିବାର ଗୁଡ଼ିକରେ ଘରର ମୁରବୀ ଓ ପୁରୁଷ ଲୋକମାନେ ପ୍ରଥମେ ଖାଦ୍ୟ ଖାଆନ୍ତି। ପରବର୍ତ୍ତୀ ସମୟରେ ଘରର ସ୍ତ୍ରୀ ଲୋକମାନେ ଖାଆନ୍ତି।

As in Hindu families the female members of the Munda's family will not sit down to eat before the men have finished their meals. At each meal, the Munda, like the orthodox Hindu, will drop a few grains of rice on the ground in the name of his deceased ancestors. The right hand is used in eating and the use of knives and forks at his meal is unknown to the Munda. (By S. C. Ray)

Digitized by srujanika@gmail.com

ମୁଣ୍ଡାମାନେ 'ଇଲି' (ହାଣ୍ଡିଆ), ଆରକି (ମଦ), ବିଭିନ୍ନ ପର୍ବପର୍ବାଣୀରେ ପିଅନ୍ତି ଏବଂ ବିଭିନ୍ନ ପୂଜା ପାର୍ବଣରେ ନିଜର ପୂର୍ବପୁରୁଷମାନଙ୍କୁ ମଧ୍ୟ 'ଇଲି ରାସେ' ଅର୍ପଣ କରନ୍ତି। ବା'ଆ ବଙ୍ଗା, ସହରାଇ, ଦାସାଇଁ, ଆଦିଂ କଟା ବଙ୍ଗାବୁରୁ (ପର୍ବପର୍ବାଣୀ) ନିଜ ମୃତ ପୂର୍ବପୁରୁଷମାନଙ୍କ ପାଇଁ ଐଶାନ୍ୟ (ଇଶାଣ କୋଣ)ରେ 'ଇଲି ରାସେ' ଭୋଗ ରୂପେ ଅର୍ପଣ କରିଥା'ନ୍ତି। ହେର୍ ପୁନା, ରଆପୁନା, ନାୱାଁଜମ୍, ଗୋଟ୍ ବଙ୍ଗା, ସସ ବଙ୍ଗା, ଦାସାଇଁ, କାରାମ୍, ସହରାଇ, ବୁରୁବଙ୍ଗା, ମାଗ୍ ବଙ୍ଗା ପ୍ରଭୃତି ପୂଜା ମୁଣ୍ଡାମାନଙ୍କ ଘର ଓ ଗ୍ରାମରେ ପାଳନ କରାଯାଏ।

ମୁଣ୍ଡାମାନଙ୍କର ବିଭିନ୍ନ କିଲି (ବଂଶ), ଗୋତ୍ର, ଥକ୍ ରହିଛି। ଗୋଟିଏ କିଲି/ବଂଶ ମଧ୍ୟରେ ପରସ୍ପର ଝିଅପୁଅମାନଙ୍କର ବିବାହ ନିଷେଧ। ସମ ଗୋତ୍ର ବିବାହ ମଧ୍ୟ ମୁଣ୍ଡା ସମାଜରେ ବାରଣ କରାଯାଇଛି। ଅବୈଧ ପ୍ରେମ ସଂପର୍କକୁ ମୁଣ୍ଡା ସମାଜ ସାମାଜିକ ସ୍ୱୀକୃତି ଦିଏ ନାହିଁ।

ମୁଣ୍ଡା ସମାଜରେ ନିଃସନ୍ତକ ବିଧବା ବିବାହ ପ୍ରଚଳିତ। ଏହି ବିବାହ ବିଧବାର ମତାମତ ଅନୁସାରେ କରାଯାଏ। ଏହି ବିଧବା ବିବାହ ବିଷୟରେ ଅଧିକ ତଥ୍ୟ ଜାଣିବାକୁ ହେଲେ ଏହି ଲେଖକଙ୍କର 'ଅରଣ୍ୟର ଫୁଲ' ପୁସ୍ତକ ପଠନୀୟ।

ମୁଣ୍ଡା ସମାଜରେ ଘର-ଜୋଇଁ ଆଣିବା, ପୋଷ୍ୟପୁତ୍ର ଗ୍ରହଣ କରିବାର ପ୍ରଥା ପ୍ରଚଳିତ। ପୁରୁଷ ଲୋକର ଦ୍ୱିତୀୟ ବିବାହ ମଧ୍ୟ ସ୍ୱୀକୃତ ପ୍ରାପ୍ତ। ମୁଣ୍ଡା ସମାଜରେ 'ରାଜି-ଖୁସି' ଗାନ୍ଧର୍ବ ବିବାହ ମଧ୍ୟ ସମାଜରେ ଆଦରଣୀୟ। ଏହି ଗାନ୍ଧର୍ବ ବିବାହ ସଂପ୍ରତି ଅନ୍ୟ ସମାଜଗୁଡିକରେ ମଧ୍ୟ ପ୍ରଚଳିତ। ଏହି ବିବାହରେ ଜାତି, ଗୋତ୍ର, ସମାଜ ସବୁକିଛି ପଛରେ ପଡ଼ିଥାଏ। ତଥାପି ମୁଣ୍ଡାମାନେ ଏ ଦିଗରେ ନିଷ୍ଠୁର ଜଣାପଡ଼ନ୍ତି। ମୁଣ୍ଡା ସମାଜରେ ଯଦି କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୁଏ; ତାହା ହେଲେ ବନ୍ଧୁ ବାନ୍ଧବ, ଆତ୍ମୀୟସ୍ୱଜନ, ଗ୍ରାମବାସୀ ସମସ୍ତେ ମିଳିମିଶି ତା'ର ଶବ ସତ୍କାର କରାଯାଏ। ମୃତ ବ୍ୟକ୍ତିର ଶବକୁ ପ୍ରଥମେ ଦକ୍ଷିଣକୁ ମୁଣ୍ଡ ରଖି ପୋତା ଯାଉଥିଲା। ସଂପ୍ରତି ଅନେକ

Digitized by srujanika@gmail.com

କ୍ଷେତ୍ରରେ ପୋତା ଯାଇଛି । ମୁଣ୍ଡା ସମାଜର ଶବ ଦକ୍ଷିଣ ଦିଗକୁ ମୁଣ୍ଡ ରଖି ପୋତା କିମ୍ବା ପୋଡି ଦିଆଯାଏ । ସେଥିପାଇଁ ମୁଣ୍ଡାମାନେ ସାଧାରଣତଃ ଜୀବନ କାଳରେ ଦକ୍ଷିଣ ଦିଗକୁ ମୁଣ୍ଡ କରି ଶୁଅନ୍ତି ନାହିଁ । ମୃତ୍ୟୁ ପରେ ଦଶମ ଦିନ ଶୁଦ୍ଧ କ୍ରିୟା କରି ଶୌଚ ହୁଅନ୍ତି । ବ୍ରାହ୍ମଣ, ରଜକ, ନାପିତମାନଙ୍କ ସହାୟତାରେ ନିଜର ନଖ, ବାଳ, ମୁଣ୍ଡ ନଣ୍ଡା କରି, ସ୍ନାନ, ଶୌଚ, ହୋଇ ବ୍ରାହ୍ମଣ ଦ୍ୱାରା ପୂଜା କରି ଘିଅ, ମହୁ, ପଞ୍ଚଗବ୍ୟ ଆଦି ଖାଇ ଆତ୍ମା ଶୁଦ୍ଧି କରନ୍ତି ।

ମୁଣ୍ଡାମାନେ ପ୍ରକୃତିର ଉପାସକ, ବିଭିନ୍ନ ଗଛଲତା, ନଦୀ, ପର୍ବତ, ଝରଣା, ଜଙ୍ଗଲ, ଉଇହୁଙ୍କା, ସୂର୍ଯ୍ୟ ଦେବତା, ଜଳ ଦେବତା, ଅଗ୍ନି ଦେବତା, ପଥର ଆଦିରେ ଭକ୍ତି ରଖି ମନପ୍ରାଣରେ ଆରାଧନା କରିଥା'ନ୍ତି । ସେଥିପାଇଁ ମୁଣ୍ଡାମାନଙ୍କ ଧର୍ମକୁ 'ସାର୍ଣ୍ଣା' (Sarna) ଧର୍ମ କୁହାଯାଏ । ଏଥିରେ ବୁରୁବଙ୍ଗା, ମାରାଂବୁରୁ , ସିଂବଙ୍ଗାଙ୍କୁ ପ୍ରାଧାନ୍ୟ ଦିଆଯାଏ । ଝାଡଖଣ୍ଡ, ଆସାମ, ଛତିଶଗଡ, ପଶ୍ଚିମବଙ୍ଗଳା, ଓଡିଶାର ମୁଣ୍ଡା, ସାନ୍ତାଳ, ଭୂୟାଁ, ହୋ, ବାଥୁଡି, ବିନ୍ଧାଣି, କୁମ୍ଭାର, ମହାନ୍ତ, ବଗାଳ, ଆଦି ଜନଜାତିମାନଙ୍କର ଭୂତ, ପ୍ରେତ, ଡାହାଣୀ ଓ ଚିରଗୁଣୀ ବିଶ୍ୱାସ ରହିଛି । ଗାଈର କ୍ଷୀର ହରଣ କରିବା, ମନୁଷ୍ୟ ଶିଶୁ ମାଆ ପାଖରୁ କ୍ଷୀର ନ ଖାଇବା, ବାନ୍ତି ହେବା, ଶିଶୁମାନଙ୍କୁ ଜ୍ୱର ହେବା, ସ୍ତ୍ରୀ ଲୋକମାନଙ୍କର ଗର୍ଭଧାରଣ ନ ହେବା, ଗର୍ଭଧାରଣ ପରେ ଗର୍ଭ ନଷ୍ଟ ହେବା, ଇତ୍ୟାଦି କ୍ଷେତ୍ରରେ ଭୂତ, ପ୍ରେତ, ଡାହାଣୀମାନଙ୍କର ଭୌତିକ ପ୍ରତିକାର ବିଧାନ ମଧ୍ୟ ରହିଛି । ସେଥିପାଇଁ ନାନାପ୍ରକାର ତୁଟ୍‌କା, ଛଡାଣ, ମନ୍ତ୍ର, ଝାର୍ନୀ, ବଳିଦାନ ପ୍ରଭୃତି ବିଭିନ୍ନ ପ୍ରତିକାର ମୁଣ୍ଡା ସମାଜରେ ରହିଛି । ମନ୍ତ୍ର ଓ ଝାର୍ନୀ ଦ୍ୱାରା ଏହି ଭୌତିକ ପ୍ରକ୍ରିୟାକୁ ନଷ୍ଟ କରାଯାଏ ।

ମୁଣ୍ଡାମାନଙ୍କ କଥିତ ଭାଷା ମୁଣ୍ଡାରୀରେ ମଧ୍ୟ ବିଭିନ୍ନ ଲୋକ କାହାଣୀ, ଗଳ୍ପ, ପ୍ରବଚନ, ନୁତୁମ୍ କାହାନୀ, ପ୍ରହେଳିକା ବା ଗୋଲକଧନ୍ଦା, ଢଗଢମାଳି ପୂରି ରହିଛି । ଏଗୁଡିକର ଗବେଷଣା ତଥା ଅଧିକ ଅଧ୍ୟୟନ ଆବଶ୍ୟକ ।

Digitized by srujanika@gmail.com

ମୁଣ୍ଡା ସମାଜରେ ଥିବା ବିଭିନ୍ନ ଔଷଧର ବ୍ୟବହାର ଏପର୍ଯ୍ୟନ୍ତ ଲୋକ ଲୋଚନକୁ ଆସିପାରି ନାହିଁ । ସଚେତନ ବିଜ୍ଞ, ମାନବପ୍ରେମୀ ଗୁଣି, ଜ୍ଞାନୀ, ବିଦ୍ୱାନ ଲୋକମାନେ ଏଥିରେ ମନ ନିବେଶ କଲେ ବହୁ ତଥ୍ୟ ମିଳିପାରିବ; ଯାହା ସମଗ୍ର ମାନବ ଜଗତର କଲ୍ୟାଣ ନିମନ୍ତେ ପ୍ରୟୋଗ ହୋଇ ପାରନ୍ତା ।

ମୁଣ୍ଡାମାନଙ୍କ ହୃଦୟରେ ଆତ୍ମ ପ୍ରତାରଣା ଏବଂ ଆତ୍ମ ପ୍ରବଞ୍ଚନା କରିବାର ମନୋଭାବ ବିରଳ ଥାଏ । ସେମାନଙ୍କ ହୃଦୟରେ ପୁନଶ୍ଚ ମାନବତା, ପ୍ରକୃତି ପରିବେଶ ପ୍ରତି ସମ୍ମାନ ଭକ୍ତି ଓ ସମ୍ବେଦନଶୀଳତା ରହିଅଛି । ସେମାନେ ଶସ୍ୟକ୍ଷେତ୍ରକୁ ମୁଖ୍ୟ ଆଧାର ଭାବରେ ଗ୍ରହଣ କରିଥା'ନ୍ତି । ତାଙ୍କ ଜୀବନ ପ୍ରକୃତି ଓ ଭଗବାନଙ୍କ ପ୍ରତି ଭକ୍ତିପୂର୍ଣ୍ଣ । ତେଣୁ ସେମାନଙ୍କୁ ନିଜ ଜୀବନ ଓ ଜୀବନଧାରା କଳୁଷିତ କରିବା ପାଇଁ ଶିକ୍ଷା ଦିଆ ନଯାଉ । ବରଂ ସେମାନଙ୍କୁ ସେମାନଙ୍କର ସାମାଜିକ ପ୍ରଥା, ଚଳଣି, ପ୍ରକୃତି ଓ ଭକ୍ତିପୂତ ଭାବନା ମନୋଭାବ, ସଂସ୍କୃତି ଓ ସରଳତାକୁ ସଂରକ୍ଷଣ କରିବାକୁ ଶିକ୍ଷା ଦିଆଯାଉ । ଆଦିବାସୀମାନଙ୍କ ପରି ସରଳ ଓ ନିରାଡମ୍ବର ରହି-

'ଆତ୍ମ ପ୍ରବଞ୍ଚନା କର ନାହିଁ କେବେ
ଖୋଲିଦିଅ ବନ୍ଧୁ ! ତୁମ ହୃଦୟର ଛଦ୍ମ ରୂପ
କହି ଦିଅ ତୁମ ଜୀବନ ଯାକର ଗୁପ୍ତଭାବ
ମିଛ ଅହମିକା ଛଳନା ରୂପ
ଅନ୍ତର ଯେତେ ଗ୍ଲାନି ଧୋଇ ଯିବ
ଜୀବନଟା ତୁମ ହସି ଉଠିବ ।' (କବିତା ମିଛ ନୁହେଁ)■

Digitized by srujanika@gmail.com

ତୃତୀୟ ଅଧ୍ୟାୟ

ସାହିତ୍ୟର ସଂଜ୍ଞା ଓ ସ୍ୱରୂପ

'ଆତ୍ମ-ପ୍ରକାଶର ଅଦମ୍ୟ ଇଚ୍ଛା ମାନବର ଜନ୍ମଗତ । ନିଜକୁ ଓ ନିଜର ପରିବେଶକୁ ବିଭିନ୍ନ ଢଙ୍ଗରେ ପ୍ରକାଶ କରିବାରେ ତା'ର ଅତ୍ୟନ୍ତ ଆଗ୍ରହ ଥାଏ । ଅନ୍ୟ ନିକଟରେ ନିଜର ଭାବନା ପ୍ରକାଶ କରିବାରେ ତା'ର ଆନନ୍ଦ । ତା'ର ଚତୁଃପାର୍ଶ୍ୱରେ ସେ ଯାହା ଦେଖେ, ତା' ମନରେ ସେ ଯାହା ଚିନ୍ତା କରେ, ତା' ପକ୍ଷରେ ସେସବୁ ଯେପରି ଚିର ସବୁଜ ଓ ନିତ୍ୟ ନୂତନ । ନିଜେ ଦେଖି ଅନ୍ୟକୁ ଦେଖାଇବାରେ; ନିଜେ ଶୁଣି ଅନ୍ୟକୁ ଶୁଣାଇବାରେ ଓ ନିଜେ ଚିନ୍ତା କରି ଅନ୍ୟ ମନରେ ସେ ଚିନ୍ତାର ସ୍ରୋତ ଜାଗ୍ରତ କରାଇବାରେ ମଣିଷର ଯେଉଁ ଆନନ୍ଦ, ସେହି ଆନନ୍ଦ ସାହିତ୍ୟ ସୃଷ୍ଟିର ମୂଳ ଉତ୍ସ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।' ସାହିତ୍ୟ ଜୀବନର ସମାଲୋଚନା, ଜୀବନର ଉତ୍ଥାନ ପତନ, ଆଶା-ନିରାଶାର ଏହା ଏକ ନିଖୁଣ ଚିତ୍ର ।

ବାକ୍ୟଂ ରସାତ୍ମକଂ କାବ୍ୟମ୍ - ସାହିତ୍ୟ ଦର୍ପଣ ।

ରସାତ୍ମକ ବାକ୍ୟ ବା ରଚନା ହେଉଛି ସାହିତ୍ୟ । ଏହି ସାହିତ୍ୟ ମାଧ୍ୟମରେ ନିଜ ସମାଜର, ବ୍ୟକ୍ତି ଚରିତ୍ରର ନିଛକ ରୂପ ଦେଖି ହୁଏ । ଏହି ସାହିତ୍ୟ ମାଧ୍ୟମରେ ସମାଜର ସଂସ୍କାର ଓ ବିକାଶ ଘଟେ । ହୃଦୟର ରସ ଧାରାରେ ପ୍ଲାବିତ କରିବା ଯୁଗେ ଯୁଗେ ସାହିତ୍ୟର ଧର୍ମ ହୋଇ ଆସିଛି । ସୁତରାଂ

Digitized by srujanika@gmail.com

ମାନବ ଜୀବନ ଜିଜ୍ଞାସା ଓ ଅଭିବ୍ୟକ୍ତି ହେଉଛି ସାହିତ୍ୟ । ସାହିତ୍ୟର ଉଦ୍ଦେଶ୍ୟ ମୁଖ୍ୟତଃ ଦୁଇଟି- ପ୍ରଥମ ହେଲା ଅଜ୍ଞାନୀ ଲୋକକୁ ଜ୍ଞାନ ଦେବା ଓ ଦ୍ୱିତୀୟ ହେଲା ବିଦଗ୍ଧ ବ୍ୟକ୍ତିକୁ ଆନନ୍ଦ ପ୍ରଦାନ କରିବା । ମୂର୍ଖ ଅରସିକ ଲୋକର ସାହିତ୍ୟର ଆବଶ୍ୟକତା ନାହିଁ । ଯିଏ ନିଜ ପେଟପାଟଣା ପ୍ରତିପୋଷଣରେ ବ୍ୟସ୍ତ, ସେ ସାହିତ୍ୟର ତତ୍ତ୍ୱ, ଅର୍ଥ, ରସାଳବାକ୍ୟ ତା' ପାଇଁ ଅନାବଶ୍ୟକ ମନେହୁଏ । ପଣ୍ଡିତ୍ କାଳିଦାସ ଏ ବାବଦରେ କହିଛନ୍ତି- 'କାତରେ କବିତା କୁତାଃ' କାତର, ଆତୁର ପେଟ ବିକଳରେ ବ୍ୟସ୍ତ ଥିବା ବ୍ୟକ୍ତିର କବିତା କ'ଣ ହେବ ? ସଂସ୍କୃତରେ ସାହିତ୍ୟର ଅଭିଧାନଗତ ଅର୍ଥ ହେଲା- ଯାହା ସମ୍ୟକ୍ ହିତ ସଂପାଦନ କରେ । ସାହିତ୍ୟ ସତତ ମାନବୀୟ କଲ୍ୟାଣ ଓ ଲଳିତ ବୋଧର ଚରମ ଅଭିବ୍ୟକ୍ତ । ନିଜର ସୃଜନାତ୍ମକ ଚିନ୍ତାଧାରା ଓ ଭାବନାରୁ ସାହିତ୍ୟ ସୃଷ୍ଟି ହୋଇଥାଏ ।

R. J. Reesଙ୍କ ଭାଷାରେ କହିଲେ- Literature we may now agree, is writing which express, 'Communities thought, feeling and attitude towards life. (English literature - An introduction for foreign readers.)' ପୁନଶ୍ଚ ଏତିକି କୁହାଯାଇପାରେ-

Literature is the disciplined expression of an entire experience and feelings of a life narrated by a writer or poet. (S.S.Birgam)

ସାହିତ୍ୟ ଓ ଦର୍ଶନ

'ଯୁଗେ ଯୁଗେ ସାହିତ୍ୟ ଓ ଦର୍ଶନ ମାନବ ପ୍ରାଣକୁ ନବନବ ଆଶା, ଆକାଂକ୍ଷା, ପ୍ରେରଣାରେ କେଉଁ ମାନବ ହେଉଛି ଦାବାଗ୍ନି ପରି ଭୟଙ୍କର ଅଥବା ଝଡ଼ଝଞ୍ଜା ପରି ସର୍ବଗ୍ରାସୀ କ୍ଷୁଧାରେ ଆତୁର, କେଉଁଠି ଅବା ସାହିତ୍ୟର କୋମଳ ସ୍ପର୍ଶରେ ଏବଂ ଦର୍ଶନର ସମ୍ମୁଧର ବାଣୀରେ ସେ ନିଜର ଅସ୍ତିତ୍ୱ

Digitized by srujanika@gmail.com

ଭୁଲି ଯାଇଛି । ସେଠାରେ ସେ ହୋଇଛି ସ୍ୱଚ୍ଛ ସଲୀଳା, ଅମନ୍ଦ ଗାମିନୀ ନିର୍ଝରିଣୀ ପରି କୁଳୁକୁଳୁ ନାଦରେ ନିନାଦିତ ଅଥବା ବାସନ୍ତୀ ସନ୍ଧ୍ୟାର ସୌରଭସିକ୍ତ ମୃଦୁ ମଳୟରେ ଉତ୍‌ଫୁଲ୍ଲ। ପ୍ରାକୃତିକ ବୈଭବ ମାନବର ବହିଃରଙ୍ଗ ଓ ଅନ୍ତଃରଙ୍ଗ ବ୍ୟକ୍ତି ସତ୍ତାକୁ ନିୟନ୍ତ୍ରଣ କରିଆସିଛି । ଜୈବିକ ବୃତ୍ତିରେ ମାନବ ହେଉଛି ପଶୁ ଓ ଐଶ୍ୱରିକ ସତ୍ତାର ଉପଲବ୍‌ଧି ପୂର୍ବକ ସେ ଲାଭ କରିଛି ଦେବତ୍ୱର ଆସନ । ଏହାରି ମଧ୍ୟରେ ଚାଲିଥିବା ଦ୍ୱନ୍ଦ୍ୱ ଓ ଅଭିବ୍ୟକ୍ତିର ରୂପାୟନ ସାହିତ୍ୟ ଓ ଦର୍ଶନ ।'

ଜାନାଗାର୍

'ମାନ୍ମୀ ଜୀବନ୍ ରେୟାଃ ସୁକୁଦୁକୁ, ରଂ ରାସିକା, ରମଜ୍, ହିୟାତିଂ, ଉଡୁଃ, ଉନୁଡୁଃ କ, ଟେକେଟଣେ, ଜାଲା ଆର୍ ଯାହା ଲେଲାକାନା; ଇନାକ ଉଦୁବ୍ ସଦର୍ ଗେ ଜାନାଗାର୍ (ସାହିତ୍ୟ) କାଜି ଧାଲିୱ୍ୱଆ ଅଡଃ ମାନୱ୍ୱା ସାଲଟ୍ ସୁଗାଲ୍ ନାତେନ୍ ଗେ ଜାନାଗାର୍ ରେ ଉପ୍ରାନ୍ ଆର୍ ଦିଶା । ନେ ଜାଗାର୍ / ଜାନାଗାର୍ ବାର୍ ରକମ୍‌ତେ ହଇ ଧାଲିୱ୍ୱଆ । ମୟଦ୍ ଅନଲ୍‌ତେ ଅଡ ମୟଦ୍ ମଚାତେ । ଅନଲ୍ କାତେ ତାୟୁଆଃ ସବୁଦିଲାଂ ମଚାତେ ପୁନୁଟିଦ୍ ଧାଲିୱ୍ୱଆ । ମେନ୍ ଦ ମଚାତେ କାଜିଅଃତାନାଃ ଅଡଃମିଶା ହଏତେ କା' ଠଅର୍ ଧାଲିୱ୍ୱଆ ଚି କା' କାଜି ଧାଲିୱ୍ୱଆ । ଇନାତେ ଅନଲ୍ ଜାଗାର୍ ଆର୍ ଜାନାଗାର୍ ଇସୁ ଜାରୁଲ୍ ମେନାଃ ।'

ମାନବର ଦୁଇଟି ରୂପ; ଗୋଟିଏ ହେଉଛି ମାନବର ବାହ୍ୟରୂପ ଓ ଅନ୍ୟଟି ହେଉଛି ଅନ୍ତଃରୂପ । ଯାହା ଆମେ ଜଣଙ୍କର ଚେହେରା, ମୁଖମଣ୍ଡଳ ଦେଖିପାରୁ ଏହା ମାନବର ବାହ୍ୟରୂପ ଦେଖୁଥିଲେ ମଧ୍ୟ ମନୁଷ୍ୟର ଭିତର ରୂପ (ଅନ୍ତଃରୂପ) ଅନ୍ୟ ପ୍ରକାରର ହୋଇଥାଏ । ଅନ୍ତଃରୂପ ଯାହା ନୟନରେ ଦେଖି ହୁଏ ନାହିଁ କିନ୍ତୁ ମନୁଷ୍ୟର ଏହି ଅନ୍ତଃରୂପ ତାଙ୍କ ଚିନ୍ତା, ଭାବନା, ଅନୁଭବର ପ୍ରକାଶ; ନିଜର ସାହିତ୍ୟ କୃତି ମାଧ୍ୟମରେ ପ୍ରକାଶିତ ହୁଏ ।

Digitized by srujanika@gmail.com

ପ୍ରତ୍ୟେକ ଜାତିର ନିଜସ୍ୱ ସାହିତ୍ୟ ଓ ଭାଷା ରହିଛି । ଯେଉଁ ଜାତିର ଆର୍ଥିକ ଅବସ୍ଥା ଯେତେ ସ୍ୱଚ୍ଛଳ ତା'ର ଭାଷା, ସାହିତ୍ୟ ଓ ସଂସ୍କୃତି ସେତେ ଉନ୍ନତ ଓ ବିକାଶ ପଥରେ ଧାବିତ । ପୁନଶ୍ଚ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ସହିତ ଶିକ୍ଷା କ୍ଷେତ୍ରରେ ମଧ୍ୟ ପ୍ରଗତିର ଅଗ୍ରେ ଅଗ୍ରେ ଧାବିତ ।

ସାହିତ୍ୟର ଇତିହାସ ପ୍ରାୟ ସବୁ ଭାଷା ଓ ସାହିତ୍ୟରେ ବିଦ୍ୟମାନ । ଯେଉଁ ଜାତିର ଭାଷା ଓ ସାହିତ୍ୟର ଇତିହାସ ନଥାଏ; ସେ ଭାଷା ଓ ସାହିତ୍ୟ ସଂପର୍କରେ ଅନ୍ୟମାନେ ସାଧାରଣତଃ ବିଶେଷ ଜ୍ଞାନ ଜାଣିବାରୁ ବଞ୍ଚିତ ହୋଇଥା'ନ୍ତି । ଗୋଟିଏ ଜାତି ପାଇଁ ଯେମିତି ଇତିହାସର ଆବଶ୍ୟକତା ରହିଛି; ସେହି ଜାତିର ସାହିତ୍ୟ ନିମନ୍ତେ ମଧ୍ୟ ତା'ର ଅତୀତ ଇତିହାସ ଜାଣିବା ନିତାନ୍ତ ଆବଶ୍ୟକ । କାରଣ ଏହି 'ସାହିତ୍ୟର ଇତିହାସ ହିଁ ଦେବ ଯେକୌଣସି ଜାତିର ଆତ୍ମାର ଇତିହାସ ଓ ତା'ର ପ୍ରକୃତ ମର୍ମବାଣୀ ।' ଇତିହାସ କହିଲେ ଆମେ ସାଧାରଣତଃ ବୁଝିଥାଉ-

History means, we understand the records of past events, ups and downs condition, reign of the people of the country as well as the world; and we understand literature is the mirror of human society. (S.S. Birgam)

କୌଣସି ଜାତିର ଭାଷା ଓ ସମାଜର ଐତିହ୍ୟ ଆଲୋଚନା କଲାବେଳେ ସେହି ଜାତିର ସାହିତ୍ୟ ଓ ସଂସ୍କୃତି ବିଷୟରେ ଆଲୋଚନା ପରିସରକୁ ଆସେ । ସାହିତ୍ୟର ସଂଜ୍ଞା ଦେବା ଯେମିତି ସରେ ନାହିଁ କିମ୍ବା ଠିକ୍ ଭାବରେ ଦେଇ ହୁଏ ନାହିଁ ଠିକ୍ ସେମିତି ଯେକୌଣସି ଭାଷା ଓ ସାହିତ୍ୟର ଆଲୋଚନା ମଧ୍ୟ ସଂପୂର୍ଣ୍ଣ ରୂପେ କରି ହୁଏ ନାହିଁ; ଆହୁରି କିଛି ଆଲୋଚକ ଦୃଷ୍ଟି ଆଢୁଆଳରେ ରହିଯିବା ଏକ ସ୍ୱାଭାବିକ ଘଟଣା । ମୁଣ୍ଡାରୀ ସାହିତ୍ୟ ଆଲୋଚନା ପରିସରକୁ ଆଣିବା ପୂର୍ବରୁ ଆମେ ସାଧାରଣ ଭାବେ ସାହିତ୍ୟର ବିଭାଗୀକରଣ ବା ଶ୍ରେଣୀ ବିଭାଗ ସଂପର୍କରେ ଟିକିଏ ଆଲୋଚନା କରିବା । ସାଧାରଣତଃ ସାହିତ୍ୟ ନିମ୍ନ ପ୍ରକାରରେ ଶ୍ରେଣୀ ବିଭାଗ କରାଯାଉଛି । ଯଥା-

Digitized by srujanika@gmail.com

୧) ଆଭିଜାତ୍ୟ ସାହିତ୍ୟ, ୨) ଲୋକ ସାହିତ୍ୟ।

୧) ଆଭିଜାତ୍ୟ ସାହିତ୍ୟ: ଆଭିଜାତ୍ୟ ସାହିତ୍ୟ ବୋଇଲେ ପୂର୍ବ କାଳରେ ରାଜା ମହାରାଜା, ବାଦ୍‌ଶାହା, ସମ୍ରାଟ, ସାମ୍ରଜ୍ଞୀ ମାନଙ୍କୁ ସନ୍ତୁଷ୍ଟ ଓ ତୁଷ୍ଟ କରିବା ପାଇଁ ଚାଟୁକାରମାନେ ବିଭିନ୍ନ ଗୀତ, ଶ୍ଳୋକ, ମନକୁ ମୋହିଲା ପରି ଗୀତ, ସଙ୍ଗୀତ ବିଭିନ୍ନ ରସ, ରଙ୍ଗ, ସ୍ୱର ମାଧ୍ୟମରେ ଲେଖି ପଢ଼ି, ଗାଇ ଶୁଣାଉଥିଲେ। ସେଗୁଡ଼ିକୁ ଆଭିଜାତ୍ୟ ସାହିତ୍ୟ କୁହାଯାଏ। ଏପରିକି ମୟୂରଭଞ୍ଜର ମହାରାଜା ମଧ୍ୟ ନିଜ ରାଜବାଟୀରେ ମୁଣ୍ଡାମାନଙ୍କୁ ଡାକି ଉଚ୍ଚ କୋଟୀର ମୁଣ୍ଡା ଗୀତମାନ ଗାଇବାକୁ ନିର୍ଦ୍ଦେଶ ଦେଇ, ମୁଣ୍ଡାରୀ କରମ ନୃତ୍ୟରେ ପରିବେଷଣ ହେଉଥିବାର ତୁଣ୍ଡ ବାଇଦ ରହିଛି। (ଏହି 'ତୁଣ୍ଡ ବାଇଦ' ଅଷ୍ଟିଆର ୰ଜଗମୋହନ ସିଂଙ୍କ ଠାରୁ ପ୍ରାପ୍ତ।)

୨) ଲୋକ ସାହିତ୍ୟ: ସମାଜରେ ପ୍ରଚଳିତ ଢଗଢମାଳି ଓ ସାଧାରଣ ଲୋକ ଜୀବନ ହସକାନ୍ଦ, ଦୁଃଖସୁଖ, ଅଭାବ ଅନଟନ ଓ ତେଲଲୁଣ ସଂସାରର ବିଭିନ୍ନ ସମସ୍ୟା ବିଷୟରେ ଲେଖାଯାଇଥାଏ, ତାହାକୁ ଲୋକସାହିତ୍ୟ କୁହାଯାଏ। ଏହି ଲୋକ ସାହିତ୍ୟ ସାଧାରଣତଃ ଦୁଇ ପ୍ରକାରର। ଗୋଟିଏ ଅଲିଖିତ ଓ ଅନ୍ୟଟି ଲିଖିତ। ଯାହା ଲେଖା ହୋଇ ନଥାଏ, ଲୋକମାନଙ୍କ ମୁଖରେ ବଞ୍ଚି ରହିଥାଏ, ତାକୁ ଅଲେଖା ବା ଅଲିଖିତ ଲୋକସାହିତ୍ୟ କହିଲେ ଚଳେ। ସାଧାରଣ ସ୍ତରର ଲୋକମାନଙ୍କୁ ଗୀତ, ସଙ୍ଗୀତ ଓ ବିଭିନ୍ନ ଲେଖା ମାଧ୍ୟମରେ ସଚେତନ, ମନୋରଞ୍ଜନ, ସମୟ ଉପଯୋଗୀ ମୂଲ୍ୟବାନ ଉପଦେଶ, ପରାମର୍ଶ ଶ୍ଳୋକ, ଢଗଢମାଳି, ପ୍ରବାଦ ଆକାରରେ ଜନସାଧାରଣଙ୍କ ସମ୍ମୁଖରେ ପରିବେଷଣ କରାଯାଏ ତାକୁ ହିଁ ଲୋକସାହିତ୍ୟ କୁହାଯାଏ। ମୋଟାମୋଟି ଭାବେ କହିବାକୁ ଗଲେ ଯେ କୌଣସି ଭାଷାର ସାହିତ୍ୟକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଏ। ଗୋଟିଏ ଗଦ୍ୟ ସାହିତ୍ୟ ଓ ଅନ୍ୟଟି କବିତା / ସଙ୍ଗୀତ ସାହିତ୍ୟ। ଗଦ୍ୟ ସାହିତ୍ୟରେ ପ୍ରବନ୍ଧ, ଗଳ୍ପ, ନାଟକ ଏବଂ କବିତା ସାହିତ୍ୟରେ ଗୀତ, କବିତା, ସଙ୍ଗୀତ, ଶ୍ଳୋକ ଆଦିରେ ବିଭକ୍ତ କରାଯାଇଛି।

Digitized by srujanika@gmail.com

'ନୃତ୍ୟ, ସଙ୍ଗୀତ, ପ୍ରାଚୀନ ସଂସ୍କୃତିର ପରିଚାୟକ ଭାବରେ ବିଭିନ୍ନ ଯୁଗ ସାହିତ୍ୟରେ ସ୍ଥାନ ପାଇ ଆସିଛି । ଏହାକୁ ଅଧିକ ଜୀବନ୍ତ ଓ ରସୋତୀର୍ଣ୍ଣ କରିବା ପାଇଁ ସମାଜରେ ଥିବା ବିଶିଷ୍ଟ କବିମାନଙ୍କ ରଚନାରେ ବହୁବିଧ ଛନ୍ଦ, ରାଗ, ତାଳ, ମାନ ଓ ଲୟର ସୃଷ୍ଟି ହୋଇଛି । ଲୋକଗୀତ ଲୋକମାନଙ୍କ ସହ ଦୈନନ୍ଦିନ ଜୀବନର ଗାଥା, ବ୍ୟଥା, ଚାଲିଚଳନ ଆଦି ସ୍ୱାକ୍ଷର 'ରୁଚି' ହୋଇ ଯୁଗଯୁଗ ବଞ୍ଚି ରହିଥାଏ । ଲୋକ କଳା ଲୋକଶିଳ୍ପ, ଲୋକଗୀତ, ଲୋକସାହିତ୍ୟ ପ୍ରଭୃତି ଜନତାର ସମସ୍ତ କୃତିତ୍ୱକୁ ଘେନି ଲୋକ ସଂସ୍କୃତି ଗଠିତ । ଯେଉଁ ସାହିତ୍ୟକୁ ମହାବିଦ୍ୱାନ ଠାରୁ ଗଣ୍ଡ ମୁର୍ଖ ପର୍ଯ୍ୟନ୍ତ ସମସ୍ତେ ବୁଝିପାରନ୍ତି ତାକୁ ଲୋକସାହିତ୍ୟ କୁହାଯାଏ । ସାହିତ୍ୟ ହେଉଛି ଭାଷା, ଲୋକଗୀତ, ସଂସ୍କୃତି ଓ ପରମ୍ପରାର ପରିପ୍ରକାଶର ମାଧ୍ୟମ । ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ଯଥାର୍ଥରେ କହିଛନ୍ତି- ଖାଦ୍ୟ ବସନ ବ୍ୟତୀତ ଅନ୍ୟ ଯାହାସବୁ ମାନବ ସାମାଜିକ ଜୀବନକୁ ସୁଖମୟ ଓ ଉପଭୋଗ୍ୟ କରେ, ତାର ସମଷ୍ଟିରେ ହିଁ ସଂସ୍କୃତିର ରୂପରେଖ ନିର୍ଣ୍ଣିତ ହୁଏ ।

ଲୋକ ସଂସ୍କୃତିର ଧାରକ ହେଉଛନ୍ତି ସମାଜର ଜନସାଧାରଣ, କିନ୍ତୁ ଏହାର ବାହକ ହେଉଛି ଭାଷା ଓ ସାହିତ୍ୟ । ସମାଜ ସହିତ କ୍ରମ ଗତିଶୀଳ ସାହିତ୍ୟ ମାଧ୍ୟମରେ ସଂସ୍କୃତିର ପ୍ରତି କିମ୍ଭୂନ ଘଟିଥାଏ । ସମାଜର ରୁଚି ପରିବର୍ତ୍ତନ ସଙ୍ଗେ ସଙ୍ଗେ ସଂସ୍କୃତିରେ ମଧ୍ୟ ଅଳ୍ପ ବହୁତ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଏହି ଐତିହାସିକ ବିବର୍ତ୍ତନର ସାକ୍ଷ୍ୟ ବହନ କରିଥାଏ ସାହିତ୍ୟ । ତେଣୁ ଭାଷା ଓ ସାହିତ୍ୟ ସଂସ୍କୃତିର ଧାରକ ଓ ପ୍ରଗତିର ନିୟାମକ । ଉନ୍ନତ ଓ ସମୃଦ୍ଧ ସଂସ୍କୃତିର ଗଠନରେ ଭାଷା ଓ ସାହିତ୍ୟର ଅବଦାନ କମ୍ ନୁହେଁ ।'

ପୂର୍ବ କାଳରେ ରାଜାରାଣୀଙ୍କ ଆନନ୍ଦ ନିମନ୍ତେ ବୈଷ୍ଣବ କବି, ଲେଖକମାନେ ରାଜକୁମାର, ରାଜକୁମାରୀମାନଙ୍କ ରୂପ ଲାବଣ୍ୟକୁ ଓ ତାଙ୍କର ପ୍ରଣୟ ମିଳନକୁ ଖୁବ୍ ରୂପ, ରସ, ଛନ୍ଦ, ତାଳ ଲୟ ଓ ସ୍ୱରରେ କବିତାମାନ ରଚନା କରୁଥିଲେ, ପରବର୍ତ୍ତୀ ସମୟରେ ରାଧାକୃଷ୍ଣଙ୍କ ମିଳନକୁ

Digitized by srujanika@gmail.com

ଭକ୍ତି ସଙ୍ଗୀତ ଭାବେ ବର୍ଣ୍ଣନା କରି ରାଜା ମହାରାଜା ଓ ଧନୀକ ଗୋଷ୍ଠୀର ଲୋକମାନଙ୍କର ମନୋରଞ୍ଜନ କରାଯାଉଥିଲା; କିନ୍ତୁ ସାଂପ୍ରତିକ ଯୁଗରେ ଏହି ବିଳାସ କବିତା, ମାନବର ଶ୍ରୀକଣ୍ଠରୁ ଓହ୍ଲାଇ ହୃଦୟର ନିଭୃତ କୋଣରେ ଚିନ୍ତା ଚେତନାର କୁଠାରଘାତ କରି ଦୁଃସ୍ଥ, ପୀଡିତ, ଅଭାବୀ, ଅତ୍ୟାଚାରିତ ଶ୍ରମିକ, ଉପେକ୍ଷିତ ଭିକାରି, ଶ୍ରମଜୀବୀମାନଙ୍କ ଅଭାବ ଅନଟନ, ଦୈନିନ ଗୁଜରାଣ, ଅତ୍ୟାବଶ୍ୟକତା, ଅପୂରଣୀୟ ଆଶା, ଆକାଂକ୍ଷା, ମାନବ ଜୀବନର ଘାତପ୍ରତିଘାତ, ଉତ୍‌ଥାନ ପତନ ସମ୍ବନ୍ଧରେ କବି, ଲେଖକ, ପ୍ରାବନ୍ଧିକ, ନାଟ୍ୟକାରମାନେ ବିଭିନ୍ନ କବିତା, ପ୍ରବନ୍ଧ, ଗଳ୍ପ, ନାଟକ ରଚନା କରି ମାନବ ସମାଜ ଆଗରେ ଉପସ୍ଥାପନ କଲେ । ସେହି ଲେଖା ଗୁଡିକରେ ଅନୁପ୍ରାଣିତ ହୋଇ ମୁଣ୍ଡାରୀ ସାହିତ୍ୟର କବି, ଲେଖକ, ଗାଳ୍ପିକ, ନାଟ୍ୟକାରମାନେ ବିଭିନ୍ନ ଲେଖାଗୁଡ଼ିକ ମୁଣ୍ଡା ସମାଜ ସମ୍ମୁଖରେ ଉପସ୍ଥାପନ କରାଇ ମୁଣ୍ଡାରୀ ସାହିତ୍ୟର ଅଗ୍ରଗତି ଓ କୃତି ସମ୍ବନ୍ଧରେ ସୂଚନା ଦେଇଛନ୍ତି ।

୧. ହାମ୍‌ଟୁଃ - ଲେଖକ ଶ୍ରୀଧର ସିଂହ, କାଳିଆପଦା

୨. ଗଳ୍ପ - ସାକିଂମା' ଗାଃ କାହାନୀ - ଶ୍ରୀ ବୁଦ୍ଧିଆ ସିଂ, ବଡସାହି(ଡାହିସାହି)

୩. ମୁଣ୍ଡାରୀ ଦର୍ପନ - ୧୯୭୭-୧୯୮୩ ମୁଣ୍ଡାରୀ ସମାଜ ସାଓଁର୍ ଜାମ୍‌ତା

୪. ମୁଣ୍ଡାରୀ ବାନି ପୁଥି(ମୁଣ୍ଡାରୀ ଭାଷା ଶିକ୍ଷା) - ୧ମ, ୨ୟ, ୩ୟ ଭାଗ, ଭାରତ ମୁଣ୍ଡା ସମାଜ

୫. ଉପୁରୁମ୍ - ଶ୍ରୀ ଗୌରହରି ସିଂହ - କାଳିଆପଦା

୬. ଅଲ୍ ବୁଲ୍; କାରାମ୍ ରାସେ - ୰କାର୍ତ୍ତିକ ସିଂ - ଜାମ୍‌ବନୀ, ଅସ୍ତିଆ

୭. ବିନ୍ତି - ଶ୍ରୀ ଗୌରହରି ସିଂହ, କାଳିଆପଦା

୭.୨) ଢଲ୍ ଚି ଖୋଲ୍ - ଶ୍ରୀ ଗୌରହରି ସିଂହ, କଟକ

୮. ସେଲେଦ୍ - ଡଃ. ରାମଦୟାଲ ମୁଣ୍ଡା, ଦେଉଡି

Digitized by srujanika@gmail.com

୯. ହିସିରୀ - ଡଃ. ରାମଦୟାଲ୍ ମୁଣ୍ଡା, ରାଞ୍ଚି
୧୦. ଲଆ ବା'ଆ - ବୁଦୁ ବାବୁ , ବାଛେଇକୁଣ୍ଡି, ରାଞ୍ଚି
୧୧. ମୁଣ୍ଡାରୀ ଦୁରାଂ ପୋଥି - ସଂକଳକ - ଡଃ. ଏସ୍.ଏସ୍.ବି.ଡି. ହାନ୍‌ସ୍, ରାଞ୍ଚି
୧୨. ଅଣେ - ଶ୍ରୀଧର ସିଂହ - ଓଡିଶା
୧୩. ଆଣେଃ ରାସେ - ଶ୍ରୀଧର ସିଂହ - ଓଡିଶା
୧୪. ଆନ୍ଦୁକାଲ୍ - ଶ୍ରୀଧର ସିଂହ - ଓଡିଶା
୧୫. ବାଂବୁରୁ - ରାଞ୍ଚି ବିଶ୍ୱବିଦ୍ୟାଳୟ
୧୬. ସେଙ୍ଗେଲ୍ଲ - ପୁରୁଲିଆ ସାହିତ୍ୟ ପରିଷଦ ଓ ଅନ୍ୟାନ୍ୟ ପୁସ୍ତକ ସମୂହ
୧୭. କାରାମ୍ ରାସେ - ୰କାର୍ତ୍ତିକ ସିଂ, ଝାମ୍‌ବନୀ
୧୮. 'ବୁଗିନ୍ କାଜି', ୰କେଶବ ଚନ୍ଦ୍ର ସିଂ, ଖଡିଆବସା, ୰ମଧୁସୂଦନ ସିଂ, ଗୋବରାଶୋଳ୍, ରହଣୀ-ଜାନଡାହି
୧୯. ରାସ୍କା - ଶ୍ରୀ ଦିଲ୍ଲୀପ କୁମାର ସିଂ ସମାଡି, ଆମ୍ବି, ପଶ୍ଚିମବଙ୍ଗ
୨୦. ଅଣେ ଗାଲାଂ - ଶ୍ରୀ ଦିଲ୍ଲୀପ କୁମାର ସିଂ ସମାଡି, ଲାମ୍ବି, ପଶ୍ଚିମବଙ୍ଗ
୨୧. ମୁଣ୍ଡା ଆଣାନ୍ଦୀ ନିଗିବିଗି - ଶ୍ରୀ ଶ୍ରୀଧର ସିଂହ, ଓଡିଶା
୨୨. ସହଜ ମୁଣ୍ଡାରୀ ଭାଷା ଶିକ୍ଷା - ଶ୍ରୀ ବୁଦ୍ଧିଆ ସିଂ, ବଡସାହି (ଡାହିସାହି), ମୟୂରଭଞ୍ଜ, ଓଡିଶା
୨୩. ମୁଣ୍ଡାରୀ ବାନି ଆର୍ ଟୁଂ କ ଇତୁନ୍ - ଶ୍ରୀ ବୁଦ୍ଧିଆ ସିଂ, ବଡସାହି (ଡାହିସାହି), ମୟୂରଭଞ୍ଜ ।■

Digitized by srujanika@gmail.com

ଚତୁର୍ଥ ଅଧ୍ୟାୟ

ମୁଣ୍ଡାରୀ ସାହିତ୍ୟର ସାଧାରଣ ଚିତ୍ର

ଖ୍ରୀ ୧୭୦୦ରୁ ଖ୍ରୀ ୧୯୩୫ ମସିହା ସୁଦ୍ଧା ମୁଣ୍ଡାମାନେ ଉଚ୍ଚଶିକ୍ଷିତ ହୋଇ ପାରି ନଥିଲେ। ସେହି ସମୟ ମଧ୍ୟରେ ମୁଣ୍ଡା ସମାଜରେ ଲୋକ ସାହିତ୍ୟ ହିସାବରେ ଲୋକଗୀତ ମାନ ଜଣଙ୍କ ମୁଖରୁ ଶୁଣି ଶୁଣି ଅନ୍ୟମାନେ ମନେରଖି ମୁଣ୍ଡାରୀ ଭାଷା; ଲୋକଗୀତ ଓ ଅନେକ ଗୀତ ସମାଜରେ ବଞ୍ଚି ରହିଥିଲା। ବିହାର ପରବର୍ତ୍ତୀ ସମୟରେ ଝାଡଖଣ୍ଡର ଶିକ୍ଷିତ ଲୋକମାନେ ଖ୍ରୀଷ୍ଟିଆନ୍ ଧର୍ମରେ ଦୀକ୍ଷିତ ହୋଇ ବିଭିନ୍ନ ମିଶିନାରୀ ସହାୟତାରେ ବିଭିନ୍ନ ଲୋକଗୀତ ତଥା ଅନ୍ୟାନ୍ୟ ଗୀତକୁ ଲୋକମାନଙ୍କ ପାଖରୁ ସଂଗ୍ରହ କରି 'ମୁଣ୍ଡାରୀ ଦୁରାଂ ପୋଥି-୧୯୩୨' ନାମରେ ସଂକଳନଟି କରି ମୁଣ୍ଡାରୀ ଭାଷା ଓ ସାହିତ୍ୟକୁ ବଞ୍ଚାଇ ରଖିଛନ୍ତି। ଏହି ସଂକଳନ କାର୍ଯ୍ୟରେ ରାଞ୍ଚିର ତତ୍କାଳୀନ ବିଶପ ୰ଡକ୍ଟର ଏସ୍.ଏ.ବି.ଡି. ହାଁନସ୍ ମୁଖ୍ୟ ଭୂମିକା ନେଇଥିଲେ। ତା' ପରବର୍ତ୍ତୀ ସମୟରେ ଏହି ରାଞ୍ଚି , ବୁଣ୍ଡୁ , ତାମାଡା, ଆଣ୍ଡ଼କି, ଆଦି ଗ୍ରାମ ଗୁଡିକରେ ଲୋକମାନେ ଶିକ୍ଷାଲାଭ କଲା ପରେ ବିଭିନ୍ନ ସଙ୍ଗୀତ ଓ ପ୍ରବନ୍ଧ ପୁସ୍ତକ ମାନ ରଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ଲାଭ କରି ରାଞ୍ଚି ବିଶ୍ୱବିଦ୍ୟାଳୟର କୁଳପତି ପଦ୍ମଶ୍ରୀ ଡକ୍ଟର ରାମଦୟାଲ୍ ମୁଣ୍ଡା ପ୍ରମୁଖ ଭୂମିକା ଗ୍ରହଣ କରି ଅନେକ

Digitized by srujanika@gmail.com

ମୁଣ୍ଡାରୀ କବିତା, ପ୍ରବନ୍ଧ, ଗଳ୍ପ, ରଚନା କରିଛନ୍ତି । ରାଞ୍ଚି ଜିଲ୍ଲାର ଅନ୍ୟମାନେ ହେଲେ ୰ବୁଧୁ ବାବୁ, ଡଃ. ସତ୍ୟନାରାୟଣ ମୁଣ୍ଡା, ଡଃ. ସୁବାସ ମୁଣ୍ଡା, ଶ୍ରୀ ନିକୋଦିନ୍ କେରକେଟା, ଡକ୍ଟର ଏସ୍.ଏ.ବି.ଡି. ହାଁନ୍‌ସ୍, ଟି.ଏସ୍.ସି. ହାଁନ୍‌ସ ପ୍ରଭୃତି । ମୁଣ୍ଡାରୀ ଭାଷାକୁ ଚିରଜୀବୀ କରି ମୁଣ୍ଡା ସମାଜରେ ସାହିତ୍ୟର ବିକାଶ ଘଟାଇଥିଲେ । ଝାଡ଼ଖଣ୍ଡର ସମସ୍ତ କବି, ଲେଖକ, ନାଟ୍ୟକାରମାନଙ୍କର ପୁସ୍ତକଗୁଡ଼ିକ ଦେବନାଗରୀ ଲିପି ସାହାଯ୍ୟରେ ମୁଣ୍ଡାରୀ ଭାଷାରେ ଲେଖାଯାଇଛି । ସେହି ମୁଣ୍ଡାରୀ ଭାଷାଗୁଡ଼ିକ ଦେବନାଗରୀ ଲିପି ସାହାଯ୍ୟରେ ବେଶ୍ ସୁନ୍ଦର ଭାବେ ପୁସ୍ତକ ରଚନା କରାଯାଇ ରାଞ୍ଚି, ପଶ୍ଚିମବଙ୍ଗ, ଓଡିଶାର ଦେବନାଗରୀ ଲିପି ଜାଣିଥିବା ବ୍ୟକ୍ତିମାନେ ବିଶେଷ ଉପକୃତ ହେଉଛନ୍ତି । ମୁଣ୍ଡାରୀ ଭାଷାର ସୁରକ୍ଷା ନିମନ୍ତେ ରାଞ୍ଚି ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଭାବେ 'ମୁଣ୍ଡାରୀ ଭାଷା ବିଭାଗ' ଖୋଲାଯାଇ ପ୍ରତିବର୍ଷ ଶହଶହ ମୁଣ୍ଡା ଛାତ୍ରଛାତ୍ରୀମାନେ ଆଇ.ଏ., ବି.ଏ. ଓ ଏମ୍.ଏ. ପାଠ୍ୟକ୍ରମ ଅଧ୍ୟୟନ କରୁଛନ୍ତି ଏବଂ ମୁଣ୍ଡାରୀ ଭାଷାର ଅଧ୍ୟାପକ ନିଯୁକ୍ତି ପାଇଛନ୍ତି । ସେହିପରି ପଶ୍ଚିମ ବଙ୍ଗଳାରେ ମୁଣ୍ଡାମାନେ ବଙ୍ଗଳା ଲିପି ମାଧ୍ୟମରେ ଅନେକ କାବ୍ୟ, କବିତା, ଗଳ୍ପ, ପ୍ରବନ୍ଧମାନ ରଚନା କରି ପଶ୍ଚିମବଙ୍ଗଳାରେ ମୁଣ୍ଡାରୀ ଭାଷା ଓ ସାହିତ୍ୟର ବିକାଶ ଘଟାଇଛନ୍ତି । ପଶ୍ଚିମବଙ୍ଗଳାରେ ବଙ୍ଗଳା ଲିପି ମାଧ୍ୟମରେ ମୁଣ୍ଡାରୀ ଭାଷା; ସଂସ୍କୃତି ନାଟକ ଓ କବିତା ମାଧ୍ୟମରେ; ଅନେକ ସାହିତ୍ୟ କୃତି ସୃଷ୍ଟି କରିବାରେ ମୁଖ୍ୟତଃ ପ୍ରମୁଖ ଭୂମିକାରେ ଶ୍ରୀ ଦିଲ୍ଲୀପ କୁମାର ସିଂ ସମାଡି, ପାଇକଅମ୍ବି ଓ ଶ୍ରୀହରି ସିଂ ଅଛନ୍ତି । ଶ୍ରୀ ଦିଲ୍ଲୀପ କୁମାର ସିଂ ସମାଡିଙ୍କ ସାହିତ୍ୟ କୃତି ମଧ୍ୟରେ-

୧) ଅଣେ ପିନ୍ତାର, ୨) ରାସ୍କା, ୩) ଅଣେ ଗାଲାଂ, ୪) ଏଲା ସାର୍ଣ୍ଣା ସାକାମ୍, ୫) କାଜିଗେ ଦୁରାଂ, ମୁଣ୍ଡାରୀ ଜାଗାର୍ ଇତୁ , ୬) ସାଙ୍ଗାତ୍ , ୭) ତାୟମାକାନ୍ ହଲକଓ୍ୱା ତାପା ଜୁଇ (ଗଳ୍ପ), ୮) ସମାଏରେନ୍ ଜବରାଃ (ଉପନ୍ୟାସ), ୯) ଅଣେ ଝମ୍ପାଂ, ୧୦) ଅଣେ ଥମ୍ବେ, ୧୧) ଅଣେ ୧୪୧, ୧୨) ଦୁରାଂସୁକୁ ।

Digitized by srujanika@gmail.com

ଶ୍ରୀହରି ସିଂ ଝାଡଗ୍ରାମରେ ବର୍ତ୍ତମାନ ରହୁଛନ୍ତି । ସେ ଜଣେ ସମାଜସେବୀ ଅଟନ୍ତି । ମୁଣ୍ଡା ସମାଜର ଭାଷା, ସଂସ୍କୃତିର ସେବା କରିବା ସମୟରେ ମୁଣ୍ଡା ଭାଷା ଓ ସଂସ୍କୃତିର ସଂସ୍କାର ନିମନ୍ତେ ସେ ନିମ୍ନଲିଖିତ ମୁଣ୍ଡାରୀ ପୁସ୍ତକଗୁଡ଼ିକ ବଙ୍ଗଳା ଲିପିରେ ମୁଣ୍ଡାରୀ ଭାଷାରେ ଲେଖିଛନ୍ତି । ସେଗୁଡ଼ିକ ହେଲା- ୧) ଦୁରାଂ କାନ୍‌ଜି (କବିତା), ମୁଣ୍ଡାରୀ ସାସାଂକିର୍ ଏବଂ ଆହୁରି ଅନେକ ପାଣ୍ଡୁ ଲିପିମାନ ତାଙ୍କ ପାଖରେ ରହିଥିବାର ସୂଚନା ଦେଇଛନ୍ତି । ସେ ବର୍ତ୍ତମାନ ପାରାଲିସିସ୍ ରୋଗରେ ଆକ୍ରାନ୍ତ ହୋଇଥିବାରୁ ଆଉ ଅଧିକ ଲେଖି ପାରୁନାହାନ୍ତି ଏବଂ ଅସ୍ପଷ୍ଟ ସ୍ୱରରେ କଥାବାର୍ତ୍ତା କରୁଛନ୍ତି ।

ତା୨୮।୦୪।୨୦୧୩ ଏବଂ ତା୨୯।୦୪।୨୦୧୩ରେ ଅନୁଷ୍ଠିତ ନ୍ୟାସନାଲ୍ ମୁଣ୍ଡା କନ୍‌ଫାରେନ୍‌ସ୍ ରାଞ୍ଚିରେ ଯୋଗ ଦେବାପରେ ଜଣାଗଲା ଯେ କର୍ଣ୍ଣାଟକ, ଛତିଶଗଡ ଏବଂ ଆସାମରେ ଥିବା ମୁଣ୍ଡାମାନେ ଏପର୍ଯ୍ୟନ୍ତ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରି ପାରିନାହାନ୍ତି । କେବଳ ପୂର୍ବପୁରୁଷମାନଙ୍କ ଦ୍ୱାରା ପ୍ରଚଳିତ କେତେକ ମୁଣ୍ଡା ସଂସ୍କୃତିକୁ ଅବକ୍ଷୟ ଭାବେ ଧରି ବଞ୍ଚାଇ ରଖିଛନ୍ତି । ଆସାମରେ ଥିବା ମୁଣ୍ଡାମାନେ ନିଜ ନିଜ ମାତୃଭାଷାକୁ କଥାବାର୍ତ୍ତା କରି ବଞ୍ଚାଇ ରଖିଛନ୍ତି । ଆସାମର ତିନିସୁକିଆରେ ଥିବା ମାନ୍ୟବର ବିଧାୟକ ଶ୍ରୀ ଏତୁଆ ମୁଣ୍ଡା ଡେବରାଙ୍କ ଠାରୁ ପ୍ରାପ୍ତ ବିବରଣୀରୁ ଜଣାପଡ଼ିଛି । ପୁନଶ୍ଚ ଆଣ୍ଡାମାନ୍ ନିକୋବରରେ ଥିବା ମୁଣ୍ଡାମାନଙ୍କ ବିଷୟରେ ସଠିକ୍ ତଥ୍ୟ ନ ମିଳିଲେ ମଧ୍ୟ ସେମାନେ ଇଂରେଜମାନଙ୍କ ଦ୍ୱାରା ଦଣ୍ଡିତ ହୋଇ ଆଜୀବନ କାରାଦଣ୍ଡ ଭୋଗ କଲାପରେ ମୁଣ୍ଡା ବସତି ସ୍ଥାପନ କରିଥିବାର ସୂଚନା ନାଉପାଳ(ମୟୂରଭଞ୍ଜ ଜିଲ୍ଲାର) ଗ୍ରାମବାସୀ ଠାରୁ ମିଳିଛି ।

A Brief History of Mundari Literature that; in 1938, 1939 and also in 1940 and 1941 Mundari Folk songs collected and published by W. G. Archer and Dr. S. C. Roy in Ranchi.

Digitized by srujanika@gmail.com

In Orissa in 1952 a Mundari poetry book was published by Late Keshav Chandra Singh and Late Madhusudhan of Khadiabasa and Govarasole of District Mayurbhanj.

Then after the formation of Mundari Samaj Sanwar Jamda in 1969; Shridhar Singh Birgam and Late Kartik Chandra Singh(Gandua) of Kaliapada and Jambani started writing and printing. Subsequently they published the own Mundari poetry books. They published the Mundari poetry books and many essay, story books in Mundari Language and in Oriya Language by the help of Oriya script. During this period from 1976 to 2013 many Mundari books were published in Oriya, English, Bengali, Hindi and in Mundari Language and in Munda script. Late Keshav Chandra Singh and Late Madhusudan Singh are the 'First Mundari Poets' in Orissa state. No printing book in Mundari Literature(Janagar) was seen and available before this publication. (S.S. Birgam)

ଅନ୍ୟାନ୍ୟ ସାହିତ୍ୟ ପରି ମୁଣ୍ଡାରୀ ଭାଷାରେ ଥିବା ସାହିତ୍ୟକୁ ସାଧାରଣତଃ ନିମ୍ନ ପ୍ରକାରରେ ବିଭକ୍ତ କରାଯାଇପାରେ ।

ଯଥା: ୧) ଗଦ୍ୟ ସାହିତ୍ୟ, ୨) କବିତା (ପଦ୍ୟ) ସାହିତ୍ୟ ।

ଗଦ୍ୟ ସାହିତ୍ୟ କହିଲେ ଆମେ ବୁଝିଥାଉଁ, ଗଦ୍ୟରେ ଲେଖା ବିଭିନ୍ନ ଗଳ୍ପ, ପ୍ରବନ୍ଧ, ଏକାଙ୍କିକା, ନାଟକ ଇତ୍ୟାଦି ଏବଂ କବିତା ସାହିତ୍ୟ କହିଲେ ବିଭିନ୍ନ କବିତା, ସଙ୍ଗୀତ ଆଦିକୁ ବୁଝାଏ । ମୁଣ୍ଡାରୀ ଭାଷାରେ ଗଦ୍ୟ ସାହିତ୍ୟକୁ

Digitized by srujanika@gmail.com

'ପାମୁଇଦି ଜାନାଗାର' ଏବଂ କବିତା ସାହିତ୍ୟକୁ 'ଗାମୁଇଦି ଜାନାଗାର' କୁହାଯାଏ । ମୁଣ୍ଡାରୀ ଗଦ୍ୟ ସାହିତ୍ୟରେ ଘୁଷୁରିଆର ଶ୍ରୀ ନନ୍ଦଲାଲ ସିଂହ, ଖଡମବେଡାର ଶ୍ରୀ ସୁକୁରାମ ମୁଣ୍ଡା, ମୁଚିଆସାହିର ୰ଶ୍ୟାମଚରଣ (ରିଲୁ) ସିଂ, ୰ରାଜାରାମ ସିଂ, ଶ୍ରୀ ରବୀନ୍ଦ୍ର ନାଥ ସିଂ (ବଡ କୁଚିଆମରା), ଶ୍ରୀ ଜୟରାମ ସିଂ (ଖାଣ୍ଡିଆ)ଙ୍କ ସ୍ଥାନ ଓ ସାହିତ୍ୟକୃତି ଉଲ୍ଲେଖ ଯୋଗ୍ୟ । ଏମାନଙ୍କ ଲିଖିତ ପ୍ରବନ୍ଧ, ଗଳ୍ପ ଓ ଏକାଙ୍କିକା ମାଧ୍ୟମରେ ମୁଣ୍ଡା ସମାଜକୁ ଶିକ୍ଷା, ସାମାଜିକ, ରାଜନୈତିକ ଓ ବ୍ୟକ୍ତିଗତ ଜୀବନରେ ସଚେତନତା ସୃଷ୍ଟି କରିବା, ଉନ୍ନତି ପଥରେ ଅଗ୍ରଗତି କରିବାରେ, ଆର୍ଥିକ ସଙ୍କଟକୁ ମୁକାବିଲା କରିବାରେ ନୂତନ ପ୍ରେରଣା ଓ ଦିଗଦର୍ଶନ ଦେଉଥିଲା ଏବଂ ମଧ୍ୟ ଦେବାରେ ସହାୟକ ହେଉଛି ।

ମୁଣ୍ଡାରୀ ନାଟକ (ମୁଣ୍ଡାରୀ ଚାଲିତା) ଲେଖିବାରେ ମୁଣ୍ଡା ସମାଜର ନାଟ୍ୟକାରମାନଙ୍କ ଭୂମିକା ମଧ୍ୟ ଅସ୍ୱୀକାର କରାଯାଇ ନପାରେ । ପ୍ରତ୍ୟକ୍ଷ ଭାବେ ନାଟକର ଦୃଶ୍ୟ, ମଞ୍ଚରେ ଦେଖିବା ପରେ ଦର୍ଶକ, ଦର୍ଶିକା ମନରେ ଏକ ଗଭୀର ଛାପ ପଡି ହୃଦୟରେ ଆଲୋଡନ ସୃଷ୍ଟି କରିଥାଏ । ସମାଜର କୁସଂସ୍କାର, ଅନ୍ଧବିଶ୍ୱାସକୁ ନାଟକ ମାଧ୍ୟମରେ ଦେଖିଲେ, ସମାଜରେ ତୁରନ୍ତ ପରିବର୍ତ୍ତନର ଶୁଭ ଶଙ୍ଖ ବାଜେ । ମୁଣ୍ଡା ସମାଜରେ ପ୍ରଦର୍ଶିତ ସଫଳ ନାଟକଗୁଡ଼ିକ ହେଲା- ଶ୍ରୀ ଶିବନାରାୟଣ (ଶିଙ୍ଗିରାୟ) ସିଂହଙ୍କର ୧) 'କନେଆଁ ମା'(୧୯୬୬), ୨) 'ଜୀବନ ସୁଙ୍ଗୁତି' (୧୯୭୦), ୩) 'କାଃ ଲେଲଃ ମାନ୍‌ମୀ' (୧୯୭୨), ଶ୍ରୀ ନନ୍ଦଲାଲ ସିଂହ ଘୁଷୁରିଆ, ଚକରାପାଳର ଶ୍ରୀ ଅଭିରାମ ସିଂ, ଶ୍ରୀ ଦଶରଥ ସିଂ, ଖଡିଆବସାର ଗୋପିନାଥ ସିଂ, ବଢେଇପଲାର ହରି ସିଂ, କମଳାଶୋଳର ମହାଦେବ ସିଂ, ଚକ୍ରାପାଳର ପ୍ରତାପ ଚନ୍ଦ୍ର ସିଂ ପ୍ରଭୃତି ମୁଣ୍ଡାରୀ ଭାଷା ସାହିତ୍ୟ, ସଂସ୍କୃତିର ବିକାଶ ନିମନ୍ତେ ବିଭିନ୍ନ ମୁଣ୍ଡାରୀ ଏକାଙ୍କିକା ଓ ନାଟକମାନ ରଚନା କରି ମଞ୍ଚରେ ପ୍ରଦର୍ଶନ କରି ଲୋକସଂସ୍କୃତି ଓ ସାମାଜିକ ପରମ୍ପରାକୁ ଉଜ୍ଜୀବିତ କରି ରଖିବାପାଇଁ ନାଟ୍ୟ ଜଗତରେ ଉଚ୍ଚକୋଟୀର ପଦକ୍ଷେପ

Digitized by srujanika@gmail.com

ନେଇଛନ୍ତି । ମୁଣ୍ଡାରୀ ଭାଷାର ନାଟକଗୁଡ଼ିକ ମଧ୍ୟରୁ ଏହି ନାଟକ ଖୁବ୍ ଖ୍ୟାତି ଓ ଲୋକପ୍ରିୟତା ଅର୍ଜନ କରିପାରିଛି । ଯଥା- ବରମପୁର ନିବାସୀ ଶ୍ରୀ ଅମୂଲ୍ୟ ଚରଣ ସିଂହଙ୍କର 'ହେଲେମ୍ ଜଆର' (୧୯୬୯), 'କୁଳିହନାଃ କାରସାଦି' (୧୯୭୫), 'ଅକୟାଃ ନାଚାର ହନ୍‌କଲା' (୧୯୮୪), 'ଶିଶିରକାଲି' (୧୯୮୫), ଅପେରା ଗୁରୁ ଶ୍ରୀ ଶିବନାରାୟଣ ସିଂହ, ସାକାଳିଆପଦାଙ୍କ ଦ୍ୱାରା ଲିଖିତ 'କନେଆଁ ମାଆ', 'ଜୀବନ ସୁଙ୍ଗୁତି', 'କାଃ ଲେଲଃ ମାନ୍‌ମୀ' । ପ୍ରଫେସର ସନାତନ ମୁଣ୍ଡାଙ୍କର 'ଟାକା ଗାଗାରା', 'ହାଗା ବିରାଦ୍', ୰ଶ୍ୟାମଚରଣ ସିଂହଙ୍କର 'ଟୁଆର୍ ହନ୍', 'ବାରିଆ ଝାନି', 'ବାରିଆ କିମିନ୍', 'ହାତୁ ଗରାମ୍', ଲାଲଗଞ୍ଜ ନିବାସୀ ୰ଗୋପିନାଥ ସିଂହଙ୍କର 'କର୍ମଧର୍ମ' (୧୯୭୫), 'ସସବଙ୍ଗା' (୧୯୭୭), 'ବାର ମାଣ୍ ହାସ' (୧୯୭୯), 'ମାରାଂ କିମିନ୍' (୧୯୮୦), 'ବିର୍ସା ମୁଣ୍ଡା' (୧୯୮୦), ଅସ୍ତଝରଣର ନାଟ୍ୟକାର ଓ କଳାକାର ଶ୍ରୀ ଦଶରଥ ସିଂହଙ୍କର ୧- 'ଆଂ ଯାନା ନିଦା କୁମୁ ଆଧାରେ', ୨- 'କୁମୁ ତାଇଯାନା ତାଲା ନିଦାରେ', ୩- 'ଆବୁ ଆଦିବାସୀ', ୪- 'କାଜି ଲେରେ ମୁରଚି ଲେକା', ୫- 'କାଜି କେରେ ବେଙ୍ଗାଲା ଲେକା', ୬- 'ହେମାଲ୍ ଉମ୍ବୁଲ୍', ୭- 'ଉକୁ ଦାନାଂ', ୮- 'ମସରା ମନେରେ ଅସ୍କରା ଉତୁଃ', ୯- 'ସାବୁର୍ ଜାନା ସିବିଲ୍ ନାତା', ୧୦- 'ହୟତେ ସୟା ତାନା', ୧୧- 'ଚକାଃ ମାୟାଁ ତେମ୍ ବୁଲ୍‌ତାନା', ୧୨- 'ଆମାଃ ସିବିଲ୍ ଜାଗାର୍‌ତେ', ୧୩- 'ଆମ୍‌କେଇଁ ସୁକୁଆମେଆ ମେନ୍ତେ', ଚକ୍ରାପାଲ୍ ନିବାସୀ ଯୁବ ନାଟ୍ୟକାର ଅଭିରାମ ସିଂହଙ୍କର ୧- 'ସାର୍‌ତେ ଗେନା ହିଞ୍ଜୁଲ୍ ବା' ହାଟିଆ ହାଟିଆତେ ଲାଉଓ୍ୱା ଗୁଲି ତାନା', ୨- 'ସାଙ୍ଗି ସଂସାର' । ମୁଣ୍ଡାରୀ ନାଟକର ବିକାଶରେ ଏଗୁଡ଼ିକ ଏକ ଏକ ମାଇଲ୍ ଖୁଣ୍ଟି ସଦୃଶ ଅଥବା ଅଥଳ ସମୁଦ୍ରଯାତ୍ରାର ଏଗୁଡ଼ିକ ହେଲା ଗୋଟିଏ ଗୋଟିଏ 'ବତୀଘର-ଆଲୋକ' ଅଟନ୍ତି ।

ପୁନଶ୍ଚ ପ୍ରବନ୍ଧ ସାହିତ୍ୟର ପରାଙ୍ଗ ପୁଷ୍ଟତା ପାଇଁ ପ୍ରାବନ୍ଧିକ ଭାବେ ଶ୍ରୀ ଗୌରହରି ସିଂହ, କାଳିଆପଦା ଓ ଶ୍ରୀଧର ସିଂହ, ଏହି ପୁସ୍ତକ ରଚୟିତାଙ୍କର

Digitized by srujanika@gmail.com

'ଆକାଲ୍ ଜୀଇ', 'ଜାମ୍‌ଡା ଇତିହାସ', 'ଆଦିବାସୀ ଭାଷା ମୁଣ୍ଡାରୀ', 'Mundas of Orissa', 'Mundari Song and Dance', 'ଅରଣ୍ୟର ଫୁଲ', 'A glimps on Tribals' 'ଦାରୋଗା ବାବୁ', ମୁଣ୍ଡାରୀ ଗଦ୍ୟ ସାହିତ୍ୟର ବିକାଶରେ ଏକ ଏକ ବତୀଘରର ଖୁଣ୍ଟି ସଦୃଶ। ଆଗାମୀପିଢି ପାଇଁ ଏଗୁଡ଼ିକ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରିବ।

ମୁଣ୍ଡା ସମାଜରେ ଥିବା କବି, ଲେଖକମାନେ ପରସ୍ପର ପ୍ରତି ଈର୍ଷାନ୍ୱିତ ନ ହୋଇ ମୁଣ୍ଡାରୀ ସାହିତ୍ୟର ବିକାଶରେ ବ୍ରତୀ ହେବା ଉଚିତ। ବିଭିନ୍ନ ଭାଷାର ସାହିତ୍ୟ ଅଧ୍ୟୟନ କରି ମୁଣ୍ଡାରୀ ସାହିତ୍ୟର ଚେତନା, ଶବ୍ଦ ସଂଯୋଜନା, ଶବ୍ଦବିନ୍ୟାସ, ଶବ୍ଦତତ୍ତ୍ୱ, ଅର୍ଥ, ସାନିତ୍ତ୍ୱ ଆଦି ବିଷୟରେ ଅଧିକ ଗବେଷଣା ଓ ଅନୁଧ୍ୟାନ କରିବା ବିଜ୍ଞତାର ପରିଚୟ ହେବ। ତେଣୁ କବିମାନଙ୍କୁ କୁହାଯାଇଛି-

ଆଇଁ ମାରାଂଆ ଆଇଁ ମାରାଂ ସାଲଟ ରେନ୍ ଜାଗଆଲୀ
ମେନ୍ତେ କା'କ ରେପେଣେ ତୀ'ରେ ମେନାଃ ତାରହଲୀ
କା'କ ମାନାତିଂ ଟେକେଟଣେ ସୁତୁଃ ତିୟାକ ମାରାଂ କାଲୀ
କା'କ ଏପେରାଂ ଅପଣେ ଅଲ୍‌ଗେ ଝୀ ଜୁଳି। (ଆଲଚି)

କବିତା କିମ୍ବା ସଙ୍ଗୀତ ହେଉଛି ସାହିତ୍ୟର ଅଙ୍ଗ ବା ଅଂଶ। କବିତା ବ୍ୟତିରେକ ସାହିତ୍ୟ ପୂର୍ଣ୍ଣାଙ୍ଗ ହୋଇ ନପାରେ। ସାହିତ୍ୟରେ ଗଦ୍ୟ ଓ କବିତା; ଦୁଇଟି ମୁଖ୍ୟ ବିଭାଗ ଅଟନ୍ତି। ଏହି ଦୁଇଟି ବିଭାଗ ହେଉଛି ସାହିତ୍ୟର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ମାନବ ସମାଜରେ ପୁରୁଷ ଓ ସ୍ତ୍ରୀର ଯେଉଁ ନିବିଡ଼ ସମ୍ପର୍କ; ସାହିତ୍ୟରେ ମଧ୍ୟ ଗଦ୍ୟ ଓ କବିତାର ସ୍ଥିତି ପ୍ରାୟ ସେହିପରି। ବିଶ୍ୱନାଥ କବିରାଜଙ୍କ ନିଜ ରଚିତ ସାହିତ୍ୟ ଦର୍ପଣରେ ଉଲ୍ଲେଖ କରିଛନ୍ତି- 'ବାକ୍ୟ ରସାତ୍ମକଂ କାବ୍ୟମ୍'। ପୁନଶ୍ଚ ଜଗନ୍ନାଥ କବିରାଜ 'ରସ ଗଙ୍ଗାଧର' ପୁସ୍ତକରେ ଲେଖିଛନ୍ତି- 'ରମଣୀୟାର୍ଥ ପ୍ରତିପାଦକଃ ଶବ୍ଦ'।

ସୁତରାଂ ରସଯୁକ୍ତ ବାକ୍ୟକୁ ହିଁ କାବ୍ୟ ବା କବିତା କୁହାଯାଏ। କବିତାର ସଂଜ୍ଞା ନିରୁପଣ କରିବାକୁ ଯାଇ St. Augustine ଥରେ କହିଥିଲେ- If

Digitized by srujanika@gmail.com

you do not ask me I know; If you ask me I know not. ମୋତେ ଯଦି ନ ପଚରାଯାଏ ତେବେ କବିତା କ'ଣ ମୋତେ ଜଣାଅଛି; ଆଉ କବିତା କଅଣ ବୋଲି ମୋତେ କେହି ପ୍ରଶ୍ନ କରେ; ତେବେ ମୁଁ କହିବି ମୋତେ ଜଣାନାହିଁ। କବିତାର ସଠିକ୍ ସଂଜ୍ଞା ନିର୍ଣ୍ଣୟ କରିବା ଏକ ଜଟିଳ କଷ୍ଟସାଧ୍ୟ ବ୍ୟାପାର, ତାଙ୍କର ଏହି ଉକ୍ତିରୁ ଅତି ସ୍ପଷ୍ଟ ଜଣାପଡ଼େ।

'ଭାଷା, ଭାବ, କଳ୍ପନା ଆବେଗ ଆନନ୍ଦ ଯନ୍ତ୍ରଣା, ଚିତ୍ର କଳ୍ପ, ବ୍ୟଞ୍ଜନା, ସଞ୍ଜମ ଓ ଛନ୍ଦୋବିନ୍ୟାସ ଏହି ଦଶଟି ଉପାଦାନକୁ ନେଇ କବିତାର ସୃଷ୍ଟି।' କାରଣ କବିତା ହେଉଛି ହୃଦୟର ଅଭିବ୍ୟକ୍ତ, ଅନୁଭବର ବସ୍ତୁ, ଯାହା ସଂଜ୍ଞା ନିଜର ବୁଦ୍ଧି, ବିଦ୍ୟା, ଜ୍ଞାନ, ବିନିଯୋଗ କରି ସଠିକ୍ ଭାବରେ ବର୍ଣ୍ଣନା କରିବା ସବୁବେଳେ ସହଜ ନୁହେଁ। ସଂପ୍ରତି ସାହିତ୍ୟର କବିତା ଜଗତରେ ପ୍ରାଚୀନ ଛନ୍ଦ, ଅଳଙ୍କାର ବିଦାୟ ଦେଇ; ଆସିଛି କବିତାରେ ସ୍ୱଷ୍ଟ ଭାବ ସମ୍ପଦ ଆଧୁନିକ କବିତା ଆଧୁନିକ ନାରୀ ପରି ଅଳଙ୍କାର ବିହୀନ। ଆଜି ତା'ର ଲୋଡ଼ା ନାହିଁ ଅଳଙ୍କାର ନାହିଁ ଦାମୀଦାମୀ ଅଳଙ୍କାର ଓ ଶାଢ଼ି। ସାଧାସିଧା ଭାବରେ ସେ (ନାରୀ) ଚଳିବାକୁ ଶ୍ରେୟ ମନେକରେ। ଆଜିର କବିତା ଛନ୍ଦ ଅଳଙ୍କାର ନଥାଇ ମଧ୍ୟ ଭାବଗମ୍ଭୀର; ହୃଦୟସ୍ପର୍ଶୀ ମର୍ମର ବାଣୀରେ ଚିର ଶୋଭିତ। 'ସେଦିନର କବିତା ଥିଲା କେଉଁ ବିଳାସୀ ବଣିକର ସମ୍ଭୋଗ ସାମଗ୍ରୀ ଅବା କେଉଁ ସୁଖ ରାଜପୁତ୍ର ସଭାପଣ୍ଡିତର ଚାଟୁବାଣୀ; ଆଜିର ସେ କବିତା ହେଲା ମେହେନତି ମଣିଷ ହାତରେ ହତିଆର।' (ବିଭୁତି ପଟ୍ଟନାୟକ)

ତେଣୁ ସାହିତ୍ୟ କହିଲେ ବୁଝିବାକୁ ହେବ। Longinusଙ୍କ ଭାଷାରେ- Judgement of literature is the final fruit of ripe experience. ପରିପକ୍ୱ ଅଭିଜ୍ଞତାର ନିର୍ଯ୍ୟାସ ଫଳକୁ ଚୂଡ଼ାନ୍ତ ଭାବେ ସାହିତ୍ୟ କୁହାଯାଏ। 'ସାହିତ୍ୟର ବ୍ୟୁତ୍ପତ୍ତି ଗତ ଅର୍ଥ ହେଉଛି ହିତ ସହିତ ବର୍ତ୍ତମାନ ଅଥବା ସହିତର ଭାବ ସାହିତ୍ୟ। ଯାହା ନିଜର ତଥା ମାନବ ସମାଜର ହିତ ସାଧନ କରେ ଏବଂ ମାନବ ସମାଜକୁ ଏକ ସୁନ୍ଦର,

Digitized by srujanika@gmail.com

ଶୃଙ୍ଖଳିତ ଆନନ୍ଦମୟ ଜୀବନଯାପନ କରିବାରେ ସହାୟକ ହୁଏ। ସାହିତ୍ୟ ହେଉଛି ସମାଜର ଏକ ବିରାଟ 'ହଯବରଲ' (Abdacadabra)।' ଏହାର ସଠିକ୍ ଓ ସମ୍ପୂର୍ଣ୍ଣ ସଂଜ୍ଞା ଓ ସ୍ୱରୂପ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ସେଥିପାଇଁ କୁହାଯାଉ ପୃଥିବୀର କୌଣସି ଲେଖକ ବା କବିଙ୍କର ସୃଷ୍ଟି ସଂପୂର୍ଣ୍ଣ ମୌଳିକ ବା ନିଜସ୍ୱ କୁହାଯାଇ ନପାରେ। କବି ବା ଲେଖକମାନେ ଯେତେବେଳେ କୌଣସି ବିଷୟରେ ଲେଖିବାକୁ ବସନ୍ତି ସେମାନେ ନିଜ ହୃଦୟର ମୌଳିକ ଚିନ୍ତା ବୋଲି ଅଭିହିତ କରିପାରିବେ ନାହିଁ। T.S. Eliotଙ୍କ ଭାଷାରେ କହିଲେ- No author is absolutely original in the world when he sits down to write; the circumstance enfluences him.

ସାହିତ୍ୟ ଓ କବିତାର ସଂଜ୍ଞା ସମ୍ବନ୍ଧରେ କିଞ୍ଚିତ ଜ୍ଞାନ ଆହୋରଣ କଲାପରେ ବର୍ତ୍ତମାନ ଲେଖିବାକୁ ଯାଉଥିବା 'ମୁଣ୍ଡା ବା ଭୂମିଜ' ସଂପ୍ରଦାୟର ସାହିତ୍ୟର ସଂପର୍କରେ ଆଲୋଚନା କରିବା।

ମୁଣ୍ଡାରୀ ଭାଷାରେ ବହୁ ଅଲିଖିତ ଗୀତ, ସଙ୍ଗୀତ ବା କବିତାମାନ ସମାଜରେ ରହିଛି। ଅଲିଖିତ କବିତାଗୁଡ଼ିକ ଜନମୁଖରେ ହିଁ ବଞ୍ଚି ରହିଛି। ସାଧାରଣତଃ ଲୋକଗୀତ ଆକାରରେ ସମାଜରେ ଦୀର୍ଘଦିନ ଧରି ବଞ୍ଚି ରହି ମୁଣ୍ଡାଜାତି ଓ ମୁଣ୍ଡାରୀ ଭାଷାର ସ୍ଥିତିକୁ ଚିରଜୀବି କରି ବଞ୍ଚାଇ ରଖିଛି। ଯାହା ଲୋକମାନଙ୍କର ମନୋରଞ୍ଜନ, ସମାଜରେ ଚଳିବାପାଇଁ ହିତୋପଦେଶ, ପରାମର୍ଶ ଭାବେ ରହିଛି। ବିପଦ ଆପଦରେ ସେଗୁଡ଼ିକ ମନରେ ସାହସ ଦେଇଥାଏ। ଗୋଟିଏ ଅଲିଖିତ ଓ ଲିଖିତ କବିତାଗୁଡ଼ିକ ଲୋକମାନଙ୍କୁ ଗୀତ ଓ ସଙ୍ଗୀତ ଓ ବିଭିନ୍ନ ଲେଖା ମାଧ୍ୟମରେ ସଚେତନ, ମନୋରଞ୍ଜନ, ସମୟ ଉପଯୋଗୀ ମୂଲ୍ୟବାନ ଶ୍ଳୋକ, ଢଗଢମାଳି ପ୍ରବାଦ ଅନୁସାରେ ପରିବେଷଣ କରାଯାଏ। ମୁଣ୍ଡାରୀ କବିତାଗୁଡ଼ିକ ନିମ୍ନ ପ୍ରକାରରେ ବିଭକ୍ତ କରାଯାଇଛି।

Digitized by srujanika@gmail.com

ମୁଣ୍ଡାରୀ ସଙ୍ଗୀତ ବା କବିତା

୧. କାରାମ୍	୨. ଯାଦୁର୍
୩. ସହରାଇ/ଜାହାଲି	୪. ଜାରଗା
୫. ଦାସାଇଁ	୬. ଜରାପି
୭. ରାଚା	୮. ଜାପି
୯. ଝାରନୀ	୧୦. ହାଙ୍କାର୍
୧୧. ଆଣାନ୍ଦୀ	୧୨. ଝୁମର
୧୩. କାଇପି / କାଇପାଳି	୧୪. କାଜିଗେ ଦୁରାଂ

ପୁନଶ୍ଚ ମୁଣ୍ଡା ସମାଜର ସମସ୍ତ ନୃତ୍ୟକୁ ୬ ଭାଗରେ ବା ପ୍ରକାରେ ରହିଛି । ଯଥା- ୧) କାରାମ୍ ସୁସୁନ୍, ୨) ଯାଦୁର୍ ସୁସୁନ୍, ୩) ଛଉ ସୁସୁନ୍, ୪) ଝୁମର୍ ସୁସୁନ୍, ୫) କାଇପି ସୁସୁନ୍, ୬) କାଠି ସୁସୁନ୍ ।

କାରାମ୍ ବା କରମ୍ ପୂଜା ଅନୁଷ୍ଠିତ ହେଲାପରେ ସେହି ରାତ୍ରିରେ କରମ୍ ନୃତ୍ୟ ମହାସମାରୋହରେ କରାଯାଏ । ନୃତ୍ୟ ସମୟରେ ବିଭିନ୍ନ ଗ୍ରାମରୁ ଆସିଥିବା ବ୍ୟକ୍ତିଗଣ କରମ ଗୀତ ଗାଆନ୍ତି ଏବଂ ଯୁବତୀ ଓ ମହିଳାମାନେ ନୃତ୍ୟ କରନ୍ତି । ଯୁବକ ଯୁବତୀ ଏକତ୍ର ଗୋଟିଏ ଆଖଡାରେ ନାଚନ୍ତି ସତ; ପୁରୁଷ ଓ ମହିଳା ପରସ୍ପର ହାତ ଧରି ନାଚନ୍ତି ନାହିଁ । କେବଳ ଯୁବତୀମାନେ ପରସ୍ପର ହାତ ଛନ୍ଦାଛନ୍ଦି ହୋଇ ନାଚନ୍ତି । ଝାରଖଣ୍ଡର ରାଞ୍ଚି, ଖୁଣ୍ଟି, ବୁଣ୍ଡୁ, ତାମାଡା, ଓଡିଶାର ସୁନ୍ଦରଗଡ ଜିଲ୍ଲା ପ୍ରଭୃତି ଗାଁ ଗୁଡ଼ିକରେ ମହିଳାମାନେ ପରସ୍ପର ପଛପଟେ ହାତ ଧରି ନୃତ୍ୟ କରନ୍ତି । ଏହି ନୃତ୍ୟ ସମୟରେ କରମ ଗୀତର ବିଭିନ୍ନ ରାଗ ଲହସୁଆ, ଖେମ୍‌ଟା, ଗାଢୁଆ, ଏକତାଳି, ବୁରୁଟାଣ୍ଡିଆ, ଛଲକୁୱା, ଆଡଛଲକୁୱା, ଝିଙ୍ଗାଫୁଲିଆ, ଲହରିଆ ଆଦି ଗୀତ ଓ ସ୍ୱରରେ ଗାଆନ୍ତି । ଏହି ନୃତ୍ୟ ସମୟ ଆଖଡାରେ ଢୁଲ, ଦୁମାଂ (ମାଦଳ), ଢୁଲକୀ, ନାଗରା, ଚଡକା ଆଦି ବାଦ୍ୟ ବାଜେ । ଓଡିଶାର ମୟୂରଭଞ୍ଜ, ବାଲେଶ୍ୱର ଓ ପଶ୍ଚିମବଙ୍ଗଳାର ମେଦିନୀପୁର, ପୁରୁଲିଆ, ଚବିଶପ୍ରଗନାରେ ଥିବା

Digitized by srujanika@gmail.com

ମୁଣ୍ଡାମାନେ ସ୍ୱତନ୍ତ ଭାବେ ମାଦଳ ବ୍ୟବହାର କରନ୍ତି । ନୃତ୍ୟ ସମୟରେ ମାଦଳ (ଦୁମାଂ) ବ୍ୟବହାର କରିବାର ଅୟମାରମ୍ଭ ହୋଇଛି । ୧୫୧୦ ଖ୍ରୀ.ରେ ଯେତେବେଳେ ଶ୍ରୀଚୈତନ୍ୟ ଓ ତାଙ୍କ ଶିଷ୍ୟମାନେ ରାମନ ଦାସ, ବିନୋଦ ଦାସ, ବୃଜୁ ଦାସ, ମଙ୍ଗଲ ସିଂ ପ୍ରଭୃତି ବୈଷ୍ଣବ ଧର୍ମର ପ୍ରଚାର କରିବା ସମୟରେ ସଂକୀର୍ତ୍ତନ ବାଜା 'ମୃଦଙ୍ଗ, ଖୁଳି, କବ୍‌ଜୀ, ଗିନି'ର ବ୍ୟବହାର କରୁଥିଲେ । ମୁଣ୍ଡା ସମାଜରେ ଏହି ଧର୍ମର ପ୍ରଚାର କରିବା ଉଦ୍ଦେଶ୍ୟରେ ମୃଦଙ୍ଗ, ଖୋଳ ବାଦ୍ୟରୁ ମୁଣ୍ଡାମାନେ ନିଜସ୍ୱ ବାଜା 'ମାଦଳ (ଦୁମାଂ)'ର ବ୍ୟବହାର ପ୍ରଚଳନ କରିଥିବାର ଶ୍ରୁତିଗୋଚର ହୁଏ । ଏତଦ୍ ବ୍ୟତୀତ ନୃତ୍ୟ ଆଖାଡାରେ ବଂଶୀ, କେନ୍ଦରା, ଖଞ୍ଜୁରୀର ମଧ୍ୟ ସଂପ୍ରତି ଦେଖା ଯାଉଛି । ମୁଣ୍ଡାରୀ ସଙ୍ଗୀତର ତାଳ ହିସାବରେ ଖେମ୍‌ଟା, ଗାଢୁଆ, ଛଲକୁଓ୍ୱା, ବୁରୁଟାଣ୍ଡିଆ, ଏକତାଳିଆ ଆଦି ସ୍ୱର, ତାଳ, ଲୟ (ରେସ୍, ଖଦ୍, ଲୁକ୍) ମାଧ୍ୟମରେ ନୃତ୍ୟ ଝଲସି ଉଠେ । ମୁଣ୍ଡାମାନଙ୍କ ନୃତ୍ୟ ଆଖଡାରେ ଧନୀ, ଗରିବ, ଶିକ୍ଷିତ, ଅଶିକ୍ଷିତ ସମସ୍ତଙ୍କର ସମାନ ଅଧିକାର ରହିଛି । ଏଠାରେ ନାହିଁ ଧନର ମୋହ, ଗର୍ବ, ଅହଙ୍କାର, ବଡିମା, ସାନ ବଡ଼ର ବିଭେଦ, କଳା ଗୋରାର ପ୍ରଭେଦ, ସମସ୍ତେ ସମାନ । ସମସ୍ତେ ନୃତ୍ୟରେ ତାଳେ ତାଳେ ଝୁମି ଉଠନ୍ତି । ଆଖାଡାରେ ଆବାଳ ବୃଦ୍ଧବନିତା ସମାନ ।

କାରାମ୍ ବଙ୍ଗା ଓ ନୃତ୍ୟର କିମ୍ବଦନ୍ତୀ

କରମ ପୂଜା ପୃଷ୍ଠଭୂମି:

ଆର୍ଯ୍ୟମାନଙ୍କର ଭାରତକୁ ଆଗମନ କରିବାର ବହୁ ବର୍ଷ ପୂର୍ବେ ଆଦିବାସୀ ଜନଜାତିମାନେ ଏଠାରେ ରହିଛନ୍ତି ଏବଂ ପୂର୍ବ କାଳରେ ମୁଣ୍ଡା ସମାଜର ପୁଇତୁ ହାଲାମ୍ (ଆଦି ପୁରୁଷ) ଓ ପୁଇତୁ ବୁଡୀ (ଆଦି ନାରୀ) ଦମ୍ପତି ବାସ କରୁଥିଲେ । ଏହି ସମୟରେ ପୁଇତୁ ହାଲାମ୍ ଜଙ୍ଗଲରେ ଥିବା ଗୋଟିଏ କଇମ ବୃକ୍ଷ (କାରାମ୍ ଦାରୁ) କୋରଡରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ରଖି ଭକ୍ତି ସହକାରେ ମନପ୍ରାଣ ଦେଇ ପୂଜା ଓ ଆରାଧନା

Digitized by srujanika@gmail.com

କରୁଥିଲେ। ଏହିପରି ଅନେକ ବର୍ଷ ଅତିବାହିତ ହୋଇଯିବା ଭିତରେ ବୃଦ୍ଧ ଜଣଙ୍କର ମୃତ୍ୟୁ ହେଲା।

ତା'ପରେ ତା' ପୁତ୍ର ମଧ୍ୟ ସେହି କଇମ ବୃକ୍ଷ କୋରଡରେ ଥିବା ତିନି ଠାକୁରଙ୍କୁ ନିଜ ପିତାଙ୍କ ଭଳି ପୂଜା ଆରାଧନା କଲା। ଏହିପରି ପୂଜା କରୁ କରୁ ଅନେକ ବର୍ଷ ବିତିଗଲା। ପୁଅ ମଧ୍ୟ ବୁଢା ହୋଇଗଲାଣି। କାଳର କରାଳ ଗତି ଭିତରେ ସେହି ବୁଢା ପୁଅ ମଧ୍ୟ ମୃତ୍ୟୁବରଣ କଲା। ପୁଣି ତା'ପରେ ପୁଅ ଅର୍ଥାତ୍ ନାତି ଖୋଜି ଖୋଜି ସେହି ତିନି ଠାକୁରଙ୍କୁ ପୂର୍ବବତ୍ ପୂଜା କରି ଚାଲିଲା। ଏହି ସମୟ ମଧ୍ୟରେ ସେହି କୋରଡ ଥିବା ବହୁ ପୁରୁଣା କଇମ ବୃକ୍ଷଟି ମରିଗଲା।

ତା'ପରେ ସେହି ପୁତ୍ର(ନାତି) ପୂର୍ବବତ୍ ପୂଜା କରୁ କରୁ ଦିନେ ତିନି ଠାକୁର ଅଦୃଶ୍ୟ ହୋଇଗଲେ ଏବଂ ତା' ପରେ ପରେ ତିନି ଠାକୁରଙ୍କୁ ନାତି ବହୁତ ଖୋଜାଖୋଜି କରି ଶେଷରେ ନିରାଶ ହେଲା। ଶେଷରେ ସ୍ଥିର କଲା ଯେ, ସେହି ତିନି ଠାକୁରଙ୍କ ପ୍ରତି ବଦଳରେ ଆଉ ସେ ସ୍ଥାନକୁ ପୂଜା କରିବା ପାଇଁ ଯିବ ନାହିଁ। ସେ ସେହି କଇମ ଗଛର ଖଣ୍ଡେ ଡାଳ ଆଣି ଘରେ ରଖି ପୂଜାରମ୍ଭ କରିବ। ଏମିତି କିଛି ବର୍ଷ ଗଲା ପରେ ହଠାତ୍ ତା' ମନ ମଧ୍ୟରେ ଦୈନନ୍ଦିନ ପୂଜା କାର୍ଯ୍ୟ ସଂପାଦନ ପାଇଁ ଅକ୍ଷମ ହେଲା। ସେହି ନାତି ମଧ୍ୟ ବୁଢା ହୋଇ ମରିଗଲା। ତା' ପରବର୍ତ୍ତୀ ପିଢିର ପୁଅ (ଅଣନାତି) ସ୍ଥିର କଲା ଯେ ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ସେ ଠାକୁରମାନଙ୍କୁ ପୂଜା କରିବ।

ତା' ପରବର୍ଷ ଠାରୁ ବର୍ଷର ଭାଦ୍ରବ ମାସ ଶୁକ୍ଳ ପକ୍ଷ ବାମନ ଜନ୍ମ ଏକାଦଶୀ ତିଥିରେ ଗ୍ରାମରେ ଥିବା ଅବିବାହିତ ଝିଅମାନଙ୍କୁ ନେଇ ଜଙ୍ଗଲରେ ଥିବା କଇମ ଗଛର ଖଣ୍ଡେ ଡାଳ କିମ୍ବା ଛୋଟ କଇମ ଗଛକୁ ଆମନ୍ତ୍ରଣ କରି ତିନି ଠାକୁରଙ୍କ ପ୍ରତିବଦଳରେ ଆଣି ନିଜ ଗୃହ ଅଗଣାରେ ପୂଜା କଲା। ସେହିଦିନ ଠାରୁ କଇମ ଗଛର ଡାଳ ଖଣ୍ଡେ କିମ୍ବା ଛୋଟ ଗଛ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ନିଜ ଅଗଣାରେ

Digitized by srujanika@gmail.com

କଇମ ଗଛ/ଡାଳ ପୋତି କାରାମ୍ ବଙ୍ଗାର ପ୍ରଚଳନ କରିଥିଲା ଏବଂ ସେହିଦିନ ଠାରୁ ମୁଣ୍ଡା ସମାଜରେ କରମ ପୂଜା ଓ ନୃତ୍ୟ ଆରମ୍ଭ ହୋଇ ଅଦ୍ୟାବଧି ସମାଜରେ ପ୍ରଚଳିତ ।

ସେହି କଇମ ଡାଳ/ଗଛକୁ ପରବର୍ତ୍ତୀ ସମୟରେ ଶିବ, ପାର୍ବତୀ ମଧ ମାନବ ପରି ପୂଜା କରୁଥିଲେ । ସେହି ସୃଷ୍ଟିକର୍ତ୍ତା ପରମବ୍ରହ୍ମ ପରମେଶ୍ୱରଙ୍କୁ ଆରାଧନା କରି ପୂଜା କରୁଥିଲେ । ସେହି କରମ ପୂଜାରେ କାରାମ୍ ନାଚ ହୁଏ । କିମ୍ବଦନ୍ତୀ ଓ ବିଭିନ୍ନ ଲୋକଗୀତରୁ ଜଣାଯାଏ ଦ୍ୱାପର ଯୁଗରେ ମଧ ଶ୍ରୀକୃଷ୍ଣ, ଗୋପୀମାନଙ୍କ ସହିତ ନୃତ୍ୟ କରୁଥିଲେ । ରାମାୟଣ, ମହାଭାରତରୁ ବହୁ ତଥ୍ୟ ଭିତ୍ତିକ ଲୋକଗୀତ ଓ କରମ ଗୀତ ମୁଣ୍ଡା ସମାଜରେ ରହିଛି । ତେଣୁ ମୁଣ୍ଡା ସମାଜର ଲୋକଗୀତ ଓ ସଂସ୍କୃତି ବହୁ ପ୍ରାଚୀନ । ଏହି ଲୋକଗୀତଗୁଡ଼ିକ ମୁଣ୍ଡା ସଂସ୍କୃତି, ପରମ୍ପରା ଏବଂ ଶାସ୍ତ୍ର ପୁରାଣର ବିଷୟବସ୍ତୁ ଉପରେ ଆଧାରିତ । ଏହି କାରାମ୍ ପୂଜା ଓ ନୃତ୍ୟ ପାଇଁ 'କାରାମ କାହାନୀ' ପୁସ୍ତକ ଅନୁଧ୍ୟାନ ଯୋଗ୍ୟ ।

ପ୍ରଚଳିତ କାରାମ ବଙ୍ଗା ଓ କାରମ୍ ସୁସୁନ୍ ପ୍ରାଚୀନ ପୂଜା ବିଧିବିଧାନ ଅନୁସାରେ ହେଉଅଛି । ଏହି କରମ ନୃତ୍ୟର ବିଭିନ୍ନ କାରାମ ଦୁରାଂ ଗୁଡିକ ଗାନ କରାଯାଏ । ତା' ପରବର୍ତ୍ତୀ ପୃଷ୍ଠାରେ ଆଲୋଚନା କରାଯାଇଛି ।

କାରାମ୍ ଦୁରାଂ

କରମ ନାଚରେ ଗାଉଥିବା 'କାରାମ୍ ଦୁରାଂ' ଗୁଡ଼ିକ ନିମ୍ନ ପ୍ରକାରରେ ବିଭକ୍ତ କରାଯାଇଛି । ୧) ଲହସୁଆ, ୨) ଖେମ୍‌ଟା, ୩) ଗାଢୁଆ, ୪) ଏକତାଳି, ୫) ବୁରୁଟାଣ୍ଡିଆ, ୬)ଛଲକୁଥ୍ୱା ।

ଏଥି ମଧ୍ୟରୁ ଛଲକୁଥ୍ୱା ସଙ୍ଗୀତ ପୁଣି ତିନି ଭାଗରେ କରାଯାଉଛି । ଯଥା- କ) ଝିଙ୍ଗାଫୁଲିଆ, ଖ) ଆଡ ଛଲକୁଥ୍ୱା, ଗ) ଲହରିଆ । ଏହି ସଙ୍ଗୀତ ଓ କବିତା ଗୁଡ଼ିକରେ ଶେଷାନ୍ତ/ଉପାନ୍ତ ଶବ୍ଦର ମେଳକ ପ୍ରାୟ ନଥାଏ । ଅନେକ କ୍ଷେତ୍ରରେ ଓ ସମୟରେ ଓଡିଆ ସାହିତ୍ୟ ପରି ଅମିତ୍ରାକ୍ଷରର

Digitized by srujanika@gmail.com

ଗୀତ ଗାନ କରି ମଧ ଗାୟକ/ଗାୟିକା ଓ ନୃତ୍ୟକାରିଣୀ ଗଣ ଆନନ୍ଦ ପାଆନ୍ତି । ତାଳ ଅନୁସାରେ ସଙ୍ଗୀତ ଗୁଞ୍ଜୁରି ଉଠେ । ସଙ୍ଗୀତରେ ସ୍ୱରର ପ୍ରାଧାନ୍ୟ ଦିଆଯାଉ ଥିବାବେଳେ ମୁଣ୍ଡାରୀ କବିତାରେ ଭାବର ପ୍ରାଧାନ୍ୟ ଦିଆଯାଏ । ମାଦଳ, ଢୁଲ ର ଧାତିଂ ତିର୍ ଧାନ୍ଦାଃ.... ଡିଗିଦା ଡିଡାଂ ଧାର୍ତ୍ତିର୍ , ଡିଗିଦା ଡିଡାଂ ଦାନ୍ଦାଃ, ରେଜାଲେ ଜାଡେଂ ତାଃ ତାଃ, ଜାଡେନା ଡିଜା ତା...ତା, ତାଳ(ଖଦ୍) Rythmରେ ନୃତ୍ୟ ମସ୍‌ଗୁଲ୍ ଚାଲେ । ମୁଣ୍ଡାରୀ ଭାଷାର ବିଭିନ୍ନ ସଙ୍ଗୀତ ଓ କବିତା ପରବର୍ତ୍ତୀ ସମୟରେ ଉଲ୍ଲେଖ କରାଯିବ । ମୁଣ୍ଡାରୀ ଭାଷାର ସାହିତ୍ୟର କବିତା ଓ ସଙ୍ଗୀତ ଅଲିଖିତ ଭାବେ 'ଲୋକଗୀତ'ରେ ମୁଣ୍ଡାମାନଙ୍କ ହୃଦୟରେ ବଞ୍ଚି ରହିଛି ।

ସଂପ୍ରତି ସ୍ନ ୧୯୫୨ ମସିହାରୁ ଛପାଯନ୍ତ୍ର ଯଥେଷ୍ଟ ପ୍ରସାର ଲାଭ କଲା ପରେ ମୁଣ୍ଡାରୀ ସାହିତ୍ୟ ବିକାଶର ଅଭ୍ୟୁଦୟ ଘଟିଛି । ସ୍ନ ୧୯୬୯ ମସିହା ଏପ୍ରିଲ୍ ମାସ ଠାରୁ ଏହି ଭାଷାର ଲିଖିତ, ପ୍ରବନ୍ଧ, ଗଳ୍ପ, କବିତା, ଗୀତ, ଢଗଢମାଳି, ପ୍ରବଚନ, ଶ୍ଲୋକ ଆଦି ପୁସ୍ତକ ଗୁଡ଼ିକରେ ଲିଖିତ ଭାବେ ଆତ୍ମପ୍ରକାଶ କରିଛି । ଅଲିଖିତ କବିତା ଆକାରରେ ଦୀର୍ଘଦିନ ବଞ୍ଚି ରହିଥିବା 'ଲୋକଗୀତ' ମଧ୍ୟରୁ କେତୋଟି ଏଠାରେ ଉଲ୍ଲେଖ କରାଯାଏ । ଅନେକ ଅଲିଖିତ ଗୀତ, ସଙ୍ଗୀତ, କବିତା ମୁଣ୍ଡାରୀ ସାହିତ୍ୟ ଜଗତରେ ଦୃଶ୍ୟମାନ ।

କ) ଜେଟେ ତାଦାଃ ଦାଃ ତାଦାଃ
ଗାଲିକ ଦକ ରିସୁଲି ତାଦା
ଏଲା ଜେଟେ ଏଲା ହିଜୁଃମେ; ଯୁଉ ଗାମା ଯୁଉ ସେନଃମେ
ତୁୟୁକ ଦକ ଆଣାନ୍ଦୀତାନା ବୁରୁ ଆତମ୍‌ରେ ।

ଖ) ମାର୍ ସିମ୍ ଜମ୍ ଜମ୍ ପେ
ବକବାୟା କିନ୍ ଆଣାନ୍ଦିନ୍ ତାନା ।

ଗ) ଅଟାଃ ତାଦ୍ ମାଡି ଚାଟୁ ଦ ସେତା ଲାପେଦେ, ଚାଟଲେ
ବାଗେ ତାଦ୍ ଅଲାଃ ରେ ଦ କୁମ୍ବୁଲ୍କ ଖୁଡିଲେ ।

Digitized by srujanika@gmail.com

ଘ) ନଷ୍ଟ ଚରିତ୍ରାର ସ୍ତ୍ରୀଲୋକ ପ୍ରତି ବ୍ୟଙ୍ଗୋକ୍ତି-

ମିର୍‌ଚା ମାଲାଂ ଚମ୍ପଲେ
ମ'ମଦ୍ ମଚାଏ ସମ୍ପଲେ।
ନାରେ ହାଣ୍ଡେ ସନ୍ଦଲେନ୍
କାମିକରେ ସାସାଲିନ୍।
ସେନ୍ ତାରେ ଚିଟାଲ୍ ଚଟଲ୍
ହାଟ୍ କରେ ସିର୍ପାଲ୍ ସର୍ପଲ୍।
ଜାଗାର୍ ତାନ୍‌ରେ ବକର୍ ବକର୍
ଦୁବାକାନ୍‌ରେ ଗେଜେର୍ ଗେଜେର୍।
ନୁଉ ତାରେ ବଜର୍ ବଜର୍
ଯତ କଲଃ ଅମେଏ ଟକର୍।

ଙ) ହୋ'ଅ ବାବୁ ହୋ ହାପେନ୍‌ମେ ଆମାଃ ମା' ଦ
ହାଇ ମେନ୍ତେ ତୁଣ୍ଡୁ ଅତା ତାଇ,
ହୋ'ଅ ବାବୁ ହୋ' ହାପେନ୍‌ମେ ଆମାଃ ମା' ଦ
ହାଇ ମେନ୍ତେ ଚକେ ରମ୍ପଦ୍ ତାଇ।

ଚ) ହୋ'ଅ ବୁଡି। ହୋ' ହାପେନ୍‌ମେ ଆମାଃ ଦାଦା ଦ
ସେନାକାନାଃ ମିଡି ଦିରିଂ କାକାର୍ କକର୍ ଆଉ,
ହୋ'ଅ ବୁଡି। ହୋ' ହାପେନ୍‌ମେ ଆମାଃ ଦାଇ ଦ
ସେନାକାନାଃ କୁବା ହାଲାମ୍ ନାଗେନ୍ ବୁଲୁଂ ଆଉ।

ଛ) ବୁରୁ ବି'ରେଇଁ ସେନ୍‌କେନା କୁଲାଇ ସେନ୍ଦେରା
ମେତାମ୍ କରକଟା ଜାନୁମ୍‌ରେଇଁ ବାକୁଃ ଯାନା
ବୁରୁ ବି'ରେଇଁ ସେନ୍‌କେନା ସାକାମ୍ ହେଃଏ ହେଃଏ
ମେତାମ୍ ସାକାମ୍ ସାଲା ସାଲାତେ; ସାଲା ବାଗେ ଯାନ୍
ହାଇରେ ହାଇ ଜାନ୍‌ତାହିରେଇଁ
ଲେକା ଲେକାତେ ଲେକା ବାଗେଯାନ୍

Digitized by srujanika@gmail.com

ମେତାମ୍ ଆଇଁ ଦରେ ଧାନ୍ଦା ଗିଡି ଯାନ୍
କୁଲାଇ ସେନ୍ଦେରା ସେନ୍ଦେରାନିଃ ଲଃ ଲିଂ ନାପାମ୍ ଯାନା
ମେତାମ୍ ମିଶା ମିଶାତେ; ଦାଇଗୋ ଲିଂ ହାଲାଗୁ ହିଜୁଃ ଯାନା ।

ଙ) ହାତୁ ମିଡି; ପିଳି ମିଡି ଘୁରବେ ହୋ
ଆଇଁ ଦଇଁ କୟଃ ତାନାଇଁ ମାଡି ଚାଉଲି କିନ୍ ନାପାମ୍‌ତାନା ।

ବି.ଦ୍ର.: ମାଡି ଚାଉଲି - ଅର୍ଥାତ୍ ଅଗମ୍ୟ ଗମନ କରୁଥିବା ଦୃଶ୍ୟ ଦେଖିବା କଥା କୁହାଯାଇଛି ।

ଝ) ମା’ ବାବୁ ମା’ ଗିତିଃମେ
ବୁସୁଃ ରେୟାଃ ଲେବେଃଏ ଗଦିରେ
ମା’ ଗିତିଃମେ ।

ଞ) ଏଲା ଦୁଲୁମ୍-ମସୀ ଏଲା ହିଜୁଃମେ
ଆଲେୟାଃ ବାବୁକେ କୟଂକାତେ
ଦୁଲୁମ୍ ତୁକାଃଇମେ ।

ଟ) ଏଲା ସୁଗି ! ଏଲା ହିଜୁଃମେ
ଆଲେୟାଃ ବାବୁକେ କୟଂକାତେ
ଦୁଲୁମ୍ ତୁକାଃଇମେ ।

ଠ) ଏଲା ସୁଗି ! ଏଲା ହିଜୁଃମେ
ଆଲେୟାଃ ବାବୁକେ ହାମ୍ବୁଦ୍ କାତେ
ଗିତିଃ ତୁକାଃଇମେ ।

ଡ) ଏଲା ସୁଗି ! ଏଲା ହିଜୁଃମେ
ଆଲେୟାଃ ବୁଡିକେ ତାପିଂ କାତେ
ଦୁଲୁମ୍ ତୁକାଃଇମେ ।

Digitized by srujanika@gmail.com

ଢ) ଏଲା ସୁଗି ! ଏଲା ହିଜୁଃମେ
ଆଲେୟାଃ ବୁଡିକେ ଗିମିଂ କାତେ
ଦୁଲୁମ୍ ତୁକାଃଇମେ ।

ଣ) ମା' ବାବୁ ମା' ଗିତିଃମେ
ଆଇଁଆଃ ଲେବେଃଏ କଲେରେ
ମା' ଗିତିଃମେ ।

ମାନବ ସମାଜର ଏହିପରି ଅନେକ ଅଲିଖିତ ଗୀତମାନ ରହିଛି । କବିମାନେ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ, ସଂସ୍କାରକ ଓ ମାନବ ସମାଜର କଲ୍ୟାଣକାରୀ; ସମାଜକୁ ଦିଗ୍‌ଦର୍ଶନ ଓ ଶୃଙ୍ଖଳିତ କରିବା ହେଉଛି କବିମାନଙ୍କର ଏକ ଗୁରୁଦାୟିତ୍ୱ । ସାଧାରଣ ମଣିଷର ଦୁଇ ନେତ୍ର ଥିବାବେଳେ କବିମାନଙ୍କର ଆଉ ଏକ ଅନ୍ତଃର୍ନୟନ ଥାଏ । ନିଜର ସୂକ୍ଷ୍ମ ଓ ଅନ୍ତଃର୍ଦୃଷ୍ଟି ବଳରେ କବି କଳ୍ପନା ବଳରେ ସେ ନିଷ୍ପ୍ରାଣ ବସ୍ତୁକୁ ପ୍ରାଣମୟ କରେ, ଶୂନ୍ୟ ଓ ମହାଶୂନ୍ୟରେ ଜୀବଜଗତର ସନ୍ଧାନ ଦିଏ; କଳ୍ପନା ଚକ୍ଷୁ ଓ ଅନ୍ତଃର୍ଦୃଷ୍ଟି ବଳରେ ନାମହୀନକୁ ନାମ ଦିଏ, ଏବଂ ଗନ୍ଧହୀନକୁ ସୁଗନ୍ଧିତ କରାଏ । ସାଧାରଣ ମଣିଷର ସେ ବନ୍ଧୁ, ଦାର୍ଶନିକ ଓ ତତ୍ତ୍ୱାବଧାରକ । 'ସାହିତ୍ୟରେ ସମାଜର ପ୍ରତିଛବି ପ୍ରତିଫଳିତ । ଏଣେ ସମାଜ ଓ ଜୀବନ ଗୋଟିଏ ସୂତ୍ରରେ ଗୁନ୍ଥା । ବହୁ ମନ, ବହୁ ଜନ ଓ ବହୁ ଅଭିଜ୍ଞତା ଓ ଘଟଣାବଳୀର ସମାବେଶରେ ସାହିତ୍ୟର ସୋଛଳ ବସ୍ତୁତଃ ସମାଜ ଓ ସାହିତ୍ୟର ସଂପର୍କ ଏକାନ୍ତ ନିବିଡ଼ ।'

ସେଥିପାଇଁ କବିମାନଙ୍କୁ କବି ସ୍ୱୟଂଭୂଃ ପରିଭୂଃ ଅର୍ଥାତ୍ ଏ ଜଗତରେ କବି ହେଉଛି ଦ୍ୱିତୀୟ ସ୍ରଷ୍ଟା ପୁରୁଷ । ସେ ସମାଜର ଉନ୍ନତି ସାଧନ ପାଇଁ ସମାଜ ସହିତ ନିଜକୁ ଏକୀଭୂତ କରିଦିଏ । ଆଉ ଏହି ଏକାତ୍ମ ଭାବରୁ ସୃଷ୍ଟି ହୁଏ ସାହିତ୍ୟରେ ସାମାଜିକ ଦାୟିତ୍ୱବୋଧ । ଦେଶ ତଥା ଜାତି ଓ ସମାଜ ପାଇଁ ସେ ସାଜେ ନୀଳକଣ୍ଠ । ଶିବଙ୍କ ପରି ହଳାହଳ ବିଷ ପାନ

Digitized by srujanika@gmail.com

କରି ଅମୃତର ବାରି ଧାରା ବର୍ଷଣ କରେ। ପୁନଶ୍ଚ କବିମାନଙ୍କ ଉଦ୍ଦେଶ୍ୟରେ ସଂସ୍କୃତରେ କୁହାଯାଇଛି-

ଅପାରେ କାବ୍ୟ ସଂସାରେ କବିରେବ ପ୍ରଜାପତିଃ
ଯଥାସ୍ମୈ ରୋଚତେ ବିଶ୍ୱଂ ତଥା ବିପରିବର୍ତ୍ତତେ।

ମୁଣ୍ଡାରୀ ସାହିତ୍ୟର ବିକାଶ କ୍ଷେତ୍ରରେ ଯେଉଁମାନେ ବିକାଶର ମଙ୍ଗ ଧରିଥିବା କାଣ୍ଡାରୀ ହେଉଛନ୍ତି ୰କାର୍ତ୍ତିକ ସିଂହ, ଶ୍ରୀଧର ସିଂହ, ଗୌରହରି ସିଂହ, କ୍ଷୀରମଣି ସିଂହ, ବୁଦ୍ଧିଆ ସିଂ, ୰ନରହରି ସିଂ, ଶ୍ରୀ କାଲାଚାନ୍ଦ ସିଂ, ଶ୍ରୀ ଗୁରେନ୍ଦ୍ର ନାଥ ସିଂ, ଶ୍ରୀ ବୁଧୁରାମ ସିଂ କାଣ୍ଡ୍ବୁ ପ୍ରଭୃତି ବିଭିନ୍ନ ଗଳ୍ପ, ପ୍ରବନ୍ଧ, ନାଟକ ଏକାଙ୍କିକା ଓ କବିତାମାନ ରଚନା କରି ମୁଣ୍ଡାରୀ ସାହିତ୍ୟର ବିକାଶ ଘଟାଇଛନ୍ତି।

୧) କାର୍ତ୍ତିକା ସିଂହ ସା: ଜାମ୍ବନୀ ଙ୍କର ଅଲ୍ବୁଲ୍, କାରାମ୍ ରାସେ ଦୁଇଟି କବିତା ସଂକଳନ। ଏଥିରେ ମୁଣ୍ଡା ସମାଜ ଶିକ୍ଷା, ଆର୍ଥିକ ସ୍ଥିତିର ଦୃଢତା, ଅନ୍ଧବିଶ୍ୱାସର ସଂସ୍କାର ଏବଂ ନିଶା ପାନରୁ ନିବୃତ୍ତ ରହିବା ମୁଣ୍ଡା ସମାଜ ଜନସାଧାରଣଙ୍କୁ ଉପଦେଶ, ପରାମର୍ଶ ଓ ଶିକ୍ଷା କରିବା ପାଇଁ ଆଗ୍ରହ, ଉଦ୍ଦୀପନା ସୃଷ୍ଟି କରାଯାଇଛି।

୨) ଶ୍ରୀ ଗୌରହରି ସିଂହ କାଳିଆପଦାଙ୍କ କବିତା ପୁସ୍ତକ ହେଉଛି 'ବିନ୍ତି'। ଏଥିରେ ରାଧାକୃଷ୍ଣ, ଶ୍ରୀରାମ ମହାପ୍ରଭୁଙ୍କ ପ୍ରେମରେ ମଜିବା ପାଇଁ ବିଭିନ୍ନ ଦେବଦେବୀଙ୍କ ଆରାଧନା କରାଯାଇଛି। ହରି ପ୍ରେମ ବା ଭକ୍ତି ପ୍ରେମରେ ଉଦ୍‌ଭାଷିତ ହେବାପାଇଁ କରମ ନାଚ ଗୀତରେ ଏହି ଭକ୍ତିରସର ଅବତାରଣା କରାଯାଇଛି। କବି ଗୌରହରି ସିଂହଙ୍କ କବିତାରେ-

ନେକାନ୍ ସମାଏ ହିଜାକାନା; ମୁରୁବିକ କାକ ଖାତିର୍ ତାନା
ତବେ-ଅହରେ-ମୁରୁବିକ ଜୀ'ଇରେ ଦୁକୁ ବଲ ତାନା
ଆୟାର୍ ତାୟମ୍ କାକ ଉଡୁଃତାନା। (ବିନ୍ତି)

Digitized by srujanika@gmail.com

ସେହି ଦୁଃଖରେ ଦୁଃଖିତ କବି ଶ୍ରୀଧର ସିଂ ଲେଖିଛନ୍ତି-

ନେକାନ୍ ଚଲନ୍ ଲେଲ୍‌ତେ
ଶ୍ରୀଧର ବାବୁ ଦୁକୁତାନାଃ ମନେତେ
ଦିକ୍‌ଦାର୍ କାତେ ତାୟୁଃତାନାଃ ଗିୟୁଃତେ
ସମାଜ କାଜି ହିୟାତିଂ ତାନାଃ ଢାଲାତେ। (ଇଚାଃ ବା'ଆ)

୩) ଶ୍ରୀମତୀ କ୍ଷୀରମଣି ସିଂହ ସା: ପାଟଶାଣୀପୁରର ସେ ଗୃହିଣୀ ତଥା ଶିକ୍ଷୟିତ୍ରୀ ଅଟନ୍ତି। କର୍ମକ୍ଲାନ୍ତ ଜୀବନ ଭାରସାମ୍ୟ ରଖି ନିଜର ତଥା ସମାଜର ସ୍ୱାର୍ଥ ରକ୍ଷା ନିମନ୍ତେ ସେ କବିତା ପୁସ୍ତକ "ତାସାଦ୍ ବା'ଆ" ଲେଖିଛନ୍ତି। ଏହି ପୁସ୍ତକର ନିଜର ଅତୀତ ସ୍ମୃତି ମନେପକାଇବା ସହିତ ଭବିଷ୍ୟତରେ କେମିତି ପିଲାମାନେ ପାଠପଢ଼ି ଶିକ୍ଷିତ ହେବେ ଏବଂ ପିତାମାତା, ଗୁରୁଜନମାନଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା ସହିତ ଏ ଶୃଙ୍ଖଳିତ ଜୀବନଯାପନ କରିବେ; ସେଥିପ୍ରତି ଦୃଷ୍ଟି କବିତା ପୁସ୍ତକଟି ରଚିତ।

୪) ଶ୍ରୀ ବୁଦ୍ଧିଆ ସିଂ ଗ୍ରାମ: ବଡସାହି(ଡାହିସାହି), ୰ନରହରି ସିଂ, ଶ୍ରୀ ନନ୍ଦଲାଲ ସିଂ, ଶ୍ରୀ କାଳାଚାନ୍ଦ ସିଂ, ଶ୍ରୀ ବୁଧୁରାମ ସିଂ କାଣ୍ଡୁ ଓ ଶ୍ରୀ ଗୁରେନ୍ଦ୍ର ନାଥ ସିଂ ସମସ୍ତେ ବିଭିନ୍ନ ସାହିତ୍ୟ ପତ୍ରିକାରେ ନିଜ ନିଜର ସ୍ୱଚିନ୍ତିତ ଭାବଧାରାରେ ସମାଜର ମଙ୍ଗଳ ନିମନ୍ତେ, ସମାଜକୁ ଜାଗ୍ରତ କରିବା, ଅନ୍ଧବିଶ୍ୱାସକୁ ମନରୁ ହଟାଇବା, ଅନ୍ୟ କୁଚକ୍ରୀ ଜାତିର ଲୋକମାନଙ୍କର ଶୀକାର ନ ହେବାପାଇଁ; ଟାଉଟର, ଫିସାଦ୍, ଅର୍ଥ ଶୋଷଣକାରୀ ମହାଜନମାନଙ୍କ ପ୍ରଲୋଭନରେ ଶୀକାର ନ ହେବାପାଇଁ ବିଭିନ୍ନ କବିତା, ପ୍ରବନ୍ଧ, ଏକାଙ୍କିକାମାନ ବିଭିନ୍ନ ପତ୍ରପତ୍ରିକା, ଆନ୍ଦୁକାଲ୍, ଦର୍ପନ୍, ମାସ୍କାଲ୍, ବାଂବୁରୁ, ଆସ୍କାଲ୍ ଓ ଆର୍‌ସୀ, ଆଦି ପତ୍ରିକାରେ ନିଜର ଲେଖାମାନ ପ୍ରକାଶ କରି ମୁଣ୍ଡାରୀ ସାହିତ୍ୟର ବିକାଶ ଘଟାଇଛନ୍ତି।

୫) ଶ୍ରୀ ବୁଦ୍ଧିଆ ସିଂ (ବଡସାହି-ଡାହିସାହି), ଶ୍ରୀ ସନ୍ତୋଷ କୁମାର ସିଂ (କାଳିଆପଦା); ଶ୍ରୀ ଗୌରହରି ସିଂହ ପ୍ରଭୃତି ମୁଣ୍ଡାରୀ ଭାଷାକୁ ପ୍ରଚାର ପ୍ରସାର ଓ ଲୋକପ୍ରିୟ କରିବା ନିମନ୍ତେ ମୁଣ୍ଡାରୀ ଭାଷାର ସହଜ, ସରଳ

Digitized by srujanika@gmail.com

ପଦ୍ଧତିରେ ବିଭିନ୍ନ ଅକ୍ଷର ଶିକ୍ଷା ପୁସ୍ତକମାନ ରଚନା କରି ମୁଣ୍ଡାରୀ ଭାଷା ଓ ଲିପିର ପ୍ରଚାର ଓ ପ୍ରସାର କରିଛନ୍ତି । ମୁଣ୍ଡାରୀ ଭାଷା, ଲିପି ଓ ବିଭିନ୍ନ କବିତା ମାଧ୍ୟମରେ ମୁଣ୍ଡାରୀ କବିତା ସାହିତ୍ୟ ତଥା ଭାଷାର ପ୍ରସାର କରିଛନ୍ତି । ଏଥିପାଇଁ ମୁଣ୍ଡା ଜାତି ଚିରଦିନ ପାଇଁ ସେମାନଙ୍କ କୃତିକୁ ମନେ ରଖିବା ସହିତ; ସେମାନେ ମଧ୍ୟ ଚିରଦିନ ପାଇଁ ସ୍ମୃତି ହୋଇ ରହିବେ । ମୁଣ୍ଡାରୀ ସାହିତ୍ୟ ଜଗତରେ କବିମାନଙ୍କର ଅନୁଭୂତି-କକ୍ଷର ଊର୍ଦ୍ଧ୍ୱ ବାତାୟନ କବି ପ୍ରାଣରେ ଆପେ ହୋଇ ଉଠିଛି; ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ଦର୍ପଣ ଏବଂ ବିଶ୍ୱମାନବର ଅଶ୍ରୁ ବେଦନା ତା' ମଧ୍ୟରେ ହୋଇଛି ପ୍ରତିବିମ୍ବିତ । ଏହି ପରିପ୍ରେକ୍ଷୀରେ ମୁଣ୍ଡାରୀ କବି, ମୁଣ୍ଡାରୀ ମାର୍ଶାଲ୍ କବି ଶ୍ରୀ ଶ୍ରୀଧର ସିଂହ ଲେଖନୀରେ ବିଶ୍ୱମାନବର ମଙ୍ଗଳ ଓ ଶୁଭ କାମନା ନିମନ୍ତେ ଲେଖିଛନ୍ତି-

୧) ଯୁଗେ ଯୁଗେ ତାଇକାନଃ, ଯୁଗେ ଯୁଗେ ତାୟୁଃମେ
ଦିଶୁମ୍ ହଲକ ସବେନ୍ ସିଂସାୟାଦ୍ ତାକମେ ।
ମାନ୍ନୀ ହନ୍ କଓ୍ୱାଃ ମନେରେ ଅମାକମ୍ ଦାୟା
ସବେନ୍ ହଲ କତାଃରେ ତାୟୁଃକା ଆମାଃ ମାୟା ।
ସବୁଦିଲାଂ ତାୟୁଃକାଇଁ ଆମାଃ କାଟା ଲାତାର୍‌ରେ
ଦିନ୍‌ଗେ ଆମ୍ ନାମେମ୍ ସେବାସୁସାର୍ ମଦିଲ୍ ବିତାର୍‌ରେ
ଆମ୍‌ଗେ ରାମ, ରାମକୃଷ୍ଣ, ଆମ୍‌ଗେ ଶିବ, ମହାଦେବ
ଆମ୍‌ଗେ ଶମ୍ଭୁ , ଆମ୍‌ଗେ ଭୋଳା, ଆମ୍‌ଗେ ମହେଶ୍ୱର,
କଲିଯୁଗ୍‌ରେନ୍ ମାରାଂଦେବ
ଜଆର୍ ଜଆର୍ ମଣାପାଦାରେ ହନର୍ 'ଜଟାଧାରୀ'
ଜଆର୍ ଜଆର୍ ଦ୍ୱାପର ଯୁଗ୍‌ରେନ୍ ବୁରୁଦନ୍ଦ 'ଗିରିଧାରୀ'
ଜଆର୍ ଜଆର୍ ମହାପ୍ରଭୁ କଲିଯୁଗ୍ ବରଦାତା
ଜଆର୍ ଜଆର୍ ଗୌରୀପତି ଜଆର୍ ଜଗତପିତା
ଆଇଁ ମୟଦ୍ ଆଁଅଂ, ଡଣ୍ଡ ନୁତୁମ୍ ତାଇଁ ଶିରିଧର
ଆମାଃ ସୁନୁସାରେଏ ତାୟୁଃକାଇଁ ଆଇଁ ହରବର ।

Digitized by srujanika@gmail.com

୨) ମଦିଲ୍ ବିତାର୍ ପିଣ୍ଡିଗିରେ ଆମ୍‌ଗେ ଦୁବାକାନ୍
ସେତାଃ ସିଙ୍ଗାଲ୍ ଦିନ୍‌ଗେ ପ୍ରଭୁ ଆମ୍‌ଗେଲେ ରାଆଃତାନ୍
ମାନ୍‌ମୀ ହନମ୍ ଅମାତାଲେଃ, ପରଭୁ ଭଗମାନ୍
ନାଚାର୍ ମାନ୍ମୀ ହନ୍‌କେ ପ୍ରଭୁ! ପେଲେଃ ଅମାଃଇବେନ୍
ସୁକୁରେ ତାୟୁଃକାଲେ ସବେନ୍ ଦିନ୍‌ଗେଲେ ରାଆଃଯାମ୍
ସେତାଃ ସିଙ୍ଗାଲା ଆମ୍‌ଗେ ପ୍ରଭୁ! ଦିନ୍‌ଗେଲେ ରାଆଃତାମ୍।

୩) ଜଆର୍ ଜଆର୍ ପ୍ରଭୁ! ଜଆର୍ ତେଲାଏବେନ୍
ଆବିନତା ରେଲେ ତାବେରେନ୍ ତାନା
ଯାଓ୍ୱା ତେ'ବିନ୍ କୟଃ ତାନା।

୪) ଆମ୍ ବିନା ବାନଃ ତାଲେଆଃ ଗତି
ଅମାଲେମ୍ ଆଲେକେ ମୁକ୍ତି
ଅହୋ... ପ୍ରଭୁ ଆମ୍‌ଗେ ତାଲେଆଃ ଝୀ-ସୁଙ୍ଗୁତି ।।

୫) ଯେତେବେଳେ ଜଣେ ମୁଣ୍ଡା ଜାତିର ସ୍ତ୍ରୀଲୋକ ନିଜର ସ୍ୱାମୀଙ୍କୁ ହରାଇ କେମିତି ଦୈବ ନିକଟରେ ଆତୁର କ୍ରନ୍ଦନ କରି ନିଜର ଦୁଃଖ ଜଣାଉଛି; ତାକୁ ମଧ୍ୟ କବି ନିଜ ଲେଖନୀରେ ଜୀବନ୍ତ କରି ତୋଳିଛନ୍ତି-

କାନାଃମ୍ ଚେକା ତୁକାଇଁଯାନା ପ୍ରଭୁ!!
ବଃଅ ରେୟାଃ ସିନ୍ଦୂରି ତାଇଁ ଏଣେଃଯାନା
ତୀ'ଇ ରେୟାଃ ମେଣେଦ୍ ସାକମ୍
ଶାଙ୍କା ଚୁଲିମ୍ ରାପୁଦ୍ ତୁକାଇଁ ଯାନା। (କୁସୁଲୀ)

ଏହି ମୁଣ୍ଡାରୀ କବିତାଗୁଡ଼ିକର ଓଡ଼ିଆ ଅନୁବାଦ ନିମ୍ନରେ ଲେଖାଗଲା।

୧) ଯୁଗ ଯୁଗ ଧରି ମନୁଷ୍ୟମାନଙ୍କୁ ଆଶୀର୍ବାଦ କରୁଥିବା ମନୁଷ୍ୟମାନଙ୍କ ହୃଦୟରେ ଦୟାମାୟା ଦେଉଥିବ ଏବଂ ସମସ୍ତ ହୃଦୟରେ ନମ୍ର ଗୁଣ ସହ ସମସ୍ତଙ୍କ ପାଇଁ ମାୟାମମତା ରହୁ। ହେ ପ୍ରଭୁ ମୋତେ ସବୁବେଳେ ତୁମ୍ଭ ପାଦପଦ୍ମରେ ରହିବାକୁ ଅନୁମତି ଦିଅ; ଏବଂ ସବୁଦିନ ତୁମକୁ ସେବା ଓ ଭକ୍ତି ମିଳିଥାଉ। ତୁମେ ହିଁ ସେହି ରାମ, କୃଷ୍ଣ, ତୁମେ ହିଁ ଶିବ, ମହାଦେବ,

Digitized by srujanika@gmail.com

ଶମ୍ଭୁ, ତୁମେ ହିଁ ଭୋଳାନାଥ, ମହେଶ୍ୱର ଏବଂ କଳିଯୁଗର ଶ୍ରେଷ୍ଠ ବରଦାତା ଦେବ ଦେବ ମହାଦେବ।

ଭକ୍ତିପୂତ ହୃଦୟରେ ହେ ଶ୍ମଶାନବାସୀ ଜଟାଧାରୀ, ଦ୍ୱାପର ଯୁଗରେ ଗୋବର୍ଦ୍ଧନ ଗିରି ଟେକିଥିବା ଗିରିଧାରୀ, କଳିଯୁଗର ବରଦାତା, ହେ ଗୌରୀପତି ଜଗତପିତା, ଜଣେ ମୂର୍ଖ, ଅଜ୍ଞ ଶ୍ରୀଧରଙ୍କ ପ୍ରଣିପାତ ପ୍ରଣାମ ଗ୍ରହଣ କର ଏବଂ ସର୍ବଦା ତୁମ୍ଭ ସେବା ଶୁଶ୍ରୂଷାରେ ମୋତେ ବ୍ୟସ୍ତ ରଖିବାର ସୁଯୋଗ ଦିଆଯାଉ।

୨) ହେ ମହାପ୍ରଭୁ! ତୁମ୍ଭେ ବଡଦେଉଳ ଭିତର ସ୍ୱର୍ଣ୍ଣ ସିଂହାସନରେ ବସିଥିବା ମହାଶକ୍ତିଶାଳୀ ପ୍ରଭୁ ଅଟ। ସକାଳେ ସନ୍ଧ୍ୟାରେ ତୁମକୁ ଆମେ ଆରାଧନା କରୁଛୁ; ତୁମେ ଜନ୍ମ ଦେଇଥିବା ମନୁଷକୁ ବଞ୍ଚିବା ପାଇଁ ବଳ ପ୍ରଦାନ କର; ଆମ୍ଭେ ସୁଖ ଶାନ୍ତିରେ ରହିବା ପାଇଁ, ସକାଳ ସନ୍ଧ୍ୟାରେ ପ୍ରତ୍ୟହ ପ୍ରାର୍ଥନା କରୁଛୁ।

୩) ହେ ପ୍ରଭୁ! ଆମମାନଙ୍କର ସଭକ୍ତିର ପ୍ରଣାମ ଜଣାଇ ତୁମ୍ଭର ଶରଣାପନ୍ନ ହେଉଅଛୁଁ। ଆଜି ଆମ ଗୃହକୁ କାରାମ ଦାଳା ରୂପରେ ଆସିଛନ୍ତି; ଏବଂ ଅଙ୍କୁରିତ ଶସ୍ୟ-ଚକ୍ଷୁରେ ଆମକୁ ଦେଖୁଛନ୍ତି; ଆମ୍ଭମାନଙ୍କର ପ୍ରଣାମ ଗ୍ରହଣ କରନ୍ତୁ।

୪) ତୁମ୍ଭ ବିନୁ ଆମମାନଙ୍କର ଗତି ନାହିଁ, ତେଣୁ ଆମକୁ ମୁକ୍ତି ଏ ସଂସାରରୁ ମିଳୁ। ତୁମ୍ଭେ ହିଁ ଆମ୍ଭମାନଙ୍କର ପିତା, ମାତା, ଭ୍ରାତା, ଭଗ୍ନୀ, ତେଣୁ ଆମ୍ଭମାନଙ୍କୁ ଏ ସଂସାରର ଜଟିଳତାରୁ ମୁକ୍ତି ଦିଅ, ମୁକ୍ତି ଦିଅ।

ଉପର ବର୍ଣ୍ଣିତ ମୁଣ୍ଡାରୀ କବିତାର ପଂକ୍ତିରେ ଦେଖାଯାଉଛି, ମୁଣ୍ଡା ସମାଜର ଲୋକ ବିଶ୍ୱର ସମଗ୍ର ମାନବ ସମାଜର କଲ୍ୟାଣ ପାଇଁ ପ୍ରଭୁଙ୍କ ନିକଟରେ ନିଜର ଗୁହାରି ଜଣାଇଛନ୍ତି। ମନୁଷ୍ୟକୁ ସୁଖ, ଶାନ୍ତି, ବଳ ବୀର୍ଯ୍ୟ ଦିଅ ଏବଂ ପରିଶେଷରେ ଏହି ଆତ୍ମାର ମୁକ୍ତି ଦେବାକୁ ଆବେଦନ, ନିବେଦନ କରି ପ୍ରାର୍ଥନା କରିଛନ୍ତି। ଏଠାରେ ସମଗ୍ର ମାନବ ସୁଖଶାନ୍ତିରେ କାଳାତି

Digitized by srujanika@gmail.com

କରିବାକୁ ବିନମ୍ର ପ୍ରଣତି ଜଣାଇଛନ୍ତି । ସମଗ୍ର ମାନବ ସମାଜର କଲ୍ୟାଣ ନିମନ୍ତେ ଋଷି କଣ୍ଠରୁ ସ୍ଫୁରିଥିବା ଉକ୍ତି ମନେପଡେ-

ସର୍ବେ ଭବନ୍ତୁ ସୁଖୀନଃ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା' କଶ୍ଚିତ୍ ଦୁଃଖ ଭାଗ ଭବେତ୍ ।

ସଂସାରରେ ମାନବ ଜୀବନ ଧୀରେ ଧୀରେ ନଦୀର ଜଳସ୍ରୋତ ପରି ବୋହି ଯାଉଛି; ଏହା ସହିତ ସମୟ ମଧ୍ୟ ବୋହି ଯାଉଛି । ଗଲା ସମୟ, ଇଡିଗଲା ପାଣି ଆଉ ଫେରି ଆସେନା । ଏହି ସମୟ ଓ ଜଳ ସ୍ରୋତରେ ଧୀରେ ଧୀରେ ମାନବ ଜୀବନ କ୍ଷୟ ହୁଏ । ତେଣୁ ଏହି ରହସ୍ୟକୁ ଦେଖି ମୁଣ୍ଡାରୀ କବି ଗାଉଛନ୍ତି-

କ) ସମାଏ ସେନଃ ହିଞ୍ଜିରେ ହିଞ୍ଜିରେ
ନେ ଜୀବନ କା' ତାଇନାରେ
ଅବାଛା ନେ ଜୀବନ କା' ତାଇନାରେ
ଗାଡା ଦାଃଆ ଲେକା ହିଞ୍ଜିରେ ହିଞ୍ଜିରେ
ନେ ସମାଏ ସେନଃ ତାନାରେ... । (ଆଲଚି)

ଖ) ସାଏ ସମାଏ ସେନଃତାନା ମୋଟେଅ କାଏ ତାଙ୍ଗିବୁନାଃ
ଦାଇଗୋ ତିସିଂ ସମାଏ ଗାପା କା' ତାଇନଆ
ସମାଏ ଲିଙ୍ଗି ଆତୁବୁନାଃ ଯେତାୟୋ କାବୁନ୍ ତାଇନା
ଦାଇଗୋ ତିସିଂ ସମାଏ ଗାପା କା' ତାଇନଆ
ସମାଏ ଲିଙ୍ଗି ଆତୁବୁଆଃ ଯେତାୟୋ କାବୁନ୍ ତାଇନା
ଦାଇଗୋ ତିସିଂ ସମାଏ ଗାପା କା' ତାଇନା ।
(ସାଏ ସମାଏ ସେନଃ)

ମୁଣ୍ଡାରୀ ଭାଷା ଅନ୍ୟ ଭାଷାମାନଙ୍କ ସଂସ୍ପର୍ଶରେ ଆସି ତା'ର ମୌଳିକତା ନଷ୍ଟ କରି ଦେଉଛି । ଅନ୍ୟ ଭାଷାମାନଙ୍କ ପ୍ରବେଶ ଯୋଗୁଁ ଦିନେ ମୁଣ୍ଡାରୀ

Digitized by srujanika@gmail.com

ଭାଷାର ସ୍ଥିତି, ଅସ୍ତିତ୍ୱ ରହିବ କି ନା; ସନ୍ଦେହ କରି ମୁଣ୍ଡାରୀ କବି ସୂଚନା ଦେଇ ମୁଣ୍ଡାମାନଙ୍କୁ ସଚେତନ ଓ ଜାଗ୍ରତ ରହିବା ପାଇଁ ସତର୍କ ଶୁଣାଇଛନ୍ତି-

ଆଦଃ ତାନା ଭାଷା ତାବୁ ବାଗେଅଃ ତାନା ନେଗ୍ ତାବୁ
ହନ୍‌ଗାଣା କଲଃବୁ ବାପାଗେ ତାନା
ହାଏ ହାଏ ହନ୍‌ଗାଣା କଲଃବୁ ବାପାଗେ ତାନା ।
ଚାଇଲ୍ ତାବୁ ଯତ ବାଗେଅଃ ତାନା ।।
ବଲ ଯାନ୍‌ରେ 'ହୋ' ଭାଷା ମେଶାଅଃରେ ସାନ୍ତାଳୀ ଭାଷା
କାଣ୍ଡୁମାଣ୍ଡୁ ରେକାଃଅ ମୁଣ୍ଡା ଭାଷା
ହାଏ ହାଏ କାଣ୍ଡୁମାଣ୍ଡୁ ରେକାଃଅ ମୁଣ୍ଡା ଭାଷା
ଭାଷା ମେନ୍ତେ କା'କ ଅମେ ଦିଶା ।। (କୁସୁଲୀ)

ମୁଣ୍ଡାମାନଙ୍କର ନିଜ ମାତୃଭାଷା ପ୍ରତି ନିରୁତ୍ସାହ, ବିତୃଷ୍ଣ ଓ ସଂକୋଚବୋଧ ଦେଖି ମୁଣ୍ଡାରୀ କବି ପୁଣି ସତର୍କ କରାଇବା ପାଇଁ ନିମ୍ନ ପ୍ରକାରରେ କବିତାଟି ରଚନା କରିଛନ୍ତି-

ହଲତେ ଜାଗାର ସଭା ତାଲାରେ
ଉସୁଦୁରୁମ୍ ତାନାକ ହାଟ୍ ବିତାର୍‌ରେ
ବାଗେ ଯାଦାକ 'ହଲ ଜାଗାର' ଯତକ ଦିକୁ ଚାବାନ୍ ଯାନା ।।
ଅକଲେକା 'ମୁଣ୍ଡାରୀ ଜାଗାର' ହାଗାରେ
ହାରାବୁରୁଅଆ ଆବୁ ଦିଶୁମ୍ ତାଲାରେ
ଉଡୁଃ ଗେପେ ଯତ ମୁଣ୍ଡା ହାଗାମିଶି ଆପେୟାଃ ଜୀବନ ରେ ।
(ହାଟ୍ ହନର୍)

ଆଦଃ ତାନା ଜାଗାର ତାପେ; ଆଦଃ ତାନାପେ ଧାର୍ତ୍ତିରେ
ମାନ୍ନୀ-ସାଲଟ ତାଲାରେବ, କାପେନାମେଆ ଚିନାରେ
ଏଙ୍ଗା-ଜାଗାର, ଯଦି କାପେ ଦ'ଅଧାଳି ଦିଶୁମ୍‌ରେ
ମାନ୍ଥୀ ସାଲଟ ରେଦ; କାପେନାମେଆ ମାଇନ୍‌ରେ ।

Digitized by srujanika@gmail.com

ମୁଣ୍ଡା ସଂପ୍ରଦାୟର ଲୋକମାନେ ମୁଣ୍ଡାରୀ ଭାଷାର ବିକାଶ ଦାୟିତ୍ୱ ନ ନେଇ ଅନ୍ୟ ଭାଷା ପଛରେ ଧାବମାନ। ଅନ୍ୟର ସଂସ୍କୃତି, ପରମ୍ପରା, ଚଳଣିକୁ ଆପଣେଇ ନିଜସ୍ୱ ଭାଷା, ସଂସ୍କୃତି, ଜାତି ଭୁଲି ଯାଉଛନ୍ତି; ତାହା ଲକ୍ଷ୍ୟ କରି ମୁଣ୍ଡାରୀ କବି ପୁଣି ଗାଇଛନ୍ତି-

୧) ସେତାଃ ସିଙ୍ଗାଲ୍ ସଆନ୍ ସାବନ୍ ବସଃ ଲେରେ
ହେନ୍ଦେ ହଲ୍କ କା'ଗେ ଏସେଲଆ
ରାନୁ କା' ରେ ରଗ୍ କା' ବୁଗିଅଆ।

୨) ଦିକୁ କ ଲେଲ୍‌ତେ ଚୁକାଃ ପେରେଃ
ସଆନ୍ ସୁନୁମ୍ ଅଜଃ ଲେରେ
ହଲକ ଦ କା'କ ଦିକୁଆ।

୩) ନିଦା ସିଙ୍ଗି ଦିକୁ ତେଗେ ଜାଗାର୍ ଯାନ୍‌ରେ
ମଚା ପେରେଃ ପାନ୍ ଜମ୍ କେରେ
ହଲକ ଦ କା'କ ଦିକୁଆ।

୪) ଅଲ୍ ପଲାଅ କା'ବୁ ମୁଡିଆନ୍ ତେଗେ ହୋ ମୁଣ୍ଡାରୀ
ବୁଗି ଯୁଦା କା'ବୁ ଚିନା ଧାଲି
ମୁଣ୍ଡାରୀ ବୁଗି ଯୁଦା କା'ବୁ ଚିନା ଧାଲି।

୫) ଇଲି ଆର୍କି କା'ବୁ ବାଗେ ଯାଦ୍ ତେଗେ ହୋ ମୁଣ୍ଡାରୀ
ଆଧା ବୟସ ରେ'ବୁ ଗଜେନ୍ ତାନା
ମୁଣ୍ଡାରୀ ଆଧା ବୟସ ରେ'ବୁ ଗଜେନ୍ ତାନା।

୬) ହିଁସା ହୁଲୁଂ କା'ବୁ ବାଗେ ଯାଦ୍ ତେଗେ ହୋ ମୁଣ୍ଡାରୀ
ଗାଓ୍ୱାଁର୍ ତେଗେ ସମାଏ ସେନଃତାନା
ମୁଣ୍ଡାରୀ ଗାଓ୍ୱାଁର୍ ତେଗେ ସମାଏ ସେନଃତାନା।

୭) ବୁଦ୍ଧି ଗିଆନ୍ ବାନଃ ତାବୁ ମେନ୍‌ତେ ହୋ ମୁଣ୍ଡାରୀ
ନିଶା ହିଁସା କରେ ଲାପାଲୁଲି
ମୁଣ୍ଡାରୀ ନିଶା ହିଁସା କରେ ଲାପାଲୁଲି।

Digitized by srujanika@gmail.com

୮) ଜାଗାର୍ ତାବୁ ଆଦଃ ତାନା ଆରେଚାରେ ବାଗେଅଃ ତାନା
ମୁସିଂ ଦିଲାଂ ମୁଣ୍ଡା ମେନ୍‌ତେ କା'ପେ ଉଦୁବ୍ ଧାଲିଆ
ହାଇରେ ହାଏ ମୁସିଂ ଦିଲାଂ ମୁଣ୍ଡା
ମେନ୍‌ତେ କା'ପେ ଉଦୁବ୍ ଧାଲିଆ
ମୁଣ୍ଡା ଜାଗାର୍ ମୁଣ୍ଡା କତାଃରେ ରିଳିଂ ଗିଡିଅଆ ।

୯) ଜାଗାର୍-ଏଙ୍ଗା ଇୟାମ୍ ତାନାଃ ଆନ୍ଦାଃଥାବାଃ ରେକାନ୍ ତାନାଃ
ପାଁସେଆକାନ୍ ପୂତାମ୍ ଲେକା; ରେକାନ୍ ତାନାଃ
ହାଇରେ ହାଏ ପାଁସେଆକାନ୍ ପୂତାମ୍ ଲେକା; ରେକାନ୍ ତାନା ।
ଭେଟର୍ ମୁଣ୍ଡା ହଲକ ଯେତାଃଅ କା'ପେ ଆୟମେ ତାନା ।

୧୦) ରାକାବ୍ ନାତେନ୍ ମୁଣ୍ଡାରୀ ଜାଗାର୍, ଆରେଚାରେଃଏ ସାସାଂକିର୍
ନିଦା ସିଙ୍ଗି ଆଇଁଆଃ ମେଦ୍ ଦାଃ ଦୁକୁତେ ଜ'ର ତାନା ।
ହାଇରେ ହାଏ ନିଦା ସିଙ୍ଗି ଆଇଁଆଃ
ମେଦ୍ ଦାଃ ଦୁକୁତେ ଜ'ର ତାନା
ମୁଣ୍ଡା ଲଲ ମାୟଁମ୍ ଲିଙ୍ଗିତାନା ଆଇଁଆଃ ହଲ୍କରେ । (ଆନ୍ଦୁକାଲ୍)

ଯେହେତୁ ମୁଣ୍ଡାମାନଙ୍କ ବ୍ୟତୀତ ଅନ୍ୟମାନେ ମୁଣ୍ଡାରୀ ଭାଷା ବୁଝିବାରେ ସକ୍ଷମ ନୁହଁନ୍ତି; ସେଥିପାଇଁ ଓଡ଼ିଆ ଭାଷା ପଢ଼ିପାରୁଥିବା, ବୁଝିପାରୁଥିବା ପାଠକ ପାଠିକାଙ୍କ ନିମନ୍ତେ ମୁଣ୍ଡାରୀ ଭାଷାରେ ବର୍ଣ୍ଣିତ କବିତା ଗୁଡ଼ିକର ଓଡିଆ ଭାଷାନ୍ତର ନିମ୍ନରେ ପ୍ରଦାନ କରାଯାଇଛି । ଆଶା ପାଠକ ପାଠିକାମାନେ ଓଡିଆ ସାହିତ୍ୟର ଝରକା ଦେଇ ମୁଣ୍ଡାରୀ ଭାଷା ଓ ସାହିତ୍ୟ ବିଷୟରେ କିଛି ଜାଣିପାରିବେ ।

କବିତା ନଂ.୧ ରୁ ୧୦ ପର୍ଯ୍ୟନ୍ତର ଓଡ଼ିଆ ଭାଷାନ୍ତର

୧. ସକାଳ ସନ୍ଧ୍ୟା ଦୁଇଓଳି ବାସନା ସାବୁନରେ ଘଷି ହୋଇ ସ୍ନାନ କଲେ କଳା ରଙ୍ଗ ଶରୀରଧାରୀ ବ୍ୟକ୍ତି କେବେ ଗୋରା ତକତକ ହେବ

Digitized by srujanika@gmail.com

ନାହିଁ ଏବଂ ଔଷଧ ସେବନ ନ କଲେ ରୋଗ ଦୂର ହୁଏ ନାହିଁ। ଔଷଧ ସେବନ କଲେ ହିଁ ରୋଗ ଦୂର ହୁଏ।

୨. ଓଡ଼ିଆ ଲୋକକୁ ଦେଖି ମାଠିଆ ପୂରାଇ ସୁଗନ୍ଧିତ ତେଲ ଲଗାଇଲେ ଆଦିବାସୀ ଲୋକ କସ୍ମିନ୍ କାଳେ ଓଡିଆ ହୋଇ ପାରିବନାହିଁ।

୩. ସକାଳ ସନ୍ଧ୍ୟା ଜଣେ ଆଦିବାସୀ ଲୋକ ଓଡ଼ିଆ ଭାଷାରେ କଥାବାର୍ତ୍ତା କରି, ପାଟି ପୂରା ପାନ ଖାଇଲେ କଦାପି ଓଡ଼ିଆ ହୋଇପାରିବ ନାହିଁ।

୪ରୁ ୭ ପର୍ଯ୍ୟନ୍ତ. ଲେଖାପଢା ଶିଖି ନଥିବାରୁ ହେ ମୁଣ୍ଡାରୀମାନେ ଦୁନିଆର ଭଲମନ୍ଦ ଚିହ୍ନିପାରୁ ନାହିଁ କି ଏବଂ ମଦ ହାଣ୍ଡିଆ ପିଇବା ଛାଡି ନ ପାରିବା ଯୋଗୁଁ ଏବଂ ହିଂସା ଈର୍ଷା ଓ ଲୋଭ ପରିତ୍ୟାଗ କରିପାରୁ ନଥିବାରୁ ଆମ୍ଭେମାନେ ସମସ୍ତଙ୍କ ପଶ୍ଚାତ୍‌ରେ ପଡି ରହିଛୁ। ପରନ୍ତୁ ନିଜର ବୁଦ୍ଧି, ବିବେକ ଓ ଜ୍ଞାନ ନଥିବାରୁ ଆମେମାନେ ମାଦକ ଦ୍ରବ୍ୟ ଓ ହିଂସା ଆଦି ଦୁର୍ଗୁଣରେ ମଜ୍ଜି ରହିଛୁ।

୮. ଫଳରେ ଆମ ମୁଣ୍ଡାରୀ ଭାଷା, ସାହିତ୍ୟ ସଂସ୍କୃତି ଉନ୍ନତି କରିପାରୁ ନାହିଁ। ଯାହା ଦ୍ୱାରା ଭବିଷ୍ୟତରେ ମୁଣ୍ଡାମାନେ ନିଜକୁ 'ମୁଣ୍ଡା' ଓ ନିଜର କଥିତ ଭାଷା 'ମୁଣ୍ଡାରୀ' ବୋଲି କହିପାରିବେ ନାହିଁ। ମୁଣ୍ଡାମାନେ ସମାଜ, ଜାତିର ସବୁ କିଛି ପାଶୋରି ଯିବେ।

୯. ହେ ମୁଣ୍ଡାମାନେ ନିଜର ମାତୃଭାଷା 'ମୁଣ୍ଡାରୀ' ବିଳାପ କରୁଛି ଏବଂ ଫାଶରେ ପଡ଼ିଥିବା କପୋତୀ ପରି କଚାଡି କଚାଡି ଆତୁରେ କ୍ରନ୍ଦନ କରୁଛି। ସବୁ ଜାଣିପାରୁଥିବା ମୁଣ୍ଡାମାନେ କଦାପି ଏ ବାବଦରେ ଧ୍ୟାନ ଦେଉନାହାନ୍ତି କି ଶୁଣି ପାରୁନାହାନ୍ତି ଅବା ଶୁଣୁନାହାନ୍ତି।

୧୦. ତେଣୁ ମୁଣ୍ଡାରୀ ଭାଷା, ସଂସ୍କୃତି, ଚଳଣି ଓ ସାହିତ୍ୟର ଉନ୍ନତି ନିମନ୍ତେ ଅହୋରାତ୍ର ମୋ ନୟନରୁ ଦୁଃଖରେ ଲୋତକ ଧାରା ବହୁଛି ଏବଂ ମୋ ଶରୀରରେ ମୁଣ୍ଡାର ଉଷ୍ଣ ରକ୍ତ ପ୍ରବାହିତ ହୋଇ ସର୍ବଦା ମୋତେ ଛାନିଆ କରୁଛି।

Digitized by srujanika@gmail.com

ଏହି ପୁସ୍ତକର ଲେଖକ ଓ କବିଙ୍କ ସପକ୍ଷରେ କିଛି

କବିଙ୍କ ସମୁଦାୟ ଲେଖାରେ ମୁଣ୍ଡାରୀ ଭାଷା, ସାହିତ୍ୟ, ସଂସ୍କୃତି ଓ ନିଜର ସଚେତନତା ବୃଦ୍ଧି କରିବା ପଛରେ ପଡ଼ିଥିବା ଭାଇଭଉଣୀମାନଙ୍କୁ ବିଭିନ୍ନ ପ୍ରେରଣା, ଉତ୍ସାହ, ଉଦ୍ଦୀପନା, ଜାଗ୍ରତ କରିବା ଏବଂ ଶିକ୍ଷା ଓ ଆଧୁନିକ ସଭ୍ୟ ସମାଜର ଉନ୍ନତ ଜୀଜୀବିଷା ପ୍ରତି ଆକୃଷ୍ଟ କରିବା ତାଙ୍କର ଲକ୍ଷ୍ୟ। ଖାଇବା, ପିଇବା, ଯିବାଆସିବା, ଭଲମନ୍ଦ, ପାପପୁଣ୍ୟ, ପ୍ରେମ, ବିବାହ, ମିଳନ, ବିଚ୍ଛେଦ ପ୍ରଭୃତି ବହୁବିଧ ବିଷୟରେ ସେ ସୃଷ୍ଟି କରିଛନ୍ତି ବିଭିନ୍ନ କାବ୍ୟ, କବିତା ଓ ପ୍ରବନ୍ଧ। ନିଜ ସମାଜର ସାହିତ୍ୟ, ସଂସ୍କୃତି, ଭାଷାର ବିକାଶ ଓ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାର ପ୍ରବନ୍ଧ, ଗଳ୍ପ ଓ କବିତା ପୁସ୍ତକମାନ ରଚନା କରିଛନ୍ତି। ସେଗୁଡିକ ହେଲା: କବିତା- ଦେବକୁଣ୍ଡ, ମୁକୁଳ, ଆତ୍ମବେଦନା, ଭଞ୍ଜକନ୍ୟା, ରାଜନୀତିର କୁହୁକ ଖେଳ, ଅନ୍ୱେଷଣ ଓ କବିତା ମିଛ ନୁହେଁ ଏବଂ ପ୍ରବନ୍ଧ ପୁସ୍ତକ ଆଦିବାସୀ ଭାଷା ମୁଣ୍ଡାରୀ; ଶିକ୍ଷା ଜଗତରେ ଆଦିବାସୀ, ଆଦିବାସୀ ସଂସ୍କୃତି ଓ ଜୀବନଧାରା; ଆଦିବାସୀମାନଙ୍କ ଅର୍ଥନୈତିକ ଅବସ୍ଥା, ଆଦିବାସୀ ଧର୍ମବିଶ୍ୱାସ, ଇଂରାଜୀରେ- 'Mundari Song and Dance', Mundas of Orissa, A glimps of Tribals ଏବଂ Poem- The Voice of Agony. ମୁଣ୍ଡାରୀ ଭାଷାରେ କବିତା- ଅଣେଃ, ଆଣେଃ ରାସେ ୧ମ ଓ ୨ୟ ଭାଗ, ଆଲ୍‌ଚି, କୁସୁଲୀ, ସୁସାର୍‌, ଇୟଃବା, ହାମ୍‌ଟୁଃ ଓ ଆନ୍ଦୁକାଲ୍‌, ପ୍ରବନ୍ଧ- ଉନୁସ୍କୁର୍‌, କାରାମ କାହାନୀ, ମୁଣ୍ଡାରୀ ସାସାଂକିର୍‌, ମୁଣ୍ଡାରୀ ବାଇଆଙ୍କିର୍‌ (ବ୍ୟାକରଣ) ପୁନଶ୍ଚ ଓଡ଼ିଆ ଭାଷାରେ ପ୍ରବନ୍ଧ ପୁସ୍ତକ ଆମ ଚଳଣି, କିଛି ସ୍ମୃତି କିଛି ଅନୁଭୂତି ଏବଂ ମୋ ଦୃଷ୍ଟିରେ ସାଂପ୍ରତିକ ଜନଜୀବନ, ସାଂପ୍ରତିକ ଯୁଗର ଭିନ୍ନ ଏକ ଦୃଷ୍ଟିକୋଣ ଏବଂ ଅରଣ୍ୟର ବହ୍ନି।

ମୁଣ୍ଡାରୀ ସଂସ୍କୃତିର ସୁରକ୍ଷା ନିମନ୍ତେ 'ମୁଣ୍ଡାରୀ ଲୋକଗୀତ', ଅରଣ୍ୟର ଫୁଲ, ଓ ମୁଣ୍ଡାରୀ ସଙ୍ଗୀତ ଓ ତା'ର ବିଭାଗୀକରଣ ଲେଖିଛନ୍ତି ଏବଂ ଆମ

Digitized by srujanika@gmail.com

ମୁଣ୍ଡାରୀ ସାହିତ୍ୟର ସୁରକ୍ଷା ନିମନ୍ତେ 'ମୁଣ୍ଡାରୀ ସାହିତ୍ୟର ଇତିହାସ' ଲେଖୁଛନ୍ତି ।

ସେ ଏହି ସାହିତ୍ୟ ସାଧନା ପାଇଁ ବିଭିନ୍ନ ସମ୍ମାନ ଓ ପଦବୀରେ ସମ୍ମାନିତ ଓ ସମ୍ବର୍ଦ୍ଧିତ । ତାଙ୍କର ଉଚ୍ଚକୋଟିର ରଚନା ପାଇଁ ଭଞ୍ଜ ପ୍ରଦୀପ, କବି କୁସୁମ, ଭଂଜଗୌରବ, ମୁଣ୍ଡାରୀ ମାର୍ଶାଲ୍ ଏବଂ ଅନ୍ୟାନ୍ୟ ସମ୍ମାନ ଓ ପଦବୀରେ ଅଭିଷିକ୍ତ କରାଯାଇଛି । ବୃତ୍ତିରେ ସେ ଜଣେ ଶିକ୍ଷକ, ପ୍ରଧାନ ଶିକ୍ଷକ (ମ.ଇ. ଓ ହାଇସ୍କୁଲ ତଥା ସି.ଟି. ହାଇସ୍କୁଲ) ଏବଂ ବିଭିନ୍ନ ଶିକ୍ଷା ଜିଲ୍ଲାଧିକାରୀ କାର୍ଯ୍ୟ କରି ଅବସର ନେଇଛନ୍ତି ଏବଂ ନିଜ ସମାଜର ଭାଷା, ସାହିତ୍ୟ ଓ ସଂସ୍କୃତି ସାଧନରେ ବ୍ରତୀ । ସ୍ନ ୨୦୧୨ ମସିହା ଫେବୃୟାରୀ ମାସରେ ଓଡ଼ିଶାର ଜନଜାତି ବିଭାଗ ତରଫରୁ ସେ ଜଣେ କୃତି ଲେଖକ ଓ କବି ଭାବେ ରାଜ୍ୟପାଳଙ୍କ ଠାରୁ ପୁରସ୍କାର ପାଇଛନ୍ତି । ଓଡ଼ିଶାର ବିଭିନ୍ନ ସାହିତ୍ୟିକ ଅନୁଷ୍ଠାନରୁ ୧୬ଟି ମାନପତ୍ର ଓ ସମ୍ବର୍ଦ୍ଧନା ପାଇଛନ୍ତି । ସେ ତା'ଙ୍କ ଜୀବନରେ ଅଦ୍ୟାବଧି ୪୨ଟି ବିଭିନ୍ନ ପୁସ୍ତକ ମୁଣ୍ଡା ସମାଜର ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ରଚନା କରିଛନ୍ତି ଏବଂ ଅଦ୍ୟାବଧି ଏହି ପୁସ୍ତକ ରଚନା କାର୍ଯ୍ୟରେ ନିୟୋଜିତ ହୋଇ ରହିଛନ୍ତି ।

ଶ୍ରୀ ନନ୍ଦଲାଲ୍ ସିଂହ
ଲେଖକ ଓ ସମାଲୋଚକ
ତଥା ଉପ-ସଭାପତି
ମୁଣ୍ଡାରୀ ସମାଜ ସାୱାଁର୍ ଜାମ୍‌ଡା
ଓଡିଶା, ଅସ୍ତିଆ

ହେ ମୁଣ୍ଡା ଭାଇମାନେ ତୁମେ କ'ଣ ଭାବିଛ ଯେ ପରର ଗୋଡ ଧରି ଉନ୍ନତି କରିପାରିବ; ଏବଂ କୁକୁର ପରି ପରର ଅଇଁଠା ଖାଇ ଖାଇ; ସ୍ୱଜାତିମାନଙ୍କୁ, ଆଡେଇ କଣେଇ କଣେଇଁ ଚାହିଁ ଚାହିଁ ଅଇଁଠା ଖାଇ

Digitized by srujanika@gmail.com

ଉନ୍ନତି କରିବ। ନିଜର ପରିଚୟ ନଦେଇ ନୀଳବର୍ଣ୍ଣ ଶୃଗାଳ ସାଜି ନିଜ ଜାତିର ଭାଷା ସାହିତ୍ୟ ଉନ୍ନତି କରିପାରିବ କି ?

ତେଣୁ କବି ଗାଇ ଉଠିଛନ୍ତି-

ଉଡୁଃ ତାନାମ୍ ଏଟାଃ ହଲକଓ୍ୱାଃ କାଟା ସାବ୍ କାତେ
ଚେତାନ୍ ସାଇଏମ୍ ରାକାବାମ୍
ସେତା ଲେକା ଜୁଟା ଜମ୍ ଜମ୍‌ତେ ଏଟାଃ ହଲକ କୟଃ କୟଃତେ
ଦିକୁତେମ୍ ଜାଗାରାମ୍ ଆମ୍। (ହାମ୍‌ଟୁଃ) ଓ (ଆନ୍ଦୁକାଲ୍)
ନେ କାନାଜି ମନେ ଜୀ'ଇରେ ତାବୁ ଗୁଡୁ ତା'ବଃକା
ମେତାମ୍ ଶ୍ରୀଧର ବାବୁୟା କାଜି ତାନାଃଏ ଚେକାଲେକା
ଅଲ୍‌ବାଲ୍ କେରେ ଆବୁ ସେୟାନଆ
ମେତାମ୍ ବଃଅ ରେୟାଃ ଗିଆନ୍ ତେବୁ ଆସୁଲେନା। (ଆନ୍ଦୁକାଲ୍)
କାଜି ତାନାଃଏ ଶ୍ରୀଧର ସିଂ ମାନ୍କୀ ଜୀବନ୍ ବାରସିଂ
ନେ ସଂସାରରେ ଯେତାୟୋ କାଃ ତାଇନା
ହାଏ ହାଏ ନେ ସଂସାରରେ ଯେତାୟୋ କାଃ ତାଇନା
ଜୀବନ୍ ସେନାଃ ଲୁତୁମ୍ ତାଇନା। (ଆଲ୍‌ଚି)

ପୁନଶ୍ଚ ମୁଣ୍ଡା ଭାଇଭଉଣୀମାନଙ୍କୁ ସଚେତନ ଓ ଜାଗ୍ରତ କରିବାପାଇଁ ବ୍ୟଙ୍ଗାତ୍ମକ କବିତା ଲେଖାରୁ ନିବୃତ୍ତ ହୋଇ ନାହାନ୍ତି। ନିଜ କଲମରୁ ଲେଖିଛନ୍ତି-

୧. ତାସାଦ୍ ଆତିଂ ବାଗେ କାତେ ତଆ ଗତମ୍ ନୁ'ଉ କାତେ
ଗେଡା ହାର୍ଡାଃତେ ଦାପାଲ୍ କାତେ
ଦିରିଂତେ ଦଲ୍‌କି ଠାଡି ଲେରେ
ଭେଡା ଚିରେ ଗେଡା ବାୟୁଆଃ।

୨. ବୁରୁ ଚୁଟିରେ ତାଇ କାତେ ମଚା ଗୁଟୁ ଡିଙ୍ଗୁ କାତେ
ଗୁରୁଲ୍ ଗୁରୁଲ୍ କୟଃ କାତେ

Digitized by srujanika@gmail.com

ଚାଃଲମ୍ ତାୟାଃ ଠାପା ଲେରେ
ପୁସି ଚିରେ କୁଲା ହନଆଃ ?

୩. ବୁନୁମ୍ ବୁଃ ରେ ତାଇ କାତେ ବୁନୁମ୍ କିଚିଳି ଉଦ୍ କାତେ
ବୁନୁମ୍ ବୁକୁ ଦିପିଲ୍ କାତେ ବଃଅରେ
ଫଅଁ ଫଅଁ ସାୟାଦ୍ ଲେରେ
ତୁଣ୍ଡୁ ଚିରେ ପାଣ୍ଡୁ ବିଂଅଆଃ ? ?

ନଂ.୧ ରୁ ୩ନଂ. ପର୍ଯ୍ୟନ୍ତ ଓଡିଆ ଭାଷାନ୍ତର

୧. ଯଦି ଗୋଟିଏ ମେଣ୍ଢା ଘାସ ଚରିବା ଛାଡି, କ୍ଷୀର ଓ ଘିଅ ପିଇ ପଣ୍ଡା ଚମଡା ଦ୍ୱାରା ନିଜକୁ ଆବୃତ୍ତ କରି ନିଜ ଶିଙ୍ଗରେ ଦଲକି ମାଟି ଭୁଷିଲେ ମେଣ୍ଢା କି 'ପଣ୍ଡା' ହୋଇବ।

୨. ପର୍ବତ ଶିଖରରେ ରହି ନିଜର ନିଶକୁ ଫୁଲାଇ କଟମଟ ଚାହିଁ ରହିଲେ, ବଣ ବିରାଡି କି ବାଘ ଛୁଆ ହୋଇପାରିବ ?

୩. ଉଇ ହୁଙ୍କା ଭିତରେ ଥାଇ ଲହଲାଙ୍ଗେଳିଆ ଲତାକୁ ଗିଳି ଉଇ ହୁଙ୍କାକୁ ଛତା ପରି ମୁଣ୍ଡରେ ଟେକି ଧରି; ଖୁବ୍ ଜୋର୍‌ରେ ଫଅଁ-ଫଅଁ ନିଃଶ୍ୱାସ ପ୍ରଶ୍ୱାସ ନେଇ ଗର୍ଜନ କଲେ ଢୁଣ୍ଡୋ ସାପ କିରେ ନାଗସାପ ହୋଇପାରିବ।

ବି.ଦ୍ର.: ଲହଲାଙ୍ଗେଳିଆ- ପୃଥିବୀର ସର୍ବଶ୍ରେଷ୍ଠ ବିଷ।

ହିନ୍ଦୀ, ଓଡ଼ିଆ, ମରାଠୀ,
ତେଲଗୁ, ବଙ୍ଗଳା, ଗୁଜରାଟୀ,
ହୟନ୍, ନାର୍ଭା ଅଲାଃ, ଆଣାନ୍ଦୀ କରେ,
ବଜର ବଜର ଜାଗାର ଯାନ୍‌ରେମ୍
ଖାଣ୍ଡି, ଇଂଲିଶତେ
ଆମ୍‌ଦରେମ୍ ଦି'କୁ ଆଚି ? ?

Digitized by srujanika@gmail.com

ଉପରବର୍ଣ୍ଣିତ ମୁଣ୍ଡାରୀ ବ୍ୟଙ୍ଗାତ୍ମକ କବିତାଗୁଡ଼ିକ ବିଶ୍ଳେଷଣ କଲେ ଜଣାପଡେ ଯେ, ମୁଣ୍ଡା ଲୋକମାନଙ୍କୁ କବି ବିଭିନ୍ନ ପ୍ରକାର ବିଷୟ ଉପସ୍ଥାପନ କରି ଯାହା ସମ୍ଭବ ନୁହେଁ ତା'କୁ କାର୍ଯ୍ୟ କରିବାକୁ ଅପଚେଷ୍ଟା କଲେ ଫଳ ବିପରୀତ ହୁଏ ବୋଲି ସୂଚାଇଛନ୍ତି। ଏଠାରେ ସ୍ୱତଃ ମନେପଡ଼େ ଓଡ଼ିଆ ସାହିତ୍ୟରେ ଥିବା ୰କବିସୂର୍ଯ୍ୟ ବଳଦେବ ରଥଙ୍କ ରଚିତ 'ଜଗତେ କେବଳ ଜନେ ହସିବେ, ଏହି ତହୁଁ ଫଳ'- ପରି ମୁଣ୍ଡାରୀ କବି ଶ୍ରୀଧର ସିଂ ମଧ୍ୟ ଏହି କବିତାର ଛାୟାରେ 'ଆମ୍ ଦରେମ୍ ଦିକୁଆ ଚି' ନାମିତ ଏକ କବିତା (ଗାମୁଇଦି) ରଚନା କରିଛନ୍ତି। ନିଜସ୍ୱ ଶୈଳୀ ଓ ମୌଳିକ ବିଷୟବସ୍ତୁ ଉପରେ ମୁଣ୍ଡା ସମାଜର ସଂସ୍କାର ଓ ସଚେତନ ପାଇଁ କବିତାଟି ରଚିତ ଓ ତାର ମୁଖ୍ୟ ଉଦ୍ଦେଶ୍ୟ। ଯାହା ଅସମ୍ଭବ ତାହା ସବୁଦିନେ ଅସମ୍ଭବ ବୋଲି କବି କହିଛନ୍ତି। Nothing is impossible in this world. କୁହାଯାଉଥିଲେ ମଧ୍ୟ; ପଥର ପାଣି ହୋଇପାରିବ ନାହିଁ, ବାନର କଥା କହି ପାରିବ ନାହିଁ କିମ୍ବା ମିଥ୍ୟା ସତ୍ୟ ହୋଇପାରିବ ନାହିଁ- ଏହା ବି ଜଗତରେ ସତ୍ୟ ମନୁଷ୍ୟର ଜନ୍ମ ଅଛି; ମୃତ୍ୟୁ ବି ଅଛି। ମନୁଷ୍ୟ ସଶରୀରରେ ଅମର ନୁହେଁ।

ମୁଣ୍ଡାରୀ ଭାଷାରେ ରଚିତ ଏହି ଗାମୁଇଦି (କବିତା) ସମୂହ ପଠନଯୋଗ୍ୟ କିନ୍ତୁ ସୁମଧୁର ସ୍ୱରରେ ଗାନଯୋଗ୍ୟ ନୁହେଁ। ଛନ୍ଦ ଓ ତାଳ ରଖି ମୁଣ୍ଡାରୀ କବିତା ପାଠ କରାଯାଇ ଶ୍ରୋତାମାନଙ୍କ ହୃଦୟ ଓ ମସ୍ତିଷ୍କରେ ଗଭୀର ଭାବେ ଚିନ୍ତନ ଓ ଭାବନା ସୃଷ୍ଟି କରିପାରେ। କବିତାର ଆବେଗ, ଭାବ, ଶବ୍ଦ, ମୁଣ୍ଡାମାନଙ୍କ ମାନସରେ ଆଲୋଡ଼ନ ଓ ଆନ୍ଦୋଳନ ସୃଷ୍ଟି କରିପାରେ, ପୁନଶ୍ଚ ମୁଣ୍ଡାମାନଙ୍କୁ ଏକତାବଦ୍ଧ କରି ବିଦ୍ରୋହ କରିପାରେ ଅଥବା ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଅଭିପ୍ରେରଣା, ଉତ୍ସାହ, ଉଦ୍ଦୀପନା ସୃଷ୍ଟି କରିପାରେ। ଏଠାରେ ଗୋଟିଏ ମୁଣ୍ଡାରୀ କବିତାକୁ ଅନୁଧ୍ୟାନ କରାଯାଇପାରେ।

Digitized by srujanika@gmail.com

ବାନାଇକେ କୁନୁଲି

ମଦ୍ ସାଇରେଞ୍ଜ୍ ଆୟମେଆ ମାନ୍ନୀୟାଃ ଆଣାନ୍ଦୀ ବାଜାଣା
କୁଲିହନ୍ କଓ୍ୱାଃ ପିର୍ଲିଃ ଅଣେଃ ଲାନ୍ଦା ତାନାକ ହନ୍ ଗାଣା ।
ଦାଃଆରେ ଲେଲ୍ ଲେଦାଇଁ ନାଓ୍ୱାଁ କିନାଃ କାଦହାଟି ଇନୁମ୍
ଆୟମ୍ ଲାଃଇଁ ନାଓ୍ୱାଁ ଜନମ୍ ହନାଃ କଆଁ କଆଁ ଇୟାମ୍ ।
ଦାରୁ ଦାଳାରେ ଆୟମିଆଇଁ ପୁରୁଲ୍ ପୁରୁଲ୍ ପୂତାମ୍
ବିର୍ ବୁରୁ ଲ'ଅ ତାନା; ବାଲ୍ ତାନା, ହାଃଆ ତାନା ବୁନୁମ୍ ।
ପୂତାମ୍ ଲେକା ରାଃଆ ଯାଦାଃ; ଗଃଏ ଯାନାଃ ହଲାଃ ଜନମ୍ ହନ୍
ଜୀ'ଇ ତାୟାଃ ଲ'ଅ ତାନା ବାଲ୍ ତାନା ଦୁକୁ ତାନା ଏଙ୍ଗା-ମନ୍ ।
ନୁ-ନୁ ତାନ୍ ହନ୍ ହାସା ଗାଡା ଯାନା; ଜର ତାନା ମେଦ୍ ଦାଃଆ
ମେଦ୍ ଦାଃଆ ଲେକା ଜର ତାନା ତଆ; ଧୂଳା ଜମ୍ ଗିଡି ଯାଦାଃ ।
କା' ଏଣେଃ ଲେନା ବଃଅ ସିନ୍ଦୂରୀ, ଆଲ୍‌ତା କାଜଲ୍ ମେ'ଦା ତେୟାଃ
ଅତେ ସିର୍ମା ପାଳାଃ ଗିଡି ତାନା ଆୟମ୍ କାତେ ରାଣ୍ଡି ରାଃଆ ।
ନାଓ୍ୱାଁ ଆଣାନ୍ଦୀ ହାପାନୁମ୍ କେ ବାଗେ କିୟାଃ ବାଂଗିଆ କୁଳି
ମଦ୍ ସିର୍ମା କା' ହଇଲେନା, କା' କେଚାଃ ଲେନା ସାସାଂ ଶାଳି ।
ଲେଲ୍ ଲାଃଇଁ ହିରୁମିଆଁ କିନାଃ ଗିଗିନି-ଗପଃୟ ଏପେରାଂ
ଆୟମ୍ ଲାଃଇଁ ଗଃଏ ଯାନ୍ 'ବାଲେଃ ହନାଃ ଏଙ୍ଗା' ବିକଳି ଗେରାଂ ।
ଆଇଁ ଦ ଜିଙ୍ଗିଲି, ଦିଶୁମ୍ ଦିଶୁମ୍ ହନର୍ ତାନାଇଁ
ଦାଣା ତାନାଇଁ 'ସତ ଶାନ୍ତି ସୁକୁ' ବାଇତାନ୍ 'ବାନାଇ' । (ଆଲ୍‌ଚି)

ଏହି ବାନାଇକେ କୁନୁଲି (ବିଶ୍ୱ ସ୍ରଷ୍ଟାଙ୍କୁ ପ୍ରଶ୍ନ) କବିତାଟି କବି ଶ୍ରୀଧର ସିଂହଙ୍କ ଦ୍ୱାରା ତାଙ୍କ 'ଆଲ୍‌ଚି' ପୁସ୍ତକ ୧୯୮୬ରେ ପ୍ରକାଶିତ ଏକ ଚିନ୍ତନ ଓ ଗମ୍ଭୀର ଅନ୍ତଃଦୃଷ୍ଟିର ଏକ ସାମାଜିକ ଚିତ୍ରର ଉତ୍ତୋଳନ କରାଯାଇଛି । କବି ଏଠାରେ କହିବାକୁ ଚାହିଁଛନ୍ତି କି ସେ ଜଣେ ବାରବୁଲା-ଦେଶ, ଦେଶ, ଗାଁ, ଗାଁ ବୁଲୁଥିବା ଏକ ଯାଯାବର । ଯାଯାବର ରୂପରେ ବିଭିନ୍ନ ଦେଶ, ରାଜ୍ୟ, ଗାଁରେ ବୁଲି ଦେଖିବା ପରେ ବିଭିନ୍ନ ସାମାଜିକ

Digitized by srujanika@gmail.com

ଚିତ୍ରକୁ ସେ ଏହି କବିତାରେ ସ୍ଥାନ ଦେଇଛନ୍ତି । ପ୍ରଥମେ ଗୋଟିଏ ଗାଁକୁ ବୁଲିବାକୁ ଯାଇ ଦେଖୁଛନ୍ତି, ଗାଁର ଗୋଟିଏ ପଟରେ ମାନବ ବିବାହର ଜାକଜମକ ମହାସମାରୋହରେ ପାଳନ କରି ଆନନ୍ଦରେ ବିଭୋର୍ ଏବଂ ଗୃହ ଅଙ୍ଗନରେ ଥିବା ଯୁବତୀ ଓ ପୁରନାରୀମାନେ ଆନନ୍ଦରେ ହସଖୁସି, ମଉଜ ମଜଲିସ୍‌ରେ ମାତିଛନ୍ତି । ପୁନଶ୍ଚ ସେ ଗାଁ ଶେଷରେ ଥିବା ପୋଖରୀରେ ନବ ବିବାହିତ ଦମ୍ପତିଙ୍କ ଜଳକ୍ରୀଡା ଓ ସଖୀମାନଙ୍କର ଗୀତ ଦେଖୁଛନ୍ତି ଓ ଶୁଣୁଥିବାବେଳେ ଅନ୍ୟ ପଟରେ ନୂତନ ଭାବେ ଏ ଧରାପୃଷ୍ଠରେ ଜନ୍ମଲାଭ କରିଥିବା ଶିଶୁର କୁଆଁ କୁଆଁ କ୍ରନ୍ଦନ ଧ୍ୱନି ଶୁଣୁଛନ୍ତି । କି ଆଶ୍ଚର୍ଯ୍ୟ ଏ ପ୍ରକୃତିର ରହସ୍ୟ ଆଉ ଆଗକୁ ପାଦେ ଆଗେଇ ଯାଇ ଶୁଣୁଛନ୍ତି, ନିକଟସ୍ଥ ବୃକ୍ଷ-ଶାଖାରେ ଶାବକ ହରା କପୋତୀର 'ଉଠ୍‌ରେ ପୁତା ଉଠ୍ ପୁରିଲାଣି ମାଣ୍'ର ବିକଳ ଡାକ; ସେହି ଶବ୍ଦରେ ଚତୁଃପାର୍ଶ୍ୱ ମ୍ରିୟମାଣ ଜଣା ପଡୁଥିବା ବେଳେ ନିକଟସ୍ଥ ପାହାଡ, ଜଙ୍ଗଲ, ପୋଡିଯାଉଛି ଏବଂ ଖୁବ୍ ଅନତି ଦୂରରେ ଥିବା ବାଲ୍ମୀକି(ଉଇହୁଙ୍କା) ଭୁଷୁଡି ପଡୁଛି । ଏହି ମ୍ରିୟମାଣ କପୋତୀ ପରି ଗତକାଲି ଜନ୍ମ ହୋଇଥିବା ଶିଶୁ ମୃତ୍ୟୁବରଣ କରିଥିବାରୁ ଜନ୍ମଦାତ୍ରୀର ହୃଦୟ ଦୁଃଖରେ ମ୍ରିୟମାଣ ହୋଇପଡିଛି । ଏହାରି ଫଳରେ ଜନ୍ମଦାତ୍ରୀ ମାତାର ଲୋତକ ପରି ସ୍ତନ ଯୁଗଳରୁ କ୍ଷୀର ଝରି ଗାଁ ଦାଣ୍ଡ ଧୂଳିରେ ମିଶି ଯାଉଛି । କବି କହୁଛନ୍ତି- 'ମୁଁ ଗାଁ ଦାଣ୍ଡରେ ଛିଡ଼ାହୋଇ ଶୁଣିବାକୁ ପାଇଥିଲି ସଦ୍ୟ ବିବାହିତା ତରୁଣୀର ସ୍ୱାମୀ ନଗଦ ମରିଯାଇଛନ୍ତି; ସଦ୍ୟ ବିବାହିତା କୁଳବଧୂ ବିଧବା ହୋଇଯାଇଛି; ଆଶ୍ଚର୍ଯ୍ୟର କଥା ତା' ମଥାର ସିନ୍ଦୂର, ପାଦର ଅଳତା, ଚକ୍ଷୁ ଯୁଗଳର କାଜଳ ଲିଭି ନଥିଲା; ଏପରି ମର୍ମନ୍ତୁଦ ବିରହ ଯନ୍ତ୍ରଣାର କ୍ରନ୍ଦନ ଶୁଣି ବସୁମାତା ଓ ଆକାଶ ଫାଟିଗଲା ପରି ମନେ ହେଉଛି । ନବ ବିବାହିତା ଯୁବତୀ ଜାୟାକୁ ତା'ର ପ୍ରିୟତମ ସ୍ୱାମୀ ପର କରି ଆର ପୁରକୁ ଚାଲିଗଲା, ଏହି ମାତ୍ର କିଛି ଦିନର ଘଟଣା; ବିବାହ ବେଦିରେ ପିନ୍ଧିଥିବା ତା'ର ହଳଦିଆ ନାଲି ଧଡି ଯୁକ୍ତ ଶାଢୀଟି ଚିରି ନଥିଲା । ବର୍ଷେ ବି ପୂରି ନାହିଁ । ପୁନଶ୍ଚ ଆଉ ଏକ ଗାଁରେ ଦେଖିଥିଲି, ଦୁଇ

Digitized by srujanika@gmail.com

ସଉତୁଣୀଙ୍କର କଳି, ଝଗଡ଼ା, ସହିତ ସଦ୍ୟ ଜନ୍ମିତ ଶିଶୁର ମୃତ୍ୟୁରେ ମ୍ରିୟମାଣ, ଦୁଃଖିନୀ ମାତାର ଅଶ୍ରୁଳ କ୍ରନ୍ଦନ, ମର୍ମସ୍ପର୍ଶୀ ବିଳାପ ଶୁଣି ଓ ମାତାର ବିକଳ ଅବସ୍ଥା ଦେଖି ବିଶ୍ୱ ସ୍ରଷ୍ଟାଙ୍କୁ ପଚାରିଥିଲି, ହେ ପ୍ରଭୁ! ମୁଁ ଜଣେ ବାରବୁଲା ଯାଯାବର; ଏସବୁ କ'ଣ ଦେଖୁଛି ? କ'ଣ ଆପଣଙ୍କ ସର୍ଜନା ଓ ସୃଷ୍ଟିର ରହସ୍ୟ, କିଛି ଜାଣିପାରୁନାହିଁ କି କିଛି ବୁଝି ବି ପାରୁନାହିଁ; ସେଥିପାଇଁ ସମସ୍ତଙ୍କୁ ସଚେତନ ଓ ସାବଧାନ କରାଇ କହିଛନ୍ତି।'

କାଜି ତୁକା ତାନାଇଁ

ଆଇଁ ଦ ଅକୟତାନିଃ ଅକଆତେଇଁ ହିଜାକାନା କା'ଗେଇଁ ଇତୁଆନା
କାମି ପାଇଟି ଚାବା କାତେ ନେ 'ଜନମାତେ' ଏନ୍ତେଇଁ ରୁୱାଲା ସେନାଃ ॥୧॥
କାଜି ତୁକା ତାନାଇଁ ମୁଣ୍ଡା ହାଗାମିଶିକ ସବେନ୍ ଆୟମେପେ
ଅକଆତେ ହିଜାକାନାପେ; ଏନ୍ତେଗେ ସେନାଃ ରୁୱାଲାପେ ॥୨॥
ମିଶାଗେ ମାନ୍ମୀ-ଜନମ୍ ନାମାକାନା; ଅଡଃ ମିଶା କା'ଗେ ନାମଆ
ଉଡୁଃଗେପେ ତିହିଁଗେ ସମାଜ୍ ରେୟାଃ; କାନାଃ କାମି ତୁକା ତାନାପେ ॥୩॥

(ଆନ୍ଦୁକାଲ୍)

ମୁଁ କିଏ, କେଉଁଠାରୁ ଆସିଛି, ମୁଁ ଜାଣେ ନାହିଁ, କିନ୍ତୁ ମୁଁ ଏତିକି ଜାଣିଛି, ମୁଁ ଯେଉଁଠାରୁ ଆସିଛି; ସେଠାକୁ ଫେରିଯିବି; ଏହା ସୁନିଶ୍ଚିତ। ମୋ ଜୀବନର ଯାହା କର୍ତ୍ତବ୍ୟ ଓ ଦାୟିତ୍ୱ ସଂପାଦନ କରି ଦିନେ ନିଶ୍ଚୟ ସେଠିକି ଫେରିଯିବି। ସେଇଥି ପାଇଁ ମୁଁ କହିଯାଉଛି; ତୁମେ ମଧ୍ୟ ଯେଉଁଠାରୁ ଆସିଛ; ସେଠିକି ଫେରିଯିବାକୁ ହେବ, ତୁମେ ସେଠିକି ହିଁ ଫେରିଯିବ; ଏଥିରେ କୌଣସି ସନ୍ଦେହ ନାହିଁ। ତେଣୁ ମୁଣ୍ଡା ଭାଇଭଉଣୀମାନେ ଏତିକି ମନେରଖ ଯେ, ମାନବ ଜନ୍ମ ମର୍ତ୍ତ୍ୟରେ ଥରେ ହିଁ ହୁଏ; ଦ୍ୱିତୀୟ ଥର ହୁଏ ନାହିଁ; ତେଣୁ ଏ ଜନମରେ ତୁମେ କ'ଣ ସମାଜ ପାଇଁ କାମ କରି ଯାଉଛ; ଆଜି ହିଁ ଚିନ୍ତା କରି ସତର୍କ ହୁଅ; କାରଣ କାଲିକି ଜୀବନ ଥାଇପାରେ;

Digitized by srujanika@gmail.com

ନଥାଇ ବି ପାରେ । କାରଣ- 'ତିସିଂ ଜୀବନ ଗାପା କା' ତାଇନଆ।' ଏଥିପାଇଁ ଶାସ୍ତ୍ର ମଧ୍ୟ ସୂଚନା ଦେଇଛି-

ନ କଶ୍ଚି ଦପି ଜାନାତି କିଂ କସ୍ୟଶ୍ୱୋ ଭବିଷ୍ୟତି
ଅତଃ ଶ୍ୱଃ କରଣୀୟାନି କୁର୍ଯ୍ୟାଦ ଦ୍ୟୈବ ବୁଦ୍ଧିମାନ୍।

ଅର୍ଥାତ୍ ଆସନ୍ତାକାଲି କାହାର କ'ଣ ଘଟିବ କେହି ସେ କଥା ଜାଣନ୍ତି ନାହିଁ। ତେଣୁ ଆସନ୍ତାକାଲି କି ଯାହା କରିବାର କଥା ତାହାକୁ ବୁଦ୍ଧିମାନ ବ୍ୟକ୍ତି ଆଜି ସମ୍ପନ୍ନ କରିବା ଉଚିତ। (ନୀତିଶାସ୍ତ୍ର)

ସୁତରାଂ ଏହି 'ବାନାଇକେ କୁନୁଲି ଓ କାଜି ତୁକା ତାନାଇଁ' କବିତାର ପଂକ୍ତିରେ ଥିବା ଭାଷା, ଭାବ, ଆବେଗ ଅନୁସନ୍ଧିତ୍ସା କେତେ ଗମ୍ଭୀର ଭାବୋଦ୍ଧୀକ, ରହସ୍ୟା କର୍ଷଣର ଚିତ୍ରର ଉତ୍କୀର୍ଣ୍ଣ; ସତେ କେତେ ମୂର୍ତ୍ତିମନ୍ତ ଓ ଜୀବନ୍ତ କବିର ଏହା ଏକ ଚିରନ୍ତନ ଆଲେଖ୍ୟ। କବି ସମାଜର ଉନ୍ନତି ନିମନ୍ତେ ଆଜୀବନ ଲଗାତର ଭାବେ ଆତ୍ମା-ଉତ୍ସର୍ଗିତ ଜଣେ ସମାଜର ହିତାକାଂକ୍ଷୀ, ମୁଣ୍ଡାରୀ ଭାଷା ସୁରକ୍ଷାର ଜଣେ ଜାଗ୍ରତ ପ୍ରହରୀ ହୋଇ ଶେଷରେ ନିଜ ମନର ଗ୍ଲାନି ଓ ବିରକ୍ତି ପ୍ରକାଶ କରିଛନ୍ତି-

'ଆଦିବାସୀ ହାଗାମିଶି କୁଲା ଲେକାନ୍ ଜାତି
ଘାରୀ ରେପେ ବଲଆକାନା ବାନଃ ତାପେ ଗତି
ଆଃ ସାର୍ ବଲାମ୍ କାପି ମାର୍ ସାଜାଅଏପେ
ଗୁଲା ବାରଦ୍ ମେସିନ୍ ଗନ୍ ତେର୍ ଜଗାଅତାପେ।' (କୁସୁଲୀ)
ବିରିଦ୍‌ପେୟା ବିରିଦ୍‌ପେୟା ବୀର ମୁଣ୍ଡାରୀ ଜାତି
ଜନମ୍ ଦିଶୁମ୍ ଇୟାମ୍ ତାନାଃ ବାନଃ ତାୟାଃ ଗତି।
ମେଦ୍ ଦାଃ ଗାଡା ଲିଙ୍ଗିତାନା ସକଲ୍ ବକଲ୍ ତାୟାଃ
ଆପେ ଦରେ ଆଉରିପେ ବିରିଦ୍ ଅଟାଂତାନା କାୟା।

କବି ଯେ କେବଳ ସମାଜର ଯୁବକ ଯୁବତୀମାନଙ୍କୁ ସଚେତନ କରାଉଛନ୍ତି; ତାହା ନୁହେଁ; ସେ ମଧ୍ୟ ଯୁବକ ଯୁବତୀମାନଙ୍କୁ ଅସାମାଜିକ, ଉଚ୍ଛୃଙ୍ଖଳିତ ପ୍ରେମରେ ମାତି, ନଗ୍ନ ପ୍ରୀତି କରି ନିଜର ଭବିଷ୍ୟତ ନଷ୍ଟ ନ

Digitized by srujanika@gmail.com

କରିବାକୁ ସତର୍କ କରାଇଛନ୍ତି । ପ୍ରେମିକ ଯେତେବେଳେ ପ୍ରେମିକା ପାଇଁ ବ୍ୟାକୁଳ ହୁଏ, ଭୋକ ଶୋଷ ସବୁ ଭୁଲିଯାଏ, ନିଜର ଅସ୍ତିତ୍ୱ ମଧ୍ୟ ଭୁଲିଯାଏ, ସେତେବେଳେ ପ୍ରେମିକ ଶୟନେ, ସ୍ୱପନେ, ଦିବାନିଶି ପ୍ରେମିକା କଥା ଭାବି ଭାବି ପାଗଳ ପ୍ରାୟ ହୁଏ; ନିଜର ପ୍ରେମିକାର ରୂପ ସୌନ୍ଦର୍ଯ୍ୟର କଳ୍ପନା କରି; ପ୍ରେମିକ ଗାଇଉଠେ-

ଗିତିଃ ଯାନ୍‌ରେ ଲେଲ୍ ମେଆଇଁ କୁମୁତେ
ଲେଟେକଟେ ମୁଗୁଃଇ ମୁଗୁଃଇ ଲାନ୍ଦାତେ
ଘନେ ଘନେମ୍ ହିଜୁଃ ଆଇଁଆଃ ମନେତେ
ମନେ ଜୀ'ଇ ରେମ୍ ଅଣ୍ଡର୍ କେଦା ଜୁଲ୍ ତାନା ବିତାର୍‌ରେ
ଯେତାୟୋ କା'କ ଲେଲ୍ ଧାଳି ଚେତାନ୍‌ରେ ।।
ଘନେ ଘନେଇଁ ଲେଲେ ତାମା
ମେ'ଦ ରିପିଂ ; ବାଙ୍କା କୟଃ କୁମୁତେ
ନାନା ବାବା, ମୁଁ ତାମାଃ, ଚାଣ୍ଡୁଃ ଲେକାନ୍ ମୁଆଁଣା
ଜୁଣ୍ଡି ତାନା ମନେ ତାଇଁଆଃ ମଗଦ ମଗଦ ବିତାର୍‌ରେ
ଯେତାୟୋ କା'କ ଲେଲ୍ ଧାଳି ଚେତାନ୍‌ରେ । (ଇଚାଃ ବା'ଆ)

ସମସ୍ତ ପ୍ରେମିକ, ପ୍ରେମିକାମାନଙ୍କୁ ଅବୈଧ ପ୍ରେମରେ ମଜ୍‌ଗୁଲ୍ ନ ହେବାପାଇଁ ପରାମର୍ଶ ଦେଇଛନ୍ତି, ସେ ସତର୍କ କରାଇ ଲେଖିଛନ୍ତି ଯେ, ଧନ, ଯୌବନ, ସମ୍ପତ୍ତି, ଚିରସ୍ଥାୟୀ ନୁହେଁ । ଯୌବନରେ ଉନ୍ମତ୍ତ ହୋଇ ଭୁଲ୍ ବାଟରେ ଯାଅ ନାହିଁ; ତୁମର ପିତାମାତା ହିଁ ତୁମ ପାଇଁ ଜୀବନସାଥୀ ବାଛି ବିବାହ କରିଦେବେ । ପିତାମାତାଙ୍କୁ ଅବଜ୍ଞା, ହେୟଜ୍ଞାନ ନକରି ତାଙ୍କ ଆଦେଶ, ସିଦ୍ଧାନ୍ତ ଓ ନିଷ୍ପତ୍ତିକୁ ବାଧ୍ୟ ପୁତ୍ର ହିସାବରେ ଗ୍ରହଣ କର । ତାହା ଫଳରେ ପିତାମାତା ଓ ବଂଶର ମର୍ଯ୍ୟାଦା ଓ ସମ୍ମାନ ରହିବ । ତେଣୁ ଅଯଥାରେ ଉଶୃଙ୍ଖଳିତ ହୁଅ ନାହିଁ । ଜଣେ ଯୁବତୀ ପିତାମାତାଙ୍କୁ ଅବଜ୍ଞା କରି ନିଜେ ନିଜେ କେମିତି ନିଜର ଜୀବନ ପାଇଁ ସାଥୀଟି ଖୋଜି;

Digitized by srujanika@gmail.com

ଯୌବନରେ ମଜ୍‌ଗୁଲ୍ ହୋଇ 'ପ୍ରେମ-ବିପଣୀ'ରେ ଠକି ଯାଇଛି; ତାହା ଖୁବ୍ ସୁନ୍ଦର ଭାବେ କବିତାରେ ଲେଖିଛନ୍ତି-

ଆଧୁନିକ ମୁଣ୍ଡାରୀ ଗାମ୍ଭୁଇନ୍ଦି

ମନେ ମନେତେ ଜୀବନ ଜୁଲି
ନାନାମ୍‌ରେ ବେଜାଇଁ ଆକାଲ୍ ବାକାଲ୍
ଉକୁ-କୁମ୍ଭୁଲତେ; କୟଃ କପୟଃରେ ଇସୁ ରାସିକା ଠ'ଅରଆ।
ନାପାମ୍ ଦ'ପ କାତେ ହାମ୍ବାଲ୍ ହଲ୍କରେ ନିର୍ ବାଗେ
ମାଃ ଘାଅରେ ଅମାକାନ୍ ବାବା ମୁର୍ଚି
ଆତେ ଯାଃଇକା ଜଲନା। (ଇଚାଃ ବା'ଆ)
ହନ୍‌ଗାଣା ରେଆଃ ମାପାଃ ଗପଃୟ
କୁଲ୍‌ଗିଆ କିନାଃ ଏପେରାଂ
ହାନାର୍ କିମିନ୍ ଦାପାର୍ ଦାଲି
ବାର୍ ହାଗାୟା କିନାଃ ସପବ୍‌ବଃ
ନାପାମ୍ ଦ'ପ କାତେ ଲାବ୍ ହିସାବ୍ କିତାବ୍
ହାମ୍ବାଲ୍ ହଲ୍କରେ ବାପାଗେ
ଆପେମାନ୍ କଆଃ ଚଲନ୍ ହଇଆକାନା;
ହାଟିଆ ଧୂଳାରେ ଇପିନୁଂ ॥ (ଆଲ୍‌ଚି)

ନିଜ ଇଚ୍ଛାରେ, ସ୍ୱେଚ୍ଛାଚାରୀ ହୋଇ ତାରୁଣ୍ୟ ଲାଭ କଲାପରେ ଝିଅ ନିଜର ଜୀବନସାଥୀ ବାଛି; ଅଧ ବାଟରେ ଲାଞ୍ଛିତ, ପ୍ରତାରିତ, ହେଲାରେ ତା'ର ସାନ ଭଉଣୀମାନଙ୍କୁ ଏମିତି ଭୁଲ୍ ବାଟରେ ନଯିବା ପାଇଁ ଉପରଲିଖିତ କବିତା, ପଂକ୍ତିରେ କୁହାଯାଇଛି। ପୁନଶ୍ଚ କବି ମଧ୍ୟ ନିଜ ସମାଜର ତରୁଣ ଓ ତରୁଣୀମାନଙ୍କୁ ଚେତାବନୀ ଶୁଣାଇ; ଜଣେ ମୁଣ୍ଡା ସମାଜର ମୁରବୀ ସାଜି ଗାଇଛନ୍ତି-

Digitized by srujanika@gmail.com

୧) ବୁଗି ଯୁଦା ଆୟାର୍ ଟାୟମ୍ କା'ଗେମ୍
ଉଡୁଃକେଦା; ଏଙ୍ଗା ଆପୁ କଓ୍ୱାଃ ମାନମହତ
ଯଉବନରେ ମାଉରକାତେ, ପିରିତି ରେମ୍
ବାଉଲାଓ୍ୱ ଯାନାମ୍; ଆକିରିଂ କେଦାମ୍ ଇଜ୍ଜତ ।
ହାପାନୁମ୍ କ ଡେଣ୍ଡେ ପୋଷାକ
ତୁସିଂଏନ୍ ଟାନ୍‌ଚି ବାଉଲାଓ୍ୱ ଟାନାକ;
ସେପେଲେଦ୍ କ ଲେଲ୍ କାତେ
ଏଙ୍ଗା-ଆପୁ କା'କ ମାନାତିଂଅଃ ତାନା
ହାଏରେ ମାନଓ୍ୱା ହନ୍ ଟାବୁ ॥ (ଇଚାଃ ବା'ଆ)

ଇପାଃଏ ଗେୟା କିରିୟା

୨) ନାମ୍‌ତାଂ ରେୟାଃ ଆଣାନ୍ଦୀ କୁଣ୍ଡୁନ୍ଦୀ
ହାଟ୍ ତାଲାରେ ନାପାମ୍ ଚିପିନା ଲେକା
ପାନ୍ ଅପମ୍ ଜପମ୍; ହିଲିହିପିଲି ମନେ
ଦୁକୁସୁକୁ ରିଲିଂଅଆ ମନେ ଜୀ'ଆଃ ରାସିକାତେ ।
ଜୀ'ଇ ରାଲେଃ ସମାଏ ପାରମ୍
ଉକୁଲ୍ ବୁକୁଲ୍ ମନେ ଜୀ'ଇ ଦ ରେକାଓ୍ୱଆ
ହାଟ୍ ତାଲାରେ ଗିପାଲ୍ ଗପଲ୍ ସେନେଆ ।
ଆଁଅଂ ନିଦାରେୟାଃ ସିବିଲ୍ କୁମୁ ଲେକା
ନାପାମ୍‌ଦପ ରେୟାଃ ଆଣାନ୍ଦୀ;
ରିମ୍ବିଲ୍ ରେୟାଃ ହିଚିର୍ ଲେକା;
ଦୁକୁର୍ ପୁକୁର୍ ମନେରେ
ବାନଃ କାୟା, ବାନଃ ଦାୟା ବାନଃଗେୟା ମାୟା

Digitized by srujanika@gmail.com

ମନେ ଜୀ'ଇ ଦ କାଏ ବୁଝାଓ୍ୱାଃ ; ହଲ୍ଲରେୟାଃ ହାୟା
ନାପାମ୍ ଦ'ପ ନାତେନ୍ ସିଙ୍ଗି, ଚାଣ୍ଡୁଃ, ସାକି କିରିୟା
ସାରୁ ସାକାମ୍ ରେୟାଃ ଦାଃଆ ଲେକା ମାଣି ମାଣିତେ ନୁ'ରଆ ॥
ଇନା ମେନ୍‌ତେ ହାପାନୁମ୍, ସେପେଳେଦ୍ କ
ଉଡୁଃ ଗେପେ ଆୟାର୍ ତାୟମ୍
ସିଙ୍ଗି, ଚାଣ୍ଡୁଃ ରେୟାଃ କିରିୟା
ଦାଃଆ ତାଲାରେୟାଃ ଜୀ'ଇ ବାରିୟା ॥■

Digitized by srujanika@gmail.com

ପଞ୍ଚମ ଅଧ୍ୟାୟ

ଆଣାନ୍ଦୀ ଦୂରାଂ

ମୁଣ୍ଡାରୀ କବିତା ଓ ସଙ୍ଗୀତରେ 'ଆଣାନ୍ଦୀ ଅଣେ' ବିବାହରେ ବରକନ୍ୟାଙ୍କୁ ବନ୍ଦାପନା ଗୀତର ଏକ ବିଶିଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଣ୍ଡା ସମାଜର ବିଭିନ୍ନ ବିବାହ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବିଭିନ୍ନ ଗୀତଗୁଡ଼ିକ ପୁରନାରୀମାନେ ଗାଆନ୍ତି। ବର ସାଙ୍ଗରେ ଆସିଥିବା 'ବରଯାତ୍ରୀଗଣ' ମଧ୍ୟ କନ୍ୟାକୁ ବରଘରକୁ ନେବା ବାଟରେ ମଉଜ୍‌ମଜ୍‌ଲିସ୍ ଓ ଆନନ୍ଦରେ ବିଭୋର୍ ହୋଇ କୁଳବଧୂ 'ନୂଆବୋହୂ'କୁ ଅଭିନନ୍ଦନ, ବନ୍ଦାପନା ସ୍ୱାଗତ ତଥା ସାନ୍ତ୍ୱନାମୂଳକ ବିବାହ ଗୀତ ଗାଇ ବର ଘରକୁ ନେଇ ପହଞ୍ଚାନ୍ତି। ବର ଘରେ ଅପେକ୍ଷାରତ ଯୁବତୀ ତଥା 'କନ୍ୟା'ର ନଣନ୍ଦ, ଦେଢଶାଶୁ , ଯା'ମାନେ ମଧ୍ୟ ବିଭିନ୍ନ ମାଙ୍ଗଳିକ ଗୀତଗାଇ ଅଭିନନ୍ଦନ କରିଥାନ୍ତି। ସେହି ସଙ୍ଗୀତମାନଙ୍କ ମଧ୍ୟରୁ କେତୋଟି ମର୍ମ୍ମସ୍ପର୍ଶୀ, ସହାନୁଭୂତି, ଆଶ୍ୱାସନା ଗୀତଗୁଡ଼ିକ ଏଠାରେ ଉଲ୍ଲେଖ କରାଗଲା। ସେହି ସଙ୍ଗୀତ ଗୁଡିକରେ ମୁଣ୍ଡାରୀ ଭାଷା, ବିଭିନ୍ନ ଶବ୍ଦର ବିନ୍ୟାସ, ସଂସ୍କୃତି ଓ ପରମ୍ପରାଗୁଡ଼ିକ ପ୍ରତିଫଳିତ। ଏହି ସଂସ୍କୃତି ଓ ପରମ୍ପରା ଗୁଡିକ ଏହି ମୁଣ୍ଡା ସମାଜରେ ବହୁ ପ୍ରାଚୀନ କାଳରୁ ପ୍ରଚଳିତ। ସଂପ୍ରତି ମୁଣ୍ଡା ସମାଜରେ ଶିକ୍ଷାଲାଭ କଲାପରେ ସେହି ପରମ୍ପରାଗତ ସଙ୍ଗୀତଗୁଡ଼ିକ ନୂତନ ରୂପରେଖ

Digitized by srujanika@gmail.com

ଦେଇ; ନୂତନ ଭାବରେ ସମାଜରେ ପ୍ରଚଳନ କରାଯାଇଛି । ପୂର୍ବ କାଳରେ ମୁଣ୍ଡାମାନେ ଅଶିକ୍ଷିତ ଥିଲାବେଳେ ମଧ୍ୟ ଏହି ବିବାହ ଗୀତଗୁଡ଼ିକ ସମାଜରେ ସମସ୍ତେ ଶୁଣିଶୁଣି ମନେରଖି; ବିବାହ ସମୟରେ ଯଥା ସମୟରେ ଉପଯୁକ୍ତ ଗୀତମାନ ପରିବେଷଣ କରି ସମସ୍ତଙ୍କୁ ମୁଗ୍ଧ, ଆନନ୍ଦିତ ଓ ଉଲ୍ଲସିତ କରୁଥିଲେ । ଗୀତଗୁଡିକ ନିମ୍ନ ପ୍ରକାରରେ ଅଛି-

୧) ଆଲମ୍ ଇୟାମେୟା ଧନୀ ଆଲମ୍ ଗେରାଂଏୟା
କୁଲିହନାଃ ଜନମ୍ ଦ ଏଟାଃ ଅଳାଃ ଆଲା ନାଗିନ୍‌ତେ ।

୨) ଆମାଃ ଇୟାମ୍ ଆୟମ୍‌ତେ; ଆମାଃ ଗେରାଂ ଦୁକୁ ଲେଲ୍‌ତେ
ନୁ'ନୁ ତାନ୍ ଚୁଇ ହନେଃଏ ନୁ'ନୁ' ବାଗେ କେଦାଃ
ଜବେଲା ରେନ୍ ଫୁଣ୍ଡି ବଗଲା କାଟା ଦନ୍ଦ ତାଦାଃ ।
ଆଲମ୍ ଇୟାମେୟା ଧନୀ ଆଲମ୍ ଗେରାଂଏୟା ।

୩) ଆମାଃ ଇୟାମ୍ ରାନାଃଆ ଆୟମ୍‌ତେ
ଗାମା-ରାନୀ ସିରିମାତେ ମେଦ୍ ଦାଃ ଜର ଯାଦାଃ
ଦାଃଆ ରେନ୍ ହାଇକ ଯତ ଖୁଡ଼ିଲ୍ ଉଡୁଂଯାଦା ।

୪) ଆଲମ୍ ଇୟାମେୟା ଧନୀ !; ଆଲମ୍ ଗେରାଂଏୟା
ଆମାଃ ଇୟାମ୍ ଆୟମ୍‌ତେ, କୁଇଲି ହାପେନ୍ ଯାନାଃ
ଆମାଃ ଦୁକୁତେ ଦାରୁ ରେନ୍ ରେଏଁ ଗେରାଂଏତାନାଃ ।

୫) ଆଲମ୍ ଇୟାମେୟା ଧନୀ; ଆଲମ୍ ଗେରାଂଏୟା
ଆମାଃ ଇୟାମ୍ ଆୟମ୍‌ତେ; ଚେଣେଚୁପୁରୁକ ରାଗେତାନା
ଚେରେବେରେଏ ରାନାଆତେ, ଦାରୋମ୍ ଇଦିକ ହିଜାକାନା ।

୬) ଆଲମ୍ ଇୟାମେୟା ଧନୀ, ଆଲମ୍ ଗେରାଂଏୟା
ଏଦେଲ୍ ରାଙ୍ଗା ମୁରୁଦ୍ ବା'ଆତେ, ବାନାଇ ଦାରୋମ୍ ଜାମାଃ
ଦୁମ୍ବୁର ଉରୁ ବାଜାଣା ଅରଂ କାଟେକ; ତେଲା ଦାରୋମ୍ ଜାମା ।

Digitized by srujanika@gmail.com

୭) ଆଲମ୍ ଇୟାମେୟା ଧନି ! ଆଲମ୍ ହିୟାତିଂ
ବର୍ ଅଲାଃ ହାତୁ ମୁଡି ଜଜ ସୁବାରେ ସୁଙ୍ଗୁତିକ ଡାଙ୍ଗିତାମା
ଆମାଃ ଅଲାଃ ଦୁଆର୍‌ରେ ଇରିଉଲକୁଲି କୟଃ ତାମା ।

୮) ଆଲମ୍ ଇୟାମେୟା ଧନୀ; ଆଲମ୍ ହିୟାତିଂ
ଅଲାଃ ରେନ୍ କିମିନ୍ କ ଲୁଲୁଲୁଲି ତେକ ଦାରୋମ୍ ମେୟା
ଉଲି ସାକାମ୍ ଦାଃଆ ତେକ ହିର୍ଚି ଦାରୋମ୍ ମେୟା ।

୯) ଅତି ଆଲମ୍ ଇୟାମେୟା; ଅତି ଆଲମ୍ ହିୟାତିଂ
ଇରିଉଲ୍ କୁଲିକ ତାମାଃ; ତୁବା ସାସାଂ-ଦାଃଆ ତେକ ହାବୁଂମେୟା
ଲୁଲୁଲୁଲି କାତେ ହେଲେମ୍ ଦୁନୁରାଂ ତେକ ଚଃଅ ଚୁମାଣ୍‌ମେୟା ।

୧୦) ଆଜିହାନାର୍ ତାକ ତାମାଃ ଧନୀ, ରଂରାସିକା ଦୁଲାଂ ପିରିତିତେ
ଚାନ୍ଦାଏରେ ନାଓ୍ୱାଁ କିଚିରିଃ ଦନ୍ଦକାତେ; ଲେଲ୍ ଦାରେମ୍ ମେୟା
ହାନାର୍‌ମେ ତାମାଃ ଅଲାଃ-ରାଚା' ତେୟାଦ୍ ଚୁମାଣ୍ ଇଦିମେୟାଃ ।

୧୧) ଏଙ୍ଗା ଆପୁ ହାଗା ହନ୍‌କ
ସେନଃରେ ଆମାଃ ଅଲାଃତେ
ମଦ୍ ଲଟା ଦାଃଆତେ ଧନୀ ଲେଲ୍ ଦାରୋମ୍ କମ୍ ।

୧୨) କଏ, ଯାତିରୀ, ବାବାଜୀକ
ହିଜୁଃରେ କନୟ ଆସେ
ଧାଲି-ଇମିନ୍ କନୟତେ
ବିଦାଇ ଅମାକମ୍ ।।

ଓଡିଆରେ ଭାଷାନ୍ତର

୧) ହେ ଝିଅ ! ତୁମେ ଆଉ ଏ ଶୁଭ ତିଥିରେ ଅର୍ଥାତ୍ ବିବାହ ଦିବସରେ ବିଦାୟକାଳୀନ ସମୟରେ କ୍ରନ୍ଦନ କରନାହିଁ କିମ୍ବା କୌଣସି ଦୁଃଶ୍ଚିନ୍ତା ମନରେ ଆଣନାହିଁ ।

Digitized by srujanika@gmail.com

୨) ତୋର କ୍ରନ୍ଦନ ଶୁଣି ସମସ୍ତେ ମ୍ରିୟମାଣ। ଗୃହ ଅଗଣାରେ ସ୍ତନପାନ କରୁଥିବା ଧେନୁ ଶାବକ ମାତୃ ସ୍ତନରୁ କ୍ଷୀର ପିଇବା ବନ୍ଦ କରିଦେଲା। ତେଣୁ ଆଉ କ୍ରନ୍ଦନ କରନାହିଁ।

୩) ତୋର ବିକଳ କ୍ରନ୍ଦନ, ରୋଦନ ଓ ବିଳାପ ଶ୍ରବଣ କରି ସମବେଦନା ଜଣାଇ 'ବର୍ଷାରାଣୀ' ଆକାଶମାର୍ଗରୁ ବାରି ରୂପରେ ନିଜ ନୟନରୁ ଲୋତକଧାରା ଗଡାଇଲେ ଏବଂ ଜଳ ଭିତରେ ଥିବା ମୀନମାନେ ତୁମ ଦୁଃଖରେ ମ୍ରିୟମାଣ ହୋଇ ଆତ୍ମହତ୍ୟା କରିବାପାଇଁ ସ୍ଥଳଭାଗକୁ ଲମ୍ଫ ପ୍ରଦାନ କରି ଉଠିଗଲେ।

୪) ତେଣୁ ହେ ବତ୍ସା! ତୁମେ ଆଉ କ୍ରନ୍ଦନ କର ନାହିଁ କି ଅଧିକ ଦୁଃଶ୍ଚିନ୍ତା ଓ ଭାବନା ପ୍ରକଟ କରନାହିଁ। କାରଣ ତୁମର କରୁଣ କ୍ରନ୍ଦନ ଶୁଣି ଦୁଃଖରେ ଭାଙ୍ଗିପଡି ବିପଟୀ ଶାଖାରେ ବସିଥିବା ପିକ ତା'ର ସୁମଧୁର ଗାନ ବନ୍ଦ କରିଦେଲା; ପୁନଶ୍ଚ ତୁମ ଦୁଃଖରେ ମର୍ମାହତ ହୋଇ ବୃକ୍ଷ-ଶାଖାରେ ଥାଇ ଡାକୁଥିବା ରେଏଁ (ଝିଙ୍କାରୀ) ତା'ର ଗୀତ ବନ୍ଦ କରିଦେଲା।

୫) ହେ ପୁତ୍ରୀ! ତୋର କରୁଣ ବିଳାପ ଶ୍ରବଣ ପରେ ପକ୍ଷୀଗଣ ତାଙ୍କର ଚିରାଚରିତ କୂଜନ 'କିଚିରି ମିଚିରି' ଧ୍ୱନିରେ ସମ୍ବର୍ଦ୍ଧନା ଓ ସମବେଦନା ଜଣାଇ ପାଛୋଟି ନେବାପାଇଁ ବୃକ୍ଷୋପରେ ବସି ଆମନ୍ତ୍ରଣ କରୁଛନ୍ତି। ତେଣୁ ତୁମେ ଆଉ କ୍ରନ୍ଦନ କର ନାହିଁ।

୬) ପୁନଶ୍ଚ ବିଭିନ୍ନ ସ୍ଥାନରେ ଦଣ୍ଡାୟମାନ ନାଲି ଟହଟହ ଲାଲ୍ ଶିମୁଳି ଓ ପଳାଶ ଫୁଲରେ ସୁ-ସଜ୍ଜିତ ହୋଇ ପ୍ରକୃତି-ସୁନ୍ଦରୀ ତୁମ ଅପେକ୍ଷାରେ ଏବଂ ତାଙ୍କ ସହିତ ମଧୁମକ୍ଷିକା, ଭ୍ରମରମାନେ ଗୁଣୁଗୁଣୁ ସ୍ୱରରେ ସାହାନାଇ ବଜାଇ ପାଛୋଟି ନେବା ନିମନ୍ତେ ଉଦ୍‌ଗ୍ରୀବ ହୋଇ ଅପେକ୍ଷା କରିଛନ୍ତି। ତେଣୁ ତୁମେ ଆଉ ଅଧିକ ରୋଦନ କରି ପରିବେଶକୁ ଶୋକାକୁଳ କର ନାହିଁ।

୭) ତୁମ 'ବର' ଘର ଗ୍ରାମ ଆଦ୍ୟ ଭାଗରେ ଥିବା ତେନ୍ତୁଳି ବୃକ୍ଷ ମୂଳେ ତୁମ ବୟସର ସଖୀମାନେ ଅପେକ୍ଷାରେ; ପୁଣି ତୁମ ଅଲିଅଳି ନଣନ୍ଦ ତୁମ

Digitized by srujanika@gmail.com

ଶାଶୁଘର ମୁଖ୍ୟ ଦ୍ୱାରରେ ଅନେଇ ବସିଛି । ତେଣୁ ତୁମେ ଆଉ କ୍ରନ୍ଦନ କର ନାହିଁ । ତୁମ ପାଇଁ ସମସ୍ତେ ଅପେକ୍ଷାରତ ।

୮) ଗୃହାଙ୍ଗନରେ ଥିବା ବୋହୂମାନେ ବାସ୍ନା-ପବିତ୍ର ଜଳ ଓ ଆମ୍ବ ପତ୍ରରେ ସିଞ୍ଚନ କରି ହୁଳହୁଳି ଦେଇ ସ୍ୱାଗତ କରିବା ପାଇଁ ନିର୍ନିମେଷ ନୟନରେ ଅପେକ୍ଷାରତ ! ତେଣୁ ହେ ବତ୍ସା ! ଏବେ ଆଉ କ୍ରନ୍ଦନ କର ନାହିଁ ।

୯) ହେ ନୂତନ ଭାବରେ ଶାଶୁ ଗୃହକୁ ଆସୁଥିବା ନବବଧୂ; ତୁମର ଗେହ୍ଲା ନଣନ୍ଦମାନେ କଂସା ବାସନରେ ରଖିଥିବା ହଳଦୀ ପାଣିରେ ତୁମର ପାଦ ଧୌତ କରି ବିଭିନ୍ନ ସୁମଧୁର ସ୍ୱରରେ ବନ୍ଦାପନା ଗୀତମାନ ଗାଇ ହୁଳହୁଳି ଶଙ୍ଖ ବଜାଇ ଅଭିନନ୍ଦନ ଜଣାଇବା ନିମନ୍ତେ ଆହ୍ଲାଦରେ ଅପେକ୍ଷା କରିଛନ୍ତି । ତେଣୁ ତୁମେ ଆଉ କ୍ରନ୍ଦନ କର ନାହିଁ ।

୧୦) ତୁମର ଦେଢଶାଶୁ (ସ୍ୱାମୀଙ୍କର ବଡଭଉଣୀ)ମାନେ ଆନନ୍ଦ ଉଲ୍ଲାସରେ ଉତ୍କଣ୍ଠାର ସହିତ ଗୃହ-ଚାଳ ତଳେ ନୂତନ ବସ୍ତ୍ର 'ବିତାନ' କରି ପାଛୋଟି ନେବାପାଇଁ ପ୍ରସ୍ତୁତ ଅଛନ୍ତି ପୁନଶ୍ଚ ତୁମର ଶାଶୁ-ମାତା ତୁମେ ଗୃହକୁ ପ୍ରବେଶ କରିବା ପୂର୍ବରୁ ଗୃହ ଅଗଣାରେ (ଦୁଆର-ସମ୍ମୁଖରେ) ବନ୍ଦାପନା ଓ ଚୁମ୍ବନ ଦେଇ ଅଭିନନ୍ଦନ ଜଣାଇବା ପାଇଁ ଉତ୍କଣ୍ଠିତ ହୋଇ ଦଣ୍ଡାୟମାନ ।

୧୧) ହେ ବତ୍ସା ! ତୁମ ଘରକୁ ତୁମ ଭାଇଭଉଣୀ ଅତିଥି ଭାବେ ଗଲେ ସ୍ନେହ, ଶ୍ରଦ୍ଧା ଓ ଆନନ୍ଦରେ ଲୋଟା ପାଣି ଦେଇ ସ୍ୱାଗତ କରିନେବ ।

୧୨) ଦୁଃଖୀରଙ୍କି, ଭିକାରୀ, ମୁନିଋଷି, ବାବାଜୀମାନେ ଭିକ୍ଷା ନିମନ୍ତେ ତୁମ ଗୃହକୁ ଆଗମନ କଲେ; ତୁମ ସାମର୍ଥ୍ୟ ଅନୁସାରେ ଭିକ୍ଷା ଦେଇ ଆନନ୍ଦରେ ବିଦାୟ ଦେବ । ରିକ୍ତ ହସ୍ତରେ କାହାରିକୁ ତୁମ ଗୃହରୁ ଫେରାଇବ ନାହିଁ । ମୁନି ଋଷି ଓ ବାବାଜୀମାନଙ୍କୁ ଭିକ୍ଷା ଦେଇ ଆଶିଷ ନେବ ।

ଉପରେ ବର୍ଣ୍ଣିତ ବିବାହ ସଙ୍ଗୀତ ଗୁଡ଼ିକର ଓଡିଆ ଭାଷାନ୍ତରରୁ ବେଶ୍ ସ୍ପଷ୍ଟ ଜଣାପଡୁଛି ଯେ, ବିବାହ ସମୟରେ ଓ ପରବର୍ତ୍ତୀ ବିଦାୟ ସମୟରେ

Digitized by srujanika@gmail.com

ମଧ୍ୟ ବୋହୂ ବା କନିଆଁର କ୍ରନ୍ଦନ ସହିତ କେମିତି ବିଭିନ୍ନ, ପଶୁ, ପକ୍ଷୀ ଓ ପ୍ରକୃତି ସମଦୁଃଖୀ ସାଜି ସମବେଦନା, ସହାନାଭୂତି, ପ୍ରକାଶ କରି ନୂତନ ଭାବେ ଶାଶୁ ଘରକୁ ଯାଉଥିବା ଝିଅଟିକୁ ସ୍ୱାଗତ କରିବା, ଘଟଣାମାନ ଓ ମୁଣ୍ଡାରୀ ପରମ୍ପରା କେତେ ଜୀବନ୍ତ ଓ ସହାନୁଭୂତିଶୀଳ ଜଣେ ମୁଣ୍ଡାରୀ କବିଙ୍କର କଲମରେ ପ୍ରାଞ୍ଜଳ ଭାବେ ପ୍ରସ୍ଫୁଟିତ ଏବଂ ସମ୍ବେଦନଶୀଳ।

ସାମାଜିକ ସ୍ଥିତି ଓ ପରିସ୍ଥିତିକୁ ଅନୁଧ୍ୟାନ କରି ସମାଜରେ ଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ନିଜର କବିତା ଓ ପ୍ରବନ୍ଧ ମାଧ୍ୟମରେ ସଂସ୍କାର କରିବାର ଦାୟିତ୍ୱ ତୁଲେଇବା ସମାଜର କବି, ପ୍ରାବନ୍ଧିକ ଓ ଗାଳ୍ପିକମାନଙ୍କର ଏକ ଗୁରୁଦାୟିତ୍ୱ। ସମାଜରେ ବିଭିନ୍ନ ଘଟଣା ଯଥା- ଜ୍ୱରରେ ପଡ଼ିଥିଲେ ଛଡାଣ, ପୂଜା ଆଦି ଅନ୍ଧବିଶ୍ୱାସ ଓ ସାମାଜିକ ବାସନ୍ଦ, ଜୋରିମାନା, ଗାଁରୁ ତଡ଼ିଦେବା, ସ୍ୱାମୀ ସ୍ତ୍ରୀର ମିଳନ ନ କରାଇ ଦେବା, ସାମାନ୍ୟ ଦୋଷରେ ଗୋବରପାଣି ପିଆଇବା, କାନକୁଳି କଣ୍ଟାରେ ଆମ୍ପୁଡିବା, ଉଇ ହୁଙ୍କାରେ ପାରକରିବା ଏବଂ ହାତରେ ବେଲକଣ୍ଟା ବାଡେଇବା ପ୍ରଭୃତିର ସଂସ୍କାର ପାଇଁ କବି, ଲେଖକମାନଙ୍କର ସମବେଦନା ରହିବା ଓ ସମ୍ବେଦନଶୀଳ ହେବା ଆଧୁନିକ କବିତାର ସ୍ୱର ହେବା ଉଚିତ୍। ଏ ଦିଗରେ କେତେକ ମୁଣ୍ଡାରୀ କବିମାନଙ୍କର ରଚନା ମଧ ପରିଦୃଷ୍ଟ।

ସଂସ୍କାର ଧର୍ମୀ

ହେର୍ ପିନ୍ଡାର ଫାଙ୍କା-ପୁତୁଲୁ ମନେ ଜୀ'ଇ ଦ ଗଟାଃଏପେ
ବୁଲ୍-ପାମ୍ପୁ, ଇଲି-ଆର୍କି ତିସିଂ ତେୟାଦ୍ ବାଗେଃପେ।
(କବି ଗୁରେନ୍ଦ୍ର)

ଦିଶୁମ୍‌ରେ ଇସୁଆଃ କାମି ମେନାଃ ତାମା କାମିତେ
ମାନ୍ନୀ ଆଲମ୍ ବୁଲେନା
ଜୀ'ଇ ତାମାଃ ଦାରୁ ଉମ୍ବୁଲ୍ ଲେକା ବିୟୁର୍ ତାନା
ଇଲି ତୁବାରେ ଆଲମ୍ ବୁଲେନା ।। (ଶ୍ରୀଧର)

Digitized by srujanika@gmail.com

ଭବିଷ୍ୟତ ବାଣୀ

ଆର୍ଚି-ଫାର୍ଚି ଟାଇନାବୁନ୍ ହାତୁ ବାଜାର୍ ଗଟାରେ
କାବୁନ୍ ବରଃଏ ମେନାଃ ରେ ଦ ସାୱାଁର ସଟା ରେ ॥

(କବି ଗୁରେନ୍ଦ୍ର ନାଥ ସିଂ)

ମୁଣ୍ଡାମାନେ ମନେ ରଖିବା ଉଚିତ- ଏ ଦୁର୍ଲଭ ମନୁଷ୍ୟ ଜନ୍ମ ଥରେ ପାଇଛୁ। ଆଉଥରେ ପାଇବୁ କି ନା ସନ୍ଦେହ। ନିଜର ସୁକର୍ମ ବଳରେ ପୁନଃଜନ୍ମ ମିଳିବାର ବିଶ୍ୱାସ ରହିଛି। ଚାଣକ୍ୟ ନୀତି-୧୪/୩ କହିଛି।

ଦୁର୍ଲଭ ମାନୁଷଂ ଦେହଂ
ମାନବ ଶରୀର ଦୁର୍ଲଭ।
ପୁନର୍ବିତ୍ତଂ ପୁନର୍ମିତ୍ରଂ ପୁନର୍ଭାର୍ଯ୍ୟା ପୁନର୍ମହୀ
ଏତତ୍ସର୍ବଂ ପୁନର୍ଲଭ୍ୟଂ ନ ଶରୀରଂ ପୁନଃ ପୁନଃ।

ଧନ, ମିତ୍ର, ଭାର୍ଯ୍ୟା, ଭୂସଂପତ୍ତି, ଦେଶ, ରାଜ୍ୟ ଏଗୁଡ଼ିକ ଥରେ ନଷ୍ଟ ହେଲେ ଆଉଥରେ ମିଳିପାରିବ କିନ୍ତୁ ଏ ମାନବ ଶରୀର ଦୁର୍ଲ୍ଲଭ ଶରୀର ଥରେ ନଷ୍ଟ ହେଲେ ପୁନର୍ବାର ଆଉ ମିଳିବ ନାହିଁ।

ତେଣୁ ଏହି ମାନବ ଜନ୍ମକୁ ସାର୍ଥକ କରିବା ନିମନ୍ତେ ନିଜ ସମାଜର ମଙ୍ଗଳ, ନିଜ ଭାଷା ଓ ସାହିତ୍ୟର ବିକାଶ କରିବା ଉଚିତ। ଏହି ଜୀବଦ୍ଦଶାରେ ମୋ ସମସ୍ତ ମୁଣ୍ଡା ଭାଇ ଓ ଭଉଣୀମାନଙ୍କୁ ମୁଣ୍ଡାରୀ ଭାଷା ଓ ସାହିତ୍ୟର ଉନ୍ନତି କଳ୍ପେ ମୃତ୍ୟୁ ବେଳକୁ ନିଜର ଅନ୍ତିମ ଇଚ୍ଛା ରୂପେ ପ୍ରକାଶ କରିବାକୁ ଅନୁରୋଧ-

ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜ ତ୍ୟନ୍ତେ କଳେବରମ୍
ତଂ ତମେବୈତି କୌନ୍ତେୟ ସଦାତ ଭାବ ଭାବିତଃ ॥

ହେ କୁନ୍ତୀ ପୁତ୍ର ଅର୍ଜ୍ଜୁନ! ମୃତ୍ୟୁକାଳୀନ ଅନ୍ତିମ ଚିନ୍ତା ହିଁ ପୁନର୍ଜନ୍ମ ନିର୍ଦ୍ଧାରଣ କରିଥାଏ। ଏହି ମନୁଷ୍ୟ ଅନ୍ତ କାଳରେ ଯେଉଁ ଯେଉଁ ଭାବ ସ୍ମରଣ କରି କରି ଶରୀର ତ୍ୟାଗ କରେ; ସେ ତାହା ହିଁ ପ୍ରାପ୍ତ ହୁଏ। କାରଣ ସେ ସବୁବେଳେ ସେହି ଭାବରେ ଭାବିତ ହୋଇ ରହିଥାଏ। (ଗୀତା- ଅଷ୍ଟମ ଅଧ୍ୟାୟ)■

Digitized by srujanika@gmail.com

ଷଷ୍ଠ ଅଧ୍ୟାୟ

ମୁଣ୍ଡା ସମାଜରେ ଥିବା ବିଭିନ୍ନ କବି, ଲେଖକ, ପ୍ରାବନ୍ଧିକ, ଗାଳ୍ପିକ, ନାଟ୍ୟକାରମାନେ ଓଡିଶାରେ ସ୍ଥାପିତ ମୁଣ୍ଡାରୀ ସମାଜ ସାଓ୍ୱାଁର ଜାମ୍‌ଡା ସ୍ନ ୧୯୬୯ ଏପ୍ରିଲ୍ ମାସ ଠାରୁ ସ୍ନ ୧୯୯୬ ମସିହାରେ ଗଠିତ ଭାରତ ମୁଣ୍ଡା ସମାଜ ଦ୍ୱାରା ଅନୁପ୍ରାଣିତ, ଉତ୍ସାହିତ ଓ ପ୍ରେରଣା ଦିଗ୍‌ଦର୍ଶନ ପାଇ ସମାଜ ନିମନ୍ତେ ବିଭିନ୍ନ ନାଟକ, ଏକାଙ୍କିକା, ପ୍ରବନ୍ଧ, ଗଳ୍ପ, କବିତା, ରମ୍ୟରଚନା ମାନ ଲେଖି ପାରିଛନ୍ତି। ଏହି କୃତି ସମୂହ ବ୍ୟକ୍ତିଗତ ପ୍ରତିଭା, ପ୍ରଜ୍ଞା, ଅଭିଳିପ୍‌ସା ଓ ସେବା ଏବଂ ସଂସ୍କାର ମନୋଭାବରେ ସାହିତ୍ୟ କୃତି ସୃଷ୍ଟି କରି ନିଜେ ନିଜେ ଲବ୍ଧ ପ୍ରତିଷ୍ଠା ଅର୍ଜନ କରିପାରିଛନ୍ତି।

ନିଜ ଭାଷାର ପ୍ରସାର, ପ୍ରଚାର, ଲୋକପ୍ରିୟ ଓ ଜନାଦୃତ ନିମନ୍ତେ ନିଜର ଲିପି ଓ ନିଜ ଜାତିର ସଠିକ୍ ପରିଚୟ ପାଇବା ପାଇଁ, ନିଜ ଭାଷା ମାଧ୍ୟମରେ ଅଧ୍ୟୟନ, ଅଧ୍ୟାପନ, ରେଡିଓ, ଟି.ଭି. ଆଦିରେ ପ୍ରଚାର ନିମନ୍ତେ ଜନଜାତି ମୁଣ୍ଡା ଆନ୍ଦୋଳନ ଚାଲୁ ରହିଛି। ଆନ୍ଦୋଳନର ମୁଖ୍ୟ ଭାବରେ ୧୯୬୯ରେ ପ୍ରଫେସର ସନାତନ ମୁଣ୍ଡା, ଶ୍ରୀ ସୁକୁରାମ ମୁଣ୍ଡା ଖଳମବେଡା, ୰ନରହରି ସିଂ(କମଲାଶୋଲ୍), ୰ରାଜାରାମ ସିଂ, ଅଲଗୁରୁ ପଣ୍ଡିତ ଶ୍ରୀ ରୋହିଦାସ ସିଂ ନାଗ, ୰ଶରତ ଚନ୍ଦ୍ର ସିଂ, ଶ୍ରୀ ନାଥ ସିଂ ପ୍ରମୁଖ ଭୂମିକା ନେଇଥିଲେ। ସ୍ନ ୧୯୯୬ ମସିହାରେ ଭାରତ ମୁଣ୍ଡା ସମାଜ ଗଠିତ

Digitized by srujanika@gmail.com

ହେଲାପରେ ଏହି ଆନ୍ଦୋଳନ ଶିଥିଳି ଯାଇଥିଲା । ମୁଣ୍ଡାରୀ ସମାଜ ସାଓ୍ୱାଁର ଜାମ୍‌ଡାର କାର୍ଯ୍ୟକ୍ରମ ସ୍ଥାଣୁ ହୋଇଥିଲା । ସମସ୍ତେ ନିଷ୍କ୍ରିୟ ହୋଇ ନିଜ ନିଜ ବୃତ୍ତି ଓ ପେଟ ପାଟଣା ପ୍ରତିପୋଷଣରେ ବ୍ୟସ୍ତ ରହିଲେ । ବ୍ୟକ୍ତିଗତ ସମସ୍ୟାରେ ଜର୍ଜରିତ । ଜାତି, ଭାଷା ଓ ସଂସ୍କୃତି ଭୁଲିଯିବା ଦେଖି ବିଭିନ୍ନ ସଭା, ସମିତିରେ ମୁଣ୍ଡାରୀ କବି, ହିତାକାଂକ୍ଷୀମାନେ ବିଭିନ୍ନ ପଦକ୍ଷେପ ନେଇ ମୁଣ୍ଡାମାନଙ୍କୁ ସଚେତନ ଓ ଜାଗ୍ରତ କରାଇବା ନିମନ୍ତେ ମୁଣ୍ଡାରୀ କବିମାନେ ଗାଇ ଉଠିଛନ୍ତି-

୧) ସବେନ୍ ଗେ'ତ ଅଲାଃ ଦୁଆର
ହନ୍‌ଗାଣା କାଜିବୁ ଉଡୁଃତାନା
ଏଙ୍ଗା ଜାଗାର ବାନି ତାବୁଆଃ
ଅକୟ ରାକାବା ବୁନାଃ ? ?

୨) ବିରିଦ୍ ପେୟା, ବିରିଦ୍ ପେୟା ମୁଣ୍ଡାରୀ ବିରିଦ୍‌ପେ
କାମି-ନାଲା ଜମ୍ ନୁ' ହନ୍‌ଗାଣା ଆସୁଲ୍‌ରେଗେ;
ମେନାଃବୁଆ ବେନ୍ଦା;
ଉଡୁଃ ବାନଃ ଜାତି ନୀତି
ଉଡୁଃ ବାନଃ ସମଏ ଗତି
ହନ୍‌ଗାଣା, ଲାଃଇ ଆସୁଲ୍ ରେଗେ
ମେନାଃବୁଆ ଦାନ୍ଦା ॥

ଓଡିଆ ଭାଷାନ୍ତର (୧-୨)

ଆମେ ସମସ୍ତେ ଘର ସଂସାର, ଛୁଆ କବିଲାମାନଙ୍କର ଭରଣପୋଷଣ କଥା ହିଁ ଚିନ୍ତା କରୁଛୁଁ ; ଆମ ମୁଣ୍ଡାରୀ ଭାଷା, ଲିପି କିଏ ବିକାଶ କରିବ ? ତେଣୁ ହେ ମୁଣ୍ଡା ଭାଇମାନେ ଉଠ, ଜାଗ୍ରତ ଓ ସଚେତନ ହୁଅ; କିନ୍ତୁ ଆମେମାନେ ଖାଇବା, ପିଇବା, ସନ୍ତାନସନ୍ତତିମାନଙ୍କୁ ଭରଣପୋଷଣ କରିବା ଦାୟିତ୍ୱ ତୁଲାଇବାରେ ବହୁ ବ୍ୟସ୍ତରେ ରହିଛୁଁ; ମାତ୍ର ନିଜ ଜାତି ଓ ମୂଲ୍ୟବାନ

Digitized by srujanika@gmail.com

ସମୟର ଗତି ବିବର୍ତ୍ତନ ବିଷୟରେ ଆମେ ଆଉ ଚିନ୍ତିତ ନୁହଁ ? କେବଳ ପେଟପାଟଣା ଭରଣପୋଷଣରେ ମଗ୍ନ । କିଏ ଆମ ଭାଷା; ଜାତିର ବିକାଶ ଘଟାଇବ; ତେଣୁ ନିଜେ ଉଠ, ଜାଗ୍ରତ ହୁଅ ଏବଂ ସମାଜ ପାଇଁ କିଛି କାମ କର ।

ମୁଣ୍ଡାରୀ ଭାଷା ଓ ସଂସ୍କୃତିର ସୁରକ୍ଷା ନିମନ୍ତେ ଜନଜାତି ମୁଣ୍ଡାମାନଙ୍କ ଆନ୍ଦୋଳନ

ତା'ର ପରବର୍ତ୍ତୀ ସମୟ ସ୍ନ ୨୦୧୦ ଏପ୍ରିଲ ମାସରେ ପୁନର୍ବାର ମୁଣ୍ଡାରୀ ସମାଜ ସାଓ୍ବାଁର ଜାମ୍‌ଡା ପୁନର୍ଗଠିତ ହୋଇ ମୁଣ୍ଡାମାନଙ୍କ ବିକାଶ ନିମନ୍ତେ ଗାଁକୁ ଚାଲ (ଦଲା ହାତୁ ଦିଶୁମ୍‌ତେ) ଆନ୍ଦୋଳନ ଚାଲିଲା । ମୁଣ୍ଡାରୀ ଭାଷା, ଲିପି, ସାହିତ୍ୟ, ସଂସ୍କୃତି ଓ ମୁଣ୍ଡା ଜାତିର ପରିଚୟ ନିମନ୍ତେ ନିଜର ନ୍ୟାର୍ଯ୍ୟ ଦାବୀ, ସାମ୍ବିଧାନିକ ସ୍ୱୀକୃତି ପାଇବାର ହକ୍, ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅଧିକାର ଓ ଆର୍ଥିକ ସହାୟତା ଲାଭ କରିବା ନିମନ୍ତେ ମୁଣ୍ଡାମାନେ ଆନ୍ଦୋଳନ ଓ ଶୀଳତ ବିଦ୍ରୋହ ଚାଲୁ ରଖିଲେ । ଏହି ଜନଜାତି ମୁଣ୍ଡା ଆନ୍ଦୋଳନର ମୁଖ୍ୟ ପୁରୋଧା ଭାବେ କାଳିଆପଦା ନିବାସୀ ଶ୍ରୀଧର ସିଂହ, ଘୁଷୁରିଆର ଶ୍ରୀ ନନ୍ଦଲାଲ୍ ସିଂ, ସାନଶୋଳ(ଡାଣ୍ଡିକାଶୋଳ)ର ଶ୍ରୀ କାହ୍ନୁଚରଣ ସିଂ, ରଙ୍ଗାମାଟିଆର ବିଲ୍‌କାନ୍ ପ୍ରଭୁଦୟାଲ୍ ନାଗ୍, ଶ୍ରୀ ଲମ୍ବୋଦର ସିଂ(ଅସ୍ତିଆ), ରଙ୍ଗାମାଟିଆର ଶ୍ରୀ ସୋମନାଥ ସିଂ, ବିରବଲ୍ ସିଂ, ଶ୍ରୀ ରାମେଶ୍ୱର ସିଂ, ମାଳତୀ ସିଂ, ପୂର୍ଣ୍ଣଚନ୍ଦ୍ରପୁରର ବନକୁମାରୀ ସିଂ, ଶ୍ରୀ ଗୌରହରି ସିଂ (କାଳିଆପଦା), ବାସିପିଠାର ନନ୍ଦକିଶୋର ସିଂ, ସାରସକଣାର ଶ୍ରୀ କାମେଶ୍ୱର ସିଂ, ନରେନ୍ଦ୍ର ସିଂ, ଜାମଶୋଳାର ଶ୍ରୀ ପଣ୍ଡିତ ସିଂ, ଏବଂ କିଶାନ୍‌ଡାହିର ଶ୍ରୀ ବ୍ରଜବନ୍ଧୁ ସିଂ ଓ ଭାଙ୍ଗାବନ୍ଧର ଶ୍ରୀ ରତ୍ନାକର ସିଂ (ବି.ଡି.ଓ.), ପ୍ରମୁଖ ମୁଣ୍ଡାମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଆନ୍ଦୋଳନ ଚାଲୁ ରଖିଛନ୍ତି । ଏହି କର୍ମକର୍ତ୍ତାମାନଙ୍କ ପ୍ରେରଣା ଓ ଉତ୍ସାହ ପାଇ ଉତ୍ସର୍ଗୀକୃତ ଭାବେ ସମାଜ ଆନ୍ଦୋଳନରେ ସାମିଲ ହୋଇଛନ୍ତି– ଶ୍ରୀ

Digitized by srujanika@gmail.com

ସନ୍ତୋଷ କୁମାର ସିଂହ (ବିରଗାମ୍) କାଳିଆପଦା, ଖଡିଆବସାର ଶ୍ରୀ ରମେଶଚନ୍ଦ୍ର ସିଂ, ଶ୍ରୀ ନରହରି ସିଂ, ଅସ୍ତଝରଣର ଶ୍ରୀ ଦଶରଥ ସିଂ, ସୁନାରାମ ସିଂ (ମୁଚିଆସାହି) ଶ୍ରୀ ରଘୁନାଥ ସିଂ (ସମନମଞ୍ଜରୀ), ବୁଦ୍ଧିଆ ସିଂ (ଡାହିସାହି-ବଡସାହି) ଓ ବସନ୍ତ କୁମାର ସିଂ (କେନ୍ଦୁଆସାହି-ବଡସାହି), ଅଙ୍ଗାରଗଡିଆର ୰ଗୁରା ସିଂ, କାଳିଆପଦାର ଅନନ୍ତପ୍ରସାଦ ସିଂ, ସନ୍ତୋଷ କୁମାର ସିଂ (ରାଣାଡି), ଶୁକ୍ରା ସିଂ (ନୁରୁ), ପାଣ୍ଡୁ ସିଂ, ଚତୁରୀର ନାଗା ସିଂ, ଖୁଣ୍ଟାଡାହିର ଲକ୍ଷ୍ମୀପ୍ରିୟା ସିଂ ଓ ଦୁର୍ଯ୍ୟୋଧନ ସିଂ, ଡମ୍ବୁରୁଡିହିର ରତ୍ନାକର ସିଂ, ଦିଘିସାହିର ବାଇଧର ସିଂ, ଏବଂ ରବୀନ୍ଦ୍ରନାଥ ସିଂ, ଚନ୍ଦନଚତୁରୀ (ଚନ୍ଦ୍ରୀ)ର ଶ୍ରୀ ମଧୁସୂଦନ ସିଂ, ମଧୁପୁରର ପ୍ରଧାନ ସିଂ, କମଳାଶୋଳର ବିଜୟ କୁମାର ସିଂ, ମୁଚିଆସାହିର ପ୍ରଶାନ୍ତ କୁମାର ସିଂ, ଭଗବାନପୁରର ୰ଗୋପାଲ ସିଂ, ଶାଙ୍ଖାଭାଙ୍ଗା (ଚଢେଇପାହାଡି)ର ମାନ୍ୟବର ବିଧାୟକ ୰କାନଗୋଇ ସିଂ। ମୟୂରଭଞ୍ଜର ବିଭିନ୍ନ ମୁଣ୍ଡାମାନଙ୍କ ଗ୍ରାମକୁ ଯାଇ, ଗ୍ରାମର ସମସ୍ତ ମୁଣ୍ଡା ଭାଇଭଉଣୀମାନଙ୍କୁ ଏକତ୍ର ବସାଇ, ମୁଣ୍ଡା ଜାତିର ଭାଷା, ଲିପି, ସାହିତ୍ୟ, ସଂସ୍କୃତି, ସଙ୍ଗୀତ, ନୃତ୍ୟର ମର୍ଯ୍ୟାଦା, ଭାଷାର ସାମ୍ବିଧାନିକ ସ୍ୱୀକୃତି, କୁଚକ୍ରାନ୍ତ କରି ମୁଣ୍ଡାଜାତିକୁ ବିଭିନ୍ନ ନାମରେ ନାମିତ କରି ଯଥା- ଭୂମିଜ, ତାମ୍‌ଡିଆଭୂମିଜ, ତାମୁଡିଆ ଭୂମିଜ, ତାମୁଲିଆ ଭୂମିଜ, ତାମ୍‌ଲିଆ ଭୂମିଜ, ତାମ୍‌ଡିଆ ଆଭୂମିଜ ଆଦି ନାମରେ ନାମିତ କରି ସରକାରଙ୍କ ପ୍ରଦତ୍ତ ଅଧିକାର, ସୁଯୋଗ ପାଇବାରୁ ବଞ୍ଚିତ କରାଯାଉଛି। ଭାରତ ତଥା ଓଡ଼ିଶା ସରକାରଙ୍କ ଆଦିବାସୀ ଜନଜାତି ତାଲିକାରୁ ବାଦ କରି ଦେଇଛନ୍ତି। ସେ ବାବଦରେ ମୁଣ୍ଡାମାନେ ଏକ ହେବା, ଐକ୍ୟବଦ୍ଧ ହେବା ଓ ମିଳିତ ଭାବରେ ନ୍ୟାର୍ଯ୍ୟ ଦାବୀଗୁଡ଼ିକ ପୂରଣ କରିବାପାଇଁ ଆନ୍ଦୋଳନ ଲୋଡା, ସେହି ଆନ୍ଦୋଳନରେ ସାମିଲ ହେବାପାଇଁ ସହୀଦ ବିର୍ସାମୁଣ୍ଡାଙ୍କ ନାମରେ ଶପଥ ନେଇ ସମସ୍ତେ ଏକ ହେବା ଲକ୍ଷ୍ୟରେ ପ୍ରତ୍ୟେକ ମୁଣ୍ଡା ଗ୍ରାମରେ ସଭା କରି ଆନ୍ଦୋଳନ ପ୍ରସ୍ତୁତି ଦୀର୍ଘ ଦିନ ଚାଲିଲା ଏବଂ ଶେଷରେ ୨୦୧୧ ନଭେମ୍ବର ୧୫ରେ ମୟୂରଭଞ୍ଜ ଜିଲ୍ଲାର ସଦର

Digitized by srujanika@gmail.com

ମହକୁମା ବାରିପଦାଠାରେ ବିଶାଳ ଗଣସମାବେଶ ଓ ର୍‍ୟାଲି କରାଯାଇ ନିମ୍ନଲିଖିତ ସାତ ପ୍ରକାର ଦାବିକୁ ନେଇ ଜିଲ୍ଲାପାଳଙ୍କ ମାଧ୍ୟମରେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଜନଜାତି ଓ ତଫସିଲଭୁକ୍ତ ଉପଜାତି ମନ୍ତ୍ରୀ ଓ କମିଶନର, ଓଡିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ଅର୍ଜୁନ ମୁଣ୍ଡାଙ୍କ ନିକଟକୁ ମୁଣ୍ଡାରୀ ସମାଜ ସାଓ୍ବାଁର ଜାମ୍‌ଡା ତଥା ସମବେତ ୧ ୨ ହଜାର ମୁଣ୍ଡା ଭାଇଭଉଣୀମାନଙ୍କ ତରଫରୁ ପ୍ରେରଣ କରାଯାଇଛି ।

ସାତ ପ୍ରକାର ଦାବୀଗୁଡିକ ହେଉଛି

୧. ମୁଣ୍ଡାରୀ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ମାନ୍ୟତା ଦିଆଯାଉ ।

୨. ମୁଣ୍ଡାରୀ ଭାଷାକୁ ମୁଣ୍ଡାରୀ ବାନି ମାଧ୍ୟମରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଉ ।

୩. ସର୍ବଶିକ୍ଷା ଅଭିଯାନର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ଆଦିବାସୀ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର ପ୍ରତି ମୁଣ୍ଡା ଓ ମୁଣ୍ଡାରୀ ଭାଷାଭାଷୀ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ମୁଣ୍ଡାରୀ ଭାଷାରେ ଶିକ୍ଷାଦାନ କରାଯାଉ ଏବଂ ଆଦିବାସୀ ଅଧ୍ୟୁଷିତ ନୀଳଗିରି ସବ୍‌ଡିଭିଜନରେ ସର୍ବଶିକ୍ଷା ଅଭିଯାନର ଆଦିବାସୀ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ପ୍ରଚଳନ କରାଯାଉ ।

୪. ମୁଣ୍ଡାରୀ ଭାଷାରେ ରାଞ୍ଚି ବିଶ୍ୱବିଦ୍ୟାଳୟରେ ଯେଉଁ ପାଠ୍ୟକ୍ରମ ଚାଲିଅଛି ତଦନୁକ୍ରମେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ଏକ ବିଭାଗ ପ୍ରଚଳନ କରାଯାଉ ।

୫. ସହିଦ ବିର୍ସାମୁଣ୍ଡା ଓ ସ୍ୱର୍ଗତ ପଦ୍ମଶ୍ରୀ ଡ. ରାମଦୟାଲ ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଓଡିଶା, ଝାରଖଣ୍ଡ, ଛତିଶଗଡ, ପଶ୍ଚିମବଙ୍ଗ ଓ ଆସାମର ସମସ୍ତ

Digitized by srujanika@gmail.com

ସଦର ମହକୁମା ଓ ସବ୍‌ଡିଭିଜନର ସଦର ମହକୁମା ଗୁଡ଼ିକରେ ସ୍ଥାପନ କରାଯାଉ ।

୬. ଓଡିଶା, ବିହାର, ଝାରଖଣ୍ଡ, ଆସାମ, ପଶ୍ଚିମବଙ୍ଗ ଓ ଛତିଶଗଡର ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ର ମାଧ୍ୟମରେ ମୁଣ୍ଡାରୀ ଭାଷାରେ ଦୈନିକ ଏକ ଘଣ୍ଟାର ପ୍ରସାରଣ କାର୍ଯ୍ୟକ୍ରମ ରଖାଯାଉ ।

୭. ମୁଣ୍ଡାଜାତି ଓ ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କ ଶ୍ରେଷ୍ଠ ଧର୍ମ ସାର୍ଣ୍ଣାକୁ ଅନ୍ୟାନ୍ୟ ହିନ୍ଦୁ, ଜୈନ, ଖ୍ରୀଷ୍ଟିଆନ୍, ବୌଦ୍ଧ ଓ ଇସ୍‌ଲାମ୍ ଧର୍ମ ପରି ସାମ୍ବିଧାନିକ ସ୍ୱୀକୃତି ଦିଆଯାଉ ।

ମୁଣ୍ଡାଜାତି ଓ ଭାଷାର ପରିଚୟ ନିମନ୍ତେ ନୀଳଗିରିରେ ବିରାଟ ଜନସମାବେଶ

ନୀଳଗିରି ବାଲେଶ୍ୱର ଜିଲ୍ଲାର ଏକ ସବ୍‌ଡିଭିଜନ୍ । ଏହି ନୀଳଗିରି ଦୁର୍ଗମ ଅଞ୍ଚଳ, ଅଗ୍ନାଅଗ୍ନି ବନସ୍ତରରେ ପରିପୂର୍ଣ୍ଣ । ଛୋଟ ବଡ଼ ପାହାଡ଼ ପର୍ବତ ଏବଂ ଚାରିଦିଗରେ ଘନ ଅରଣ୍ୟ, ଛୋଟବଡ଼ ନଦୀବନ୍ଧ, ଝରଣା, ଶାଳ, ପିଆଶାଳ, ଅସନା କେନ୍ଦୁ , ବହୁ ଜାତିଜାତିକା ବୃକ୍ଷରେ ପରିପୂର୍ଣ୍ଣ । ନୀଳଗିରି ସବ୍‌ଡିଭିଜନ୍‌ର ହାତିକୁଟ୍, ବଡେଇପଲା, ଅର୍ଜୁନଡୁବା, ମାଟିଆଳୀ, ରିଂପୁର, ଶାଳବଣୀ, ହାତିଆଶିଳା, କଙ୍କାଳି, ନରସିଂହପୁର, ନିମପାଳ, ତେଣ୍ଡା, କଲ୍ୟାଣୀ, ମିତ୍ରପୁର, ଚତୁରୀଖୁଣ୍ଟା, ଗୋପାଳପୁର; ରେମୁଣା ବ୍ଲକ୍‌ର ଶିରେଇପୁର, ମୁଖୁରା, ମହଲାନଗର, ଶାଳବଣୀ ଓ ଔପଦା ବ୍ଲକ୍‌ର କଇମାଡିହି, ଖମ୍‌କୁଟ୍, ଜାଉଁରି, ଖଲିଆ, ଆଦି ଗ୍ରାମ ଗୁଡ଼ିକରେ ବାରମ୍ବାର ୨ବର୍ଷ ଧରି ୨୦୧୦ରୁ ୨୦୧୨ ପର୍ଯ୍ୟନ୍ତ ଲଗାତର ସଭା କରାଯାଇ ଲୋକମାନଙ୍କୁ ସେମାନଙ୍କର ସାମ୍ବିଧାନିକ ନ୍ୟାର୍ଯ୍ୟ ଅଧିକାର, ଭାଷା, ଶିକ୍ଷା, ଶ୍ରମର ପାଉଣା, ଜୀବନବୀମା, ଶିକ୍ଷା ଅଧିକାର ଓ ନିଜ ଜାତିର ସ୍ୱତନ୍ତ୍ର ପରିଚୟ ପାଇବାପାଇଁ ବୁଝାଇ ଗଣରାଲି ପ୍ରସ୍ତୁତି କରାଯାଇଥିଲା । ସେହି ପ୍ରସ୍ତୁତି ସଭା ଗୁଡ଼ିକରେ ମୁଣ୍ଡାରୀ କବିମାନଙ୍କର ବିଭିନ୍ନ ଉଦ୍‌ବୋଧନୀ

Digitized by srujanika@gmail.com

ସଙ୍ଗୀତ ଗାଇ ସମସ୍ତଙ୍କୁ ଶପଥପାଠ କରାଇ ଅନୁପ୍ରେରଣା ଯୋଗାଇ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏହି ପୁସ୍ତକର ରଚୟିତା ନିଜେ ଗାଁ, ଗାଁ ବୁଲି, ସଭାସମିତି କରି, ଗୀତ ଗାଇ, ଗ୍ରାମବାସୀମାନଙ୍କ ଦ୍ୱାରା ମୁଣ୍ଡା ନୃତ୍ୟ କରାଇ ମୁଣ୍ଡାମାନଙ୍କୁ ଏକତାବଦ୍ଧ କରି ସଚେତନ, ଜାଗ୍ରତ କରାଇ ପ୍ରେରଣା ଦେଉଥିଲେ । ସାଥିରେ ନିଜ କନିଷ୍ଠ ପୁତ୍ର ଶ୍ରୀ ଅନନ୍ତପ୍ରସାଦ ସିଂହ ଏହି କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରୁଥିଲା ଏବଂ ସାଙ୍ଗରେ ନିଆଯାଇଥିବା ନିଜ ମୋବାଇଲ୍ ଫୋନ୍‌ରେ ଲୋକମାନଙ୍କ ଫଟୋ ଉଠାଇ ଉତ୍ସାହିତ କରୁଥିଲେ । ସୁତରାଂ ଏତିକି ମନେରଖିବା ଉଚିତ୍ ହେବ ଯେ- ଆଜି ଯେ କାର୍ଯ୍ୟକ୍ରମ, ନୃତ୍ୟ, ଗୀତ ପରିବେଷଣ, ସାହିତ୍ୟ, ଗଳ୍ପ, ଭାଷଣଦାନ, ନାଟକର ଉଦାହରଣ ଆଗାମୀ ଯୁଗରେ ତାହା ସମାଜ ସାହିତ୍ୟର ଇତିହାସ ହୋଇ ରହିବ; ଏହା ସ୍ୱୀକାର୍ଯ୍ୟ ।

ଏହି ଗୀତଗୁଡିକ ଗାଇ ସମବେତ ମୁଣ୍ଡାମାନଙ୍କୁ ଉଦ୍‌ବୋଧନ ଦିଆଯାଉଥିଲା ।

୧) ବିରିଦ୍‌ପେୟା ବିରିଦ୍‌ପେୟା ବୀର ମୁଣ୍ଡାରୀ ଜାତି
ଜନମ୍ ଦିଶୁମ୍ ଇୟାମ୍ ତାନାଃ ବାନଃ ତାୟାଃ ଗତି ॥
ମେଦ୍ ଦାଃଆ ଗାଡା ଲିଙ୍ଗିତାନା ସକଲବକଲ ତାୟାଃ
ଆପେଦରେ ଆଉରିପେ ବିରିଦ୍ ଅଟାଂ ତାନା କାୟା ॥

୨) ଏଲା ଏଲା ଏଲା ହୋ ବିହାର ବେଙ୍ଗଲ ଓଡିଶାରେନ୍
ଯତ ମୁଣ୍ଡା ହାଗାମିଶିକ
ଇନା ଲଃତେ ତ୍ରିପୁରା ଆସାମକ
ଆଣ୍ଡାମାନ ନିକୋବର ଅଡଃ ଏଟାଃକରେ ମେନାଃକ
କିଲି କିଲି ଜାତିଆନ୍ କ
ଆବୁ ସବେନ୍ ହଲହନ୍ କ ।
ମେନାଃ ତାବୁ ବଙ୍ଗାବୁରୁ ମେନାଃ ଜାତି ମାରାଂବୁରୁ

Digitized by srujanika@gmail.com

ସୁଗାଳୟା’ବୁ ହୋ ଇନାକ
ନାପାମ୍ କାତେ ସବେନ୍ ମୁଣ୍ଡାକ ॥
ଅଟାଂୟା’ବୁ ସମାଜ ପତାକା ଫିରେ ଫିରେ ଏଲାହୋ
ରାସିକାତେ ସିରିମାରେ
ନେ ସ୍ୱାଧୀନ ଭାରତରେ ॥
ଦ’ଅୟାବୁ ମୁଣ୍ଡା ଜାଗାର ଫାର୍ଚିୟାବୁ ସାସାଂକିର
କେଟେଃୟା’ବୁ ହୋ ମୁଣ୍ଡା ସମାଜ
ବାଇଆବୁ ଜାତି ରେୟାଃ ରିତିରିବାଜ୍ ॥ (କୁସୁଳୀ)
୩) ଜାତି ତାବୁ ଆତୁତାନା, ନିତି ତାବୁ ବୁଓ୍ୱାଲ୍ତାନା
ଏଲା ଚି ହୋ ମୁଣ୍ଡା ହାଗା !
ହୁଣ୍ଡିନାବୁ ଜାତି ଏକତା ନାଗେନ୍ ॥ (ବିନ୍ତି)

ଓଡ଼ିଆ ଭାଷାନ୍ତର

୧. ଉଠରେ ଉଠରେ ମୁଣ୍ଡା ଭାଇମାନେ, ତୁମର ଜନ୍ମଭୂମି ରୋଦନ କରୁଛି । ତା’ ନୟନରୁ ଲୋତକ ଧାରା ଅନବରତ ଝରୁଛି । ତୁମେମାନେ ଏପର୍ଯ୍ୟନ୍ତ ଜାଗ୍ରତ ହୋଇନାହଁ ।

୨. ବିହାର, ବେଙ୍ଗଲ, ଓଡିଶା ଓ ତ୍ରିପୁରାରେ ଥିବା ମୁଣ୍ଡା ସମେତ ଆଣ୍ଡାମାନ ନିକୋବର ଏବଂ ବିଭିନ୍ନ ସ୍ଥାନରେ ବସବାସ କରିଥିବା ମୁଣ୍ଡାମାନେ ତୁରନ୍ତ ଜାଗ୍ରତ ହୁଅ । ଆମମାନଙ୍କର ପରମ୍ପରା, ଜାତିର ସଂସ୍କୃତି ଯାହାସବୁ ଅଛି; ସେଗୁଡ଼ିକ ତୁରନ୍ତ ସଂସ୍କାର କରି ଉନ୍ନତି କରିବା । ଆନନ୍ଦରେ ନିଜ ଜାତି ଓ ସଂସ୍କୃତିର ସୁରକ୍ଷା କରି ଆମ ସମାଜର ପତକା ଆକାଶରେ ଫରଫର କରି ଉଡାଇବା ଏବଂ ନିଜ ଜାତି ଭାଷାର ବିକାଶ ଘଟାଇବା ସହିତ ସାମାଜିକ ବ୍ୟବସ୍ଥାର ଉନ୍ନତି କରିବୁ ।

୩. ଆମ ସମାଜ ଭାସିଯାଉଛି; ସମାଜର ସମସ୍ତ ନୀତି, ବ୍ୟବସ୍ଥା ସ୍ରୋତରେ ବୁଡ଼ିଯାଉଛି; ତେଣୁ ଆସ, ସମସ୍ତ ମୁଣ୍ଡା ଭାଇମାନେ ଏକତ୍ର

Digitized by srujanika@gmail.com

ଗୋଟିଏ ଜାଗାରେ ଉପସ୍ଥିତ ରହି ସମାଜର ଏକତା ଓ ସଂହତି ସମ୍ବନ୍ଧରେ ଆଲୋଚନା, ପର୍ଯ୍ୟାଲୋଚନା କରି ବିକାଶର ପଥ ଅନୁସନ୍ଧାନ କରିବା।

ନୀଳଗିରି ସବ୍‌ଡିଭିଜନରେ ମୁଣ୍ଡାରୀ ସମାଜ ସାଓ୍ୱାଁର ଜାମ୍‌ଡା ଆନୁକୂଲ୍ୟରେ ଏକ ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ କରାଯାଇଛି। ସେହି ସଂଗଠନ ମାଧ୍ୟମରେ ନୀଳଗିରିର ଆଦିବାସୀ ମୁଣ୍ଡାମାନଙ୍କୁ ଏକତ୍ର କରାଇ ତା୧୦.୦୭.୨୦୧୨ରିଖରେ ନୀଳଗିରି ଠାରେ ଏକ ବିଶାଳ ର୍‍ୟାଲି ପ୍ରଦର୍ଶନ କରାଯାଇଥିଲା। ସେହି ର୍‍ୟାଲିରେ ଅନ୍ୟୁନ ୧୦ହଜାର ମୁଣ୍ଡା ଭାଇଭଉଣୀ ଉପସ୍ଥିତ ଥାଇ ନିଜର ନ୍ୟାର୍ଯ୍ୟ ଦାବି ଓ ଅସନ୍ତୋଷ ପ୍ରକାଶ କରିଥିଲେ। ନୀଳଗିରି ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଆଠ ଦଫା ଦାବି ପୂର୍ବବତ୍ ଆମ ଭାରତ ତଥା ଓଡିଶା ଶାସନ ମୁଖ୍ୟମାନଙ୍କ ନିକଟକୁ ଦାବିପତ୍ର ପ୍ରେରଣ କରାଯାଇଛି।

ଏହି ସଂଗଠନରେ ଉତ୍ସର୍ଗୀକୃତ ଭାବେ ଶ୍ରମ, ଅର୍ଥଦାନ କରି ମହାସମାବେଶକୁ ସାଫଲ୍ୟମଣ୍ଡିତ କରିଥିଲେ। ସେମାନେ ହେଲେ- ୧) ଶ୍ରୀ ବାଙ୍କବିହାରୀ ସିଂ, ସଭାପତି, ୨) ଶ୍ରୀ ଗୁରା ସିଂ (ତେଣ୍ଡା), ଉପସଭାପତି, ୩) ଶ୍ରୀ ଅନନ୍ତ ସିଂ (ବଢେଇପଲା), ଉପସଭାପତି, ୪) ଶ୍ରୀ ରଘୁନାଥ ସିଂ (ବଢେଇପଲା), ସାଧାରଣ ସମ୍ପାଦକ, ୫) ଶ୍ରୀ ହରିହର ସିଂ (ଚିଂପୁର), ସମ୍ପାଦକ, ୬) ଶ୍ରୀ ଘନଶ୍ୟାମ ସିଂ (ଗୋପାଳପୁର), ସହସମ୍ପାଦକ, ୭) ଶ୍ରୀ ଦିବାକର ସିଂ (ମାଟିଆଳି), କୋଷାଧ୍ୟକ୍ଷ ଏବଂ ଅନ୍ୟମାନେ ହେଲେ ଶ୍ରୀ ବାଇଧର ସିଂ (ଶାଳବଣୀ), ଶ୍ରୀ ଗହ୍ଲା ସିଂ (ମହିଷାପଟା), ଶ୍ରୀ ରଘୁନାଥ ସିଂ (ହାତିଆଶିଳା), ଶ୍ରୀ ଚାମୁ ସିଂ, ବୁଦ୍ଧିଆ ସିଂ, ରାଜା ସିଂ (ଗୋପାଳପୁର), ଶ୍ରୀ ଗଣେଶ୍ୱର ସିଂ (କଲ୍ୟାଣୀ), ଶ୍ରୀ ବୁଦ୍ଧିଆ ସିଂ (କାଠଗୋଛି), ଶ୍ରୀ ହରିଶ୍ଚନ୍ଦ୍ର ସିଂ (ହାତିଆଶିଳା), ଶ୍ରୀ ମଙ୍ଗଳ ସିଂ, ଶ୍ରୀ ମହେଶ୍ୱର ସିଂ (ନରସିଂପୁର), ଶ୍ରୀ ସୁନାରାମ ସିଂ (ଗୁଣ୍ଡୁରିଆ ସାହି), ଶ୍ରୀ ମହେଶ୍ୱର ସିଂ (ରେମୁଣା ବ୍ଲକ୍ ଶିରେଇପୁର), ଶ୍ରୀ ମଙ୍ଗଳ ସିଂ (ଛାତ୍ରନେତା-ମାଟିଆଳି), କରମା ସିଂ(ମାଟିଆଳି)।

Digitized by srujanika@gmail.com

ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ତରଫରୁ ଦିଆଯାଇଥିବା ଯେଉଁ ସାତ ଦଫା ଦାବିଗୁଡ଼ିକ ସହ ଅଷ୍ଟମ ଦାବି ହିସାବରେ ନୀଳଗିରି ଅଞ୍ଚଳରେ ଥିବା ଅବହେଳିତ ଜନଜାତି ମୁଣ୍ଡାମାନେ ଜନଜାତି ତାଲିକାରୁ ବାଦ୍ ପଡ଼ିଥିବା ତାମ୍‌ଡିଆ ଭୂମିଜ, ତାମୁଡିଆ ଭୂମିଜ, ତାମ୍‌ଲିଆ ଭୂମିଜ, ତାମୁଲିଆ ଭୂମିଜ ଜାତିକୁ ଜନଜାତି (S.T.) ତାଲିକାରେ ତାଲିକାଭୁକ୍ତ କରିବାପାଇଁ ଦାବିପତ୍ରରେ ଉଲ୍ଲେଖ କରି ନୀଳଗିରି ଉପଜିଲ୍ଲାପାଳଙ୍କ ମାଧ୍ୟମରେ ମୁଣ୍ଡାରୀ ସମାଜ ସାଓ୍ୱାଁର ଜାମ୍‌ଡା ବାଲେଶ୍ୱର, ନୀଳଗିରି, ଓ ସମବେତ ୧୦ ହଜାର ମୁଣ୍ଡା ଭାଇଭଉଣୀମାନଙ୍କ ତରଫରୁ ଝାରଖଣ୍ଡ, ବଲାଙ୍ଗୀର, କେନ୍ଦୁଝର, ସୁନ୍ଦରଗଡ, ମୟୂରଭଞ୍ଜର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଗହଣରେ ଦାବିପତ୍ର ଦାଖଲ କରାଯାଇଛି । ଏଥିରେ ଓଡିଶା ଜାମ୍‌ଡା ତରଫରୁ ଶ୍ରୀଧର ସିଂହ, ସଭାପତି, ଶ୍ରୀ ନନ୍ଦଲାଲ ସିଂ (ଉପସଭାପତି), ଶ୍ରୀ କାହ୍ନୁଚରଣ ସିଂ (ସାଧାରଣ ସମ୍ପାଦକ), ଶ୍ରୀ ଲମ୍ବୋଦର ସିଂ (ସମ୍ପାଦକ) ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ । ଏହି ଆଠଦଫା ଦାବି ସହ ଅତୀତରେ କରାଯାଇଥିବା ଓଡ଼ିଶା ହାଇକୋର୍ଟଙ୍କ ରାୟ ତୁରନ୍ତ କାର୍ଯ୍ୟକାରୀ କରିବାପାଇଁ ସ୍ଲୋଗାନ୍ ମାଧ୍ୟମରେ କୁହାଯାଇଥିଲା ।

ଏହି ମହାସମାବେଶକୁ ଦେଖି ଯୁଗାନ୍ତର ସାପ୍ତାହିକ ଓ ସମାଜ, ଆଜିକାଲି, ନୂତନ ବାର୍ତ୍ତା, ସମ୍ବାଦ, ପ୍ରଜାତନ୍ତ୍ର, ମାତୃଭୂମି, ସମୟ, ପ୍ରମେୟ ଆଦିସବୁ ସମ୍ବାଦପତ୍ର ମୁଣ୍ଡାମାନଙ୍କର ଏହି ଅଭୂତପୂର୍ବ ସମାବେଶକୁ ସମର୍ଥନ ସମ୍ବାଦ ପରିବେଷଣ କରାଯାଇଥିଲା । ତନ୍ମଧ୍ୟରୁ ଏହି 'ଯୁଗାନ୍ତର' ସାପ୍ତାହିକରେ ନୀଳଗିରି ବୁଦ୍ଧିଜୀବୀମାନଙ୍କର ଦାବୀ ଉଲ୍ଲେଖଯୋଗ୍ୟ ଓ ପ୍ରଣିଧାନଯୋଗ୍ୟ । ମୁଣ୍ଡା ସମାଜର ଅଭୂତପୂର୍ବ ସମାବେଶ ନକ୍ସଲଗଂଧ, ଦାବି ପୂରଣ ପାଇଁ ବୁଦ୍ଧିଜୀବୀମାନଙ୍କର ଦାବି ।

୨୦୧୨ ମସିହା ଜୁଲାଇ ୧୦ ତାରିଖ ମୁଣ୍ଡା ସମାଜର ପାରମ୍ପରିକ ଉତ୍ସବ ଅବସରରେ ଆଠଦଫା ଦାବି ନେଇ ଏକ ଗଣସମାବେଶ ନୀଳଗିରିବାସୀଙ୍କୁ ଅଭିଭୂତ କରିଥିବାବେଳେ ମୁଣ୍ଡା ସମାଜର ନ୍ୟାର୍ଯ୍ୟ

Digitized by srujanika@gmail.com

ଦାବିକୁ ସରକାର ମାନିନେଇ ସମସ୍ୟାର ସମାଧାନ କରିବା ଦିଗରେ ଯଥୋଚିତ ପଦକ୍ଷେପ ନେବା ପାଇଁ ନୀଳଗିରିର ବହୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି । ମୁଣ୍ଡା ସମାଜର ସମସ୍ୟା ନକ୍ସଲମାନଙ୍କ ହାତକୁ ଯିବା ପୂର୍ବରୁ ସରକାର ସଚେତନ ହେବା ଆବଶ୍ୟକ । ନେଡିଗୁଡ କହୁଣୀକୁ ବୋହି ନଯାଉ ବୋଲି ନୀଳଗିରିର ବହୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ସହ ବିଭିନ୍ନ ବର୍ଗରୁ ସ୍ୱର ଉଠୁଛି ।

ଘଟଣାରୁ ଜଣାପଡିଛି ଯେ, ମୁଣ୍ଡାମାନଙ୍କ ଭାଷା ମୁଣ୍ଡାରୀକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ମାନ୍ୟତା ଦେବା, ଏହି ଭାଷା ମାଧ୍ୟମରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା, ତାମ୍‌ଡିଆ, ତାମୁଡିଆ, ତାମ୍‌ଲିଆ ଓ ତାମୁଲିଆ ଭୂମିଜଙ୍କୁ ଉପଜାତି ତଫସିଲଭୁକ୍ତ ଉପଜାତିର ମାନ୍ୟତା ଦେବା, ମୁଣ୍ଡାରୀ ଭାଷାଭାଷୀଙ୍କ ଧର୍ମ ସାର୍ଣ୍ଣା/ସାର୍ନାକୁ ସାମ୍ବିଧାନିକ ସ୍ୱୀକୃତି ଦେବା ଆଦି ଆଠଦଫା ଦାବି ନେଇ ମୁଣ୍ଡା ସମାଜର ୧୦ ହଜାରରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା, ଛାତ୍ର, ଯୁବକ ଏକ ବର୍ଣ୍ଣାଢ୍ୟ ଯାତ୍ରାରେ ଆସି ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଉପରୋକ୍ତ ୭ ସଂପ୍ରଦାୟ ବ୍ୟତୀତ ମୁଣ୍ଡାରୀ, ହଳଦୀ ପୋଖରିଆ ଭୂମିଜ, ତେଲି ଭୂମିଜ ଓ କଡାଭୂମିଜ ଉପଜାତିର ଲୋକମାନେ ନିଜର ଦାବି ଉପସ୍ଥାପନ ପାଇଁ ଏକତ୍ରିତ ହେବା ନୀଳଗିରିବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ।

ସୂଚନାଯୋଗ୍ୟ ବିଷୟ ଏହି ଯେ, ମୁଣ୍ଡା ସମାଜର ଆହ୍ୱାନରେ ଆୟୋଜିତ ଗଣସମାବେଶ ପରବର୍ତ୍ତୀ ସମୟରେ ଏକ ଜନସଭାରେ ରୂପାନ୍ତରିତ ହୋଇଥିଲା । ନୀଳଗିରି ମୁଣ୍ଡା ସମାଜର ସାଧାରଣ ସଂପାଦକ ରଘୁନାଥ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାପତି ଶ୍ରୀଧର ସିଂ ମୁଖ୍ୟ ଅତିଥି, ଝାଡ଼ଖଣ୍ଡର ମୁଣ୍ଡା ସମାଜର ପ୍ରମୁଖ ନେତା ଶ୍ରୀ ସତ୍ୟବାନ ମୁଣ୍ଡା, ଶ୍ରୀ ଦଶରଥ ସିଂ, ଶ୍ରୀ ବଳରାମ ସିଂ ସମେତ ଶ୍ରୀ କାହ୍ନୁଚରଣ ସିଂ, ଲମ୍ବୋଦର ସିଂ, ରତ୍ନାକର ସିଂ, ଶ୍ରୀ ରମେଶ ଚନ୍ଦ୍ର ସିଂ ଇତ୍ୟାଦି ବହୁ ନେତା

Digitized by srujanika@gmail.com

ବକ୍ତବ୍ୟ ରଖିଥିଲେ । ଭାରତର ଆଦିବାସୀମାନଙ୍କ ମଧ୍ୟରେ ୬୭୬ ପ୍ରକାର ଉପଜାତି ଥିଲାବେଳେ ଓଡିଶାରେ ୬୨ ପ୍ରଜାତିର ଆଦିବାସୀ ବାସ କରୁଛନ୍ତି । ଉଲ୍ଲେଖନୀୟ ବିଷୟ ଏହି ଯେ, ଏହି ୬୨ ପ୍ରଜାତିର ଆଦିବାସୀମାନଙ୍କ ମଧ୍ୟରୁ 'ମୁଣ୍ଡା' ସମାଜ ଗୋଟିଏ ହୋଇଥିଲେ ବି ସେମାନଙ୍କ ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳିପାରିନାହିଁ । ସୂଚନାଯୋଗ୍ୟ ବିଷୟ ଏହି ଯେ, ନୀଳଗିରି ଉପଖଣ୍ଡରେ ମୁଣ୍ଡା ସଂପ୍ରଦାୟର ଲୋକସଂଖ୍ୟା ୧ ଲକ୍ଷ ୨୭ହଜାର ଏବଂ ସାରା ଭାରତ ବର୍ଷରେ ୮ଲକ୍ଷ ୭୦ହଜାର ୮୭୧ ଜଣ ଅଟେ ।

ରଘୁନାଥ ସିଂଙ୍କ ନେତୃତ୍ୱରେ ପ୍ରମୁଖ ନେତୃବୃନ୍ଦ ୮ଦଫା ଦାବି ସମ୍ବଳିତ ପତ୍ର କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ମାତ୍ର ଏଭଳି ସମାବେଶକୁ ଦେଖି ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରି ସମସ୍ୟାର ସମାଧାନ ଦିଗରେ ଆଗେଇ ଆସିବାକୁ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଚିତ୍ତରଞ୍ଜନ ଷଡଙ୍ଗୀ ଓ ଅକ୍ଷୟ କୁମାର ଆଚାର୍ଯ୍ୟ ଦାବୀ କରିଛନ୍ତି । ମୁଣ୍ଡା ସମାଜର ଦାବିକୁ ସରକାର ଅଣଦେଖା କଲେ ନୀଳଗିରି ଉପଖଣ୍ଡରେ ନକ୍ସଲ ଆତଙ୍କ ଦେଖାଦେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ବୋଲି ଉପରୋକ୍ତ ନେତାମାନେ ଚେତାବନୀ ଦେଇଛନ୍ତି ।

ଭଦ୍ରକ, ଶୁକ୍ରବାର   ନୀଳଗିରିରୁ- ଧୀରେନ୍ଦ୍ର ନାୟକଙ୍କ ରିପୋର୍ଟ

ଜୁଲାଇ ୧୩/୨୦୧୨

ମୁଣ୍ଡାଜାତିର ସଂଗଠନ, ଏକତା, ଭାଷା, ସାହିତ୍ୟ ଓ ଲିପିର ବିକାଶ ନିମନ୍ତେ ପଶ୍ଚିମବଙ୍ଗରେ ମୁଣ୍ଡାମାନଙ୍କ ଆନ୍ଦୋଳନ

୧୯୭୫ ମସିହାରେ ମୁଣ୍ଡା ସମାଜ ସୁଗାଳା ଗଠଣା, ମେଦିନୀପୁରର ନିମନ୍ତ୍ରଣ ପାଇ ମୁଁ ଓ ଶ୍ରୀ ବୀରଭଦ୍ର ସିଂ ସାଙ୍ଗରେ ଗୋପୀବଲ୍ଲଭପୁର ବ୍ଲକ୍‌ର ପାଞ୍ଚକାହାନିଆ ମୁଣ୍ଡା ମିଟିଂକୁ ଯାଇଥିଲୁ । ସେତେବେଳେ ପଶ୍ଚିମବଙ୍ଗକୁ ଯିବାଆସିବା ଏତେ ଗାଡି, ମଟର କରୁ ନଥିଲା । ଗୋଟେ ଯୋଡେ ବସ୍

Digitized by srujanika@gmail.com

କଲିକତା ଅଭିମୁଖେ ଯାଉଥିଲା; ତାହା ପୁଣି ରାତି ୨ଟାରେ ଉଦଳା ଓ ବାରିପଦା ଛାଡୁଥିଲା। ଗୋଟିଏ ବସ୍ ବାରିପଦା, ବହଳାଗୋଡା ଦେଇ କଲିକତା ଓ ଅନ୍ୟଟି ଉଦଳାରୁ ବାରିପଦା ଦେଇ ପଣ୍ଡାଛେଈଁ। ହୋଇ କଲିକତା ଯାଉଥିଲା। ଏହି ଦୁଇ ବସ୍‌ରେ ମୁଁ ୧୯୭୫ ପରେ ବହୁଥର ଯିବାଆସିବା କରିଛି। ବାରିପଦାରୁ କଲିକତାକୁ 'ରାଣୀସୁତୀ' ବସ୍ ଯାଉଥିଲା।

କିନ୍ତୁ ପ୍ରଥମେ ଯେତେବେଳେ ଗଲି, ବାରିପଦାରୁ ଭଗବତୀ ବସ୍‌ରେ ପଣ୍ଡାଛେଈଁ ଯାଇଥିଲି। ଏକା ଏକା ବସ୍‌ରେ ବସି ପଣ୍ଡାଛେଈଁ ଗଲି। ପଣ୍ଡାଛେଈଁରେ ଓହ୍ଲାଇ ବିଶ୍ରାମଗାରରେ ବସି ମନେ ମନେ ପାଦରେ ଜଙ୍ଗଲ ଭିତରେ ଯିବାକଥା ଭାବୁଥିବା ବେଳେ ସେଠାକାର ସ୍ଥାନୀୟ ଲୋକମାନଙ୍କ ବାରଣରେ ଯାଇ ନଥିଲି। କିଛି ସମୟ ଅତିବାହିତ ହେଲାପରେ ଅନ୍ୟ ଏକ ବସ୍‌ରେ ଶ୍ରୀ ବୀରଭଦ୍ର ସିଂ, ବିଧାୟକ (ପରେ ସେ ଓଡିଶା ସରକାରଙ୍କ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ) ଆସି ପହଞ୍ଚିଲେ। ଇତି ମଧ୍ୟରେ ପାଞ୍ଚକାହାନିଆରୁ ୨/୩ ଜଣ ସାଇକେଲ୍‌ବାଲା ଆମ ପାଖରେ ପହଞ୍ଚି ଥିଲେ। ଗୋଟିଏ ସାଇକେଲ୍‌ରେ ବୀର ବାବୁ ଓ ଅନ୍ୟ ଏକ ସାଇକେଲ୍‌ରେ ମୁଁ ବସି ପାଞ୍ଚକାହାନିଆ ହାଇସ୍କୁଲ୍ ସଭାସ୍ଥଳକୁ ପହଞ୍ଚିଥିଲୁ। ତା'ପରେ ସଭା ହେଲା। ସଭାରେ ଅନେକ ଲୋକଙ୍କ ସହିତ ପରିଚିତ ହେଲି। ସର୍ବାଗ୍ରେ ଶ୍ରୀଯୁକ୍ତ ପରମାନନ୍ଦ ସିଂ, ୰ଦ୍ୱାରିକାନାଥ ସିଂ, ୰ଶ୍ୟାମଲାଲ ସିଂ, ଏବଂ ଶ୍ରୀ ପ୍ରହରାଜ ସିଂ ସହିତ ପରିଚିତ ହେଲି। ଏମାନେ ସମସ୍ତେ ଥିଲେ ମୁଣ୍ଡା ସମାଜ ସୁଗାଲ ଗଠଣାର କର୍ମକର୍ତ୍ତା ଓ ସମାଜସେବୀ। ତା'ପରବର୍ତ୍ତୀ ସମୟରେ ପଶ୍ଚିମବଙ୍ଗର ଅନେକ ମୁଣ୍ଡା ସଭାକୁ ଯିବାଆସିବା କରିବା ଫଳରେ ୧୯୯୦ରୁ ୨୦୧୩ ମସିହା ଭିତରେ ମୁଁ ଗୋପୀବଲ୍ଲଭପୁର, ସାସାଡା, ଆଖୁପଦା, ଡହରପୁର, ନିମପୁରା, ଚନ୍ଦ୍ରି, ଝିଲିମିଲି, ଝାରଗ୍ରାମ, କାଲସୁନା, ଅସନବଣି, ବେଲଗଡିଆ, କଲିକତା, ରୋହିଣି ଆଦି ମୁଣ୍ଡାସଭାକୁ ଯାଇ ୰ଫକୀରମୋହନ ମାଣିକି (କୁକୁରାଖୁପି), ୰ପୁରୁଷୋତ୍ତମ ସିଂ (ଗଦରଗଡି),

Digitized by srujanika@gmail.com

ଶ୍ରୀ କାଞ୍ଚନ ସିଂ (ଖଳକବେଡା), ଶ୍ରୀ ରବୀନ୍ଦ୍ରନାଥ ସିଂ (ଗୋକୁଳପୁର), ପ୍ରହରାଜ ସିଂ (ଚନ୍ଦ୍ରି), ଶ୍ରୀହରି ସିଂ (ଝାରଗ୍ରାମ), ସୀତାରାମ ସିଂ, ଶ୍ରୀମତୀ ମାଳତୀ ସିଂ (ଆଖୁପଦା), ଶ୍ରୀ ଯତିନ୍ଦ୍ରନାଥ ସିଂ, ଶ୍ରୀ ଗୟାପ୍ରସାଦ ସିଂ (ଚନ୍ଦ୍ରି), ନଗେନ୍ଦ୍ରନାଥ ସିଂ (କେନ୍ଦୁଖୁଣ୍ଟା) ପ୍ରଭୃତିଙ୍କ ସହିତ ଘନିଷ୍ଠ ସଂପର୍କରେ ପରିଚିତ ହେଲି। ଏହିପରି ଘନଘନ 'ପଶ୍ଚିମବଙ୍ଗ' ମୁଣ୍ଡା ମହାସଭାକୁ ମୁଖ୍ୟବକ୍ତା, ମୁଖ୍ୟଅତିଥି, ସମ୍ମାନିତ ଅତିଥି, ଭାବେ ଯିବାଆସିବା କରୁ କରୁ ପରିଶେଷରେ ଶ୍ରୀଯୁକ୍ତ ପରମାନନ୍ଦ ସିଂ (ସାଃ କୁଚିଳାଡାଣ୍ଡି)ଙ୍କ ସହିତ ସାମାଜିକ ସଂପର୍କ (ଅଜା-ଶ୍ୱଶୁର) ସାନଭାଇଙ୍କ ତରଫରୁ ଯୋଡି ହୋଇଗଲା। ଏହି ମୁଣ୍ଡା ମହାସଭା ଗୁଡ଼ିକରେ ମୁଣ୍ଡାରୀ ଭାଷା, ଲିପି, ସାହିତ୍ୟ, ସଂସ୍କୃତି, ଶିକ୍ଷା, ଅର୍ଥନୈତିକ, ସାମାଜିକ, ରାଜନୈତିକ ଓ ଧାର୍ମିକ ଚେତନା ସମ୍ବନ୍ଧରେ ଆଲୋଚନା ହୋଇ ବିକାଶର ପଥ ଅନୁସନ୍ଧାନରେ ଆମେମାନେ କାର୍ଯ୍ୟ କରିଛୁ। ଏହି ସାମାଜିକ ଅନୁଷ୍ଠାନ ମାଧ୍ୟମରେ ଦୁଃସ୍ଥ, ପୀଡିତ, ଅବହେଳିତ, ନିରକ୍ଷର, ସର୍ବହରା ମୁଣ୍ଡାମାନଙ୍କର ସେବା କରାଯାଉଥିଲା। ପରବର୍ତ୍ତୀ ସମୟରେ ପଶ୍ଚିମବଙ୍ଗର ଯୁବପିଢ଼ିଙ୍କ ସହିତ ସଂପର୍କ ହେବାରେ ଅଗ୍ରଣୀ ଶ୍ରୀ ଜଗଦୀଶ ସିଂହ, ଶ୍ରୀ ଦିଲ୍ଲୀପ କୁମାର ସିଂ (ଆମ୍ବି), ଶ୍ରୀ ମାଣକି ସିଂ (ଗୋପିବଲ୍ଲଭପୁର), ଶ୍ରୀ ରାମଚନ୍ଦ୍ର ସିଂ (କେଶିଆରୀ), ଶ୍ରୀ ସୁରେନ୍ ସିଂ (ଆମ୍ବି), ଶ୍ରୀ ସଚିଦାନନ୍ଦ ସିଂ (ଜାମ୍ବନୀ) ପ୍ରଭୃତିଙ୍କ ସହିତ ପରିଚିତ ହୋଇ ସମାଜର ବିକାଶ ପଥରେ ନିୟୋଜିତ ହୋଇଛୁଁ। ପଶ୍ଚିମବଙ୍ଗର ବିଭିନ୍ନ ମୁଣ୍ଡା ମହାସଭାରେ ମୁଣ୍ଡାମାନଙ୍କୁ ଆମ୍ଭେମାନେ ବିଭିନ୍ନ ଭାଷଣ, ପ୍ରବଚନ, ଉପଦେଶ, ପରାମର୍ଶ ଦେଇ ସମାଜ ନିମନ୍ତେ ସମୟ, କିଛି ଆର୍ଥିକ ସାହାଯ୍ୟ ଓ ନିଜର ଶାରୀରିକ ସ୍ୱାର୍ଥ ତ୍ୟାଗ କରିବାକୁ କହୁଥିଲୁ ଏବଂ ସମସ୍ତେ ଶିକ୍ଷାର୍ଜନ କରି ନିଜର, ଜାତିର ତଥା ଦେଶର ଉନ୍ନତି କରିବାରେ ସହାୟକ ହେବା ପାଇଁ ଏବଂ ଗରିବ, ଦୁଃସ୍ଥମାନଙ୍କୁ ସାହାଯ୍ୟ, ସହାନୁଭୂତି ପ୍ରଦର୍ଶନ କରିବାପାଇଁ ନିବେଦନ ମଧ୍ୟ କରାଯାଉଥିଲା। ସଭାରେ କେହି କେହି ମଧ୍ୟ ଓଡିଆ, ବଙ୍ଗଳା ଓ ହିନ୍ଦୀ

Digitized by srujanika@gmail.com

ଭାଷାର ଶ୍ଳୋକ, ଗୀତ, ସଙ୍ଗୀତ ମଧ୍ୟ ଗାଇ ଶୁଣାଇଥିଲେ। ସେଗୁଡ଼ିକ ଏମିତି କୁହାଯାଉଥିଲା-

୧) ମେଶାଃଅକା ଆଇଁଆଃ ହଲ୍କ ନେ ହାସା ଧୂଳାରେ
ଦିଶୁମ୍ ହଳକ ସେନେକା ଆଇଁଆଃ ଦେଆ ଚେତାନ୍‌ରେ।

ଓଡ଼ିଆରେ

ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯା'ନ୍ତୁ ମୋ ପିଠିରେ। (ଉତ୍କଳମଣି ଗୋପବନ୍ଧୁ)

୨) ପରେର କାରନେ ସ୍ୱାର୍ଥ ଦିଆବଲି
ଏ ଜୀବନ ମନ୍ ସକଲି ଦାଓ
ତାରମତ୍ ସୁଖ୍ କୋଥାଏକି ଆଛେ
ଆପନାର କଥା ଭୁଲିୟାଯାଓ।

୩) ଦିଶୁମ୍ ହଳକଲଃ ମେଶାନ୍‌ପେ ଗଜଃ ମାଣାଂତେ
ଦାରୁ ଯାଂ ଚିଲିକା ତପାଃଅ ତାନା ଅତେ ହାସାତେ
ଏନ୍‌କା ହଳକଲଃ ମେଶାନ୍‌ପେ ଦୁକୁସୁକୁରେ
ଦାରୁ ବା'ଆ ଲେକା 'ଦେମାଂ' ଲେଲୋଃ ଆପେ ଦିଶୁମ୍‌ରେ।

ଅର୍ଥାତ୍- ମିଟାଦେ ଅପନି ହସ୍ତିକୁ ଅଗର ତୁ ମରତୁବା ଚାହେ
କେ ଦାନା ଖାକମେଁ ମିଲ୍ କର ଗୁଲେ ଗୁଲଜାର ହୋତାହେ ॥

ଓଡ଼ିଆ ଭାଷାନ୍ତର

ଯଦି ବଡ ହେବାକୁ ଚାହୁଁଛ, ନିଜର ଅସ୍ତିତ୍ୱକୁ ଜନସାଧାରଣଙ୍କ ସାଥିରେ ମିଶାଇଦିଅ; ଯେପରି ମଞ୍ଜି ମାଟିରେ ମିଶିଯିବା ପରେ ମାଟିରୁ ଖାଦ୍ୟ ସଂଗ୍ରହ କରି ସୁନ୍ଦର ବୃକ୍ଷଟିଏ ହୋଇଥାଏ। ଏ ମାନବ ଶରୀର ଓ ଜୀବନ ମିଳିଛି ତା'ର ପ୍ରତିଟି ମୁହୂର୍ତ୍ତକୁ ପୁଣ୍ୟ ଏବଂ ପରମାର୍ଥ କାର୍ଯ୍ୟରେ ବିନିଯୋଗ କରିବାକୁ। 'ଆତ୍ମନୋ ମୋକ୍ଷାର୍ଥ ଜଗତ୍ ହିତାୟଚ'- ଆତ୍ମକଲ୍ୟାଣ ଓ

Digitized by srujanika@gmail.com

ଲୋକହିତ ଉଦ୍ଦେଶ୍ୟରେ ତା'ର ସଦୁପଯୋଗ କରିବାକୁ । ସୁତରାଂ ମୁଣ୍ଡାରୀ ଭାଷା, ସଂସ୍କୃତି ଓ ସାହିତ୍ୟ (ଲିଖିତ ଓ ଅଲିଖିତ) ଭାବେ ସୃଷ୍ଟି କରାଯାଇଛି ଏବଂ ପରବର୍ତ୍ତୀ ସମୟରେ ସମାଜରେ ଥିବା କବି, ଲେଖକ, ଓ ନାଟ୍ୟକାରମାନେ ପୁସ୍ତକ ଆକାରରେ ପ୍ରକାଶିତ କରି ମୁଣ୍ଡାରୀ ଭାଷାର ବିକାଶ କରିବାରେ ସହାୟକ ହୋଇଛନ୍ତି । ପଶ୍ଚିମବଙ୍ଗରୁ ମୁଣ୍ଡାରୀ ଭାଷାର ବିକାଶ ନିମନ୍ତେ କଲିକତାରୁ 'ମାରସାଲ୍' ଝାରଗ୍ରାମରୁ 'ଆରସି' ତ୍ରୈମାସିକ ଓ ବାର୍ଷିକ ପତ୍ରିକାମାନ ପ୍ରକାଶିତ ହେଉଥିଲା । ଏତଦ୍ ବ୍ୟତୀତ ଶ୍ରୀ ପ୍ରହରାଜ ସିଂଙ୍କ ତତ୍ତ୍ୱାବଧାନରେ ମଧ କିଛି ପୁସ୍ତିକା ଓ ପତ୍ରିକା ପ୍ରକାଶିତ ହେଉଥିଲା ।

ପଶ୍ଚିମବଙ୍ଗରେ ଥିବା ମୁଣ୍ଡାମାନେ ବଙ୍ଗଳା ଓ ସଂସ୍କୃତ ଭାଷାରେ ପ୍ରଭାବିତ ହେଉଥିବାର ଲକ୍ଷ୍ୟ କରି ମୁଣ୍ଡା ମହାସଭାରେ ଭାଷଣ ଛଳରେ ନିମ୍ନୋକ୍ତ କବିତା ପଂକ୍ତି ମଧ ଗାଇ ଶୁଣାଇଥିଲେ-

'ମୁଣ୍ଡା ମାୟଁମ୍ ବାନୋଃ ରେ ଦ ହଳମରେ
ମୁଣ୍ଡା ହନ୍ ଦ କା' ହେକେରେ
ମୁଣ୍ଡା ମେ'ନ୍‌ତେ କାପେ ଉଡୁଃଗେନ୍‌ରେ
ହନର୍ ପେ ଚି ମିଡି କଲଃରେ ॥'

'ନିଜକୁ ମୁଣ୍ଡା ବୋଲି ଭାବୁ ନଥିଲେ; ମୁଣ୍ଡା ରକ୍ତ ତୁମ ଶରୀରରେ ପ୍ରବାହିତ ହେଉ ନଥିଲେ; ତୁମେମାନେ ମୁଣ୍ଡା ନୁହଁ; ତେଣୁ ତୁମେମାନେ ମେଣ୍ଢାପଲ ସହିତ ଭ୍ରମଣ କର ॥'

ସୁଦୂର ସୁନ୍ଦରଗଡ଼ରେ ମୁଣ୍ଡା ସଂଗଠନ

ରେ:ନଂ.:- ୫୨୬୬-୨/୨୦୦୫

ମୁଣ୍ଡାରୀ ସମାଜ ସାୱାଁର ଜାମ୍‌ଡା, ଓଡିଶା, ମୟୂରଭଞ୍ଜ ଠାରୁ ପ୍ରେରଣା ଓ ଉତ୍ସାହ ପାଇ ସୁନ୍ଦରଗଡ଼ ଓ କେଉଁଝର ଜିଲ୍ଲାରେ ମଧ ମୁଣ୍ଡାରୀ ଭାଷା, ଲିପିର ପ୍ରଚାର ପ୍ରସାର ଓ ହଜିଯାଉଥିବା ସଂସ୍କୃତି, ପରମ୍ପରା ଓ ସହରରେ ରହୁଥିବା ମୁଣ୍ଡାମାନଙ୍କ ନିକଟରୁ ମୁଣ୍ଡାରୀ ଭାଷା ଅବହେଳା, ଅପମିଶ୍ରଣ ଓ

Digitized by srujanika@gmail.com

ପରିଶେଷରେ ନିଜର ପିଲାଛୁଆମାନଙ୍କୁ ଅନ୍ୟ ଭାଷା ନଶିଖାଇ, ନିଜ ମାତୃଭାଷା ମୁଣ୍ଡାରୀକୁ ପାଶୋରି ଯାଉଥିବା ମୁଣ୍ଡାମାନଙ୍କୁ ସତର୍କ, ଜାଗ୍ରତ, ସଚେତନ କରିବା ନିମନ୍ତେ ସୁନ୍ଦରଗଡ ଜିଲ୍ଲାରେ 'ମୁଣ୍ଡାରୀ ଭୂମିଜ ବିକାଶ ସମିତି' ନାମରେ ଅନୁଷ୍ଠାନ ଗଢ଼ି ଜାତି, ସମାଜ ଓ ଭାଷାର ଉନ୍ନତି କରିବାରେ ମୁଖ୍ୟ ଭୂମିକା ତୁଲାଉଛନ୍ତି । ୧) ଶ୍ରୀ ସହନ ମୁଣ୍ଡାରୀ, ୨) ଶ୍ରୀ ଶମ୍ଭୁନାଥ ମୁଣ୍ଡାରୀ, ୩) ଶ୍ରୀ ଭରତ ଚନ୍ଦ୍ର ମୁଣ୍ଡାରୀ, ୪) ଶ୍ରୀ ବସ୍ତି ମୁଣ୍ଡାରୀ, ବଣେଇଗଡ, ୫) ଶ୍ରୀ ମହାଦେବ ମୁଣ୍ଡାରୀ, ବଣେଇଗଡ ଓ ଅନ୍ୟମାନେ ହେଲେ ମନୋରଞ୍ଜନ ମୁଣ୍ଡାରୀ, ସାଗର ସିଂ ମାନ୍‌କୀ, ଲକ୍ଷ୍ମୀରାମ ସିଂ, ସୁକୁରାମ ମୁଣ୍ଡାରୀ, ବିଶ୍ୱନାଥ ମୁଣ୍ଡାରୀ, ଶ୍ରୀମତୀ ଫୁଲମନୀ ମୁଣ୍ଡାରୀ ଶ୍ରୀ ମହାଦେବ ମୁଣ୍ଡାରୀ, ମିଟ୍ କୁନ୍ଦୁରି ଶ୍ରୀ ମଦନ ମିଣ୍ଡାରୀ, ମିଟ୍‌କୁନ୍ଦୁରି, ସୁକୁରାମ ମୁଣ୍ଡାରୀ, ମିଟ୍‌କୁନ୍ଦୁରି ମଙ୍ଗଲ ମୁଣ୍ଡାରୀ, ଜବାଘାଟ, ଶୁଭୁବ ମୁଣ୍ଡାରୀ, ବାଗ୍‌ବୁଡି, ଦୁର୍ଗାଚରଣ ମୁଣ୍ଡାରୀ ନାଗରା ଏବଂ ଉପଦେଷ୍ଟା ଭାବେ ପ୍ରାକ୍ତନ ବିଧାୟକ ଶ୍ରୀଯୁକ୍ତ ହାଲୋ ମୁଣ୍ଡାରୀ ପ୍ରଭୃତି ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି । ସୁନ୍ଦରଗଡର ମୁଣ୍ଡାମାନଙ୍କ ପରି କେଉଁଝର ଜିଲ୍ଲାର ଯୋଡା ଅଞ୍ଚଳରେ ଥିବା ମୁଣ୍ଡାରୀ ଭାଷା କହୁଥିବା ମୁଣ୍ଡାରୀ ଭାଷା, କହୁଥବା ମୁଣ୍ଡା (ଭୂମିଜ)ମାନେ ମଧ୍ୟ ମୁଣ୍ଡା ସଂଗଠନ କରି ମୁଣ୍ଡାରୀ ଭାଷା, ସଂସ୍କୃତି ଓ ଲିପିର ପ୍ରଚାର ପ୍ରସାର ଓ ନିଜ ମୁଣ୍ଡା ଜାତିର ପରିଚୟ ଓ ସ୍ଥିତି ବଜାଇ ରଖିବା ପାଇଁ ବିଭିନ୍ନ ସଭାସମିତି କରି କେଉଁଝରରେ ଥିବା ମୁଣ୍ଡାମାନଙ୍କୁ ସଚେତନ, ଏକଜୁଟ, ଐକ୍ୟବଦ୍ଧ ହେବାପାଇଁ ଅନୁପ୍ରେରିତ ଓ ଉତ୍ସାହିତ କରୁଛନ୍ତି । ଏହି ସାମାଜିକ ସଂଗଠନରେ ମୁଖ୍ୟ ଭାବରେ ଅଛନ୍ତି ଶ୍ରୀ ଗୋବିନ୍ଦ ଚନ୍ଦ୍ର, ପି. ସାମନ୍ତ, ଶ୍ରୀ ଶଙ୍କର ନାଗ, ଶ୍ରୀ କବିର ସାଣ୍ଡି, ଶ୍ରୀ ମାନସିଂ ସାଣ୍ଡି, ଶ୍ରୀ ସୁରେଶଚନ୍ଦ୍ର ସଲାଙ୍କି, ଶ୍ରୀକାନ୍ତ ସାମନ୍ତ, ଶ୍ରୀ ଦେବରାଜ ସାମନ୍ତ, ଶ୍ୟାମସୁନ୍ଦର ପୂର୍ତ୍ତି, ଅରୁଣ କୁମାର ସଲାଙ୍କି ପ୍ରଭୃତି ଏବଂ ସମାଜର ଉନ୍ନତି କାର୍ଯ୍ୟରେ ଉତ୍ସର୍ଗୀକୃତ । ୨୦୧୩ ସୁଦ୍ଧା ସାହିତ୍ୟ ସୃଷ୍ଟି କରିବାରେ କେନ୍ଦୁଝରରେ ଥିବା ମୁଣ୍ଡାମାନଙ୍କର ଭୂମିକା ସ୍ପଷ୍ଟ ନୁହେଁ ।

Digitized by srujanika@gmail.com

ଜନଜାତି ମୁଣ୍ଡାମାନଙ୍କର ଆଦ୍ୟ ବାସସ୍ଥଳୀ ଝାରଖଣ୍ଡରେ ମୁଣ୍ଡାରୀ ଭାଷା ଆନ୍ଦୋଳନ ଓ ମୁଣ୍ଡାରୀ ସାହିତ୍ୟର ଝଲକ

ସ୍ନ ୧୮୭୫ ନଭେମ୍ବର ୧୫ ତାରିଖରେ ବିର୍ସାମୁଣ୍ଡା ଝାରଖଣ୍ଡ ପ୍ରଦେଶରେ ଜନ୍ମଗ୍ରହଣ କଲାପରେ ଧୀରେ ଧୀରେ ବଢିବାକୁ ଲାଗିଲେ। ସେ ଚାଇଁବସାରେ ଅଧ୍ୟୟନ କରୁଥିବାବେଳେ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଣେ ଇଂରେଜ ନଟ୍ରେନ୍ ସାହେବ ଥିଲେ। କୌଣସି କାରଣରୁ ଜଣେ ମୁଣ୍ଡା ବାଳକକୁ ଯୁଆଳିର ଗୋଟିଏ ପଟରେ ଯୋଡି, ଅନ୍ୟ ଏକ ପାର୍ଶ୍ୱରେ ବଳଦ ଯୋଡି, ଶୀତ ଋତୁର କାଡୁଆ ଅବସ୍ଥାରେ ହଳ କରୁଥିବା ଦୃଶ୍ୟ ଦେଖି ବିର୍ସା ମନରେ ବିଦ୍ରୋହର ନିଆଁ ଜଳି ଉଠିଥିଲା। ସ୍ନ ୧୮୮୮ରୁ ସ୍ନ ୧୯୦୦ ମସିହାରେ ସାରା ଝାରଖଣ୍ଡରେ ବିର୍ସାମୁଣ୍ଡାଙ୍କ ଦ୍ୱାରା ବିଦ୍ରୋହ ଚାଲିଲା। ସେତେବେଳେ ଇଂରେଜଙ୍କ ତତ୍କାଳୀନ ବିହାର ପ୍ରଦେଶ ଶାସିତ ଓ କବଳିତ। ମହାଜନ, ଅତ୍ୟାଚାରୀ ଠିକାଦାର ଓ ଇଂରେଜମାନେ ମୁଣ୍ଡାମାନଙ୍କୁ କମ୍ ମଜୁରି ଦେଇ, ବହୁ ସମୟ ଖଟାଇଥିଲେ, ଅଧିକ ସୁଧ ଆଦାୟ କରି ମୁଣ୍ଡମାନଙ୍କୁ ନିଜ ଜମି ଓ ବଣଜଙ୍ଗଲ ଅଧିକାରରୁ ବଞ୍ଚିତ କରୁଥିଲେ। ସେମାନଙ୍କୁ ନିର୍ଯ୍ୟାତନା ଦେଇ ନିଜ ଅଧିକାରରୁ ହଟାଇ ଦେଉଥିଲେ। ସେହି ସମୟରେ ସାରା ବିହାରରେ ମୁଣ୍ଡାମାନଙ୍କ ମଧ୍ୟରେ ପ୍ରଚଣ୍ଡ ଅଶାନ୍ତି, ବିଦ୍ରୋହ, ଜନ ଆନ୍ଦୋଳନ ତେଜି ଉଠି ଭୟଙ୍କର ରୂପ ଧାରଣ କରିଥିଲା। ସେହିଦିନଠାରୁ ଝାରଖଣ୍ଡ ମାଟିରେ ସଂଗଠନ, ଏକତାବଦ୍ଧ ଏବଂ ବିଦ୍ରୋହର ସୂତ୍ରପାତ ହୋଇ ମୁଣ୍ଡାମାନଙ୍କ ଭିତରେ ସଚେତନତାର ଅଭ୍ୟୁଦୟ ଘଟିଛି। ତାପର ପିଢିରେ ସେହି ମାଟିରେ ଜଣେ ଯୋଗ୍ୟପୁତ୍ର ଡକ୍ଟର ରାମଦୟାଲ ମୁଣ୍ଡା ୧୯୪୦ ମସିହାରେ ଦେଉଳିଠାରେ ଜନ୍ମଗ୍ରହଣ କରିଥିଲେ। ସେ ନିଜ ବୁଦ୍ଧି ଅଧ୍ୟବସାୟ ବଳରେ ଶିକ୍ଷାର୍ଜନ କରି ରାଞ୍ଚି ବିଶ୍ୱବିଦ୍ୟାଳୟର ଭାଇସ୍‌ଚାନ୍‌ସେଲାର (କୁଳପତି) ପଦରେ ନିଜକୁ ଅଧିଷ୍ଠିତ ହୋଇ ପାରିଥିଲେ। ପୃଥିବୀର ତଥା ଦେଶର ବିଭିନ୍ନ ସ୍ଥାନ ପରିଦର୍ଶନ କରି ବିଦେଶ ଆମେରିକାରେ ପାଠପଢି ମୁଣ୍ଡା ସମାଜ ପାଇଁ

Digitized by srujanika@gmail.com

ଅନେକ ଉପାଦେୟ ପୁସ୍ତକ ରଚନା କରି ଯାଇଛନ୍ତି । ତାଙ୍କର ଅନେକ ପୁସ୍ତକ ରଚନା କରି ମୁଣ୍ଡା ସମାଜ ଓ ସାହିତ୍ୟର ଭିତ୍ତି ସ୍ଥାପନ କରି ଯାଇଛନ୍ତି । ସେଗୁଡ଼ିକ ହେଲା- ହିସିର୍, ମୁଣ୍ଡାରୀ ଗୀତ ସାମ୍ଲତିଂ, ସେଲେଦ୍, ମୁଣ୍ଡାରୀ, ନାଗପୁରୀ, ହିନ୍ଦୀ କବିତା ସମୂହ, ମୁଣ୍ଡାରୀ ଯାଦୁର୍ ସାଣେସ୍, ଆଦିଧରମ୍, ତିତିଲୀ, ମୁଣ୍ଡାରୀ ବ୍ୟାକରଣ, ଗନଃଏ ପାରୋମ୍ ବଙ୍ଗା, ମୁଣ୍ଡାରୀ କବି ବୁଦୁବାବୁ ଔର୍ ଉନ୍‌କି ରଚନା, କୁଛ୍ ନାଏ ନାଗପୁରୀ ଗୀତ, ବାହାବଙ୍ଗା ରେୟାଃ ବାକାଣା, ମୁଣ୍ଡା ଆଣାନ୍ଦୀ ଏବଂ ଆହୁରି ଅନେକ ହିନ୍ଦୀ, ଇଂରାଜୀ ଭାଷାରେ ଲିଖିତ ପୁସ୍ତକମାନ ଅଛି ।

ଡ. ରାମଦୟାଲ୍ ମୁଣ୍ଡାଙ୍କ ରଚିତ କବିତା ମଧ୍ୟରୁ ଏଠାରେ ଉପସ୍ଥାପିତ କରାଗଲା-

୧) ନିଦା ଚିଲିକା ତେତେଃରେ
ଆଟାଲ୍ ବା'ତାମ୍ ସୁପିଦ୍‌ରେ
ସାଏ ତେମ୍ ଲେଲେ ମିସାମ୍ ହେତାଃଏ
କତେମ୍ ସେନ୍‌କେଦାରେ ।

୨) ଅକ ମୁଲିଦ୍ ଆମେମ୍ ସେନେ
ଅଣ୍ଡରେ ତାମା ଚିମିନ୍ ମନେ
ଆନ୍ଦୁପଲା ଝାମେଝାମ୍
କତେମ୍ ସେନ୍ କେଦାରେ ।

୩) ରତୁ ଅକଏ ଅରଂ ଅକ ଧିରି ଟିକୁରାରେ
ଅହୋରେ......ଜୀ'ଇ ତାଞ୍ଜ୍ ଚିତେ ହୁଲୁଃଇ ହୁଲୁଃଇରେ
ନେ ତିରି ରିରି ରତୁ ସାଡିରେ ।

(ସେଲେଦ୍ / ଡ. ରାମଦୟାଲ୍ ମୁଣ୍ଡା)

ଝାରଖଣ୍ଡର ରାଞ୍ଚି ତଥା ଆଖପାଖ ଅଞ୍ଚଳରେ ଥିବା ନିମ୍ନଲିଖିତ ମୁଣ୍ଡାମାନେ ମୁଣ୍ଡାରୀ ସାହିତ୍ୟ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

Digitized by srujanika@gmail.com

ସେମାନେ ହେଲେ ୧) ଶ୍ରୀ ଉଦୟନାଥ ମୁଣ୍ଡା (ପିଣ୍ଡିହାତୁ), ୨) ଶ୍ରୀ କାଶିନାଥ ସିଂ କାଣ୍ଡେ (ଜଜହାତୁ), ୩) ୰ବୁଦୁବାବୁ (ବାଛେକୁଣ୍ଡି), ୪) ଦୁଲାୟ ଚନ୍ଦ୍ର ମୁଣ୍ଡା (ବାରୁଡିହି), ୫) ବଳଦେବ ମୁଣ୍ଡା (କିତାଡିହି), ୬) ଭୈୟାରାମ ମୁଣ୍ଡା (ସେଲ୍‌ଦାଃ), ୭) ଶ୍ରୀ ରାମ ମୁଣ୍ଡା (ରଲ୍‌ରୋଡ୍), ୮) ୰ରାମଦୟାଲ୍ ମୁଣ୍ଡା (ଦିଉଡି), ୯) ବିଶ୍ୱନାଥ ମୁଣ୍ଡା (ଚିତ୍‌ରାମୁ), ୧୦) ସହଦେବ ମୁଣ୍ଡା (ଜଜହାତୁ), ୧୧) ସାଗୁ ମୁଣ୍ଡା (ଟଣ୍ଡର), ୧୨) କାଜଲ୍ ସାଏ ମିରୁ ହୁତୁଆଃ, ୧୩) ଡକ୍ଟର ସତ୍ୟନାରାୟଣ ମୁଣ୍ଡା (ରାଞ୍ଚି), ୧୪) ଡ. ସୁବାଷ ମୁଣ୍ଡା (ବୁଣ୍ଡୁ), ୧୫) ଶ୍ରୀମତୀ ଅନିତା ମୁଣ୍ଡା (ରାଞ୍ଚି), ୧୬) ପ୍ରେମଚାନ୍ଦ ସିଂହ (ଫୁଲବାଡିଆ) ଏବଂ ଅନ୍ୟମାନେ ଗୁମାନ୍ ସିଂ ମୁଣ୍ଡା (ସେରେଙ୍ଗ୍‌ହାତୁ), ଗୋପିନାଥ ମୁଣ୍ଡା (ସେଲ୍‌ଦାଃ), ଦଶରଥ ମୁଣ୍ଡା (ହାନୁ), ପ୍ରଭୃତି । ପୁନଶ୍ଚ ଝାରଖଣ୍ଡ ପ୍ରଦେଶରେ ସମାଜସେବୀ ହିସାବରେ ଅଛନ୍ତି- ୧) ଶ୍ରୀ ଦଶରଥ ସିଂହ, ୨) ଶ୍ରୀ ସତ୍ୟବାନ୍ ମୁଣ୍ଡା (ବହଡାଗୋଡା), ୩) ଶ୍ରୀ ବଳରାମ ସିଂହ, ୪) ଶ୍ରୀ ଦେବଦାସ ସିଂ ମୁଣ୍ଡା (ଫୁଲବାଡିଆ), ୫) ଶ୍ରୀ ଧାନଚାନ୍ଦ ସିଂ (ଫୁଲବାଡିଆ-ଖଣ୍ଡାମଉଦା), ୬) ଶ୍ରୀ ମୋତିଲାଲ୍ ସିଂ (ବହଳାଗୋଡା) ।

ଉପରୋକ୍ତ ବ୍ୟକ୍ତିମାନଙ୍କ ସହଯୋଗ ଓ ସହାୟତାରେ ଝାରଖଣ୍ଡର ସଦର ମହକୁମା 'ରାଞ୍ଚି'ଠାରେ ବାରମ୍ବାର ମୁଣ୍ଡାମାନଙ୍କର ମହାସଭା ଅନୁଷ୍ଠିତ ହେଉଛି । ଝାରଖଣ୍ଡରେ ଥିବା ମୁଣ୍ଡାମାନଙ୍କର ପ୍ରେରଣାଦାତା, ପରାମର୍ଶଦାତା କରି କରାଉଥିବା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଅର୍ଜୁନ ମୁଣ୍ଡା ମହୋଦୟଙ୍କ ସାହାଚର୍ଯ୍ୟରେ ଜାତୀୟ ମୁଣ୍ଡା ମହାସଭା ଗତ ତା୨୮-୪-୨୦୧୩ ରିଖ ଓ ତା୨୯-୪-୨୦୧୩ ରିଖରେ ଅନୁଷ୍ଠିତ ହୋଇଥିଲା । ସେହି ମହାସଭାରେ ଛତିଶଗଡ, ଆସାମ, ରାମଘର, ଝାରଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗରୁ ବହୁସଂଖ୍ୟାରେ ମୁଣ୍ଡା ଭାଇ ଓ ଭଉଣୀମାନେ ଉପସ୍ଥିତ ହୋଇଥିଲେ । ଉକ୍ତ ମହାସଭାରେ ମୁଣ୍ଡାରୀ ଭାଷାର ଲିପି, ସଂସ୍କୃତି, ସାହିତ୍ୟ ଓ ଆଧୁନିକ ଜୀବନଯାତ୍ରା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।

Digitized by srujanika@gmail.com

ମୁଣ୍ଡାମାନେ କେମିତି ସଚେତନ ହୋଇ ଏକତାବଦ୍ଧ ହେବେ ଏବଂ ନିଜର ସାମ୍ବିଧାନିକ ମୌଳିକ ଅଧିକାର ମାନ ସାବ୍ୟସ୍ତ କରିବେ; ସେ ସମ୍ବନ୍ଧରେ ମଧ୍ୟ ବିଶଦ୍ ଆଲୋଚନା କରାଯାଇଥିଲା । ଅତୀତରେ ଝାଡ଼ଖଣ୍ଡ ରାଜ୍ୟରେ ମୁଣ୍ଡା ରାଜାମାନେ ଥାଇ, କେମିତି ଶାସନ ଚଳାଉଥିଲେ, ସେ ସମ୍ବନ୍ଧରେ ମଧ୍ୟ ସ୍ମୃତିଚାରଣ କରାଯାଇଥିଲା । ସୁତିଆମ୍ବଗଡ ଅଞ୍ଚଳରୁ ମୁଣ୍ଡାମାନେ ଆସି ନିଜ ରାଜ୍ୟ ଓ ରାଜାଙ୍କର ଶାସନ ବିଷୟରେ ଆଲୋକପାତ କରିଥିଲେ । ଜିଲିଂ ସେରେଙ୍ଗ୍ ଖୁଣ୍ଟି ଅଞ୍ଚଳରୁ ମୁଣ୍ଡାମାନେ ଆସି ମୁଣ୍ଡା ଗୀତମାନ ଗାଇଥିଲେ । ଆଲୋଚନାରେ ଏହା ମଧ୍ୟ କୁହାଯାଇଥିଲା ଯେ, ଯେଉଁ ମୁଣ୍ଡା ଭାଇ ଓ ଭଉଣୀମାନେ ନିଜ ମାତୃଭାଷା ମୁଣ୍ଡାରୀ, ମୁଣ୍ଡା ଜାତିର ସଂସ୍କୃତି, ପରମ୍ପରା, ଦେବାଦେବୀ, ପୂଜା ପଦ୍ଧତି, ବିବାହ ଆଦି ସାମାଜିକ କର୍ମ ଗୁଡ଼ିକ ଭୁଲି ଯାଇଛନ୍ତି ଓ ଭୁଲି ଯାଉଛନ୍ତି; ସେମାନେ ସେସବୁ ଗୁଡ଼ିକର ପୁର୍ନଉଦ୍ଧାର କରନ୍ତୁ ଏବଂ ଲିଖିତ ଭାବେ ସମାଜ ଓ ଅନ୍ୟମାନଙ୍କ ପାଇଁ ଲିପିବଦ୍ଧ କରି ରଖିବାକୁ ପରାମର୍ଶ ଦିଆଯାଇଥିଲା । ଭାଷଣ ଛଳରେ ମୁଁ ମଧ୍ୟ ଗାଇଥିଲି-

ଏଙ୍ଗା ଜାଗାର୍ ନାଗେନ୍ ବାନଃ ଉଡୁଃରେ
ଇପାଃଏ ଜନମ୍ ଧାରତିରେ
ହଲ-ସାଲଟ୍ ରେ ଦ ହାଗାରେ
କାବାରା ତୁୟୁ ହୁଆଃ ଚୁକାଃରେ
ଏଙ୍ଗା କାଜି କା'ପେ ସୁକୁରେ
ଯେତାଏ କା'କ ଗୁନ୍ତି ପାନ୍ତିପେ ।
ଅକଏ କାୟାଃ ଜାତି ସେବାତେ
ଉକୁନାଃ କୁଳି ଟେପେଲ୍‌ତେ
ଦାଇଗୋ ! ଚିମିନ୍ ଦିନ୍ ନେକାଏ ଉକୁନା ? ?

ଏହି ମୁଣ୍ଡାମାନଙ୍କ ଦ୍ୱାରା ଦୀର୍ଘ ଦିନରୁ ସଂଗଠିତ ହେବାର ଯୋଜନା ଓ କାର୍ଯ୍ୟକ୍ରମ ଚାଲୁ ରହିଛି । ଗତ ୧୯୮୫ ମସିହାରେ 'ଭାରତ ମୁଣ୍ଡା ସମାଜ' ନାମରେ ସଂଗଠନଟିଏ ଟାଟାର କରୋଣ୍ଡି ଠାରେ ଗଠିତ ହୋଇଛି । ସେହିପରି

Digitized by srujanika@gmail.com

୧୯୮୭ ମସିହା ମେ ୨୭, ୨୮ ଓ ୨୯ ତାରିଖରେ ରାଞ୍ଚିର ସେଣ୍ଟପଲ୍ ହାଇସ୍କୁଲ୍‌ରେ ଭାରତ ମୁଣ୍ଡା ସମାଜର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପୁନଶ୍ଚ ଚଳିତ ବର୍ଷ ୨୦୧୩ ଏପ୍ରିଲ୍ ମାସ ଶେଷରେ ରାଞ୍ଚିର ମରାବାଦୀ ମୁଣ୍ଡା ମହାସଭା National Munda Conference ଅନୁଷ୍ଠିତ ହୋଇଯାଇଛି ଏବଂ ଅତୀତରେ ମଧ୍ୟ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ତାଙ୍କ ବାସଭବନରେ ଗତ ଜାନୁଆରୀ ୨୦୧୧ ଏବଂ ୨୦୧୨ ମସିହା ଡିସେମ୍ବର ୩୦ରେ ମୁଣ୍ଡାମାନଙ୍କ ଏହି ଭାଷା, ସାହିତ୍ୟ, ସଂଗଠନ ବାବଦରେ ଆଲୋଚନା କରାଯାଇଥିଲା । ଓଡିଶାରୁ ଏହି ପୁସ୍ତକ ରଚୟିତାଙ୍କ ସହ ନୀଳଗିରି, ମୟୂରଭଞ୍ଜରୁ ଅନେକ ସମାଜସେବୀ ଯୋଗ ଦେଇଥିଲେ । ମୋଟାମୋଟି କହିବାକୁ ଗଲେ ଭାରତରେ ଥିବା ମୁଣ୍ଡାମାନଙ୍କ ମଧ୍ୟରେ ନିଜ ଜାତି, ଭାଷା, ଲିପି, ସଂସ୍କୃତି ଓ ନିଜର ପରିଚୟ ଓ ସ୍ଥିତିକୁ ଜାହିର କରିବାପାଇଁ ସଚେତନତା, ଅସନ୍ତୋଷ, ଅଶାନ୍ତିର ମୁଣ୍ଡ ଟେକି ଉଠିଛି । ଏଥିପାଇଁ ମଝିରେ ମଝିରେ ବିଭିନ୍ନ ସ୍ଥାନରେ ଜନଆନ୍ଦୋଳନ, ଗଣସମାବେଶ, ର୍‌ୟାଲି ଓ ଧାରଣା ମାନ ଦେଖାଯାଉଛି । ଏହି ଶିଥିଳ ଜନଜାତି ଆନ୍ଦୋଳନକୁ ତୀବ୍ର ଆକାରରେ ପ୍ରତିଷ୍ଠିତ କରିବାକୁ ପଡିବ । ମୁଣ୍ଡାମାନେ ନିଜର ମୂଲ୍ୟବାନ ସମୟ, ଅର୍ଥ, ସ୍ୱାର୍ଥ, ଉତ୍ସର୍ଗୀକୃତ ମନୋଭାବ, ଜାତି ଓ ଭାଷା ପାଇଁ ପ୍ରୀତି, ମମତା, ଆନ୍ତରିକତା ପ୍ରଦର୍ଶନ କରିବାକୁ ହେବ । ପୁନଶ୍ଚ ନିଜ ଜାତି ଓ ଭାଷା ନିମନ୍ତେ ଗର୍ବ କରି ଶିଖିବା ସର୍ବାଦୌ କର୍ତ୍ତବ୍ୟ ଓ ଦାୟିତ୍ୱ । ମୁଣ୍ଡା ସମାଜରେ ଥିବା ନୀରକ୍ଷର, ଗରିବ, ଦୁଃସ୍ଥ, ଖଟିଖିଆ, ସର୍ବହରା ମେହେନତି ମଣିଷ, ଯେଉଁମାନେ ସଭ୍ୟତାର ବହୁ ଦୂରେ ବଣ, ବିଲ, ଖଣି ଖାଦାନ, କଳକାରଖାନାରେ ଖଟି ଖଟି ନିଜ ପେଟ ପୋଷୁ ଅଛନ୍ତି; ମଣିଷ ଯେଉଁଠି ରକ୍ତ ନିଗାଡି ଦିନରାତି ଧଇଁସଇଁ ହୋଇ, କାଦୁଅ ପଙ୍କରେ ଘାଣ୍ଟି ଚକଟି ହେଉଛି; ସେମାନଙ୍କ ଶୁଖିଲା ବିଦୀର୍ଣ୍ଣ ହୃଦୟରେ ବଞ୍ଚିବାର ଆଶା ଦେବାକୁ ହେବ । ପୁନଶ୍ଚ ମୁଖ ଥାଇ ମୂକ, କଥା କହି ପାରୁନାହାନ୍ତି; ସେହିମାନଙ୍କ ମୁଖରେ ଦେବାକୁ ହେବ;

Digitized by srujanika@gmail.com

କଥା କହିବାର ଶାଣିତ ତୁଣ୍ଡ, ମର୍ମଭେଦୀ ଓ ମର୍ମସ୍ପର୍ଶୀ ଭାଷା। ଆଦିବାସୀ 'ଜନଜାତି'ମାନଙ୍କୁ ଏକଜୁଟ କରି, ନିଜ ନିଜର ନ୍ୟାର୍ଯ୍ୟ ଦାବି ହାସଲ କରିବାର କୌଶଳ; ତା'ପରେ ସମସ୍ତେ ଏକତାବଦ୍ଧ ଓ ଐକ୍ୟବଦ୍ଧ ହୋଇ ଭାଷା, ସଂସ୍କୃତି ଆନ୍ଦୋଳନରେ ସାମିଲ ହେବେ। ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଭାଷାରେ କହିବାକୁ ଗଲେ-

ଏଇ ସବ୍ ମୂଢ଼ ମ୍ଳାନ ମୂଖେ
ଦିତେ ହବେ ଭାଷା
ଏଇ ସବ୍ ଶ୍ରାନ୍ତ ଶୁଷ୍କ ଭଗ୍ନ ବୁକେ
ଧ୍ୱନିୟା ତୁଲିତେ ହବେ ଆଶା ॥

ବି.ଦ୍ର.: ବିର୍ସା ମୁଣ୍ଡାଙ୍କର ଖ୍ରୀଷ୍ଟିଆନ୍ ଧର୍ମ ନେବାପର ନାମ ମସିହଦାସ ଏବଂ ଦାଉଦ ମୁଣ୍ଡା/ଦାଉଦ ବିର୍ସା। ଆଦିବାସୀମାନଙ୍କ କମିଶନର କେ.ଏସ୍. ସିଂହଙ୍କ ମତରେ ବିର୍ସାମୁଣ୍ଡା ସ୍ନ ୧୮୭୨ ମସିହା ଜୁଲାଇ ୧୮ ତାରିଖରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କ ମତରେ ବିର୍ସାଙ୍କ ଜନ୍ମସ୍ଥାନ ଉଲିହାତୁ କିମ୍ୱା ବାମ୍ବୋ ସିଂଭୁରୀର ନିକଟବର୍ତ୍ତୀ ଗ୍ରାମ ଚାଲ୍‌କାଦା ହୋଇଥିଲା।■

Digitized by srujanika@gmail.com

ସପ୍ତମ ଅଧ୍ୟାୟ

ଯେଉଁ ଦେଶରେ ଚଣ୍ଡାଶୋକରୁ ଧର୍ମାଶୋକ ହୋଇଥିଲେ, ଯେଉଁ ଦେଶରେ ଗୌତମ ବୁଦ୍ଧତ୍ୱ ପ୍ରାପ୍ତ ହୋଇ ବୁଦ୍ଧଦେବ ହୋଇଥିଲେ; ଯେଉଁ ଦେଶରେ ନାରାୟଣ ନରଦେହେ ଅବତରୀ ସ୍ତ୍ରୀ ଅପହରଣର ପ୍ରତିଶୋଧ ନେଇ ଶତ୍ରୁକୁ ବିନାଶ କରିଥିଲେ; ଯେଉଁ ଦେଶରେ ସତୀ ସ୍ତ୍ରୀର ଲଜ୍ୟା ଓ ଇଜ୍ଜତ କୋଟିବସ୍ତ୍ର ଦେଇ ରକ୍ଷା କରିଥିଲେ, ଯେଉଁ ଦେଶରେ ଭକ୍ତର ଡାକ ଶୁଣି ନିଜ ରଥ ଅଟକାଇ ଭକ୍ତ ହସ୍ତରୁ ଶ୍ରୀଫଳ ଗ୍ରହଣ କରିଥିଲେ; ପୁନଶ୍ଚ ନିଜ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରିଥିଲେ; ସେହିଭଳି ପବିତ୍ର, ମହାନ୍ ଭାରତବର୍ଷରେ ଅମାୟିକ, ସରଳ ବିଶ୍ୱାସୀ, ପ୍ରକୃତି ଓ ଈଶ୍ୱରପ୍ରେମୀ, କପଟଶୂନ୍ୟ ବିଭିନ୍ନ ଆଦିମ ଜନଜାତିମାନେ ଅନ୍ୟମାନଙ୍କ ସହିତ ବସବାସ କରିଛନ୍ତି । ସେହି ପବିତ୍ର ଭାରତବର୍ଷରେ ଭାରତୀୟ ପରମ୍ପରା ।। 'ବସୁଧୈବ କୁଟୁମ୍ବକଂ' ଓ 'ସର୍ବେ ଭବନ୍ତୁ ସୁଖୀନଃ' ନୀତି ପ୍ରଚଳିତ ।

ସେହି ଦେଶରେ ସେମାନେ(ଆଦିମ ଜନଜାତି)ମାନେ ଜନ୍ମ ପାଇଥିବାରୁ ଗର୍ବ କରିବା ସ୍ୱାଭାବିକ । ସେମାନେ ଏହି ଭାରତବର୍ଷର ଆଦିମ ଆଦିବାସୀ ହରିଜନ ଓ ଆର୍ଯ୍ୟ ଅଟନ୍ତି । ଭାରତବର୍ଷରେ ଆଦିମକାଳରୁ ରହିଥିବା ପୂର୍ବପୁରୁଷମାନଙ୍କ ଔରସରୁ ଜାତ ଆଦିମ ଜନଜାତି ଏବଂ ଜଗତର ସ୍ରଷ୍ଟା ପରମେଶ୍ୱରଙ୍କ ଦ୍ୱାରା ଅଭିପ୍ରେରିତ ହୋଇ ଜନ୍ମ ପାଇଥିବାରୁ ସେମାନେ

Digitized by srujanika@gmail.com

ହରିଙ୍କର ସନ୍ତାନ ହରିଜନ; ପୁନଶ୍ଚ ଭାରତୀୟ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ପିତାମାତା, ଗୁରୁଜନ, ଗୁରୁ, ଦେବତା, ବ୍ରାହ୍ମଣ, ମୁନିଋଷିମାନଙ୍କୁ ଭକ୍ତି ଅସହାୟ ଭିକାରୀ, ଦୁଃଖିରଙ୍କିମାନଙ୍କୁ ସାମର୍ଥ୍ୟ ଅନୁସାରେ ସେବା, ସହାୟତା ଓ ଆର୍ଥିକ ସାହାଯ୍ୟ କରି ବିଶ୍ୱକୁ ଶ୍ରେଷ୍ଠ 'ବିଶ୍ୱମାଙ୍ଗର୍ଯ୍ୟ' ସଂସ୍କୃତି ସଂପନ୍ନ କରୁଥିବାରୁ ସେମାନେ ସମସ୍ତେ ଆର୍ଯ୍ୟ ଅଟନ୍ତି । ସେହି ଆର୍ଯ୍ୟବର୍ତ୍ତାକୁ ନିଜ ଆଖି ଆଗରେ ରଖି; ସମଗ୍ର ମାନବ ସମାଜର କଲ୍ୟାଣ କାମନା କରି ଆଦିବାସୀ ମୁଣ୍ଡାରୀ କବିମାନେ ସମଗ୍ର ମାନବ ସମାଜ ଓ ବିଶ୍ୱକୁ ନିଜର ଭାବି ବିଭିନ୍ନ କବିତା ଓ ସଙ୍ଗୀତମାନ ରଚନା କରିଛନ୍ତି; ମୁଣ୍ଡାରୀ ସାହିତ୍ୟର ବିକାଶ କରିଛନ୍ତି । ଜଣେ ମୁଣ୍ଡାରୀ କବିଙ୍କ ଭାଷାରେ-

୧) ଓଁ ତେୟାଦ୍ ସିର୍ଜନ ତାବୁ
ବ୍ରହ୍ମା, ବିଷ୍ଣୁ, ଶିବ ତାବୁ
ବୁରୁବୁରୁ ବୁରୁବୁରୁ ମାରାଂବୁରୁ କା'ବୁ ସାବିତାନ୍
ଅହୋ... ବିଧି ଚେକା ଲେକା ସମାଏ ସେନଃତାନ୍ । (ବିନ୍ତି)

୨) ହୟ ଜୀବନ୍ ହାସା ହଲମ
ହାସାରେ ମେସାଅୱା
ହାଏରେ ମୁସିଂ; ହାସାରେ ମେସାଅୱା
କାମି ୟାବୁ ଜାତି ନାଗିନ୍ ଲୁତୁମ୍ ତାୟୁୱା ॥ (ବିନ୍ତି)

୩) ଦାଃଆ ଫୁଟୁକା ଜୀବନ୍‌ରେ
କାମି ତୁକାଃବୁ ଦିଶୁମ୍‌ରେ
ଅବାଛା ନେ ଜୀବନ୍ କା' ତାଇନାରେ
ନିଆଁ କାଜି ଉଡୁଃଗେପେ ହ୍ଣାଇରେ ॥
ହାର୍ତାଃ ହଲମ ମେଶାଅୱା ହାସାରେ
ନିଆଁ ରୂପ୍ କା' ତାଇନାରେ
ଅବାଛା ନିଆଁ କାଜି ଉଡୁଃଗେପେ ହ୍ଣାଇରେ ॥ (ଆଲ୍‌ଚି)

Digitized by srujanika@gmail.com

ତେଣୁ ହେ ଭାଇଭଉଣୀମାନେ ! ଏ ସଂସାରରୁ କେହି କିଛି ନେଇଯାଇ ନାହାନ୍ତି । ଖାଲି ହାତରେ ଆସି, ମୋର ମୋର ହୋଇ ଜମି, ବାଡି, ଘରଦ୍ୱାର, କୋଠା, ମୋର ପୁଅ, ଝିଅ, ସ୍ତ୍ରୀ, ଭାଇ ଓ ଭଉଣୀ କହି କହି ବିଦାୟ ନିଅନ୍ତି ଆରପୁରକୁ । ସାଙ୍ଗରେ କିଛି ନିଏ ନାହିଁ, କେହି ଯା'ନ୍ତି ନାହିଁ । ଯାଏ କେବଳ ଅର୍ଜିତ ଓ କରିଥିବା ସୁକର୍ମର ଫଳ ଧର୍ମ । ଧର୍ମ ହିଁ ସାଙ୍ଗରେ ଯାଏ । ସେଇଥିପାଇଁ ମୁଣ୍ଡାରୀ କବି ଗାଇଛନ୍ତି-

ମାନମୀ କାନାଃ ଇଦି ତାନାଃ; ଧରମ ଦରେ ସେନଃ ତାନା
ମାନଆଁ ଆଞ୍ଚଲ୍ ପେରେଃ ପଟଂ ବାନଃ ଜାନା । (ବିନ୍ତି)

ପୁନଶ୍ଚ ମୃତ ଶରୀରର ଶେଷ କ୍ରୀୟା ପାଇଁ ଲେଖିଛନ୍ତି କବି ଶ୍ରୀଧର-

ଆମାଃ ଗନଃଏ ହଲ୍କା; କୁଣ୍ଡିଆକ ଦାଗା ଦାଗା ସେଙ୍ଗେଲ୍‌ତେ
ଯେତାଯୋ କା'କ ସେନାଃ;
ସେନାଃ ଏଖେନ୍ ଆର୍ଜାଅ ଧରମ୍ ସଙ୍ଗେତେ । (ଆନ୍ଦୁକାଲ୍)

ସେଥିପାଇଁ ଶାସ୍ତ୍ରରେ ଉଲ୍ଲେଖ ଅଛି- ନିଜ ଘର ସଂପଦ ମର୍ତ୍ତ୍ୟରେ ରହିଯାଏ । ନିଜ ସ୍ତ୍ରୀ ଦୁଆରବନ୍ଧରେ ଆଉଜି ରହିଯାଏ, ବନ୍ଧୁବାନ୍ଧବ ଶ୍ମଶାନ ପର୍ଯ୍ୟନ୍ତ ଯିବେ; ଶବଦାହ କଲାପରେ ପୁଣି ଯେ ଯାହା ଗୃହକୁ ଫେରି ଆସିବେ । ନିଜର ଗୋରୁ ଗାଈ ଗୋଠରେ କିମ୍ବା ନିଜ ଗୁହାଳରେ ହିଁ ରହିଥିବେ । କେହି ଜଣେ ସାଙ୍ଗରେ ଯିବେ ନାହିଁ । ଯିବ ଏକା ଅର୍ଜିତ ଧର୍ମ । ତେଣୁ ହେ ମୁଣ୍ଡା ଭାଇ ଓ ଭଉଣୀମାନେ ସୁକର୍ମ କରି ଏବେ ଠାରୁ କିଛି ପରୋପକାର କର ଏବଂ କିଛି ଧର୍ମ ଅର୍ଜନ କର । ବୟସ ଗଲେ ପରେ ଅନୁତାପ ହିଁ କରିବ । ତେଣୁ ସାବଧାନ ।

ମୁଣ୍ଡାରୀ ସାହିତ୍ୟରେ ସସବଙ୍ଗା, ରାମାୟଣ, ମହାଭାରତ, କାରାମ୍ କାହାନୀ, ଗୋପ ଲୀଳା ଓ ପୁରାଣରୁ ମଧ୍ୟ ବିଭିନ୍ନ କବିତାମାନ ରଚିତ ହୋଇଥିବାର ଦେଖାଯାଏ । ପ୍ରାଚୀନ କବିମାନେ ଏସବୁ ଶାସ୍ତ୍ରରୁ ବିଭିନ୍ନ ଗୀତ ରଚନାକରି ମୁଣ୍ଡାମାନଙ୍କୁ ରାମାୟଣ, ମହାଭାରତ, ଗୋପଲୀଳା,

Digitized by srujanika@gmail.com

ରାସଲୀଳା ଓ ବିଭିନ୍ନ ଧାର୍ମିକତତ୍ତ୍ୱ ସମ୍ବନ୍ଧରେ ଅବଗତ କରାଉଥିଲେ। ସାଧାରଣ ବର୍ଗର ଲୋକମାନଙ୍କୁ ଧର୍ମର ବିଭିନ୍ନ ତତ୍ତ୍ୱ, ମହିମା, ନୀତିନିୟମ ବିଷୟରେ ସୂଚନା ଦେବାପାଇଁ କରମ ନୃତ୍ୟରେ ଗୀତମାନ ଗାଉଥିଲେ। ଏହି ମୁଣ୍ଡାରୀ ଗୀତ ଗାଇବା ସଙ୍ଗେ ସଙ୍ଗେ କୁରୁମାଲି (କୁଡୁମାଲି) ଭାଷାରେ ମଧ୍ୟ ଭିନ୍ନ ଭିନ୍ନ ରହସ୍ୟପୂର୍ଣ୍ଣ ଗୀତ ଗାଇ ମାନବ ଜୀବନ ଶୃଙ୍ଖଳିତ ଓ ଧର୍ମ ଆଡକୁ ଆକର୍ଷିତ କରିବାର ଏହା ଏକ ଅଭିନବ ଉପାୟ ଥିଲା। ଲକ୍ଷ୍ମୀପୁରାଣ, ରାମାୟଣ, ମହାଭାରତ, ଗୋପଲୀଳା ଓ ଧର୍ମ ସମ୍ବନ୍ଧରେ ଅନେକ ମୁଣ୍ଡାରୀ କବିତା ଓ ସଙ୍ଗୀତ ରଚନା କରାଯାଇଛି। ସମସ୍ତଙ୍କ ଜାଣିବା ନିମନ୍ତେ ଏଠାରେ କିଛି ରହସ୍ୟପୂର୍ଣ୍ଣ ମୁଣ୍ଡାରୀ ଗୀତ ଉଲ୍ଲେଖ କରାଗଲା।

ରାମାୟଣ

୧) ଆୟାର୍‌ରେ ନି'ର୍ ତାଦାଃ ବି'ର୍ ରେନ୍ ହରିନୀ
ତାୟମ୍‌ତେ ହା'ର୍‌ତିୟାଃ ରାମ୍ ରଘୁମନୀ
ଅ..ହୋ..ହନୁ ଅତଃଚି ନାମିଆଇଁ ରଘୁମନୀ (ଦହରା)।
ମନେ ରାସିକାତେ ତାଇକେନା ପାଟରାନୀ
ବି'ର୍ ବାସା ଯୋଗୀ ରାଜା ରାମଆଃ ଘରିନୀ (ଦହରା)
ଅହୋ ହନୁ ହାତାମ୍ ତାମାଃ ଇସୁ ଦୁକୁ ତାନାଃ।
ବୁରୁ ଲେକାନ୍ ଆଶା ତାୟାଃ ରାପୁଦ୍ ଯାନା
ବିଧାତା ଗେ ରାପୁଦ୍ କେଦାଃ ଭାଇଗ ଅଣାଯାନା।
ଅହୋ ହନୁ ହାତାମ୍ ତାମାଃ ଇସୁ ଦୁକୁ ତାନାଃ ॥ (ଆଲ୍‌ଚି)

୨) ହରି, ହର ବ୍ରହ୍ମା ବଙ୍ଗା
ସାକି ତାୟୁଃପେ ଆପି ବଙ୍ଗା
ଅକଏ ଶିବଆଃ ଆଃ-ସାର୍ ରାପୁଦ୍ ଧାଲିଆଃ (ଦ.)
ଇନିଃ କେଗେ ଜାନକୀ-ଦେବୀ ଦା'ନେଇଁ ଅମାଇଆ।
(ଆନ୍ଦୁକାଲ୍)

Digitized by srujanika@gmail.com

୩) ଶୁଖିଲା କାଠେର୍ ବାଁଶୀ
ବାଜେ ଜଞ୍ଜାଳ୍‌ରେ
ଘରେ ନା ରହିତେ ପାରେ
କି ହଇଲ ଜଞ୍ଜାଲ୍‌ରେ ।
ତୁମି ତରୁ ଆମି ଲତା
ରହିବା ବେଢିଆଁରେ
ଯାଅ ଦେଖି ଗୋ କୁଥାଇ ଯାବ
ହାମାକେ ଛାଡିୟାଁ ଗୋ ।

୪) ପହିଲି ଆଷାଳ୍ ମାସେ
ଘନ ଘନ ମେ'ଘ ବରଷେ ହୋ...
ମନେ ପଡେ, ହୋ ମନେ ପଡେ
ପହିଲି ପିରତିଆ ମନେ ପଡ଼େ ।।
କିଟିମିଟି ଅନ୍ଧାର ରାତି
ଚମକି ଉଠଇ ମୋ ଛାତି
ମନେ ପଡେ ହୋ... ମନେପଡେ, ପଇଲ ପିରତିଆ ମନେପଡେ ।
ପାଶେ ନାହିଁ ପ୍ରିୟା ମୋର
ଘନ ଅନ୍ଧାରେ ମାଡେ ଡର
ମନେ ପଡେ ହୋ...
ମନେପଡେ, ପଇଲ ପିରତିଆ ମନେପଡେ । (ଶ୍ରୀଧର)

ମହାଭାରତରୁ

ପାଣ୍ଡବ ମଣେ ହାଗା ପଶା ଇନୁଂ ଯା'ନ୍ତେ
ଦ୍ରୌପଦୀକେ ଦୁଃଶାସନ ଅର୍ ଟଆଂକି
ମା'ଚି ମା'ଚି ଗା ଲେଲିଃପେ ଅର୍ ଟଆଂକି
ମା'ଚି ମା'ଚି ଗା ଲେଲିଃପେ ଅର୍ ଟଆଂକି

Digitized by srujanika@gmail.com

ପାଣ୍ଡବ କଓ୍ୱାଃ ହରା ଉଦୁବ୍‌ନିଃ
ଗୋପିନ୍ କଓ୍ୱାଃ ମନ୍ ହିଲିନିଃ
ଦ୍ରୌପଦୀକେ ସଭା ତାଲାରେ କିଚିରିଃ ଅମାଃଇମେ
ମା'ଚି ମା'ଚି ଗା ଭାଗିନା ଦୁଃଉ ତାଃଇମେ ॥

ପୁରାଣ ଧର୍ମ ତତ୍ତ୍ୱରୁ

କ) ନିଦାସିଙ୍ଗି ଗେସାକେରେ 'ରାମରାମ'
କଲି ଯୁଗ୍‌ରେମ୍ ବାଞ୍ଚାଓ୍ୱାମ୍ ଆମ୍
ଅହୋ ମାନ୍ମୀ, ଭଗମାନାଃ ଲୁତୁମ୍ ସାବେମ୍ ସାରାଘଳି ॥
ତୀ'ଇତେ କାମି ଜମେପେ
ମଟାତେ ଘଳିଘଳି ରାମ ରାମ ମେନେପେ
ଅହୋ ମାନ୍ମୀ, ଭଗମାନାଃ ନୁତୁମ୍ ସାବେମ୍ ସାରାଘଳି ।

ଖ) ଟେକେଟଣେ ସଂସାରରେ
ରିଳିଂ କେମାଇଁ ଭଗମାନ୍
ହାଳାମ୍ ଦିଲାଂରେ ହରାଇଁ ଆଦ୍ କେଦା
ଚିଆଃ ପରଭୁମ୍ ଜନମ୍ କିଆଁ ନେ ଦିଶୁମ୍‌ରେ ॥
ନିରତେ ଘୋଷିଲେ ରାମ
କଲିଯୁଗେ ତରିବେନ୍
ହେ ନର ! ହରି ନାମ୍ କରିବ ଚେତନ୍ ଯେ ?
ଆମ୍ ଗେ ରାମ, ରାମକୃଷ୍ଣ, ଆମ୍ ଗେ ଶିବ, ମହାଦେବ
ଆମ୍ ଗେ ଶମ୍ଭୁ , ଆମ୍ ଗେ ଭୋଳା,
ଆମ୍ ଗେ ମହେଶ୍ୱର, କଳିଯୁଗ୍ ରେନ୍ ମାରାଂଦେବ
ଜଆର୍ ଜଆର୍ ମଣାପାଦାରେ ହନର୍ ଜଟାଧାରୀ
ଜଆର୍ ଜଆର୍ ଦ୍ୱାପର ଯୁଗ୍‌ରେ ବୁରୁ ଦନ୍ଦ ଗିରିଧାରୀ
ଜଆର୍ ଜଆର୍ ମହାପ୍ରଭୁ କଲିଯୁଗ୍ ରେନ୍ ବରଦାତା

Digitized by srujanika@gmail.com

ଜଆର୍ ଜଆର୍ ଗୌରପତି ଜଆର୍ ଜଗତ୍‌ପିତା ।
ଆଇଁ ମୟଦ୍ ଆଁଅଁ, ଡଣ୍ଡ, ନୁତୁମ୍ ତାଇଁଆଃ ଗିରିଧର
ଆମାଃ ସୁନୁସାରେଏ ତାୟୁଃକାଇଁ, ଆଇଁ ହରବର ।
(ଆନ୍ଦୁକାଲ)

ଗୋପଲୀଲାରୁ

ଇୟାମ୍-ଇୟାମ୍ କାଜିତାନାଃ
ସତୀ ସିମତୀ
ଅଗୋ ଦୂତୀ ! ପଚ ଯାନା ସୁଙ୍ଗୁତି
ଅଗୋ ଦୂତୀ !
ଦୁକୁ ସୁକୁ ଚାବାଯାନା
ତାଇ ଜାନାଃଏ ସିମତୀ
ଅଗୋ ଦୂତୀ, ଆତୁ ଜାନା ପିରିତି
ଅଗୋ ଦୂତୀ !
ଚି ମେନ୍ତେ ଚିକା ଯାନା
ହାଣା ଜାନାଃଏ ଭଗବତୀ
ଅଗୋ ଦୂତୀ ବାଗେ କିଂଆଃଏ ଜୀ' ହିତି
ଅଗୋ ଦୂତୀ ॥
ବୁଦୁ ବାବୁ କାଜି ତାନାଃଏ
ଲଲିତା ସୁଙ୍ଗୁତି
ଅଗୋ ଦୂତୀ ଅ'ଲାକାନ୍ ନେ ରୀତି
ଅଗୋ ଦୂତୀ ॥

୨) ହେନ୍ଦେ ହେନ୍ଦେ ଦୁତିଆନା
ଉରିଃ ଗାଈ କଃଏ ଗୁପି ତାନାଃ
ବି'ର୍ ବିତାର୍ ଜଲାରେ ଦୁବାକାନାଃ

Digitized by srujanika@gmail.com

ରତୁ ତେଦ ଆମ୍‌ଗେଃ ନୁତୁମ୍ ତାନାଃ ।
ଇଟାଃ ବା'ଆତେ ଡାଲିଆନା
ସାମଣମ୍‌ତେ ମାଲା'କାନାଃ
ସେର୍ ମେଣେଦ୍ ହଲମ ଜୁଲେତାନା
ରତୁ ତେ ଦ ଆମ୍‌ଗେଃ ନୁତୁମ୍ ତାନାଃ ।

୩) ବି'ର୍ ବିତାର୍ ପ୍ରଭୁ ଗୋପାଲ୍
ବାଇ ତାଦାଃଏ ନୀଲା ଚମତ୍କାର
ଜିକିମିକି ଜୁଲେ ତାନା
ରାଧା ବିନୋଦିନୀ ସବେନ୍ ବ୍ରଜଧନୀ
ଯତକ ହିଆକାନ୍ ହୋ;
ଏଲା ଏଲା ଏଲା ଏଲାବୁ ଲେଲାଃ
ଦଲା ଦଲା ଦଲା ଦଲା ହୋ ॥

୪) ଯବୁନା ଯାପାଃରେ, କଦମ୍ ଦାରୁ ଦାଳାରେ
ଫିରେ ଫିରେ ଗୋ ଦାଇଗୋ ହୟତେ ଅଟାଂତାନା
ଦଲାବୁନ୍ ଗା ସବେନ୍ ଲେଲ୍ ଜମାଃ ॥
ଶ୍ରୀଧର ବାବୁଏଃ କାଜିତାନାଃଏ;
ଗୋପିନ୍ ଯତ, କୁଳାମ୍ କତେ ଦାଃଆରେ
ଜଳାହାତ୍ କାତେ ଡିଙ୍ଗୁଆକାନାକ କଦମ୍ ସୁବାରେ
ଇନା ମେନ୍ତେ କା'ବୁନ୍ ସେନା କଦମ୍ ସୁବା
ହାଏ ହାଏ ଗିୟୁଃ ତେକ ଗଜଆ ଯତ ଗୋପିନ୍ ତାବୁ ॥

ମୁଣ୍ଡାରୀ ସଙ୍ଗୀତ ଓ ନୃତ୍ୟର ଏକ ସଂକ୍ଷିପ୍ତ ପରିଚୟ

ମୁଣ୍ଡାରୀ ଭାଷାରେ ଅନେକ କବି ନିଜ ନିଜ ଶୈଳୀରେ ରାମାୟଣ, ମହାଭାରତ, କରମ କାହାନୀ, ପୁରାଣ ଓ ବିଭିନ୍ନ ଧାର୍ମିକ ପୁସ୍ତକର କଥାବସ୍ତୁକୁ କବିତା ଆକାରରେ ରଚନା କରିଛନ୍ତି । ତା'ର ସଉଦାହରଣମାନ

Digitized by srujanika@gmail.com

'ମୁଣ୍ଡାରୀ ପୋଥି' ପୁସ୍ତକରେ ଦେଖିବାକୁ ମିଳେ। ଓଡିଶାରେ ଥିବା ମୁଣ୍ଡାମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ଓ ଉନ୍ନତ ନଥିବାରୁ ଓଡିଶାରେ ଅନେକ ଲୋକଙ୍କ ପାଖରେ 'ପାଣ୍ଡୁଲିପି' ଆକାରରେ ଥିବା ସୂଚନା ଏ ପୁସ୍ତକ ରଚୟିତାଙ୍କ ନିକଟରେ ଅଛି। ଭବିଷ୍ୟତରେ ମୁଣ୍ଡାରୀ ସମାଜ ସାଓ୍ୱାଁର୍ ଜାମ୍‌ଡା, ଭାରତ ମୁଣ୍ଡା ସମାଜ ଓଡିଶା ବ୍ରାଞ୍ଚ୍ ଓ ନେସ୍‌ନାଲ୍ ମୁଣ୍ଡା କନ୍‌ଫାରେନ୍‌ସ୍, ମୁଣ୍ଡାରୀ ଭାଷା ବିକାଶ ପରିଷଦ ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ହେବାର ଅଛି। ଭବିଷ୍ୟତ ସମୟରେ ମୁଣ୍ଡାରୀ ଭାଷାର ବିକାଶ ହୋଇପାରିବ ବୋଲି ପ୍ରାବନ୍ଧିକ ଆଶା ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା କାଳିଆପଦାରେ ଥିବା 'ମୁଣ୍ଡାରୀ ଭାଷା ବିକାଶ ପରିଷଦ' ଦ୍ୱାରା ୪୫ ଖଣ୍ଡରୁ ଅଧିକ ମୁଣ୍ଡାରୀ ପୁସ୍ତକ ପ୍ରକାଶିତ ହୋଇଛି। ସମସ୍ତଙ୍କୁ ଉଦ୍‌ବୋଧନ ଦେଇ ବିଭିନ୍ନ ମୁଣ୍ଡା ସଭା ସମିତିରେ ଏ ପୁସ୍ତକର ରଚୟିତା ଗାଇଛନ୍ତି-

ଗାଆଁ ଗାଆଁ ବୁଲି କେତେ ବୁଝେଇଛି
ଦେବାକୁ ଜାତି ସମ୍ମାନ
ଘର ଘର ବସି କେତେ ମୁଁ କହିଛି
ରଖିବାକୁ ସ୍ୱାଭିମାନ।
ଜଣ ଜଣ କରି ସଭିଁଙ୍କୁ ଦେଇଛି
ଖଟିବାକୁ ଉପଦେଶ
ସଂଘ ସଭା କରି କେତେ ବୁଝେଇଛି
ଟେକିବାକୁ ମାତୃଭାଷା।
ଥର ଥର କରି କେତେ କୁହାଟିଛି
ରହିବାକୁ 'ସଚେତନ'
ହାତ ଯୋଡି ପୁଣି ନେହୁରା ହୋଇଛି
ଟେକିବାକୁ ଦେଶ ମାନ।

Digitized by srujanika@gmail.com

ଗୁରୁ ଗମ୍ଭୀରେ   ଦେଇଛି ଉତ୍ସାହ
ତେଜିବାକୁ ନିଜ ମନ ।
ସେନାପତି ସାଜି   ଦେଇଛି "ଆଦେଶ"
କରିବାକୁ ନ୍ୟାୟେ ରଣ ॥
(ସ୍ୱରଚିତ- ଭଂଜକନ୍ୟା)

ପୁଣି ନିଜ ମାତୃଭାଷା 'ମୁଣ୍ଡାରୀ'ରେ ମଧ୍ୟ ସେହି କବିତା ମର୍ମରେ ନିଜର ସ୍ୱରଚିତ (କବିତା) ଗାମୁଇଦି ଗାଇ ସଭାସମିତିରେ ଶୁଣାଇଛନ୍ତି-

ଅଳାଃ ଅଳାଃ ଦାଣୀ କାତେ ହଳ ହଳ ରାଃଆ କାତେ
ହାତୁ ହାତୁ ଗଟାଲେ ସଭା ଯାଦା;
ହାଏ ହାଏ ହାତୁ ହାତୁ ଗଟାଲେ ସଭା ଯାଦା
ତଉରେଅ କା'ପେ ଆୟମ୍ କେଦା ॥୧॥
ହନ୍‌ଗାଣୀ ରିଲିଂ କାତେ ହାଟିଆ ହାଟିଆ ଦାଣୀ କାତେ
ଟଲା ଟଲା ଯତଲେ ହନର୍ କେନା;
ହାଏ ହାଏ ଟଲା ଟଲା ଯତଲେ ହନର୍ କେନା ।
ହାଗା ମିଶିକ କା'ପେ ଉତୁଂଯାନା ॥୨॥
ଦାଦା ଦାଦା ରାଃଆ କାତେ ଏଲା ଏଲା ମେନ୍ କାତେ
ନିଦା ସିଙ୍ଗି ମେଃଦ୍ ଦାଃ ଲେ ଜର କେଦା
ହାଏ ହାଏ ନିଦା ସିଙ୍ଗି ମେଃଦ୍ ଦାଃ ଲେ ଜର କେଦା ।
ହାଗା ମିଶିକ କା'ପେ ଆୟମ୍ କେଦା ॥୩॥
ମିଶି କକ ଆତେନ୍ ତାନା କିମିନ୍ କକ କୟଃ ତାନା
ମୁରୁବିକ ଯତକ ଦୁବାକାନା;
ହାଏ ହାଏ ମୁରୁବିକ ଯତକ ଦୁବାକାନା ।
ଜାମ୍‌ଡା ରେନ୍ କାମିଆକ ରାଃଆଜମ୍ ତାନା ॥୪॥

Digitized by srujanika@gmail.com

ମାଆ ! ମାଆ ! ବୁଡ଼ି ! ବୁଡ଼ି ! ଦାଇଗୋ ଦାଇଲେ ରାଃଆ ଲେଦା
ଆୟମ୍ କାତେ ଐ କା'ପେ ଐ କେଦା;
ହାଏ ହାଏ ଆୟମ୍ କାତେ ଐ କା'ପେ ଐ କେଦା ।
ଆଲେ ସାଃଇ ବା' ପେ ଉୟୁଃ ଲୁତୁର୍ କେଦା ॥୫॥ (କୁସୁଲୀ)

ସଂପ୍ରତି ରାଜନୀତି କନ୍ଦଳ, କ୍ଷମତା ଓ ଅଧିକାର ସାବ୍ୟସ୍ତ କରିବା ନିମନ୍ତେ ଭାରତର କୋଣ ଅନୁକୋଣରେ ବିଚ୍ଛିନ୍ନତାବାଦ, ଆତଙ୍କବାଦ, ସନ୍ତ୍ରାସବାଦ ଓ ମାଓ ଉଗ୍ରପନ୍ଥୀବାଦ ମୁଣ୍ଡ ଟେକି ଉଠିଛି । ବିପ୍ଳବ ଓ ଅଶାନ୍ତିର ନିଆଁ ଦାଉ ଦାଉ ହୋଇ ଗାଁ ଗଣ୍ଡା, ମଫସଲ, ବନ ପ୍ରାନ୍ତର ସହର, ନଗରରେ ଜଳି ଉଠୁଛି । କୌଣସି ଜାଗାରେ ଟିକିଏ ସୁଖ, ଶାନ୍ତି ନାହିଁ । ଆଜି କା'ର ଜନଜୀବନ କଲବଲ, ସନ୍ଦେହ ଓ ଅବିଶ୍ୱାସ ଭିତରେ ଶଙ୍କି ଶଙ୍କି ରହିଛି । ଜଣେ ଆଦିବାସୀ ମୁଣ୍ଡା ସଂପ୍ରଦାୟରେ ଥିବା କବିଙ୍କ ଭାଷାରେ-

ବିଂଶ ଶତାବ୍ଦୀ ମାନବ ଜୀବନ ପ୍ରପୀଡ଼ିତ ଶୀର୍ଣ୍ଣକାୟ
ମର୍ତ୍ତ୍ୟ ମାନବ ଆତଙ୍କିତ ଆଜି ଗ୍ରାସିଛି କୋକୁଆ ଭୟ
ନକ୍ସଲପନ୍ଥୀ, ଆତଙ୍କବାଦୀ, ସନ୍ତ୍ରାସୀର କମାଣ ଧୂଆଁ
ଜାଳିଛି ହୃଦୟେ, ଜଳୁଛି ଜୀବନ ଉଦ୍‌ବେଳିତର ନିଆଁ ॥
ଦେଖି ଦେଖି ଚୋର ଡକାୟତ, ଖୁନୀଙ୍କ ଶାଣିତ ତରବାରୀ
ଦୁକୁଦୁକୁ କରଇ ହୃତସ୍ପନ୍ଦନ ଶୋଣିତ ହୁଅଇ ବାରୀ ॥
ଛଟପଟ ହୁଏ ଯନ୍ତ୍ରଣା ଚୁଲିରେ ଲହୁ ଶୁଖେ ଅନାଟନେ
ଭୟାତୁର ଆଜି ଏଡସ୍ , କ୍ୟାନ୍‌ସର୍ ବ୍ୟାଧିର ଉତ୍‌ପୀଡ଼ନେ ॥
ଭାରାକ୍ରାନ୍ତ ପାପ ଦୁର୍ନୀତି ଅତ୍ୟାଚାରରେ ଧରଣୀ ରାଣୀ
ହୋଇଛି ଅତିଷ୍ଠ, ମାନବ ଜୀବନ ଶୁଣି ମରଣର ବାଣୀ ॥
(କବିତା ମିଛ ନୁହେଁ, କବି ଶ୍ରୀଧର)

ପୁନଶ୍ଚ ସେହି ଚିନ୍ତାଧାରାରେ ଲେଖାଯାଇଥିବା କେତେଗୁଡ଼ିକ ଇଂରାଜୀ କବିତାର ପଂକ୍ତିଗୁଡ଼ିକ ଅନୁଧାନଯୋଗ୍ୟ । ସେହି ଇଂରାଜୀ କବିତାରେ

Digitized by srujanika@gmail.com

ମଧ୍ୟ ସାଂପ୍ରତିକ ଜନଜୀବନର ନିଛକ ସତ୍ୟର ଛବି ଉଲ୍ଲେଖ କରାଯାଇଛି । ଏହି ପରିସ୍ଥିତିରେ ବିଗତ ଦିନର ଆନନ୍ଦ, ସୁଖ, ଶାନ୍ତି ଆଉ ଅନୁଭବ ହେଉନାହିଁ । ମୁଣ୍ଡା ତଥା ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟରେ ମଧ୍ୟ ଏହାର କୁପରିଣାମ ଓ କୁପ୍ରଭାବ ପରିଲକ୍ଷିତ ହେଉଛି । ଆଜିକାର ସାହିତ୍ୟ ଜଗତରେ 'କବିତା' ମଧ୍ୟ କ୍ଷତବିକ୍ଷତର ସ୍ୱରରେ ଅନୁରଞ୍ଜିତ ଓ ଅନୁରଣିତ ଏବଂ ଅଶାନ୍ତି ଓ ଅସନ୍ତୋଷର କୋହରେ ପରିପୂର୍ଣ୍ଣ । ଇଂରାଜୀରେ ନିମ୍ନଲିଖିତ କବିତା ପାଠକପାଠିକାମାନଙ୍କ ନିମନ୍ତେ ଉଲ୍ଲେଖ କରାଗଲା-

This world is full of sorrow, panic and misery
And with full of slaughts, threatning and robbery.
The world of today is imbalance with
Sin, corruption, torture and lost of 'Faith'
So the human-life becomes fright.
Having heard the warrant sound of death.

(The Voice of Agony)

ସାଂପ୍ରତିକ ଯୁଗରେ ସାହିତ୍ୟ ଜଗତରେ କବିତା ଅଳଙ୍କାର ଶୂନ୍ୟ । ଆଧୁନିକ ନାରୀ ଯେମିତି ଅତ୍ୟଧିକ ପ୍ରାଚୀନ ଯୁଗର ଅଳଙ୍କାରର ଭାରା ବୋହିବାକୁ ନାରାଜ । ଅଳ୍ପ ଅଳଙ୍କାରରେ ସେ ସନ୍ତୁଷ୍ଟ ଓ ଦେଖିବାକୁ ମଧ୍ୟ ସୁନ୍ଦର ଲାଗେ । ଠିକ୍ ସେମିତି ଆଧୁନିକ କବିତାରେ ମଧ୍ୟ ଅଳଙ୍କାର ଖୁବ୍ କ୍ୱଚିତ୍ ଦେଖାଯାଏ । ସୁନ୍ଦର ଶବ୍ଦନ୍ୟାସ ଓ ଶ୍ରୁତି ମଧୁର ଶବ୍ଦର ସଂଯୋଜନାରେ ଏବଂ ହୃଦୟ ଓ ମନକୁ ଆନ୍ଦୋଳିତ କରିପାରୁଥିବା ଶବ୍ଦରେ ହିଁ କବିତା ରଚନା କରାଯାଉଛି ।

ମୁଣ୍ଡାରୀ ସାହିତ୍ୟରେ ମଧ୍ୟ ତଦ୍ରୂପ କବିତା, ସାଂପ୍ରତିକ କବି ଓ ରଚୟିତାମାନେ ରଚନା କରୁଛନ୍ତି । ନିମ୍ନ ମୁଣ୍ଡାରୀ କବିତା ଅନୁଧ୍ୟାନ ଯୋଗ୍ୟ ।

Digitized by srujanika@gmail.com

ଆଧୁନିକ କବିତା(ଗାମୁଇଦି)

ଆଇଁ ମୟଦ୍ ହିପିସିଙ୍ଗା ହଳ
ହଲୁରେ ହୁଡିଃ ଗେରେୟ ପେଲେଃ
ମନେରେ ମେନାଃ ତାଇଁ ଇସୁଆଃ ହିସିଙ୍ଗା ଗୁନ୍ ।
ଇଲି ନୁଁ କା'କ ରାଃ କିଂରେ
ରାଗାଦଆଇଁ ବେଡେ ଧାଁପ୍
ସାୟାଦେଆଇଁ ଫଅଁ ଫଅଁ ॥
ଏଟାଃ ହଳକଆଃ ହନ୍‌ବେଟିକ ସାଜାଓ୍ବଏନ୍ ଯାନ୍‌ରେ
ହିସିଙ୍ଗାତେ କୁରୁଦ୍ କୁରୁଦ୍ ରେକାଓ୍ବଆଇଁ ସେନ୍ ତାରେ ହାଟିଆରେ
ଏଟାଃ ହଳକଆଃ ହନ୍‌କ ଅଲ୍ କାତେ ଚାକିରୀ ଯାନ୍‌ରେ
ଆଇଁଆଃ ମୁରୁକ୍ ହନ୍‌ବେଟା କାମି କାମିତେ ହାଳାମଃ ତାନ୍‌ରେ
ହିସିଙ୍ଗାଅଆଇଁ ହଳକଆଃ ହନ୍‌କ ଲେଲ୍‌ତେ;
ମନେ ବିଡାର୍‌ରେ କୁଟୁଃ କୁଟୁଃ ରାଗାଦ୍‌ତେ ।
ଆଇଁ ମୟଦ୍ ହିପିସିଙ୍ଗା ହଳ (କୁସୁଳୀ)
ଆଇଁ ମୟଦ୍ ମାସ୍କାଲ୍
ଗୁଃ ଗୁଃ ନୁବାଃ ବିରୁଦ୍ଧତେ ଆଇଁ ଜୀବନ ଭ'ରେଇଁ
ଚାଲାଅ ତାଦା ମାୟମ୍ ଥେରାଂ ଲାଳାଇ ।
ଗୁଃ ଗୁଃ ନୁବାଃ ନିଦାରେ ମାସ୍କାଲ୍ ଜୀଆଃ ଏନ୍
ସିକିଦ୍ ସିକିଦ୍ ତାନ୍ ମୁଇତୁଂ ଚେହେରା
ଛାଟାପାଟା ଆକାଲ ବାକାଲ୍ ତାନ୍‌ରେଆଃ
ରିପିରିପି; ଚାବ୍ ଚାବ୍ ଚେହେରା
ଆଇଁ ମୟଦ୍ ଜୁଲ୍ ତାନ୍ ମାସ୍କାଲ ॥ (କୁସୁଳୀ)■

Digitized by srujanika@gmail.com

ଅଷ୍ଟମ ଅଧ୍ୟାୟ

ଝୁମର ସଙ୍ଗୀତର ତାଳ ଓ ସ୍ୱର, ମୁଣ୍ଡାରୀ ସଙ୍ଗୀତ ଓ କବିତାରେ ସମ୍ବନ୍ଧିତ

ମୟୂରଭଞ୍ଜର ଝୁମର ସଙ୍ଗୀତରେ ଯେପରି ବିଭିନ୍ନ ସ୍ୱର, ତାଳ ଓ ଲୟମାନ ରହିଛି । ମୁଣ୍ଡାରୀ ସଙ୍ଗୀତରେ ମଧ୍ୟ ସେହିପରି ସ୍ୱର, ତାଳ ଓ ଲୟ ରହିଛି । ଶ୍ରୀ ଶ୍ରୀ ଚୈତନ୍ୟ ଦେବ ଯେତେବେଳେ ଓଡ଼ିଶାକୁ ବୈଷ୍ଣବ ଧର୍ମ ପ୍ରଚାର କରିବା ନିମନ୍ତେ ଆସିଥିଲେ; ସେତେବେଳେ ଏହି ସଂପ୍ରଦାୟର କବି ୰ମଙ୍ଗଲ ସିଂ, ବୁଦୁ ବାବୁ, କାଶିନାଥ ସିଂ କାଣ୍ଡେ, ଦୁଲାୟ ଚନ୍ଦ୍ର ମୁଣ୍ଡା, ବଳଦେବ ମୁଣ୍ଡା ଏବଂ ମୁଣ୍ଡା (ଭୂମିଜ)ମାନଙ୍କୁ ଭଲପାଉଥିବା ବ୍ରଜବାସୀ ବିନୋଦ ଦାସ, ରାମନ ଦାସ, ବ୍ରଜୁ ଦାସ ପ୍ରଭୃତି ଝୁମର ସ୍ୱର, ତାଳରେ କିଛି ସଙ୍ଗୀତମାନ ବୈଷ୍ଣବ ଧର୍ମର ମହିମା ଧର୍ମର ତତ୍ତ୍ୱ, ଶ୍ରୀକୃଷ୍ଣ, ରାଧା ଓ ରାମଚନ୍ଦ୍ର ଆଦି ମହାପ୍ରଭୁ ବିଷୟରେ ଏବଂ ମୁଣ୍ଡାମାନଙ୍କ ହୃଦୟରେ ଧର୍ମଭାବ ସଂଚାର କରିବା ଉଦ୍ଦେଶ୍ୟରେ ବିଭିନ୍ନ ଗୀତ ରଚନା କରିଛନ୍ତି ।

ସେହି ଗୀତଗୁଡ଼ିକ ମୁଣ୍ଡାମାନେ କରମ ନାଚ ସମୟରେ କରମ ଗୀତର ବିଭିନ୍ନ ସ୍ୱରରେ ଗାଉଥିଲେ । ସେହି କରମ ନୃତ୍ୟରେ ଗାଉଥିବା ଗୀତଗୁଡ଼ିକ- ଗାଢୁଆ, ଖେମ୍‌ଟା, ବୁରୁଟାଣ୍ଡିଆ, ଏକତାଳି, ଛଲକୁଓ୍ୱା, ଲହସୁଆ ଓ ଝିଙ୍ଗାଫୁଲିଆ ଆଦି ସ୍ୱରରେ ଗୀତ ଅଛି । ଏହା ସହିତ ମୁଣ୍ଡା ସମାଜର

Digitized by srujanika@gmail.com

ବିଶିଷ୍ଟ ସଙ୍ଗୀତ ଓ ସଂସ୍କୃତିରେ 'ଯାଦୁର' ସଙ୍ଗୀତର ସ୍ଥାନ ଓ ଯାଦୁର ସୁସୁନ୍ ସମାଜରେ ସ୍ୱତନ୍ତ୍ର ସ୍ଥାନ ଓ ମର୍ଯ୍ୟାଦା ରହିଛି। ମୁଣ୍ଡା ନୃତ୍ୟରେ ଯାଦୁର ନୃତ୍ୟର ଗୁରୁତ୍ୱ ଅନେକ ବେଶି। କି ଶିକ୍ଷିତ, କି ଅଶିକ୍ଷିତ, କି ପାଠୁଆ, କି ଅପାଠୁଆ, ସ୍ତ୍ରୀ ଓ ପୁରୁଷମାନଙ୍କ ହୃଦୟରେ ବଞ୍ଚି ସଞ୍ଚି ରହିଛି। ଯେତେବେଳେ ମୁଣ୍ଡା ସମାଜ ପାଇଁ ସହରାଇ, ଦାସାଇଁ, ମକର, ବାଆବଙ୍ଗା, ହେର୍ ପୁନା ଆଦି ପୁନେଇଁ ପରବ ଆସେ; ସେତେବେଳେ ମୁଣ୍ଡାମାନଙ୍କ କଣ୍ଠରୁ ଆପେ ଆପେ ଝରିପଡେ ଏହି ଯାଦୁକରୀ ଯାଦୁର ଗୀତର ଲହରୀ। ଏହି ମନୋମୁଗ୍ଧକର ଯାଦୁର୍ ଗୀତର ରଚୟିତା କିଏ, କେତେବେଳେ ଓ କାହିଁକି ରଚନା କରିଥିଲେ; ତାହା ବର୍ତ୍ତମାନ ସୁଦ୍ଧା ମୁଣ୍ଡାମାନଙ୍କ ନିକଟରେ ଅପହଞ୍ଚ ଓ ରହସ୍ୟମୟ ଏକ 'ପରି-କାହାଣୀ'।

ଯାଦୁର ସଙ୍ଗୀତକୁ ବିଶ୍ଳେଷଣ କଲେ ଜଣାଯାଏ; ପ୍ରତ୍ୟେକ ଯାଦୁର ସଙ୍ଗୀତର ଉପାନ୍ତ ମିଳନରେ ଯତିପାତ ଅଛି। ଏହାକୁ ସାଧାରଣତଃ ମୁଣ୍ଡାରୀ ଲୋକଗୀତ ବା ମୁଣ୍ଡାରୀ ଲୋକସାହିତ୍ୟ କହିଲେ କିଛି ଅତିରଞ୍ଜିତ ହେବ ନାହିଁ କିମ୍ବା ସତ୍ୟର ଅପଲାପ ହେବନାହିଁ। ଏହି ଯାଦୁର ସଙ୍ଗୀତ ଗୁଡ଼ିକରେ ପ୍ରାଚୀନ କାଳ ମୁଣ୍ଡାମାନଙ୍କର ଜୀବନଯାତ୍ରା, ସାମାଜିକ ଚଳଣି, ପରମ୍ପରା, ପର୍ବପର୍ବାଣୀ, ଦେବାଦେବୀ ପୂଜାବିଧି, ସାଂସାରିକ ଚଳଣି, ପ୍ରେମିକ, ପ୍ରେମିକାର ମିଳନ, ବିରହ ବେଦନା, ଜୀବନଯାତ୍ରାର ଭବିଷ୍ୟତ ପାଇଁ ସତର୍କ, ସୁଖମୟ ଜୀବନଯାପନର ସୂଚନା ଆଦି ବିଷୟରେ ରଚିତ ଏବଂ ମୁଣ୍ଡାମାନଙ୍କ ଧାର୍ମିକ ଚେତନା ଓ ଧର୍ମରେ ଅନୁପ୍ରାଣିତ କରିବା, ଚାଷବାସ, ରୋଗବ୍ୟାଧିର ଚିକିତ୍ସା, ବେଶଭୂଷା, ଖାଦ୍ୟପେୟର ସୂଚନା ମଧ୍ୟ ମିଳିଥାଏ। ପୁନଶ୍ଚ ମୁଣ୍ଡାମାନଙ୍କ ଗ୍ରାମ ଓ ଘରଗୁଡ଼ିକ ଅବସ୍ଥିତି, ଭୌଗୋଳିକ ପରିବେଶ ବିଷୟରେ ମଧ୍ୟ ସୂଚନା ମିଳିଥାଏ। ବଣ ପାହାଡରେ ଥିବା ଝରଣା, ନଦୀ ଓ ବିଭିନ୍ନ ପଶୁପକ୍ଷୀମାନଙ୍କ ବିଷୟରେ ମଧ୍ୟ ଏହି ଯାଦୁର ସଙ୍ଗୀତରେ ସୂଚନା ମିଳିଥାଏ। ପରବର୍ତ୍ତୀ ପୃଷ୍ଠାରେ ଯାଦୁର ସଙ୍ଗୀତର ଉଦାହରଣ ଦିଆଯାଇଛି।

Digitized by srujanika@gmail.com

କରମରେ ବୋଲାଯାଉଥିବା ମୁଣ୍ଡାରୀ ଗୀତ ଓ ଝୁମର ଗୀତ ଭିତରେ ଅନେକ ସମ୍ବନ୍ଧ, ସାମଞ୍ଜସ୍ୟ ଓ ସମାନତା ଭରି ରହିଛି । ଧାର୍ମିକ ଗୀତର କେତେଗୁଡ଼ିଏ ଗୀତ ଏଠାରେ ଲେଖାଗଲା । କୁଡୁମାଲି ଭାଷାରେ-

କ) ହାତେ କରିବ କାମ୍
ମୁହେଁ ବୋଲିବ ରାମ୍
ହେ ନର ! ହରିନାମ କରିବ ଚେତନ୍ ଯେ ! !
ଦେଖ ଦେଖ କଲିକାମ୍
ଏଖନ୍ ନାଇଁ ଚେତରେ
ହେ ନର ! ଶିଶୁ ଆଗେ ନା କର ପିରିତି ଯେ... ।।

ଏହିପରି ବିଭିନ୍ନ ଧାର୍ମିକ ଉପଦେଶଗୁଡ଼ିକ ମୁଣ୍ଡାମାନଙ୍କୁ ଦିଆଯାଉଥିଲା ।

ଖ) ବିଷମ ସଂସାରେ ପାସୁରାଇଲ ହରିହର
ଅନ୍ତ କାଲେ ପନ୍ଥ ଭୁଲିଗେଲ
ଅନ୍ତ କାଲେ ପନ୍ଥ ଭୁଲିଗେଲ
ମହୀରେ ନର ଜନମ ବିଧି କାହାଁ ଦେଲ ।।
ମାତା ପିତା ଦୂରେ ଗେଲ
ଦାସୀ ପିଆରୀ ଚଲିଗେଲ
ଗୁରୁ ସଂକଟ ଚିତ୍ତ ଭେଲ
ଗୁରୁ ସଂକଟ ଚିତ୍ତ ଭେଲ
ମହୀରେ ନର ଜନମ ବିଧି କାହାଁ ଦେଲ ।।

ପୁନଶ୍ଚ ମୁଣ୍ଡାରୀ ଭାଷାରେ ଏଭଳି ଦାର୍ଢ୍ୟତା ଭକ୍ତିର ଉପଦେଶ ମାନ ମୁଣ୍ଡାରୀ ସାହିତ୍ୟରେ ଦେଖିବାକୁ ମିଳିଥାଏ । ଏହି ଗୀତଗୁଡ଼ିକ ମନ ପ୍ରାଣ ଦେଇ ଆନନ୍ଦରେ କରମ ନାଚ ବେଳେ ଖୁବ୍ ସୁନ୍ଦର, ଲାଳିତ୍ୟ କଣ୍ଠରେ ମୁଣ୍ଡାମାନେ ଗାଇଥା'ନ୍ତି । ଗୀତ ଓ ନୃତ୍ୟ ସହିତ ମାଦଳ, ଢୁଲ୍‌କି, ଢୋଲ,

Digitized by srujanika@gmail.com

ଝୁମ୍‌କା, ବଂଶୀ ଆଦିର ମୂର୍ଚ୍ଛନା ଓ ତାଳ ଆଖାଡାରେ ବେଶ୍ ଝୁମି ଉଠେ । ପାରିବାରିକ ଓ ସାଂସାରିକ ଦୁଃଖ ଜଞ୍ଜାଳକୁ ଭୁଲିଯାଇ ଦେହ, ମନ ଓ ସମଗ୍ର ଶରୀର ହଲାଇ ସଙ୍ଗୀତ ଓ ନୃତ୍ୟରେ ଉନ୍ମତ୍ତ ଯୁବକ ଯୁବତୀ ଏହି ଗୀତଗୁଡିକ ଖୁବ୍ ସୁମଧୁର କଣ୍ଠରେ ଗାଇଥା'ନ୍ତି ।

ମୁଣ୍ଡାରୀ ଭାଷାର ଗୀତ

୧) ରାମ ରାମ କୃଷ୍ଣ କୃଷ୍ଣ ହରିହର, ବ୍ରହ୍ମାଦେବ
ରକମ୍ ରକମ୍ ଲୁତୁମ୍ ରେଅ ମୟଦ୍ ଗେୟା ପ୍ରଭୁ !
ଅହୋ... ପ୍ରଭୁ ! ଆମ୍‌ଗେ ଆଲେଆଃ ଜୀ ସୁଙ୍ଗୁତି;
ଆମ୍ ବିନା ବାନଃ ତାଲେଆଃ ଗତି
ଅମାଲେମ୍ ତାଲେଆଃ ଜୀ ମୁକ୍ତି ॥

କ) ଶ୍ରୀରାମ ରଘୁବୀର ଅଡଃ ଲଖନ କୁମାର
ବାର୍ ହାଗା ବି'ର୍ କିନ୍ ହିଃଆ କାନ୍
ଶିବ ବଙ୍ଗା ଥାପ୍‌ନା ମେନ୍‌ତେ;
ସଡକ ମୂଲିତେ ହରେ-ହରେ
କିନ୍ ନୁତୁମ୍ ତାନ୍ ॥

ଖ) ବଙ୍ଗା ମୁନି ବୀରକ ଦୁବାକାନ୍
ରାମ ଲଖନ୍ ଶିବ କିନ୍ ସେବାତାନ୍
ଘଲି-ଘଲି ବଃ ଚେତାନ୍ ମୁଡି
ମହୁ-ତଆକ ଦୁଲେ ତାନ୍ ହୋ;
ଅହୋ ଗୁରୁ ଆବା ଶିବ-ବଙ୍ଗା ॥ (ବୁଦୁ ବାବୁ , ରାଞ୍ଚି)

ଗ) ରାମ ଲଖନ୍ ତାକିନ୍
ବାର୍ ହାଗାୟା କିନ୍
ତୀ'ଇରେ ଆଃ ସାର୍ ସାବ୍ କାତେ
ଲଙ୍କାତେ ହିଜାଃ କାନା କିନ୍ ।

Digitized by srujanika@gmail.com

ମୁଣ୍ଡାରୀ ଯାଦୁର ସଙ୍ଗୀତ

୧) ଅବଲେ ସାଙ୍ଗିଞ୍ଜ୍ ଦିଶୁମ୍‌ରେ ଦାଦାଭାଇ
ନା'ଲ ରେପେ ଅମିଇଁଆ ।
ବଲେ ଜିଲିଂ ଗାମାଡ୍‌ରେ ଦାଦାଭାଇ
ନା'ଲ ରେପେ ଚାଲିଇଁଆ ॥୧॥

ଅବଲେ ବଲେ ଗଣାତେକ ନିଗାପେରେ ଦାଦାଭାଇ ! !
ନା'ଲ ରେପେ ଅମିଇଁଆ ।
ବଲେ ପୁଇଲା ତେକ ସଂଆଁପେରେ ଦାଦାଭାଇ
ନା'ଲ ରେପେ ଚାଲିଇଁଆ ॥୨॥

ଅବଲେ ବଲେ ସେଙ୍ଗେଲତେ; ସୁକୁଲ୍‌ତେ ଦାଦାଭାଇ
କା' ରେପେଏ ଲେଲିଇଁଆ ।
ବଲେ କୁମୁତେ କୁଦୁଗୁତେ ଦାଦାଭାଇ !
କା' ରେପେଏ ଚିନାଇଁଆ ॥୩॥

(ଆଣେଃ ରାସେ ୨ୟ ଭାଗ ଓ ମୁଣ୍ଡାରୀ ଦର୍ପନ-୧୯୭୩)

୨) ଅବଲେ ବଲେ...
ଆଇଁ କୁମାହଞ୍ଜାରିଂ ତାନା ଚିରେ
ଆମ୍ ଭାଗିନା-କିମିନିଂ ତାନା
ଅବଲେ ବଲେ ପାରାକା ତେୟାଦ୍ ଗେମ୍
ଜଆରାଇଁ ତାନା ॥୧॥

ବଲେ ବଲେ ଆଇଁ ଭାଗିନା-କିମିନିଇଁ ତାନା
ବଲେ ଆମ୍ କୁମାହଞ୍ଜାରିଂ ତାନା
ଇନାତେଗେ ପାରାକା ତେଇଁ
ଜଆରାମ୍ ତାନା ॥୨॥

Digitized by srujanika@gmail.com

ଅବଲେ ବଲେ ମୁଣ୍ଡା ସାଲଟ ରେ ଦ ବଲେ
ବାଉହଞ୍ଜାର ଅଡଃ କୁମାହଞ୍ଜାର ଟାକ !
ପାରାକାରେ ଲଟା ଦାଃ ଅମ୍ କାତେ
ବଲେ ବଲେ ଜଆରା କଓ୍ୱା ॥୩॥

ଗେନା

ଆଲାଗା ମାରୁ ମାଦୁକାମ୍ ଚିମ୍ ହାଲାଂ ତାନା ଦାଇଗୋ !
ଲେକା ଲେକାମ୍ ହାଲାଂ ତାନ୍
ଆଲାଗା ମାରୁ ସାରଜମ୍ ଚି ତୁମ୍ୟାଲ୍ ତାନା ଦାଇଗୋ
ଲଦବ୍ ଲେକାମ୍ ବା'ଆ ତାଦା ॥
ଆଲାଗା ମାରୁ ଆମ୍ ଲେଲ୍ କ ହିଜୁଃଲେନା ଦାଇଗୋ !
ଲେକା ଲେକାମ୍ ହାଲାଂ ତାନା
ଆଲାଗା ମାରୁ ଆମ୍ ଚିନାକ ସେଟେର୍ ଲେନା ଦାଇଗୋ !
ଲଦବ୍ ଲେକାମ୍ ବା'ଆ ତାଦା ॥
(ମୁଣ୍ଡାରୀ ପୋଥି)

ସାସାଂକିର୍ ଦୁରାଂ

ବା' ବୁରୁ ନାଗେନ୍‌ଗେ ସିମେଃ ଥଲାକାନ୍
ଭାଇ ! ସିମେଃ ଥଲାକାନ୍
ମାଡଓ୍ୱା ନାଗେନ୍‌ଗେ କନେଆଁ ଦୁବାକାନା
ଭାଇ, କନେଆଁ ଦୁବାକାନା ।
ସିମେଃ ଥଲାକାନ୍ ବଙ୍ଗାଃଇ ନାଗେନ୍‌ଗେ
ଭାଇ ବଙ୍ଗାଃଇ ନାଗେନ୍‌ଗେ
କନେଆଁଏ ଦୁବାକାନା ଆଣାନ୍ଦୀ ନାଗେନ୍‌ଗେ
ଭାଇ ଆଣାନ୍ଦୀ ନାଗେନ୍‌ଗେ ।

Digitized by srujanika@gmail.com

ବଙ୍ଗାଇ ନାଗେନ୍‌ଗେ ସାକାମ୍‌ରେ ସିନ୍ଦୂରୀ
ଭାଇ ସାକାମ୍‌ରେ ସିନ୍ଦୂରୀ
ଆଣାନ୍ଦୀ ନାଗେନ୍‌ଗେ କିଆରେ ସିନ୍ଦୂରୀ
ଭାଇ କିଆରେ ସିନ୍ଦୁରୀ ।
ସିମ୍ ଜନମ୍ ଦ ବଙ୍ଗାଇ ନାଗେନ୍‌ଗେ
ଭାଇ ବଙ୍ଗାଇ ନାଗେନ୍‌ଗେ
କୁଲିହନାଃ ଜନମ୍ ଦ ଆଣାନ୍ଦୀନ୍ ଗେ
ଭାଇ ଆଣାନ୍ଦୀନ୍ ଗେ ।

(ବିଶ୍ୱନାଥ ମୁଣ୍ଡା, ଚେତରାମୁ)

ହିସିରି

୨) ଯାଦୁର

ଆମାଗେ ସିର୍ଜନ୍ ବୁରୁରେନ୍ ମାରାଂ ବୁରୁବଙ୍ଗା
ବୁରୁ କଚା ବୁରୁ କୟଂ ରେମ୍ ପାଷାନା କାନା ମାରାଂ ବଙ୍ଗା ।।୧।।

ଆମାଃ ଲୁତୁମ୍‌ତେ ବଙ୍ଗାଲେକ ସିମ୍, ମିଡି, ମେରମ୍ ବଦା
ଆରାଃ(ରାଙ୍ଗା) ସିମ୍ ସାଣ୍ଡି କଦ ବୁରୁରେ ବଙ୍ଗାଲେକ ଗାଦା ଗାଦା ।।୨।।

ଆମ୍‌ଗେ ଆଲେୟାଃ ମୁଣ୍ଡାକଓ୍ୱାଃ ଜୀ'ଇରେନ୍ ମାରାଂ ବଙ୍ଗା
ଯତ କଗେ' ଅମାଲେମ୍ ଜମ୍ ନୁଁ ହାୟା ଦାୟା ଦେଙ୍ଗା ।।୩।।

ଆମାଃ ନାତେନ୍ ଆଲେ ଦଲେ ଦାସାଇଁ ପୁନାଇଁ ବଙ୍ଗାବୁରୁ
ଆମାଃ ଦାୟାତେ ମେନାଃଲେୟା ପ୍ରଭୁ !
ନେ ସଂସାରରେ ହାରାବୁରୁ ।।୪।।

ସବେନ୍ ମେଶାକାତେ ଗଆରିଆମ୍ ତାନା ଜୀ'ଇ ବିତାରାତେ
ମାନ୍‌ମୀ ହନ୍‌କ ହେତା ତାକମ୍ କୟଃ ତାକମ୍ ଦାୟାତେ ।।୫।।

Digitized by srujanika@gmail.com

ଶେଷକଥା

ଶବ୍ଦ ବ୍ରହ୍ମର ସଂଯୋଜନାରେ ଭାଷାର ସୃଷ୍ଟି । ଶବ୍ଦକୁ ଠିକ୍ ଭାବରେ ଠିକ୍ ସ୍ଥାନରେ ସଂଯୋଗ କଲେ ଭାଷା ଅର୍ଥନିତ୍ତ୍ୱ ହୁଏ; ଅର୍ଥାତ୍ ଶବ୍ଦର ବିଭିନ୍ନ ଅର୍ଥ ବାହାରେ । ଶବ୍ଦର ଶୃଙ୍ଖଳିତ ପ୍ରୟୋଗରେ ଭାଷା ପରିମାର୍ଜିତ ଓ ଆକର୍ଷଣୀୟ ହୋଇ ସାହିତ୍ୟ ସୃଷ୍ଟି କରିଥାଏ । ଭାଷାର ସଂଯୋଜନାରୁ ହିଁ ସାହିତ୍ୟ ସୃଷ୍ଟି ହୁଏ ସତ ହେଲେ ପରବର୍ତ୍ତୀ ସମୟରେ ଏହି ସୃଷ୍ଟି ସାହିତ୍ୟ ସମ୍ଭାରକୁ ବୁଝିବା ସମସ୍ତ ମନୁଷ୍ୟଙ୍କ ପକ୍ଷେ କଷ୍ଟସାଧ ହୁଏ । ସେତେବେଳେ ସାହିତ୍ୟର ସ୍ରଷ୍ଟା 'କବି'ମାନେ ଧନ୍ୟ ହୁଅନ୍ତି । ଯେମିତି ମନୁଷ୍ୟ ଦ୍ୱାରା କମ୍ପ୍ୟୁଟର ତିଆରି ହୋଇଛି ସତ ହେଲେ କମ୍ପ୍ୟୁଟରକୁ ବୁଝିବା ମନୁଷ୍ୟ ପକ୍ଷରେ ମଧ୍ୟ ବେଳେବେଳେ ସମ୍ଭବ ହୋଇପାରୁ ନାହିଁ । ଶାଣିତ ଲାଳିତ୍ୟ ଓ ଶୃଙ୍ଖଳିତ ଭାଷାର ପ୍ରୟୋଗରେ ସାହିତ୍ୟ ଅଧିକ ସରସ, ଚିତ୍ତାକର୍ଷକ, ରସୋଚ୍ଛଳ, ଆବେଗମୟ, ଅର୍ଥବୋଧକ ଓ ବ୍ରହ୍ମାସ୍ତ୍ର ପରି ଅମୋଘ ଅସ୍ତ୍ର ପାଲଟିଯାଏ । ସାହିତ୍ୟ ମାଧ୍ୟମରେ ମନୁଷ୍ୟ ଆନନ୍ଦ ଓ ଦୁଃଖ ମଧ୍ୟ ପାଇପାରେ । ନିଜର ଆବେଗ, ଉତ୍କଣ୍ଠା, ଆଗ୍ରହ, ଦୁଃଖ, ଗ୍ଲାନିକୁ ପ୍ରକାଶ କରି ମନୁଷ୍ୟ ହୃଦୟରେ ଦୟା, କ୍ଷମା, ସହାନୁଭୂତି ଓ ସମ୍ବେଦନଶୀଳତା ସୃଷ୍ଟି କରିପାରେ । ତେଣୁ ସାହିତ୍ୟ ମାନବ ଓ ସମାଜ ମଙ୍ଗଳ ନିମନ୍ତେ ସୃଷ୍ଟି କରାଯାଇଥାଏ ।

ମୁଣ୍ଡା ସମାଜରେ ଥିବା ନିଷ୍ଠୁର, କଠୋରବାଦୀ ଓ ନିର୍ଦ୍ଦୟ ହୃଦୟଧାରୀ ବ୍ୟକ୍ତିମାନଙ୍କ 'ହୃଦୟ' ପରିବର୍ତ୍ତନ ପାଇଁ ମୁଣ୍ଡାରୀ ସାହିତ୍ୟର ଭୂମିକା ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକତା ରହିଛି ଏବଂ ମୁଣ୍ଡାରୀ ସାହିତ୍ୟର ଲେଖକ, କବି, ଗାଳ୍ପିକ, ପ୍ରାବନ୍ଧିକ ଓ ନାଟ୍ୟକାରମାନଙ୍କ ଭୂମିକା ମଧ୍ୟ ସୀମାହୀନ ସମୁଦ୍ର ପରି ସୁବିସ୍ତୀର୍ଣ୍ଣ ଓ ସୁଦୂର ପ୍ରସାରୀ । ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ହେଉଛି; ସେମାନଙ୍କ ଲେଖା ମାଧ୍ୟମରେ ସମଗ୍ର ମୁଣ୍ଡାମାନଙ୍କୁ ତଥା ଅନ୍ୟମାନଙ୍କୁ ମଧ୍ୟ ସଚେତନ, ଜାଗ୍ରତ କରାଇବା ଓ ତା'ଙ୍କ ମନ ମଧ୍ୟରୁ ଅନ୍ଧବିଶ୍ୱାସ ହଟାଇ ଦେବା, ହିଂସାରୁ ଦୂରେଇ ଅହିଂସା

Digitized by srujanika@gmail.com

ମନ୍ତ୍ର ଶିଖାଇବା, ଶିକ୍ଷାର୍ଜନ ପ୍ରତି ଆଗ୍ରହ ସୃଷ୍ଟି କରିବା, ଆଧୁନିକ ସଭ୍ୟ ସମାଜ ସହିତ ସମକକ୍ଷ ପାଇଁ ଯୁଗୋପଯୋଗୀ ଚିନ୍ତାଧାରା ସୃଷ୍ଟି କରିବା, ସାଂପ୍ରତିକ ଉନ୍ନତ ଚଳଣି ସହିତ ଖାପଖୁଆଇ ଶିଖେଇବା, ତଥା ବିଭିନ୍ନ ପ୍ରାକୃତିକ ବିଷୟବସ୍ତୁ, ଦୃଶ୍ୟ, ମନୋରମ ପରିବେଶ, ମରୁଭୂମିରେ ପାରିଜାତ ଫୁଟାଇବାର କୌଶଳ, ବଞ୍ଚି ବଞ୍ଚାଇବାର ଉପାୟ, ଦୁର୍ଦ୍ଦାନ୍ତ ମଣିଷ ହୃଦୟରେ ପ୍ରେମର ଫଲଗୁ ପ୍ରବାହିତ କରାଇବା, ଦସ୍ୟୁ ରତ୍ନାକରକୁ ଋଷି ବାଲ୍ମିକୀରେ ପରିଣତ କରାଇବା ଓ କରିବା ମହାମନ୍ତ୍ର ଏବଂ ଅନ୍ୟ ଭିତରେ ନିଜକୁ ଦେଖି ଶିଖିବା ଏବଂ ଜଗତର କର୍ତ୍ତାଙ୍କୁ ସ୍ମରଣ କରି ନୀରୋଗ ଓ ସୁସ୍ଥ ରହିବାର କାମନା ଓ ପ୍ରତ୍ୟେକ ପ୍ରାଣୀର ଆତ୍ମାକୁ ଅନୁଭବ କରିବାର ଆଶା, ଆକାଂକ୍ଷା, ଉଦ୍ଦୀପନା, ସୃଷ୍ଟି କରିବା, ନିଜ ହୃଦୟରେ ଦୟା, କ୍ଷମା, ସ୍ନେହ, ପ୍ରୀତି, ମମତା, ଶ୍ରଦ୍ଧା ଆଦି ମାନବୀୟ ଗୁଣକୁ ଉଜ୍ଜୀବିତ କରାଇବା ଇତ୍ୟାଦି ।

ମୁଣ୍ଡା ସମାଜର ଲେଖକ, କବି, ନାଟ୍ୟକାରମାନେ ସମାଜର ଜାଗ୍ରତ ପ୍ରହରୀ; ମାର୍ଗଦର୍ଶକ ଓ ମୁରବୀ ସାଜି ସମାଜର ମଙ୍ଗଳ କରିବା, ମନ୍ଦକାର୍ଯ୍ୟରୁ ନିବୃତ୍ତ କରିବାପାଇଁ ବଦ୍ଧପରିକର ହେବା ଉଚିତ । ସମାଜରେ ଉପୁଜୁଥିବା କୁକର୍ମ, ଦୁର୍ନୀତି, ଅନ୍ୟାୟ, ଅତ୍ୟାଚାର ଆଦିକୁ 'ନୀଳକଣ୍ଠ' ସାଜି 'ମହାଦେବଙ୍କ ହଳାହଳ ବିଷପାନ ପରି' ନିଜ ହୃଦୟରେ ପାନ କରି ଗର୍ଭସ୍ଥ କରିଦେବା ଉଚିତ । କାରଣ ଭଗବାନ ହେଉଛନ୍ତି ଜଗତ ଅର୍ଥାତ୍ ପ୍ରକୃତିର ପ୍ରଥମ ସ୍ରଷ୍ଟା ଏବଂ କବି, ଲେଖକମାନେ ହେଉଛନ୍ତି ପ୍ରକୃତିର ଦ୍ୱିତୀୟ ସ୍ରଷ୍ଟା । ମୁଣ୍ଡାରୀ ସାହିତ୍ୟରେ ମୁଣ୍ଡାରୀ କବି ଲେଖିଛନ୍ତି-

ଅଅଲକ ହୟୁଃତାନା
  ଯାଃ ବାରେଲି ବାନାଇ
ଅଲ୍ ତେକ ତୁସୁଂ ଇଚିକଆ
  ରଲ୍ ଗାଡିଆରେ ହାଇ ।

Digitized by srujanika@gmail.com

ଜିଆନ୍ ପିଲିରେ ଫୁଟାଅୟାକ
ଲଦବ୍ ଲଦବ୍ ବା'ଆ
ଋଲ୍ ଗାଡାରେ ଲିଙ୍ଗିୟାକ
ଚୁଇ ଲେକା ଦାଂସି ଦାଃଆ। (ଅଅଲ୍ କଓ୍ୱାଃ ସେନ୍‌ହରା)

ଓଡ଼ିଆ ଅନୁବାଦ

କବି ଲେଖକମାନେ ହେଉଛନ୍ତି ପ୍ରକୃତିର ଦ୍ୱିତୀୟ ସ୍ରଷ୍ଟା। ନିଜ ନିଜ ସୃଜନଶୀଳ 'ଲେଖା-କୃତି' ମାଧ୍ୟମରେ ଶୁଷ୍କ ପୁଷ୍କରିଣୀରେ ମୀନମାନଙ୍କୁ ନଚାଇ ପାରିବେ ଏବଂ ମରୁଭୂମିରେ ସ୍ୱର୍ଗର ପାରିଜାତ ଫୁଟାଇ ପାରିବେ। 'ଶୁଷ୍କ ନଦୀରେ ଗୋବତ୍ସ' ଡେଇଁଲା ପରି / ନାଚିଲା ପରି ଜଳକୁ ଡିଆଁ କରାଇ ପାରିବେ ଅର୍ଥାତ୍ ଅସମ୍ଭବକୁ ସମ୍ଭବ କରିପାରିବେ ଏବଂ ଶୁଷ୍କ ନୀରସ ଜୀବନରେ ବଞ୍ଚିବାର 'ମୋହ' ଦେଇ ଆନନ୍ଦ ଉଲ୍ଲାସରେ ବଞ୍ଚାଇ ରଖିପାରିବେ।

ତେଣୁ ମୁଣ୍ଡା ସମାଜରେ ଥିବା କବି, ଲେଖକ, ନାଟ୍ୟକାର, ଗାୟକ, ଗାୟିକା ଓ ବିଭିନ୍ନ କଳାକାରମାନଙ୍କୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତଥା ବିଭିନ୍ନ ଅନୁଷ୍ଠାନ, ପ୍ରତିଷ୍ଠାନ ତରଫରୁ ପ୍ରୋତ୍ସାହିତ କରି ପ୍ରେରଣା ଦେବା ଉଚିତ।

(ତା୨୩।୦୬।୨୦୧୩)■

Digitized by srujanika@gmail.com

ନବମ ଅଧ୍ୟାୟ

ମୁଣ୍ଡାଜାତି ବିଭାଜନର କିମ୍ବଦନ୍ତୀ

ଆୟମାଉ କାଜି

ସିଦା ସିର୍‌ସିତାଃ ତେୟାଃ ଆବୁଆଃ ହରତେନ୍‌କ ଆବୁୱାଃ ମୁଣ୍ଡା ଜାଗାର୍ ମଚା ମଚା ରେଗେ ଜାଗାର୍ କାତେ ଲୁତୁର୍‌ତେ ଆୟମ୍ ଆଉ, ଦ'ଅ ଆଉ, ତଲେ ଆଉ, ରେବେଦ୍ ଆଉ ଲେଦାକ। ଇନାକ ତିସିଂ ଆଦଃ ତାନା, ଅଡଃ ରିଲିଂଅଃ ତାନା। ଇନାକ ସାଲାପିତି / ଦାନାଣାମ୍ / ତୁନୁଣ୍ଡୁମ୍ (ଗବେଷଣା) କାତେ ବହିକରେ ଅଲ୍ କାତେ ଜଗାଅୟାବୁ। ଇନା ମେନ୍ତେ ତିସିଂ ଆଇଁ ମୁଣ୍ଡା ଜାତି ରେୟାଃ ବିବିନ୍‌ଗା ହାନ୍‌ଷିଂ ରେୟାଃ ଆୟମାଉଆକାନ୍ କାଜିକ (କିମ୍ବଦନ୍ତୀ) ଅଲ୍ ଦ'ଅ ଯାଦା। ମୁଣ୍ଡାରୀ ଜାନାଗାର ରେୟାଃ ବାର୍‌ନିକା ଲେକାତେ ନିଆଁ ଯାଅ-ଯୁଗ୍ ତାଇନଆ।

ଓରାଂ / ବରାଂ ଜାତି ରେୟାଃ ଉତ୍‌ପାନ୍

ସିଦାମୁସିଂ ମୁଣ୍ଡାକ ଆବୁ ଦିଶୁମ୍‌ରେ ଇସୁ କିଶାନ୍‌କ ତାଇକେନା। ଇଂରେଜ୍ ସାହେବକ ହିଜୁଃ ମାଣାଂତେ ମୁଣ୍ଡାକ ବୁଣ୍ଡୁ, ଟାମାଡା, ସିଲି, ସନାହାତୁ, ସୁତିଆମ୍‌ଗଡ, ଏମାନ୍ ତେମାନ୍ ରାଇଜକରେ, ମମୟଦ୍ ରାଜାକ ତାଇକେନା। ଏନ୍ ଲେକାତେ ଏନ୍ ଜାଏଗାକରେ ମୁଣ୍ଡାକ ଇସୁ କିଶାନ୍‌କ ତାଇକେନା। ବାଟି ବାଟି ହାସାସାନ୍। ଆଣ୍ଡିଲ୍ ଆଣ୍ଡିଲ୍, ବାଖୁଲ୍ ବାଖୁଲ୍

Digitized by srujanika@gmail.com

ଅଲାଃଦୁଆର୍, ସାଲାଙ୍ଗି ପିଣ୍ଡିଗି । ଅଲାଃ ପାର୍‌ତେଦ୍ ବାଅଁରା ଭୁଃ, ଇର୍‌ପିଂ ପାଟାସିଲ୍‌ପିଂ । ମୟଦ୍ କିଶାନ୍ ଅଲାଃରେ ଇସୁଆଃ ହାସାସାନ୍ ତାଇକେନା । ଏନ୍ କିଶାନ୍ ଅଲାଃରେନ୍ ମାରାଂହଳ ହୟୁଃତାନାଃ ଏନ୍ ହାତୁରେନ୍ ମାରାଂମୁଣ୍ଡା ଲୁତୁମ୍ ତାୟାଃ ଫଗଲା ରାମ୍‌ଚା ମୁଣ୍ଡା ।

ଏନ୍ ମାରାଂ ମୁଣ୍ଡାଃ ୪/୫ ଜଣ ହନ୍‌କୁଲିକ ତାଇକେନା । ଆପିୟା ହନ୍‌କୁଲିକ ଅମ୍ ଚାବା ଲେକଆଃ । ଅତଃ ବାରିୟା ହନ୍‌କୁଲି ଡାଙ୍ଗୁଆ କିନ୍ ତାଇକେନା । ଏନ୍ ବାରିଆ ହନ୍‌କୁଲି ବିତାର୍‌ରେ ମୟଦ୍ ହନ୍‌କୁଲି ଅଲାଃରେ ମେନାଃକ ମୁଣ୍ଡା ଜଳ ଧାଙ୍ଗଲ କଲଃଗେ ବାଦି କୁଣ୍ଡିରେ କାମିଆଃ । ଆର୍ ଅତ ମୟଦ୍ ହନ୍‌କୁଲି ଦ ଘର-ଜାମାଇଁକ ଆଗୁଆ ତିୟା । ଆକିନ୍ ଦ ଆକିନ୍‌ଗେ କୁଲ୍‌ଗିଆ କିନ୍ କାମିଆ; ବାଦିକୁଣ୍ଡିରେ । ଏନ୍‌କା କାମି ବାଲାତେ ହୁଡିଂ କୁଲି ଦ ମୟଦ୍ ଧାଙ୍ଗଲ ଲଃ କିନ୍ ବାଦିକୁଣ୍ଡିରେ ହାସା ଉର୍, ଆଳି ବାଇ, ଚିମି ଖେଳାଅ, ଚଉକା ଉର୍, ଘାଇକ ଥଲ୍, ଏମାନ୍‌ତେମାନ୍ କ କିନ୍ କାମିଆଃ ।

ହପର୍ ଯାପାଃ ବାଦିରେ କାମି ବାଲା କାତେ ସମଏ ସେନାଃ । ଅଲାଃ ରେୟୋ ଆକିନ୍‌ଗେ ବାବା ଦାଲ୍, ମାଡା କିନ୍ କାମିଆକିନ୍ ନୁବାଃ ନୁବାଃ ସିମ୍‌କ ଆଉରିକ ରାଗେ ମାଣାଂତେ । ମୁସିଂ ଦିଲାଂ ମିଶାତେ କାମି କାମିତେ ମୟଦ୍ ସାଙ୍ଗିଞ୍ଚଂ ବାଦି(ଆଳି)ରେ ଆୟୁବ୍ ଯାନାକିନ୍ ଆର୍ ଏନ୍ ଯାପାଃ ଅଲାଃ କରେକିନ୍ ଗିତିଃ ବାସା କେଦା ।

ଆୟୁବ୍ ଯାନ୍‌ଚି କୁଲିହନାଃ ବ'ନାଇଁ ଆର୍ ହାତୁରେନ୍ ଚିମିନ୍‌ଲେକା ହଳ, ଗଟାକ ଦାଣା ବାଲା କେକିନା । କା'କ ନାମ୍ କେକିନା ଆର୍ ଅଲାଃ ତେକ ରୁଓ୍ୱାଲା ହିଜୁଃଯାନା । ଅତଃ ଆଂଅଁ ଆଂଅଁ ତେ ଆଂ ଜଲ୍‌ପଲ୍ ହଇଯାନ୍‌ଚି, ଅତଃ ଦହରା ଦାଣା ବାଲାକ ସେନଃ ଯାନା । ସାଙ୍ଗିଙ୍ ବାଦିରେ ଦାଣା ଦାଣାତେ ନାମ୍ କେକିନାକ । ଆକିନ୍ ଦ ହାସା କିନ୍ ଉର୍ ତାନା ବାର୍ ହଳ । ଆର୍ କ କୁଲି ଯାକିନା- 'ନିଦା ଦ'ୟା ଅକରେବିନ୍ ତାଇକେନା ? ? ଗଟାଲେ ଦାଣା ଯାବିନା; କା'ଲେ ନାମ୍ କେବିନା ? ?' ହାସା ଉର୍ କିନ୍

Digitized by srujanika@gmail.com

କାଜିକେଦା । 'କା'ଗେ ଆଲିଂ ବା ନେରେଗେ ହାସାଲିଂ ଉର୍ ତାନା; ମଦ୍ ନିଦା ଉର୍ ଉର୍ ତେଲିଂ ଆଂ କେଦା । ଉର୍ ତାନ୍ ଗେୟାଲିଂ ।' ଦାଣାତାନ୍ ହଲକ ଆୟମ୍ କାତେକ ଲାନ୍ଦା କେଦା । 'ଏଲାୟା ଆଲେବା' ଗଟାଲେ ଦାଣା ଲେବିନା; କା'ଲେ ନାମ୍ କେବିନା; ତିସିଂ ଦ ବିନ୍ ମେନ୍ ଯାଦା-ଉର୍ ଉର୍ ତେଲିଂ ଆଂ କେଦା; ତବେ ଆବିନ୍ ଦ ତିସିଂଆ ତେୟାଦ୍ ମଦ୍‌ରେ ତାୟୁଃବିନ୍ । ଦଲା ଅଳାଃବୁ ସେନାଃ । କୁଲ୍‌ଗିଆ କାତେ ତାୟୁଃବିନ୍ ଆର୍ ଆବିନାଃ କିଲି (ଥକ୍) ଦ ତିସିଂଆ ତେୟାଦ୍ ଉର୍ଆଂ(ଉରାଂ) ହୟୁଃକା ।' ଏନ୍ ହୁଲାଂଆ ତେୟାଦ୍ ଆବୁଆଃ ମୁଣ୍ଡାକଓ୍ୱା ତେୟାଦ୍ ଉରାଂ ମେନ୍ତେ ମୟଦ୍ ଜାତି ସୃଷ୍ଟି ଯାନା । ଇନାଗେ ଅକଏ ଉରାଂ କ କାଜି ଯାଦ୍ ଦିପିଲାଂ ଅକଏ ଦକ ମେନ୍ ଯାଦା ବରାଂ । ଓରାଂ/ବରାଂ ଦ ମୁଣ୍ଡା ତେୟାଦ୍ ଗେ ସିର୍ଜନ୍ ବିର୍ଜନ୍ କାନା ।

ଏଙ୍ଗା-ବାଡାଏ ଜାତି ରେୟାଃ ଉତ୍‌ପାନ୍ କାହାନୀ

ବୁଣ୍ଡୁରେ ମୟଦ୍ କିଶାନ୍ ଅଳାଃରେ ହନ୍‌କଳା ଦ ହୁଡିଂଗେ ତାଇକେନାଃ । ଆୟାଃ ବାରିୟା ଦାଇ । ଦାଇକିନ୍ ଅମ୍ ଯାନ୍‌ଚି ଅଳାଃଟା ଏସେକାର୍ ଗେ ଖାଁଥ ଖାଁଥ ଠହର୍ ଯାନା । ଇସୁ ମାରାଂ ପୁରଃ ବନ୍ଦୀ ଅଳାଃ । ଆଖୁଲ୍ ବାଖୁଲ୍ ଆଞ୍ଚେରି ପାଞ୍ଚେରି କାନ୍ ବାଲ୍‌ଗି ତାଲାରେ ବାରିୟା ତାଲା ରାଚାରେୟାଃ ବାଖୁଲ୍ ଅଳାଃ । ହଳ ଦ ମୋଟେ ଆପି ହନ୍‌ଗାଣା । ଆବା ମା' ଆର୍ ହୁଡିଂ ହନ୍‌କଳା । ଜଲ୍ ଧାଙ୍ଗଲ୍ ବାନଃକଓ୍ୱା । ମୟଦ୍‌ଗେ ସିୟୁଃ ବାଳା ଧାଙ୍ଗଲ୍ । ଇସୁ ମାରାଂ ଅଳାଃ ରାଚାଗଣା, ଡୁବାଲଟା, ଚାଟୁଲୁଣ୍ଡିଃ ଚାପିଗାସାର୍ ନାତେନ୍ ହଳଗେ ବାନଃକଓ୍ୱା । ଅଳାଃରେନ୍ କିମିନ୍‌ଗେ ମାନେ ହନାଃ ମା' ଗେ ମେନାଃଇ ।

ଏନ୍ ଅଳାଃରେନ୍ ମୁରବୀ କିଶାନ୍ ମୁଣ୍ଡା ଲୁତୁମ୍ ତାୟାଃ 'ଲଦରା' । ଏନ୍ ଲଦରାଃ ଅଳାଃରେ କାମି ପାଇଟି ନାତେନ୍ ହାତୁରେନ୍ ମୟଦ୍ ବାରିୟା କାମିଣି(କାମିଦେଙ୍ଗା କୁଳିହନ) ଆଗୁ କେକିନାଃ । ମଦ୍ ବାର୍ ସିର୍ମା ସେନଃତାନ୍

Digitized by srujanika@gmail.com

ଲଃ ଏନ୍ କାମିଣି କୁଳିହନ୍ କିନ୍ ଆପାନାରାଃ ଅଳାଃ ହଳ ଲେକା ଅଳାଃ ରେୟାଃ ବିତାର୍ ବାହାର୍, ରାଚାଗଣା, ଅଳାଃଦୁଆର୍, ମାଡି-ଉତୁ, ତିକି ହଣ୍ଡଃୟ, ସାନ୍ ସାକାମ୍, ଗୁରିଃଲୁଣ୍ଡା, ସବେନ୍ କିନ୍ କାମି କେଦା। ସବେନ୍ କାମିକରେ କିନ୍ ଦେଙ୍ଗା ବାଳାଯାନା। ସୁକୁରେ, ଦୁକୁରେ, ଲାନ୍ଦାରେ ଜାଗାର୍‌ରେ, ଆକିନ୍ କା'ରେ ଯେତାନା କା' ହୟୁଆ। ରିଣି କାଡି ଅମ୍ ଆଉ, ପେଳାକୁଟୁମ୍ ଅମ୍ ଜମ୍ ଯତଗେ ଆକିନ୍‌ଗେ। ଏନ୍‌କା କାମି କାମିତେ ଅକହୁଲାଂ ଦ ଏଣ୍ଡେକିନ୍ ଗିତିଃବାସା କେଦା। ଏନ୍‌କା ଲାନ୍ଦା ଜାଗାର୍, କାମି ପାଇଟି, ଗିତିଃ ବାସା ବିତାର୍‌ରେ 'ଲଦରା' ସୁଗାଲ୍ ସାଏଁ ଲେଲଃ ସୁନ୍ଦୁରିଆ 'କାମିଣି' ଲଃ ମିଶା ବାର୍ ଧାଲ୍ କିନ୍ ଗିତିଃ ବାସା ବାଳା ଯାନା କିନ୍। ଏନ୍‌କା ଲାନ୍ଦା ଜାଗାର୍ ତାନ୍ ଲଃ ଗେ ସୁନ୍ଦୁରିଆ କାମିଣି କୁଳିହନ୍ ଦ ଗରବ୍ ବାସ୍ /ବାର୍ ଜୀବନ୍ ଯାନାଃ।

ହାତୁରେ ସବେନ୍ କ ଇତୁକେଦା। ଫାସାର୍ ଫୁସୁର୍ କ ଜାପାଗାର୍ ବାଳା ତାନ୍ ଚି କ ମୁସିଂ ଦ ସବେନ୍ ହାତୁହଲ ମେଶାକାତେ ଇନା ରେୟାଃ ଆସାମୀ କ ଦାଣା ଯାନା। ହାତୁରେ ମଦ୍‌ରେ କ ହୁଣ୍ଡି କାତେ କୁପୁଲି ତାନ୍ ଦିପିଲାଂ ଲଦରା ମୁଣ୍ଡା ମେନ୍‌କେଦାଃ- 'ଅ'ୟା ହାଗାକ ! ନେ କାମିଣି ଦ ଆଲେ ନେରେଗେ କାମି ବାଳା ତାନାଃ, କାମି ପାଇଟି କରେ ଲାନ୍ଦା ଜାଗାର୍ ତାନ୍ ଲଃ ଗେ ଆଇଁଗେଇଁ ଗଃ ଦିପିଲ୍ ଇରିତିୟା। ତିସିଂଆ ତେୟାଦ୍ ଆଲେୟାଃ ଅଳାଃ ରେଗେ ତାୟୁଃକାଃ।' ଇନୁଂ ଇନୁଂତେ ଗେଲ୍ ଚାଣ୍ଡୁଃ ସେନଃ ଯାନ୍‌ତେ ଏନ୍ କାମିଣିଆଃ ହନେଃ ଜନମ୍ ଯାନାଃ। ଏନ୍ କାମିଣିଆଃ ନୁତୁମ୍‌ତେ ଗେଲ୍ ମାଣ୍ ହାସା ଲଦରା ଅମାଃଇଯାନାଃ ଆର୍ ଯତହଳ ମେଶାକାତେ ନାର୍ତ୍ତା କିଆକ ଆର୍ ଏନ୍ କାମିଣିଆଃ ହନ୍‌ଟା ଜାତି ଆଦେର୍ କିଆକ। ଏନ୍ କାମିଣି କୁଳିହନାଃ ଜାତି ଦ 'କାମାର୍' ଆବୁଓ୍ୱାଃ କାଜି ତେ ଦ 'ବାଡାଏ'। ଇନାତେ ହନାଃ ଜାତି ଦ 'ଏଙ୍ଗା ବାଡାଏ' କ ଦ'ଅ କେଦା। 'ଏଙ୍ଗା ଦ ବାଡାଏ - ଏଙ୍ଗା ବାଡାଏ ହନ୍' ଜାତିକ ଅମାଃଇ ଯାନା। କାମାର୍ କ ଦ ଆବୁଓ୍ୱାଃ ଜାଗାର୍‌ତେ ବାଡାଏ ବୁ ମେନେଆଁ।

Digitized by srujanika@gmail.com

ଇନାତେ ଆବୁଓ୍ୱାଃ ମୁଣ୍ଡା ହାଗା କଗେ ଏଙ୍ଗା ବାଡାଏ କ ଦ। ଆବୁ ଦ ହିଡାବୁ ସାଲାୟା; ବାଦି ଦ କା'ଗେ। ତବେ ଏଙ୍ଗା ହଇଯାନାଃ 'ବାଡାଏ' ମେନ୍ତେ ସିଦା ହାପାଲୁମ୍‌କ ଜନମ୍ ଯାନ୍ ହନ୍‌ଟା 'ଏଙ୍ଗା ବାଡାଏ' କ ଜାତି କିଆ। ନେକାବୁ ବିନ୍‌ଗା ବିନ୍‌ଗାନ୍ ଯାନ୍‌ରେ ମୁଣ୍ଡା (ଭୂମିଜ) ଜାତି ହଲ ସଂଖ୍ୟା କମ୍ ଇଦିଅଆ। ଇନାତେ ହୁଡିଂ ମାରାଂ କା'ବୁ ଉଡୁଃନା। ସୁଗାଲ୍ ସାଏଁ ବାଇ କାତେ ଦେ'ବୁ ମେଶାନ୍‌କା। ଉକୁ କୁମ୍ଭୁଲୁତେ ନାପାମ୍ ଅପେକ୍ଷା ଯତହଲ ରାସିକାତେ ପେଲାୟାବୁ ଦିଶୁମ୍‌ରେ; ଚିଲିକା ରାସିକା ଠ'ଅରଆ। ଏଙ୍ଗାବାଡାଏ କଓ୍ୱାଃ ଆବୁ ମୁଣ୍ଡାକ ଲେକାଗେ ନାଉଁଓ୍ୱା, ଧୋବା, ବାମଣେ, ବୈଷ୍ଣମ୍ ମେନାଃକଓ୍ୱା। ମୁଣ୍ଡାକ ଲେକାଗେ ନାର୍ଣ୍ଣା, ହୟନ୍, ଆଣାନ୍ଦୀ, ବଙ୍ଗାବୁରୁ, ଯତ ସମାନ୍ ଗେୟା। ବୁଝାତିଂ ରେୟାଃ ଅଭାବ(ରିଙ୍ଗା)ତେ ଆବୁ ଦ ବିନ୍‌ଗା ବିନ୍‌ଗା ବୁନ୍ ଉଡୁଃଗେନ୍ ତାନା; କା'ରେ ଦବୁ ମୟଦ୍ ଗେୟା।

ସୁନୁମ୍ ଆକ୍ରିଂ ମୁଣ୍ଡା କଓ୍ୱାଃ ବିନ୍‌ଗାନ୍ କାହାନୀ

ସୁନୁମ୍ ଆକ୍ରିଂ-ତେଲି ମୁଣ୍ଡା-ତେଲି ଭୂମିଜ କାନାଃ ଲେକାକ ଲୁତୁମ୍ ଯାନା ଇତୁଏକାବୁ।

ସିଦା ମୁସିଂ ଯତହଲ ମୁଣ୍ଡାକ ତାଇକେନା। ଇସୁମାରାଂ ଆକାଲ୍‌ରେ ଆବୁ ଦିଶୁମ୍ ତେୟାଃଦ୍ କ ହିଜୁଃତାନ୍ ତାଇକେନା। ହରାରେ ଗାଡା ପାରୋମ୍ କାତେ ହିଜୁଃ ଲାଗାତିଂଆଃ ନାମ୍‌ତାଂ ଲେକାଦ ହରା ହାଟିଆ, ସଲପ, ପୋଲ କା' ତାଇକେନା। ବି'ର୍ ବିତାର୍ ଜାନୁମ୍ ଲାଟା କରେ ପାରୋମ୍ କାତେ ମାରାଂ ଗାଡା ପାରୋମ୍ କାତେ ମାରାଂ ହାଗା ଆୟାଃ ତିରୀ ଲଃ କିନ୍ ହିଜୁଃତାନ୍ ଦିପିଲାଂ କୁଳିହନ୍‌ଟା ଗରବ୍ ବାସ୍‌ସେ ତାଇକେନାଃ। ଗାଡା ପାରୋମ୍ ଯାନ୍ ଦିପିଲାଂ ମଦ୍ ଠାଁୟାଃରେ ବାସା କେଦାକିନ୍। ଏଣ୍ଡେ ମୁସିଂ ବାର୍‌ସିଂ କିନ୍ ତାଇଯାନ୍ ଲଃ ତେ କୁଳିହନାଃ ଛୁଟିକା ହଇଯାନା। ଛୁଟିକା ତାୟମ୍ ଆଓ୍ୱାଁର୍, ତୁୟୁ କୁଲାକ ଜମ୍ ଗିଡିଆ ମେନ୍ତେ ଉଡୁଃକାତେ ଢୁ'ଉଲାରେ

Digitized by srujanika@gmail.com

କିନ୍ ରାପାଃ କାତେ ତପାତୁକା' ଯାନାକିନ୍। ଆର୍ ନେସାଃଇ କିନ୍ ହିଜୁଃ ଆଉଯାନା।

ଆର୍ କିଛୁ ଦିନ୍ ପରେ ହୁଡିଂ ହାଗା ଆର୍ ଆଏ ତାଃରିନିଃ ଏଣ୍ଡେ କିନ୍ ସେଟେର୍ କାତେ ବାସା କେଦାକିନ୍। ମାଡି-ଉତୁ କାତେ ଜମ୍ ରେୟାଃ କିନ୍ ଜୁଗାଲ୍ ତାନ୍ ଦିପିଲାଂ ମୟଦ୍ ବାଇୟାକାନ୍ ଜୁ'ଉଲା ଲେଲ୍ କାତେ ଏଣ୍ଡେ ମାଡି ଉତୁ କିନ୍ ଟିକି ରେୟାଃ କିନ୍ ଉଡୁଃତାନ୍ ଦିପିଲାଂ; ଜୁ'ଉଲାରେ ତପା'କାନ୍ ଜିଲୁ ମେନ୍ତେ ଆଓ୍ୱାଁର୍ କକିନ୍ ଜମ୍‌କେଦା। ମୁସିଂ ବାରସିଂ ଏଣ୍ଡେ ତାଇକାତେ ମାରାଂ ହାଗା ସେନଃଛାନ୍ ହରା କିନ୍ ପାନ୍ତି କେଦା। ବାର୍ ଚାଣ୍ଡୁଃ ତାୟମ୍‌ତେ ହାଗାୟା କିନ୍ ନାପାମ୍ ଯାନା। କୁପୁଲି କାତେ ଇତୁ କେଦାକିନ୍- ମାରାଂ ହାଗା ଆୟାଃ ନାଓ୍ୱାଁ ଜନମ୍ ହନାଃ ଆଓ୍ୱାଁର୍ କ ଜିଲୁ ମେନ୍ତେ କିନ୍ ଜମ୍ ତାଦା ହୁଡିଂ ହାଗା ଆର୍ କିମିନ୍। ଇନାତେ ହୁଡିଂ ମାରାଂ କିନ୍ ସାପାଲା ଯାନା। ମାରାଂ ହାଗା, ହୁଡିଂ ହାଗାକେ ମେତାଃଇ ଯାନାଃ- 'ଆବିନ୍ ବା'ୟା ଆଓ୍ୱାଁର୍ କବିନ୍ ଜମ୍ ତାଦା, ଆବିନ୍ ଦ ତିସିଂ ତେୟାଦ୍ 'ଅଛୁଆଁ' କାଇଁ ଜୁଟିଦ୍‌ମେୟା। ଆମ୍ ଦ ନିଜେଗେ ହୁଡିଂଏନ୍ ଯାନାମ୍। ତିସିଂଆ ତେୟାଦ୍ ଆଲାଂଆଃ ନାତା (ସମ୍ପର୍କ) କଟାଅଯାନା। ଆମ୍ ଦ ଆମ୍‌ଗେ, ଆଇଁ ଦ ଆଇଁଗେ। ଆମ୍‌ତାଃରେ କାଇଁ ଜମ୍ ନୁଁଆଃ। ଆମାଃ ବୁ'ଉ କାଃ ଜ'ଜମାଃ ଆମ୍‌ତାଃ ତେୟାଦ୍ ଏଖେନ୍ ସୁନୁମ୍ ଗେଲିଂ ହାତାଅଓ୍ୱାଃ।'

ଇନା ତାୟମ୍‌ତେ ହୁଡିଂ ହାଗା ରା'ଗ୍‌ତେ ହା'ଣ୍ ଯାନାଃ। ବିନ୍‌ଗାରେ ଅଲାଃ-ଦୁଆର୍ କେଦାଃ ଆର୍ ଦି'ନ୍‌ଗେ ସୁନୁମ୍ ତେନ୍ କାତେ ହାତୁ ହାତୁ ଆକ୍ରିଂ କେଦାଃ। ସୁନୁମ୍ ଆକ୍ରିଂଗେ ତାୟାଃ ବେଉସା। ଇନାତେ ଆଃଏ ଦ ସୁନୁମ୍ ଆକ୍ରିଂ ମୁଣ୍ଡା। ଓଡିଶା ରେନ୍ ସୁନୁମ୍ ଆକ୍ରିଂ ହଲହନ୍। ଦିକୁତେ ଦ (ତେଲି ଭୂମିଜ) କ ମେତାଃଇ ଯାନା। ଏନ୍ ହୁଲାଂଆ ତେୟାଦ୍ ମୁଣ୍ଡାକ ଦ କିଲି କିଲି କ ବାଇକେଦା। ତିସିଂ ହୁଡିଂ ମାରାଂଏନ୍ ତାନାବୁନ୍। ସୁବାରେ ଦ ଯତ ମଦ୍‌ରେବୁ ତାଇକେନ୍ 'ମୁଣ୍ଡା'କ। ଆବୁଆଃ ଆଣାନ୍ଦୀ କୁଣ୍ଡୁନ୍ଦୀ

Digitized by srujanika@gmail.com

କରେ ବସଃ ନାତେନ୍ ସୁନୁମ୍ ସାଙ୍ଗି ସାଙ୍ଗି ଲାଗାତିଂ ଦିଂଆଁତେ କିଛୁ ହଲ ସୁନୁମ୍ କ ତେନ୍ କେନ୍‌ତେ ଆର୍ ସୁନୁମ୍ ଆକ୍ରିଂକ ବେଉସା କେନ୍‌ତେ ସୁନୁମ୍ ଆକ୍ରିଂ ମୁଣ୍ଡା(ତେଲି ଭୂମିଜ)କ ଜାତିନ୍ ଯାନା । ଇନ୍‌କୁଃ ଯତ ମୁଣ୍ଡା ତେୟାଦ୍ କ ଉପ୍ପାନା କାନା, ଆବୁ ଲେକା ନାଉଁୱା, ଧୋବା, ବାମଣେବଷ୍ଟମ୍, ନାର୍ତ୍ତା, ହୟନ୍, ଆଣାନ୍ଦୀ କୁଣ୍ଡୁନ୍ଦୀ, ବଙ୍ଗାବୁରୁ ମେନାଃ ।

ହଳଦୀ ପୋଖରିଆ ଭୂମିଜ (ମୁଣ୍ଡା) କଓ୍ୱାଃ ଉତ୍‌ପାନ୍ କାହାନୀ

ସିଦା ମୁସିଂ ରେୟାଃ କାଜି; ମୟଦ୍ ଅଳାଃରେକ ଆଣାନ୍ଦୀ ତାନା । ଧୁମ୍‌ଧାମ୍ କାମିକ ସେନ୍ ତାଦାଃ । ଆଣାନ୍ଦୀ ନାତେନ୍ ଯତ ରକମ୍ ଗିନିଷ୍ କ ଆଗୁତାଦା । ହୁବ୍‌କାଇ ବ'ର୍ ଅଳାଃରେ ସାସାଂ ବସଃ ନେଗ୍ ଦିପିଲାଂ ସାସାଂ ଅଳାଃରେକ ଦାଣା ଯାଦା । କା'କ ନାମ୍ କେଦା । ଅକରେକ ଦ'ଅ କେଦା; ଦାଣା ଯାଦ୍‌ରେ କା' ନାମଃ ତାନା । ଇନା ସମଏରେ ଏନ୍ ଧାରାଧାରି ଦକାନ୍ ବାଜାର୍ କା' ତାଇକେନା । ଅଳାଃରେ ଆପ୍‌ନାର୍ ଗେ ଚାଷ୍‌ବାସ୍ କାତେ ଗରଜ୍ କ ମେଣ୍ଟାଅଲାଃ । ଆଣାନ୍ଦୀ ନିଗିବିଗି ବିତାର୍‌ରେ ଇଲି ନୁଁ କ ସାରଦି ଗିଡି ତାଦା । ଅକଏ ଦକ ନୁଁ ତାନା । ଅକଏ ଦକ ବୁଲ୍ ତାନା । ଅକଏ ଦ ବଜର୍ ବଜର୍ ଜାଗାର୍ ତାନା । ଆଧା ଦକ ଆଣାନ୍ଦୀ ଦୁରାଂତାନା । ନେ' ଲେକାନ୍ ସମାଏରେ ସାସାଂ ନାମେଆକ ଅକରେ ? ?

ଯାଇହଉ, ମୟଦ୍ ଯାପାଃ ଅଳାଃରେ କିଛୁ ସାସାଂକ ଚାଷ୍ କାତେକ ଦ'ଅଲାଃ । ସାସାଂକ ଦାଣାତାନ୍ ଦିପିଲାଂ ଏନ୍ ଅଳାଃରେନ୍ ମୟଦ୍ ହଲ ଆଣାନ୍ଦୀ ଅଳାଃ ଇଲି ନୁ'ଉ ହିଜାକାନ୍ ବିତାର୍ ତେୟାଦ୍ କାଜି କେଦାଃଏ- 'ଆଲେ ଅଳାଃରେ ସାସାଂ ମେନାଃ' ମେନ୍ କାତେ ସାସାଂ ଆଉଏଃ ଧାଉଲ୍ କେଦାଃ । ଆଣାନ୍ଦୀ ଅଳାଃରେ ସବେନ୍ ଇଲି ଆର୍କି ନୁ'ଉ କାତେକ ବୁଲ୍ ଚାବା'କାନା । ମୟଦୋ କଳାହନ୍ ସୁତିରେ ବାଂ କଓ୍ୱା । ଇନାତେକ ମେତାଃଇ ଯାନା, 'ଯୁ'ଉ ଗୋ ! ସାସୋଂ ଆଉଯାଦ୍ ଲଃ ଆପେ ଅଳାଃରେନ୍ ବାବୁକେ ରାଃ ଆଉ ଦାରଆଃଇମେ । ବ'ରକେ ସାସାଂ ବସଃ କାତେବୁ ରେଆଲ୍

Digitized by srujanika@gmail.com

ଗିୟା । ସାସାଂ ବସଃ ତାନ୍‌ଲଃ ବ'ର୍ ରେଆଲେନ୍ ଗାଡିଆ ଉର୍ ଇରି ଗିଆ ।'

ଆର୍ ସାସାଂ ଆଉଯାଦ୍ ଲଃ ଆକ ଅଳାଃ ରେନ୍ କଲାହନ୍‌ଟା ରାଃ ଆଉ ଦାରଆ କିଆଃ । ହିଜୁଃ କାତେ ସାସାଂକ ଗୁଣ୍ଡା କାତେ ବସଃ ବାଲାନ୍ ଯାନାକ । ସାସାଂ ବସଃ କାତେ ରେଆଲେନ୍ ନାଗେନ୍ ସାସାଂ ଆଉଲେଦ୍ ଅଳାଃ ରେନ୍ କଲାହନ୍‌ଗେ ଗାଡିଆ ଉର୍ କେଦାଃ ।

ଆଣାନ୍ଦୀ ଚାବା ଯାନା । ଇଲିକ ନୁ'ଉ ବାଲା ତାନା । ଠାଉଳାଂ କାତେ ଜାପାଗାର୍ ବାଲା ତାନ୍‌ଲଃ ଅକଏ ଦେ' କାଃ ମେନେ– 'ଆମ୍ ଦ ସାସାଂ ଚାଷ୍ ଗାଡିଆ ଉର୍ ହଳ ।' ଇନା ତାୟମ୍‌ତେ ମାଣି ମାଣିତେ ଇନା କାଜି ଅନ୍‌ସାର୍‌ତେ ଆବୁ ସମାଜରେ ଆଣାନ୍ଦୀ କରେ ସାସାଂ ସାଙ୍ଗି ସାଙ୍ଗି ଲାଗାତିଂ ଦିଂଆଁତେ କିଛୁ ହଳ ସାସାଂକ ଚାଷ୍ ଯାନା, ସାସାଂକ ଆକ୍ରିଂ ଯାନା; ବ'ର୍ କନେଆଁକ ସାସାଂ ବସଃ କେକ ତାୟମ୍‌ତେ ଗାଡିଆ ହନ୍ ଉର୍ କାତେକ, ରେଆଲେନ୍ ନାତେନ୍ ଲାଗାତିଂଆ । ସାସାଂ ଚାଷ୍ ଆର୍ ଆକ୍ରିଂ ହଳକକେ ଗାଡିଆ ହନ୍‌କ ଉର୍ ଇଚି ବାଲା ଯାକ ତାଇକେନା– ଇନାତେ ଆକକେ ହଳଦୀ ପୋଖରିଆ ଭୂମିଜ କ ମେତାକ ଯାନା । ଇନ୍‌କୁଃ ଦ ମୁଣ୍ଡା କ ଗେ ।

ଏଙ୍ଗାବାଡାଏ, ସୁନୁମ୍ ତେନ୍‌କ, ଆକ୍ରିଂକ, ସାସାଂ ଚାଷ୍ ଆର୍ ଆଣାନ୍ଦୀରେ ଗାଡିଆ ଉର୍ ମୁଣ୍ଡାକ(ହଳଦୀ ପୋଖରିଆ ମୁଣ୍ଡା/ଭୂମିଜ), ମୁଣ୍ଡା, ଭୂମିଜ, ତାମ୍‌ଡିଆ ଭୂମିଜ, ତାମ୍‌ଲିଆ ଭୂମିଜ, ତାମୁଲିଆ ଭୂମିଜ, ତାମୁଡିଆ ଭୂମିଜ ଯତ ତାମାଡ୍ ତେୟାଃ ହିଜାକାନ୍ ହଳକ ଦ ସୁବାରେ ଦ ମୁଣ୍ଡା ଗେବୁନ୍ ତାଇକେନା । ନାମ୍‌ତାଂଅ ମେନାଃକଓ୍ବା, ତାମାଡ୍, ବୁରୁ, ବୁକୁରୁ, ସିଲି, ମାଏପାଦ୍, ବିର୍‌ଗାମ୍, ପାତାଳା, ପାତର୍, ବାରୁଟଲା, ଆଣ୍ଡିକି ଏମାନ୍ ହାତୁ ଦିଶୁମ୍ କରେ ଆବୁ ଦ ମୁଣ୍ଡା ହଳ କଗେ । ଓଡିଶା ଆର୍ ବେଙ୍ଗଲ୍‌ରେ ଭୂମିଜ ତାନାବୁ । ଆସାମ୍‌ରେ ମୁଣ୍ଡାରିକା, ଆର୍ ଛତିଶଗଡରେ ଆଦିମ୍ ମୁଣ୍ଡା ତାନାବୁ ।

Digitized by srujanika@gmail.com

ନେ ଚାଲାକ୍ ଦିକୁକ ଆବୁକେ ବିନ୍‌ଗା ବିନ୍‌ଗା ଲୁତୁମ୍ ଅମ୍ କାତେ ହାଗା ହାଗାକ ବିନ୍‌ଗା ତାବୁନା । ମଦ୍‌ରେବୁ ତାଇଯାନ୍‌ରେ ଦ ଇସୁ ବୁ ସାଙ୍ଗିଅୱା । ପେଲେଆନ୍ ଜାତିବୁ ବାୟୁଆ । ସାହେବ୍ କଡ଼ାଃ ଇତୁ କାତେ Rule and divide policy ତେକ ନେକା ତାବୁନା । ଇନାତେ ନେ କାଜିକ ଉଡ଼ୁଃଗେପେ । ଆବୁଗେ ମୁଣ୍ଡା, ମୁଣ୍ଡାରୀ, ହଳଦୀ ପୋଖରିଆ ଭୂମିଜ, ଭୂମିଜ, ତେଲିଭୂମିଜ, ଦେଶୁଆଭୂମିଜ, ତାମାରିଆ ଭୂମିଜ, ତାମ୍‌ଡ଼ିଆ ଭୂମିଜ, ତାମ୍‌ଲିଆ ଭୂମିଜ ମେନ୍ତେକ ଲୁତୁମ୍ ତାବୁନା । ଏନ୍‌କା'ଗେ ସବେନ୍ ଖେରୱାଲ୍‌କ ମଦେନ୍ ଯାନ୍‌ରେ ଯାଇ ଏନ୍ ସାସାଂକାଟା ପାନ୍‌ଜମ୍ କଲଃବୁ ଧାଲିଆଃ; କା'ରେଦ ଆବୁଦ ନେକାଗେ ତାୟମ୍‌ରେବୁ ତାଇକାନଆ । ଆବୁଆଃ ଏଙ୍ଗାଜାଗାର୍, ସାସାଂକିର୍, ଜାନାଗାର୍, ତାୟମ୍ ରେଗେ ତାଇନା । ଇନାତେ ମାର୍ ସବେନ୍ ବିରିଦ୍‌ପେ, ମେଶାନ୍‌ପେ । ମଦ୍‌ରେ ଦୁବ୍ ନାପାମ୍‌ପେ ।

ପରିଶିଷ୍ଟ

ବଛର୍ ରେୟାଃ ଚାଣ୍ଡୁଃ ନୁତୁମ୍‌କ

୧. ମାଗ୍ ଚାଣ୍ଡୁଃ - ଜାନୁଆରୀ - ମାଘ ମାସ

୨. ଫାଗୁ ଚାଣ୍ଡୁଃ - ଫେବୃୟାରୀ - ଫଗୁଣ ମାସ

୩. ବା'ଆ ଚାଣ୍ଡୁଃ - ମାର୍ଚ୍ଚ - ଚୈତ୍ର ମାସ

୪. ପିରାଇଲ୍ ଚାଣ୍ଡୁଃ - ଏପ୍ରିଲ୍ - ବୈଶାଖ ମାସ

୫. ଜେଟେ ଚାଣ୍ଡୁଃ - ମେ - ଜ୍ୟେଷ୍ଠ ମାସ

୬. ଜୁଙ୍କା ଚାଣ୍ଡୁଃ - ଜୁନ୍ - ଆଷାଢ ମାସ

୭. ଜାଲିକା ଚାଣ୍ଡୁଃ - ଜୁଲାଇ - ଶ୍ରାବଣ ମାସ

୮. ସାଗିତା ଚାଣ୍ଡୁଃ - ଅଗଷ୍ଟ - ଭାଦ୍ରବ ମାସ

୯. ସୁତିଆମ୍ ଚାଣ୍ଡୁଃ - ସେପ୍ଟେମ୍ବର - ଆଶ୍ୱିନ ମାସ

୧୦. ଇନ୍ଦି ଚାଣ୍ଡୁଃ - ଅକ୍ଟୋବର - କାର୍ତ୍ତିକ ମାସ

Digitized by srujanika@gmail.com

୧୧. ଆଗାହନ୍ ଚାଣ୍ଡୁଃ - ନଭେମ୍ବର - ମାର୍ଗଶୀର ମାସ

୧୨. ପୁସ୍ ଚାଣ୍ଡୁଃ - ଡିସେମ୍ବର - ପୌଷ ମାସ

ଛଅ ଋତୁର ନାମ

୧) ଜେଟେସା - ଗ୍ରୀଷ୍ମ, ୨) ଜାର୍ଗିସା - ବର୍ଷା, ୩) ସିସିର୍ସା - ଶରତ, ୪) ରାବାଂସା - ହେମନ୍ତ, ୫) ସାରେସା - ଶୀତ, ୬) ସାର୍ଦିସା - ବସନ୍ତ, ସା-ଋତୁ।

କେତେକ ପ୍ରାଚୀନ ମୁଣ୍ଡାରୀ ଶବ୍ଦଗୁଡ଼ିକର ଓଡିଆ ଅର୍ଥ

କାଡଆଦ୍ - ହରକତ କରିବା

ଲୁଲୁଃଚୁପୁଃ - ଗେହ୍ଲେଇ ହେବା, ସରାଗ ଦେଖାଇବା

ଲାପାଲୁଳି - ଛଇ ଦେଖାଇବା, ବେପରବାୟ ହୋଇ ଚାଲିବା,

ଜାଲାମ୍ କଲାଦ୍ - ବହୁ କଷ୍ଟରେ ଚଳିବା

ରାପାଲୁଳି - ବ୍ୟତିବ୍ୟସ୍ତ ହୋଇ

ପ୍ରବଚନ

୧) ମନେ ମନେତେ ଉକୁଆକାନା
କାଟା କିନ୍ ତାଏ ଲେଲୋଃତାନା।
ଲୁଚିଛି ନା ଲୁଚିଛି,
ଗୋଡ ଦୁଇଟି ଦିଶୁଛି।

୨) ଉକୁଆକାନା ତ ଉକୁଆକାନା
କାଟା ବାରିଆ ତାଃଏ ଲେଲୋଃତାନା।

୩) ବାଞ୍ଚାଅଓ୍ୱେନ୍ ନାତିନ୍ ମାନ୍ମୀ ଜମେକାଃ
ମେନ୍ଦ ଜଜମ୍ ନାଗେନ୍ ମାନ୍ମୀ ଆଲକାଃ ବାଞ୍ଚାଅଃ।
ବଞ୍ଚିବା ପାଇଁ ମନୁଷ୍ୟ ଖାଉ;

Digitized by srujanika@gmail.com

କିନ୍ତୁ ଖାଇବା ପାଇଁ ମନୁଷ୍ୟ ନ ବଞ୍ଚୁ।
କୁନ୍ଦୁଦୁଲି - ଦିଗ୍‌ବଳୟ
ତିର୍ପନ୍ - ମରୀଚିକା
କେରେଦ୍ - ଥୁଣ୍ଟିଆ
କେନ୍‌ଣ୍ଟେଦ୍ - ଠେଣ୍ଡମ୍ - ଜିଦ୍‌ଖୋରିଆ

୪) ହାତୁରେନ୍ କନେଆଁ ସୁଲିଃ ମୁଁ ଗେୟାଃ
ଗାଁ କନିଆଁ ସିଙ୍ଗାଣି ନାକି।

୫) ହାତୁରେନ୍ ଜାମାଇଁ ବିନା କାଟା ଦାଃ ରେନ୍ ପେଲା।

୬) ସାଙ୍ଗାତ୍ କୁଳି; ବିନା ମେଣେଦ୍‌ସାକମ୍ ରେନ୍ କୁଳି।

୭) ହାନାର୍ ହଞ୍ଜାର୍ ଅଳାଃରେ ବାନୁଃଇ ଶାଲୀକୁଳି,
ଆଲମ୍ ଠାଉଳାଂଗିଃ ସାରାଘଳି। (କିମ୍ୱା)
ଅଣାନ୍ଦିଆକାନ୍ ଶାଲୀକୁଳି, ଆଲମ୍ ଠାଉଳାଂଗିଃ ଘଳିଘଳି।

୮) ହାନାର୍ ହଞ୍ଜାର୍ ଅଳାଃରେ ମେନାଃଇ,
କା' ଆଣାନ୍ଦିଆକାନ୍ ଶାଲୀକୁଳି;
ଠାଉଳାଂ ଲାନ୍ଦା ଜାଗାର୍ ରେନ୍ ସୁଙ୍ଗୁତି।

ମୁଣ୍ଡାରୀ ବ୍ୟଙ୍ଗ କବିତା

ଆପେ ଆପେ ଦୟା ହଳହନ୍‌କ ଲେଲ୍ ଲେକରେ ଦିକୁ ହଳକ
କୁଳାମ୍ ତାପେ ଲିବିର୍ ଲିବିର୍ ଏକେଲାଅୱା
ମଚା ତାପେ ବଟେଏଅଆ ରାଚାତେ ଘନେ ମନେପେଆ
କୁଳାମ୍ ତାପେ ଲିବିର୍ ଲିବିର୍ ଏକେଲାଅୱା।
ଦୁକୁର୍ ପୁକୁର୍ ମନେତେ ଜାଗାର୍‌ପେ ଦିକୁ କଲଃ ମାଣିତେ
ଲିବିଃ ଲିବିଃ ଏକେଲାଅୱା କୁଳାମ୍ ବିତାର୍‌ରେ
ତିରୁବ୍ କାତେପେ ଆୟମେଆ ନି'ର୍ ତେଗେପେ ସେନଆ
ଦିକୁ କାଜି ବେଡେଗେ ଦାରାଂ ହେଲେମ୍ ଆୟମ୍‌ରେ।

Digitized by srujanika@gmail.com

ମୁଣ୍ଡାରୀ ସାହିତ୍ୟ ଓ ସଙ୍ଗୀତର ବ୍ୟୁତ୍ପତ୍ତି

ଆର୍ଯ୍ୟ ସମାଜରେ ଥିବା ବିଭିନ୍ନ କବିତା, ଗଳ୍ପ, ଢଗଢମାଳି, ପ୍ରବଚନ, ରଢି, ଗଦ୍ୟ ସାହିତ୍ୟର ସୃଷ୍ଟି ପରି ପୃଥିବୀରେ ରହିଥିବା ବିଭିନ୍ନ ଆଦିବାସୀମାନଙ୍କ ମଧ୍ୟରେ ଆଦିମ ଜନଜାତି ମୁଣ୍ଡାମାନଙ୍କର ମଧ୍ୟ ସଙ୍ଗୀତ ବା ଗୀତ ସୃଷ୍ଟି ବା ବ୍ୟୁତ୍ପତ୍ତିର ଇତିହାସ ବିଦ୍ୟମାନ। ଶିକ୍ଷା ଅର୍ଜନ ଓ ଲିପି ଉଦ୍ଭାବନ ଅଭାବରେ ଏହି ଭାଷାଗୁଡ଼ିକ ଲିପିବଦ୍ଧ ହୋଇ ପାରିନାହିଁ। ଶିକ୍ଷାର ପ୍ରସାର ହେବା ଫଳରେ ବିଭିନ୍ନ ଜନଜାତିମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହୋଇଛି। ଯଦ୍ଦ୍ୱାରା ସାଂପ୍ରତିକ ଯୁବସମାଜ ନିଜ ମାତୃଭାଷା ଓ ସଂସ୍କୃତିକୁ ଲିପିବଦ୍ଧ କରିବା ନିମନ୍ତେ ତତ୍ପର ରହିଛନ୍ତି।

ପୃଥିବୀ ସର୍ଜନାର ବହୁବର୍ଷ ପରେ ଧରାପୃଷ୍ଠରେ ମାନବର ଜନ୍ମ। ମାନବ ସର୍ଜନା ବା ଜନ୍ମ ହେବା ବିଷୟରେ ବିଭିନ୍ନ ପୁରାଣ, କିମ୍ବଦନ୍ତୀ, ଲୋକକଥା ଓ ବିଜ୍ଞାନର ଇତିହାସରେ ରହିଅଛି। ଆଦିବାସୀମାନଙ୍କ ପୁରାଣ କିମ୍ବଦନ୍ତୀରୁ ଜଣାପଡ଼େ ପୃଥିବୀ ପୃଷ୍ଠରେ ପ୍ରଥମେ ଜନ୍ମଲାଭ କରିଥିବା ମନୁଷ୍ୟ ଦୁଇଜଣଙ୍କର ନାମ ବିଭିନ୍ନ ସମାଜ, ଗୋଷ୍ଠୀ ଅନୁସାରେ ବିଭିନ୍ନ ନାମ ଦିଆଯାଇଛି। କିଏ ଇଭ୍‌ଓ ଆଦାମ୍, ଆଦିପୁରୁଷ ଓ ଆଦିନାରୀ, କିଏ ପୁଣି ପିଲ୍‌ଚୁ ହାଲାମ୍ ପିଲ୍‌ଚୁ ବୁଡୀ, କିଏ ପୁଣି ପୁଇତୁ ହାଲାମ୍ ପୁଇତୁ ବୁଡୀ, କିମ୍ବା ଲୁଟୁକୁମ୍ ହାଲାମ୍ ଲୁଟୁକୁମ୍ ବୁଡୀ, ନାମରେ ନାମିତ କରିଛନ୍ତି। ମୁଣ୍ଡା, ଭୂମିଜମାନଙ୍କ କିମ୍ବଦନ୍ତୀ ଅନୁସାରେ ଆଦିପୁରୁଷ ଓ ଆଦିନାରୀଙ୍କୁ ପୁଇତୁ ହାଲାମ୍ ପୁଇତୁ ବୁଡୀ କୁହାଯାଇଛି ଏବଂ ଝାରଖଣ୍ଡରେ ଲୁଟ୍‌କୁମ୍ ହାଲାମ୍, ଲୁଟ୍‌କୁମ୍ ବୁଡୀ କୁହାଯାଉଛି।

ସୃଷ୍ଟିର ଅୟମାରମ୍ଭରେ ଯେତେବେଳେ ପୁଇତୁହାଲାମ୍, ବୁଡୀଙ୍କର ସନ୍ତାନ ସନ୍ତତି ହେଲେ ଏବଂ ପରବର୍ତ୍ତୀ ସମୟରେ ପୁଇତୁ ହାଲାମ୍‌ର ମୃତ୍ୟୁ ଘଟିଛି। ସ୍ୱାମୀଙ୍କ ମୃତ୍ୟୁରେ ମ୍ରିୟମାଣ ଓ ମର୍ମାହତ ହୋଇ ପୁଇତୁ ବୁଡୀ ନିଜ ହୃଦୟର ଦୁଃଖ, ନୈରାଶ୍ୟ, କୋହ, ଆବେଗ ଓ ହତାଶା, ଦୁଃଖରେ ଜର୍ଜରିତ ହୋଇ ସକ୍ ସକ୍ ରୋଦନ କରି ଉଠିଥିଲା। ସେହି ରୋଦନ ହିଁ ମୁଣ୍ଡାରୀ

Digitized by srujanika@gmail.com

ଭାଷାର ଆଦି କବିତା ବୋଲି ଧରାଯାଏ। ଏହି ଗୀତରେ ପୁଇତୁ ବୁଡୀର ନିଜ ସନ୍ତାନସନ୍ତତିମାନଙ୍କୁ ଭରଣ ପୋଷଣ କରି ନପାରିବା ଅକ୍ଷମତା ପ୍ରକାଶ କରି ସ୍ୱାମୀଙ୍କ ଉଦ୍ଦେଶ୍ୟରେ ବିଳାପ କରି ଉଠିଥିଲା। ନିଜର କିଂକର୍ତ୍ତବ୍ୟ ବିମୂଢ଼ତାର ପରିପ୍ରକାଶ ହିଁ ମୁଣ୍ଡାରୀ ଗୀତରୁ ସାହିତ୍ୟର ବ୍ୟୁତ୍ପତ୍ତି ହୋଇଛି।

ଗୀତଟି ଏମିତି ଥିଲା-

ଜୁଳି ଜୁଳି ଲାଂ ତାଇକେନା ପରଭୁ
ନି'ର୍ ବାଗେ କିଆଁମ୍ ତାଲା ହରାରେ
ଜୁଳି ପୂତାମ୍ ଲେକା ଲାଂ ତାଇକେନା ପରଭୁ
ଆତୁ ତୁକାଇଁ ଯାନାମ୍ ଦୁକୁ ଦରେଆରେ।
ବି'ର୍ ବୁରୁ ଲଅ ଯାନ୍‌ରେ ଯତକ ଲେଲେଆ
ଜୀଇ ବୁରୁ ଲଅ ଯାନ୍‌ରେ ଯେତାୟୋ କା'କ ଲେଲେଆ
ଅହୋ ପରଭୁ କାନାଃରେମ୍ ଚେକା ତୁକାଇଁ ଯାନା
ବୁଦ୍ଧି ଉଦୁବାଇଁମେ ପରଭୁ ସଆଲିକ
ଚେକା ଲେକାଇଁ ହାରାମାତା କଆ।

ଓଡିଆ ଭାଷାନ୍ତର

ଆମେ ଦୁଇଜଣ ଯୋଡାଯୋଡି ସାଥିରେ ରହିଥିଲୁ। ମୋତେ ତୁମେ ହଠାତ୍ ସଂସାରର ମଝି ଦରିଆରେ ଛାଡି ଦେଇ ଚାଲିଗଲ। ହେ ସ୍ୱାମୀ, ଆମେ କପୋତ କପୋତୀ ପରି ସାଙ୍ଗରେ ଥିଲୁ କିନ୍ତୁ ତୁମେ ମୋତେ ଦୁଃଖ ସାଗରରେ ଭସାଇ ଦେଇ ଆର ପୁରକୁ ଚାଲିଗଲ। ବଣ ପାହାଡରେ ନିଆଁ ଲାଗିଲେ ସଭିଏଁ ଦେଖିପାରନ୍ତି; କିନ୍ତୁ ହୃଦୟ-ପର୍ବତରେ ନିଆଁ ଲାଗିଲେ କେହି ଦେଖିପାରନ୍ତି ନାହିଁ। ଅର୍ଥାତ୍ ଦୁଃଖରେ ହୃଦୟ ଜଳିଗଲେ କେହି ଦେଖି ପାରନ୍ତି ନାହିଁ। ତେଣୁ ଅଜାଗା ଘା' ଦେଖି ହୁଏ ନାହିଁ କି ଅନ୍ୟକୁ ଦେଖାଇ ହୁଏ ନାହିଁ। ମୁଁ ଆଜି ଦୁଃଖରେ ଜଳିଯାଉଛି। ହେ ସ୍ୱାମୀ (ପ୍ରଭୁ)

Digitized by srujanika@gmail.com

କେଉଁ ଏକ ଦୁର୍ଦ୍ଦିନ ଭିତରେ ଏକାକୀ ଛାଡି ଚାଲିଗଲ। କୁହ ସ୍ୱାମୀ ମୁଁ କେମିତି ଏହି ଜନ୍ମିତ ସନ୍ତାନମାନଙ୍କୁ ଭରଣ ପୋଷଣ କରିବି ? ? ତୁମେ ମୋତେ ଆରପୁରରେ ରହି ବୁଦ୍ଧିଦିଅ ? ? କେଉଁ ଉପାୟରେ ସନ୍ତାନସନ୍ତତିମାନଙ୍କୁ ପାଳି ପୋଷି ବଡ଼ କରିବି ? ? ଏହି ଗୁଣୁ ଗୁଣୁ ରୋଦନା/ ବିଳାପରୁ ହିଁ ମୁଣ୍ଡାରୀ ସଙ୍ଗୀତର ଉତ୍ପତ୍ତି ସହିତ; ମୁଣ୍ଡାରୀ ସାହିତ୍ୟର ସୃଷ୍ଟି ହୋଇଛି। ଏହି ମୁଣ୍ଡାରୀ ସାହିତ୍ୟ ଓ ସଙ୍ଗୀତରେ ସେହିମାନଙ୍କର ସ୍ଥାନ ନାହିଁ।

ସାହିତ୍ୟ ସଙ୍ଗୀତ କଳା-ବିହୀନଃ ସାକ୍ଷାତ୍ ପଶୁଃ ପୁଚ୍ଛ ବିଷାଣ ହୀନଃ
ତୃଣ ନ ଖାବନ୍ନପି ଜୀବ ମାନଃ ତଦ୍ ଭାଗଧେୟଂ ପରମଂ ପଶୂନାମ।

ଅର୍ଥାତ୍ ଯେଉଁ ନର ସଙ୍ଗୀତ-ସାହିତ୍ୟର ରସ ଆସ୍ୱାଦନ କରିପାରେ ନାହିଁ; ସେ ସାକ୍ଷାତ୍ ଶିଙ୍ଗ ଓ ପୁଚ୍ଛ ହୀନ ପଶୁ ଅଟେ। ସେହି ଅରସିକ ଜନ ତୃଣ ଖାଆନ୍ତି ନାହିଁ ବୋଲି ଧରଣୀର ତୃଣରାଜି ଭୋଗ କରି ପଶୁକୁଳ ଭାଗ୍ୟବାନ ଅଟନ୍ତି।

ମୁଣ୍ଡାତେ କାଜିଲେରେ ନେକା କାଜି ଧାଲିଅୱା- 'ଅକ ରେଙ୍ଗେଃ ଚାଣ୍ଡାଲ୍ ବେହାଉସିଆ, ମେ'ଦ୍ ମେନାଃ ତେ ମେ'ଦ୍ ବାନଃ, ମଚା ମେନାଃତେ ମଚା ବାନଃ, ଲୁତୁର୍ ମେନାଃତେ ଲୁତୁର୍ ବାନଃ, କାଲା ଘୁଙ୍ଗା ଜଡା ଲେକା ତାଇନ୍ ମାନ୍ନୀ ଆର୍ ଉତୁଃ ଉନୁତୁଃ ବାନଃ ଇନ୍‌କୁୱାଃ ଦ ନେ ଜାନାଗାର୍ ଦିଶୁମ୍‌ରେ ବଲ ମାନା ଅତଃ ଦୁରାଂ ସୁସୁନ୍ ଲାନ୍ଦା ଜାଗାର୍ ରେ ରଂରାସିକା ବାନଃ, ଇନ୍‌କୁୱା ଗ ଜାନାଗାର(ସାହିତ୍ୟ)ରେ ସମ୍ନଲେ ବଲନ୍, ସନ୍ଦଲେ ଆଦାରେନ୍ କା'କ ଧାଲିଆଃ।'

ତେଣୁ ଏତିକି କୁହାଯାଇପାରେ- ଆକାଂକ୍ଷା ଶୂନ୍ୟ ବ୍ୟକ୍ତି ପୁଣି ଯାହାର ଇଚ୍ଛା ଶକ୍ତି ନାହିଁ, ସେମାନେ ସାହିତ୍ୟ ବା ସଙ୍ଗୀତରେ କ'ଣ; ସେମାନେ କୌଣସି ଉତ୍ତମ କାର୍ଯ୍ୟରେ ମନୋନିବେଶ କରିପାରନ୍ତି ନାହିଁ।

Digitized by srujanika@gmail.com

ସେଥିପାଇଁ ସଂସ୍କୃତରେ କୁହାଯାଇଛି-

ନିଃ ସ୍ପୃହୋ ନାଽଧିକାରୀ ସ୍ୟାନ୍ନାଽକାମୀ ମଣ୍ଡନପ୍ରିୟଃ
ନାଽବିଦଗ୍ଧଃ ପ୍ରିୟ ବ୍ରୂୟାତ୍ ସ୍ଫୁଟବକ୍ତା ନ ବଞ୍ଚକଃ ।

(ନୀତିଶ୍ଳୋକ)

ଆକାଂକ୍ଷା ଶୂନ୍ୟ ବ୍ୟକ୍ତି ବଡପଦର ଅଧିକାରୀ ହେବାକୁ ଚାହେଁ ନାହିଁ; କାମନା ବାସନା ଶୂନ୍ୟ ବ୍ୟକ୍ତି ମଣ୍ଡନ ପ୍ରିୟ ହୋଇ ନଥାଏ; ଅଚତୁର ବ୍ୟକ୍ତି ପ୍ରିୟ ଭାଷଣ କରି ନଥାଏ ଏବଂ ସ୍ପଷ୍ଟବାଦୀ ବ୍ୟକ୍ତି ପ୍ରବଞ୍ଚକ ହୋଇ ନଥାଏ ।■

Digitized by srujanika@gmail.com

ଦଶମ ଅଧ୍ୟାୟ

ମୁଣ୍ଡାରୀ ସଙ୍ଗୀତ କବିତା ସାହିତ୍ୟରେ ଥିବା ଯାଦୁର ସଙ୍ଗୀତର ସାମାଜିକ ଉପଯୋଗୀତା ଅନେକ ବେଶି । ମୁଣ୍ଡାରୀ ଭାଷାରେ ଥିବା ଲୋକଗୀତ ଓ ଲୋକ ସାହିତ୍ୟରେ 'ଯାଦୁର' ସ୍ଥାନ ଖୁବ୍ ଉଚ୍ଚରେ । ଖାଣ୍ଟି ମୁଣ୍ଡାରୀ ଭାଷା ଓ ଶବ୍ଦ ସଂଯୋଜନାରେ ଅଭିବ୍ୟକ୍ତି ବହୁ ପ୍ରାଚୀନ କାଳରୁ ଏହି ସଙ୍ଗୀତର ପ୍ରଚଳନ । ଏହି ସଙ୍ଗୀତ ମାଧ୍ୟମରେ ମୁଣ୍ଡା ସଂପ୍ରଦାୟର ଚାଲିଚଳନ, ସାମାଜିକ ପର୍ବପର୍ବାଣୀ ଓ ବିଭିନ୍ନ ପୂଜା ପାର୍ବଣ, ଦେବଦେବୀମାନଙ୍କ ପୂଜା ପଦ୍ଧତି ଓ ସମୟ ବିଷୟରେ ସୂଚନା ମିଳିଥାଏ । ଏହି ଯାଦୁର ସଙ୍ଗୀତ ମାଧ୍ୟମରେ ପ୍ରାପ୍ତ ବୟସ୍କ ପୁଅଝିଅମାନେ ନିଜ ହୃଦୟର ଆବେଗ, ଉତ୍କଣ୍ଠା, ଇଚ୍ଛା, ଆଶା, ଆକାଂକ୍ଷାକୁ ପ୍ରକାଶ କରିଥାନ୍ତି । ମାନବ ଜୀବନର ଦୁଃଖ ଦୁର୍ଦ୍ଦଶା ଓ ଦୈନ୍ୟ ସମ୍ବନ୍ଧରେ ମଧ୍ୟ ଗୀତ ରୂପରେ ରୂପାୟିତ ହୋଇଥାଏ । ନିମ୍ନରେ କେତେଗୁଡିକ ମୁଣ୍ଡାରୀ ଯାଦୁର ସଙ୍ଗୀତ ଗୁଡ଼ିକର ଓଡିଆ ଭାଷାନ୍ତର ଦିଆଗଲା । ବିଜ୍ଞ ଗବେଷକ ଓ ଆଗ୍ରହୀ ଅଣ-ମୁଣ୍ଡାରୀ ସାହିତ୍ୟିକ ଓ ଭାଷାବିତ୍‌ମାନଙ୍କ ସହାୟତା ନିମନ୍ତେ ଏଠାରେ ଉଲ୍ଲେଖ କରାଗଲା ଏବଂ ମୁଣ୍ଡାରୀ ସାହିତ୍ୟକୁ ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇ ପାଠକୀୟ ଶ୍ରଦ୍ଧା ସୃଷ୍ଟି କରିବା ନିମନ୍ତେ ଏହା ଏକ ପଦକ୍ଷେପ ।

Digitized by srujanika@gmail.com

ଅନୁଧ୍ୟାନରୁ ଏତିକି ଜଣାପଡିଛି ଯେ ମୁଣ୍ଡାରୀ ସାହିତ୍ୟରେ, ଓଡିଆ ସାହିତ୍ୟରେ ଥିବା ଯମକ, ଅନୁପ୍ରାସ, ଚୋଖି ପରି ଅଳଙ୍କାର ଓ ସ୍ୱର ଆବଶ୍ୟକତା ରହିଛି । ମୁଣ୍ଡାରୀ ସାହିତ୍ୟରେ ଖୁବ୍ କମ୍ ସେପରି ସଙ୍ଗୀତ ରହିଛି । ସେଗୁଡ଼ିକ ନିମ୍ନ ପ୍ରକାରରେ ସମାଜରେ ଲୋକମୁଖରେ ବଞ୍ଚି ରହିଛି ।

୧) ସାଏ ସାଏ ଗୁଲିଂଚା ହୋ, ସାଏ ତେଗେମ୍ ଲେଲିଂଆ
ମଚ ମଚ ମଚକନି ହୋ, ମଚଃ ଲେକାମ୍ ଲାନ୍ଦାୟା
ଡାଙ୍ଗୁଆ ସୁମୁଂ ଗେ ହୋ, ସାଏ ତେଗେମ୍ ଲେଲିଂଆ
ଡିଣ୍ଡା ଆସାଲା ଗେ ହୋ, ମଚଃ ଲେକାମ୍ ଲାନ୍ଦାୟା

ଓଡ଼ିଆରେ ଯେପରି-

ଦେଖରେ ନଳିନୀ ନଳିନୀ ନଳିନୀରେ ସେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ସେ ଶୋଭିତ ।

କିମ୍ବା-

ନାକ ଶିରୀ କାନ ଯୋଗ୍ୟ ଯୋଷାକୁ
ବିହର କାନନ ନକର ଆଲିଙ୍ଗନକୁ ।

ମୁଣ୍ଡାରୀ ସାହିତ୍ୟରେ ଏହିପରି ଶ୍ରୁତି ମଧୁର, ଯତିପାତ ହେଉଥିବା ସଙ୍ଗୀତର ଅଭାବ ରହିଛି । ଏଥିପ୍ରତି ଯୁବଗୋଷ୍ଠୀର କବି, ଲେଖକ, ଛନ୍ଦକାରମାନେ ଦୃଷ୍ଟି ଦେବା ଜରୁରୀ । ସୁତରାଂ ମୁଣ୍ଡାରୀ ସାହିତ୍ୟ ସୃଷ୍ଟିରେ ସମାନ ଶବ୍ଦର ବାରମ୍ବାର ପ୍ରୟୋଗରୁ ଭିନ୍ନ ଭିନ୍ନ ଅର୍ଥ ଉତ୍ପନ୍ନ ହେଉଥିବା ଶବ୍ଦର ପ୍ରୟୋଗର ଅତ୍ୟନ୍ତ ଆବଶ୍ୟକତା ରହିଛି । (Tautology of words in Mundari Literature is badly required, S.S. Birgam)

Digitized by srujanika@gmail.com

ଯାଦୁର ଗୀତ

୧) ଅବଲେ ମାଏନ ଜୀ....ହୋ....ମଦ୍ ବିତା ଲାଇଃ ନାଗେନ୍
ମାଏନ ଜୀ ହୋ ଡୁଗୁରେ ଡୁଗୁରେ
ମାଏନ ଜୀ ହୋ ଚାପୁତୁନୁମ୍ ମଚା ନାଗେନ୍
ମାଏନ ଜୀ ହୋ କେନେଃରେ କେଚେରେ ॥୧॥
ଅବଲେ ମାଏନ ଜୀ ହୋ ସିସିପିଲି ଲ'ଅ ଟାନା
ମାଏନୀ ହୋ ଅକରେଲାଂ ଆଟିଂ
ମାଏନୀ ଜୀ ହୋ ବାଲେ ବାଦି ବାଲ୍‌ଟାନା
ମାଏନ ଜୀ ହୋ ଚିମାଏ ରେଲାଂ ତୁସାଂ ॥୨॥
ଅବଲେ ମାଏନ ଜୀ ହୋ ମଦ୍ ବିତା ଲାଃଇ ନାଗେନ୍
ମାଏନ ଜୀ ହୋ ଲ'ଅ ଚଟେଃ ଯାନା
ମାଏନ ଜୀ ହୋ ଚାପୁତୁନୁମ୍ ମଚା ନାଗେନ୍
ମାଏନ ଜୀ ହୋ ବାଲ୍ ଚଟେଃ ଯାନା ॥୩॥

ଓଡ଼ିଆ ଭାଷାନ୍ତର

ସ୍ନ ୧୭୯୩ ମସିହାରେ ସାଂପ୍ରତିକ ମୁଣ୍ଡା ରାଜ୍ୟ ଛୋଟ ନାଗପୁରରେ ଭୟଙ୍କର ଦୁର୍ଭିକ୍ଷ ହୋଇଥିଲା । ସେତେବେଳେ ଜଣେ ମୁଣ୍ଡା ବ୍ୟକ୍ତି ତା'ର ସ୍ତ୍ରୀକୁ ଗୀତ ଆକାରରେ ସୂଚନା ଦେଇଥିଲା । ଆଲୋ ହେ ପେଟ ଚାଖଣ୍ଡକ ପାଇଁ ଓ ଟିକିଏ ତେଲ ଓ ଜଳ ମୁହଁରେ ଲଗାଇବା ପାଇଁ ଆଜି ଦେଶରେ ଖାଦ୍ୟାଭାବ ଦେଖା ଦେଇଛି । ଆମର ସିସିପିଲି ଅଞ୍ଚଳ ଧୂ ଧୂ ହୋଇ ଜଳି ଉଠୁଛି । ତେଣୁ କେଉଁଠି ରହିବା ? ଏବଂ ଆମ ସମତଳ ଅଞ୍ଚଳରେ ବି ପାଣି ଟୋପାଏ ନାହିଁ । ସେଇଠି ମଧ୍ୟ ଜୀବନ ଦୁର୍ବିସହ ହୋଇ ପଡିଛି; ତେଣୁ ଆମେ କେଉଁଠି ଓ କି ପ୍ରକାରେ ବଞ୍ଚି ରହିବା ? ପେଟ ଚାଖଣ୍ଡକ ଓ ଟୋପାଏ ତେଲ ଓ ଜଳ ନିମନ୍ତେ ଆଜି ହା'ହୁତାଶରେ ଭାଙ୍ଗିପଡୁଛେ; ତେଣୁ ଧୈର୍ଯ୍ୟ ଧରି ରହିବା ଓ ଏପରି ପରିସ୍ଥିତିକୁ ମୁକାବିଲା କରି ବଞ୍ଚିବାକୁ ଚେଷ୍ଟା

Digitized by srujanika@gmail.com

କରିବା । ଏହି କବିତାରେ ମୁଣ୍ଡାମାନଙ୍କର ଧୈର୍ଯ୍ୟ ଓ ସହନଶୀଳତା ପ୍ରକାଶ ପାଉଛି ।

୨) ତେର୍‌କ ହିଜୁଃ ତାନା ନାଜି, ତେର୍‌କ ସେଟେର୍ ତାନା
ସେଙ୍ଗେଲ୍ ଶୁଣ୍ଡୁର୍‌ବାଂ ତେର୍‌କ ହିଜୁଃତାନା
ତେର୍‌କ ହିଜୁଃତାନା ନାଜି ! ତେର୍‌କ ସେଟେର୍ ତାନା
ବୁନୁମ୍ ବାରାଲିକ ତେର୍‌କ ସେଟେର୍ ତାନା ॥୧॥
ନୁକୁ ତାଇଁମେରେ ନାଜି; ଦାନାଂ ତାଇଁମେରେ
ତୁବା ଲେକାନ୍ କଅଁସାରେ ନୁକୁ ତାଇଁମେରେ
ନୁକୁ ତାଇଁମେରେ ନାଜି ! ଦାନାଂ ତାଇଁମେରେ
ଥାଲି ଲେକାନ୍ ସୁନୁପିରେ ଦାନାଂ ତାଇଁମେରେ ॥୨॥
ନୁକୁ କେଦ୍ ମେୟାଁ ବାବୁଇଁ ଦାନାଂ କେଦ୍ ମେୟାଁ
ତୁବା ଲେକାନ୍ କଅଁସାରେ କାମ୍ ନୁକୁ ଯାନା
ନୁକୁ କେଦ୍ ମେୟାଁ ବାବୁଇଁ ଦାନାଂ କେଦ୍ ମେୟାଁ
ଥାଲି ଲେକାନ୍ ସୁନୁପିରେ କାମ୍ ଦାନାଂ ଯାନା ॥୩॥

ଇ:କା:- ଶୁଣ୍ଡୁରବାଂ - ବାନାତୁମ୍ବୁଲି - ସିପାହୀ
ନାଜି - ଲୋ ସଖୀ
ସୁନୁପି - ଗଡା

ଓଡ଼ିଆ ଭାଷାନ୍ତର

ଯେତେବେଳେ ମୁଣ୍ଡା ରାଜ୍ୟକୁ ମରହଟ୍ଟା ଓ ମୁସଲମାନମାନେ ଘନଘନ ଆକ୍ରମଣ କରୁଥିଲେ; ସେତେବେଳେ ମୁଣ୍ଡାମାନେ ଭୀତତ୍ରସ୍ତ ଅବସ୍ଥା ଓ ଶୋକାକୁଳ ଅବସ୍ଥାରେ ଗତି କରୁଥିଲେ । ସେତେବେଳେ ଜଣେ ମୁଣ୍ଡା ଯୁବକ ନିଜର ପ୍ରେମିକାକୁ ଆଶ୍ରୟ ଦେବା ନିମନ୍ତେ ଅନୁରୋଧ ଜଣାଇଛି । ମରହଟ୍ଟା ସୈନିକ ମାନଙ୍କୁ ବାନାତୁମ୍ବୁଲି ସହିତ ତୁଳନା କରିଛି ଏବଂ ମୁସଲମାନମାନଙ୍କୁ 'ବୁନୁମ୍ ବାରାଲି' ଉଇହୁଙ୍କାରେ ରହୁଥିବା 'ବଣ ଭିରୁଡି'

Digitized by srujanika@gmail.com

ସହିତ ତୁଳନା କରି ନିଜ ପ୍ରେମିକାକୁ ଆଶ୍ରୟ ଦେଇ ଲୁଚାଇଦେବା ନିମନ୍ତେ ଅନୁରୋଧ କରିଛି । ପ୍ରେମିକା ପ୍ରତି ଉତ୍ତରରେ କହୁଛି- 'ହଁ ତୁମକୁ ଆଶ୍ରୟ ଦେଲି, ଥାଳି ପରି ମୋ କବରୀ ପଛରେ ଲୁଚାଇଲି, ବିରାଟ କଂସା ବେଲାରେ ଢାଙ୍କି ରଖିଲି; ତଥାପି ତୁମେ ଲୁଚି ପାରିଲ ନାହିଁ, ମୁଁ ବା କ'ଣ କରିବି ?'

୩) ଅବଲେ ଏକାଶି ପିଳିରେ ଚି ତେରାଶି ପିଳି
ଏକାଶି ପିଳି ରେକ ଲାଳାଇ ତାନା
ଏକାଶି ପିଳି ଚିରେ ତେରାଶି ପିଳି
ତେରାଶି ପିଳି ରେକ ତୁପୁଇଁ ତାନା ॥୧॥

ଅବଲେ ଏକାଶି ପିଳି ରେକ ଲାଳାଇ ତାନା
ହାଗାୟା ହାଗାୟାକ ମାପାଃ ତାନା
ତେରାଶି ପିଳି ରେକ ତୁପୁଇଁ ତାନା
କୁମାୟା ଗେଲେୟାକ ତୁପୁଇଁ ତାନା
ବଲେ.... ହାଗାୟା ହାଗାୟାକ ମାପାଃ ତାନା
ମୁରୁଦ୍ ବା'ଆ କାପି ତେକ ମାପାଃ ତାନା ।
କୁମାୟା ଗେଲେୟାକ ତୁପୁଇଁ ତାନା
ଇଚାଃ ବା'ଆ ସାର୍ ତେକ ତୁପୁଇଁ ତାନା ॥୨॥

ବଲେ ହିୟାତିଂ ମନେଆଇଁଞା
ହାଗାୟା ହାଗାୟାକ ମାପାଃ ତାନା
ଚାକାତିଂ ସାନାଇଁଞା
କୁମାୟା ଗେଲେୟାକ ତୁପୁଇଁ ତାନା ॥୩॥

Digitized by srujanika@gmail.com

ଓଡ଼ିଆ ଭାଷାନ୍ତର

ମହାଭାରତ ଯୁଦ୍ଧରେ ମୁଣ୍ଡାମାନେ କୌରବ ଓ ପାଣ୍ଡବ ଉଭୟ ପକ୍ଷରେ ଥାଇ ଯୁଦ୍ଧ କରୁଥିବାର ଉପରଲିଖିତ ମୁଣ୍ଡା କବିତାରୁ ସ୍ପଷ୍ଟ ଜାଣିହୁଏ। ମହାଭାରତ ଯୁଦ୍ଧରେ ମାମୁଁ ଭଣଜାମାନଙ୍କର ଲଢେଇ ହୋଇଥିବା ଘଟଣା ଆମେ ସମସ୍ତେ ମହାଭାରତରୁ ଜାଣିଛୁ। ଗୋଟିଏ ପକ୍ଷରେ ଶକୁନି ଓ ତା'ର ଶହେ ଭଣଜା ଓ ଅନ୍ୟ ପକ୍ଷରେ ତାଙ୍କ ଭଣଜା ପାଞ୍ଚ ପାଣ୍ଡବମାନେ ଥାଇ ଅଠରଦିନ କାଳ ମହାଭାରତ ଯୁଦ୍ଧ ହୋଇଥିଲା। ଅନ୍ୟାୟ, ଦୁର୍ନୀତି, ଅନୀତି ଓ ପାପକୁ ଆଶ୍ରୟ କରି ଶକୁନିର 'ପଶା-ପାଲି' କୁଟନୀତି ପ୍ରୟୋଗ କରି ପଞ୍ଚୁ ପାଣ୍ଡବକୁ ଯୁଦ୍ଧରେ 'ରେରେକାର' କରି ସାମିଲ ହେବାପାଇଁ ବାଧ କରାଯାଇଥିଲା। ସେହି ଯୁଦ୍ଧରେ ମୁଣ୍ଡାମାନେ କିଛି ମାମୁଁ ପକ୍ଷ ଓ ଆଉ କିଛି ପାଣ୍ଡବ ପକ୍ଷରେ ଥିଲେ। ଏକାଶି ପିଳି ଓ ତେରାଶି ପିଳିରେ ମୁଣ୍ଡାମାନେ ଲଢେଇ କରିଥିଲେ। ଏକାଶି ପିଳିରେ ଏହି ଲଢେଇରେ ଭାଇ ଭାଇ ମଧ୍ୟରେ ପଳାଶ ଫୁଲ ଆକାରର ଟାଙ୍ଗିଆରେ ପରସ୍ପର ହଣାକଟା ଚାଲିଥିଲା ଏବଂ ତେରାଶି (Eighty three elevanted rice field) ପିଳିରେ ମାମୁଁ ଭଣଜାମାନଙ୍କ ମଧ୍ୟରେ ପରସ୍ପର ଇଚାଃ ବା'ଆ ପରି ହୋଇଥିବା ଧନୁଶରରେ ବିନ୍ଧାବିନ୍ଧି ହେଉଥିଲେ। ମୋତେ ଦୁଃଖ ଲାଗୁଛି ଯେ, ଭାଇ ଭାଇ ପରସ୍ପର ହଣାହଣିରେ ଲିପ୍ତ ଥିଲେ ଏବଂ ଆହୁରି ମୋ ମନରେ କଷ୍ଟ ହେଉଛି କି, ମାମୁଁ ଭଣଜାର ପବିତ୍ର ସମ୍ପର୍କ ଭୁଲିଯାଇ ଗର୍ବ, ଅହଂକାର ଓ ମିଛ ଅହମିକାରେ ମାତି ରକ୍ତାକ୍ତ ସଂଗ୍ରାମ କରୁଥିଲେ। ମାମୁଁ ଭଣଜା ଓ ଭାଇ-ଭାଇ ମଧ୍ୟରେ ହୋଇଥିବା ଲଢେଇ ବିଷୟରେ ଏଠାରେ ବର୍ଣ୍ଣନା କରାଯାଇଛି।

ଇ:କା:- ଏକାଶି ପିଳି- (The land of eightyone up-lands in Mundari Legend)

Digitized by srujanika@gmail.com

୪) ଅବଲେ ବଲେ ନେ'କାଲମ୍ କା'ପେ ନମେଇଁରେ
ବାବା ଲେକା ବାନ୍ଧି ତାଇଁ ପେରେ;
ଅବଲେ ବଲେ ନେ'କାଲମ୍ କା'ପେ ଚାଲିଇଁରେ
ସାରୁ ଲେକା ରିପା ତାଇଁ ପେରେ ।।୧।।

ଅବଲେ ବଲେ ନେ'କାଲମ୍ କା'ପେ ଅମେଇଁରେ
ବାଙ୍କୁ ରେଇଁ ନି'ର୍ ବଲଆ;
ଅବଲେ ବଲେ ନେ'କାଲମ୍ କା'ପେ ଚାଲିଇଁରେ
ମିର୍ଜାରେଇଁ ନଜର ସଲଃଗେନ୍ ।।୨।।

ଅବଲେ ବଲେ ବାଙ୍କୁରେ ଜୁଲି ଦୁମାଂ
ଗୋ ବାଙ୍କୁରେଇଁ ନି'ର୍ ବଲଆ;
ଅବଲେ ବଲେ ନେ'କାଲମ୍ କା'ପେ ଚାଲିଇଁରେ
ଗୋ ମିର୍ଜାରେଇଁ ନଜର୍ ସଲଃଗେନ୍ ।।୩।।

ଅବଲେ ବାଙ୍କୁରେ ଜୁଲି ତାଇଁ ଦ
ଗୋ ଜୁଲି ଦୁମାଂ ଗୁ'ଉ ତାନାଃ ଦ
ଅବଲେ ମିର୍ଜାରେ ଗାତିଂକ ତାଇଁ ଦ
ଗୋ ଗାତିଂକ ସୁସୁନ୍ ତାନା ଦ ।।୪।। (ପ୍ରାଚୀନ କବିତା)

ଉପରୋକ୍ତ କବିତାରେ ମୁଣ୍ଡା ଝିଅର ଅନାବିଳ ପ୍ରେମ ଓ ଭଲ ପାଇବାର ବିଶେଷତ୍ୱ ପ୍ରକାଶିତ ହେଉଛି । ନିଜର ଗୁରୁଜନମାନଙ୍କୁ ନିଜର ଭଲପାଇବା ସମ୍ପର୍କରେ ସୂଚନା ଦିଆଯାଇଛି । ତା'ର ବିବାହ ଠିକ୍ ସମୟରେ କରା ନଗଲେ ନିଜେ ମନୋନୀତ କରିଥିବା ଯୁବକ ପାଖକୁ ସେ ଚାଲିଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛି । ସ୍ୱତଃ ମନେପଡେ ଓଡିଆ ସାହିତ୍ୟର

Digitized by srujanika@gmail.com

ପଲ୍ଲୀକବି ୰ନନ୍ଦକିଶୋର ବଳଙ୍କ କବିତାରେ ଉଲ୍ଲେଖିତ 'ଶର୍ମିଷ୍ଠା' ପରି ମୁଣ୍ଡା ଝିଅ ଦୃଢୋକ୍ତି ପ୍ରକାଶ କରିଛି ।

ପ୍ରୀତି ନ ମାନଇ ଜାତି ସଜନୀଲୋ !
ପ୍ରୀତି ନ ଲୋଡଇ ପଦ,
ଦେଶ କାଳ ପାତ୍ର ବିଚାର ନଥାଏ
ପିଇ ଦେଲେ ପ୍ରୀତି ମଦ ॥୧॥
ଯାଉ ଜାତି ମାନ ଯାଉ କୁଳ ମୋର
ଦେଇଛି ଜଣକୁ ପ୍ରୀତି
କୁଳଟା ସମାନ ନବରିବି ଆନ
ନୁହେଁ ଏ ସତୀର ରୀତି ॥୨॥

ଠିକ୍ ସେହିପରି ମୁଣ୍ଡା ଝିଅ ତା'ର ଗୁରୁଜନମାନଙ୍କ ଆଗରେ ନିଜର ଗୁପ୍ତ ପ୍ରେମ ଓ ଭଲପାଇବା ଜଣାଇ ଦେଇଛି ଏହି ଯାଦୁର୍ ସଙ୍ଗୀତରେ । ଲିଖିତ ଯାଦୁର୍ ଗୀତର ଓଡିଆ ଭାଷାନ୍ତରଟି ଏହିପରି–

ଓଡ଼ିଆ ଭାଷାନ୍ତର

ଚଳିତ ବର୍ଷ ଯଦି ମୋତେ ବିବାହ କରିଦେବ ନାହିଁ, ତାହା ହେଲେ, ମୋତେ ଧାନ ପୁଟୁଳି ପରି ବାନ୍ଧି ରଖ; ପୁନଶ୍ଚ ଯଦି ଏବର୍ଷ ମୋ ପିତାମାତା ମୋ ବିବାହ ପାଇଁ ଆୟୋଜନ ନ କରନ୍ତି; ତେବେ ମୋତେ ସାରୁ, କୁସୁଲୀରେ ବାନ୍ଧି ରଖିଲା ପରି; ମୋତେ ଘରେ ରିପା(ଲୁଚାଇ) ରଖିଦିଅ । କିନ୍ତୁ ମନେରଖ, ଚଳିତ ବର୍ଷ ମୋ ବିବାହ କରା ନଗଲେ ମୁଁ ବାଙ୍କୁ ଗ୍ରାମରେ ଜବରଦସ୍ତ ପଶିବି; କାରଣ ସେଠାରେ ମୋର ପ୍ରିୟତମ ପ୍ରେମିକ ରହିଛି, ଯିଏକି ସେଠାରେ ମାଦଳ ବଜାଇବାରେ ଖୁବ୍ ଧୁରନ୍ଧର ଅଟନ୍ତି । ଅଧିକନ୍ତୁ ସମସ୍ତେ ଶୁଣିଥାଅ, ଚଳିତ ବର୍ଷ ମୋତେ ବାହା କରାଇ ନଦେଲେ ମୁଁ ମିର୍ଜା ସାଇକୁ ଖସି ପଳାଇବି, କାରଣ ସେଠାରେ ମୋର ଅନେକ ସମବୟସ୍କା ସାଙ୍ଗସାଥି ରହିଛନ୍ତି ।

Digitized by srujanika@gmail.com

ସଙ୍ଗୀତ ହେଉଛି ସାହିତ୍ୟର ଅବିଚ୍ଛେଦ୍ୟ ଅଙ୍ଗ ବା ଅଂଶ। ସଙ୍ଗୀତ ବ୍ୟତିରେକ ସାହିତ୍ୟ ପୂର୍ଣ୍ଣାଙ୍ଗ ହୋଇ ନପାରେ। ସାହିତ୍ୟରେ ଗଦ୍ୟ ଓ କବିତା, ଦୁଇଟି ମୁଖ୍ୟ ବିଭାଗ ରହିଛି। ଏହି ଦୁଇଟି ବିଭାଗ ହେଉଛି ସାହିତ୍ୟର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ମଣିଷ ଓ ତା' ଫଟୋଚିତ୍ରର ଯେଉଁ ସମ୍ପର୍କ, ଠିକ୍ ଗଦ୍ୟ ଓ କବିତା ସେହି ସମ୍ପର୍କ। ମୁଣ୍ଡାରୀ ଭାଷାରେ ମଧ୍ୟ କବିତାର ସ୍ଥାନ ବହୁକାଳରୁ ଅଲିଖିତ ଭାବେ ରହି ଆସିଛି। ଯାହା ସଂପ୍ରତି ଲୋକ ସାହିତ୍ୟର ସଙ୍ଗୀତ ବା କବିତା ପର୍ଯ୍ୟାୟଭୁକ୍ତ କରାଯାଇଛି। ସୁତରାଂ ମୁଣ୍ଡାରୀ ଭାଷାରେ ମଧ୍ୟ ସାହିତ୍ୟିକ ସଙ୍ଗୀତ ଅନେକ ପ୍ରକାରର ରହିଛି; ଯାହାର ସାହିତ୍ୟିକ ମୂଲ୍ୟବୋଧ ଅନେକ ବେଶି ଓ ମାଧୁର୍ଯ୍ୟପୂର୍ଣ୍ଣ। ଏହି ଗୀତ ବା କବିତା ମନୁଷ୍ୟ ଜୀବନକୁ ରସୋଜ୍ଜଳ ଓ ଜୀବନ୍ତ କରି କ୍ଳାନ୍ତି ଦୂର କରେ। ମୁଣ୍ଡାରୀ କବିତା ସାହିତ୍ୟରେ ଦେଶାତ୍ମକ, ଉଦ୍‌ବୋଧନୀ, ପ୍ରେରଣା ଓ ସଂସ୍କାରଧର୍ମୀ, ଐଶ୍ୱରିକ ରସସିକ୍ତ ବାତ୍ସଲ୍ୟ, ଶୃଙ୍ଗାର, ପ୍ରେମିକ ପ୍ରେମିକାର ମିଳନ, ବିରହ, ବେଦନା ସଙ୍ଗୀତ ଓ କବିତାମାନ ବିଦ୍ୟମାନ। ମୁଣ୍ଡାରୀ ସାହିତ୍ୟରେ ବିଭିନ୍ନ ରସର ସଙ୍ଗୀତ କାରାମ୍, ଯାଦୁର୍, ଆଣାନ୍ଦୀ, ଗେନା, ହାଙ୍କାର୍, ରଆତେଲା, ଦାସାଇଁ, ସହରାଇ, ବଙ୍ଗା ରାଃ, କାଠି, ଜାରାପି, ଜାପି ଆଦିର କବିତା ପରିପୃଷ୍ଟ। ମୋଟାମୋଟି କହିବାକୁ ଗଲେ ମୁଣ୍ଡାରୀ ସାହିତ୍ୟର ବିଷୟବସ୍ତୁ ମନୁଷ୍ୟର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ସାମାଜିକ କାର୍ଯ୍ୟକ୍ରମ, ସଂସ୍କାର, ବିଧିବିଧାନ ସହିତ ମନୁଷ୍ୟ ଜୀବଦ୍ଦଶାରେ ଯାହା ଦେଖେ, ଯଥା- ନଦୀନଦ, ଝରଣା, ବନକାନ୍ତର, ପାହାଡ ପର୍ବତ, ବିଭିନ୍ନ କୀଟପତଙ୍ଗ, ଜୀବନର ବିଭିନ୍ନ ଅବସ୍ଥା ସମ୍ପର୍କରେ ସଙ୍ଗୀତ ରଚନା କରି ନିଜର କଣ୍ଠ ମାଧମରେ କବିତା ସୃଷ୍ଟି କରେ; ସେହି କବିତା ହିଁ ମୁଣ୍ଡାରୀ ସାହିତ୍ୟର ମୌଳିକ ଉପାଦାନ। ଏହି ମୌଳିକ ଉପାଦାନରୁ ହିଁ ନିଜର ଅନୁଭୂତି, ଦର୍ଶନେନ୍ଦ୍ରିୟ, ସୂକ୍ଷ୍ମାତୀତ ଭାବନାକୁ ମୂଳ ପାଥେୟ କରି କବିତାମାନ ଲେଖାଯାଇଛି ଓ ଲେଖାଯାଉଛି। ତନ୍ମଧ୍ୟରୁ କିଛି ମୁଣ୍ଡାରୀ କବିତାର ଓଡିଆ ଭାଷାନ୍ତର ଦିଆଗଲା।

Digitized by srujanika@gmail.com

ଉତ୍ତୁଃମେୟା ମଦ୍ ସିର୍‌ମା

୧) ହାପାନୁମ୍ ଗେରେ ତୀରୀ ତାମାଃ
ଉତ୍ତୁଃମେୟା ମଦ୍ ସିର୍‌ମା
ବାଛାରେ ! ମାଣି ମାଣିତେ ଆଃଏ ଦଏ ରିଳିଂମେୟାଃ
ହାଏରେ ତାଇଁ ଦୁଲାରେ ! !
କା'ଆରେ ଦ କାଃ ଉତ୍ତୁଃମେୟାଃ ॥୧॥

ହାନାର୍ ହଞ୍ଜାର୍ ଅଳାଃରେ
ମିଶି ତାମାଃ ବଙ୍ଗା ବୁରୁରେ ! !
ବାଛାରେ କିଚିରାଃ କାଏ ନାମ୍‌କେରେ ଉତ୍ତୁଃମେୟାଃ ॥୨॥

ତାଇନଃ ରେ ଦ ଜନଙ୍ଗ ଏଙ୍ଗା
ଇୟାମା' ମେନାଃ ରେଅ ଘେଙ୍ଗା
ବାଛାରେ ! ଜୀବନ ଭରି ଆଃଏ ଦଏ ଉତ୍ତୁଃମେୟାଃ
ହାୟରେ ତାଇଁ ଦୁଲାରେ ! !
କା'ଆ ରେ ଦ କା'କ ଉତ୍ତୁଃମେୟା ॥୩॥ (କୁସୁଳୀ)

ଓଡ଼ିଆ ଭାଷାନ୍ତର

ହେ ମନୁଷ୍ୟ ! ଯଦି ତୋର ପତ୍ନୀ ଯୁବତୀ ଥାଇ ବିଧବା ହୁଏ; ସେତେବେଳେ ସେ ପତ୍ନୀ ତୁ ମଲାଠାରୁ ଗୋଟିଏ ବର୍ଷ ପର୍ଯ୍ୟନ୍ତ ମନେ ପକାଇବ । ତାପରେ ଆସ୍ତେ ଆସ୍ତେ ମାନସ ପଟରୁ ପାଶୋରିଯିବ । ନଚେତ୍ କେହି ତୋତେ ମନେ ପକାଇବେ ନାହିଁ । ମଲା ମାତ୍ରେ ହିଁ ତୁ ମଡା ପାଲଟି, ପଡିରହି ଭୂତ ହୋଇଯିବୁ । ଲୋକମାନେ ତୋତେ ଛୁଇଁବା ପାଇଁ କୁଣ୍ଠାବୋଧ କରିବେ । ଏହି ପରିସ୍ଥିତିରେ ତୋର ଭଗ୍ନୀ ନିଜ ଶାଶୁ ଶ୍ୱଶୁର ଘରେ ପୁନେଇଁ ପର୍ବରେ ନୂତନ ବସ୍ତ୍ରଟିଏ ନ ପାଇଲେ; ତୋତେ ହଠାତ୍ ମନେପକାଇ କିଛି ସମୟ ସକ୍ ସକ୍ ହୋଇ କାନ୍ଦିବ । କ୍ରନ୍ଦନ ମାଧ୍ୟମରେ ବର୍ଷରେ ଥରେ

Digitized by srujanika@gmail.com

ଦ୍ୱିଥର ପୁନେଇଁ ପରବରେ ମନେ ପକାଇବ । ସେହିପରି ତୋ ଭାଇ ବିପଦ ଆପଦରେ ପଡିଲେ ତୋତେ ମନେ ପକାଇବ ।

କିନ୍ତୁ ତୋର ଗର୍ଭଧାରିଣୀ ମାତା ବଞ୍ଚିଥିବା ପର୍ଯ୍ୟନ୍ତ ତୋତେ ମନେ ପକାଇ ଯେତେବେଳେ ସେତେବେଳେ କାନ୍ଦି ବାହୁନି ଥାଏ । ନଚେତ୍ ତୋତେ କେହି ମନେ ପକାଇବେ ନାହିଁ । ତେଣୁ ତୁ ବେଳ ଥାଉଁ ଥାଉଁ ସିଂବଙ୍ଗାଙ୍କୁ ଧ୍ୟାନ କର ।

ଲେଲେମ୍ ହାତୁ ଦଶା

୨) ହାତୁ ସାଇଏମ୍ ସେନଃରେ ପଓ୍ୱାଃ କାଁତେମ୍ ଲେଲେଆରେ
ସାଳିମା ଚୁଟିରେମ୍ ଲେଲେ ବୁନୁମ୍ (୨)
ଗଟା ବାଲ୍‌ଗି ମେନାଃ ଲାଟା ଜାନୁମ୍ ।। (କ)
ପେଲେଆନ୍ କ ନି'ର୍‌ଯାନା ଖଣି ଖାଦାନ୍ କାରଖାନା
ବାଗେତୁକା ତାନାକ ହାତୁ ଅଲାଃ (୨)
ରିଳିଂ ଯାଦାକ ଯତ ଦିଶୁମ୍ ପେଲା ।। (ଖ)
ଶାଳେ ଜାଂ ଲେଲୋଃ କଲା ସେନେଅର୍ ଲେକାଃଅ ଅଲାଃ
ନି'ର୍‌ବାଗେ ର'ଗାକ ପେରେଆକାନା (୨)
ହାତୁ ଦିଶୁମ୍‌ରେ ଦୁକୁ ବଲ ଯାନା ।। (ଗ)
ହାଟିକୁଟି ଜାନୁମ୍ ଲାଟା ଗଟା ବାଲ୍‌ଗି ମିଡିଜାଟା
ଗୁଡୁ ପୁସି କାଟେୟାକଆଃ ଆଖାଳା (୨)
ତାଲା ସିଙ୍ଗିରେ ହୟୁଃ ତାକ ବାଖାଳା ।। (ଘ) (କୁସୁଳୀ)

ଓଡ଼ିଆ ଭାଷାନ୍ତର

ହେ ମୁଣ୍ଡା ଭାଇମାନେ କେତେବେଳେ ତୁମେମାନେ ଗାଁକୁ ଗଲେ ଦେଖିବାକୁ ପାଇବ, ଗାଆଁରେ ଥିବା ଭଙ୍ଗାକାନ୍ଥ, ଭଙ୍ଗା ଘରର ମଥାନ ଉପରେ କଖାରୁ ଫଳ ପୁଣି ଉଇହୁଙ୍କା ଏବଂ ପରିତ୍ୟକ୍ତ ଘରବାଡି ସାରା

Digitized by srujanika@gmail.com

କଣ୍ଟାବୁଦା ଗୁଳ୍ମ ଦେଖିବାକୁ ପାଇବ । ପୁଣି ଯୁବଗୋଷ୍ଠୀ ସହରମୁଖୀ ହୋଇ ଖଣିଖାଦାନ, କାରଖାନାରେ କାମ କରିବାପାଇଁ ଗାଁଗୁଡ଼ିକ ଛାଡିଦେଇ ପଳାଇ ଯାଉଛନ୍ତି, ସେହି ଦୟନୀୟ ଦୃଶ୍ୟ ଦେଖିବାକୁ ପାଇବ । ପଳାଇଯିବା ଫଳରେ ଗାଁ ଗଣ୍ଡାର ମାୟା ମମତା ଓ ସମ୍ପର୍କକୁ ଭୁଲିଯାଉଛନ୍ତି । ପଞ୍ଜରା ହାଡ ଦେଖାଯାଉଥିବା ଜୀର୍ଣ୍ଣକାୟ ଯୁବଗୋଷ୍ଠୀରେ ପ୍ରତି ଗାଁ ପରିପୂର୍ଣ୍ଣ ଓ 'ଗୁଅ' ଗଣି ହେଉଥିବା ଘରଗୁଡ଼ିକ ଗାଁରେ ପରିତ୍ୟକ୍ତ ଅବସ୍ଥାରେ ରହିଛି । ପୁନଶ୍ଚ ଅପାରିଲା ଅର୍ଥାତ୍ ଅକ୍ଷମ ଦୁର୍ବଳ ରୋଗଣା ଶରୀରଧାରୀ କେତେଜଣ ଯୁବକମାନେ ଗାଁରେ ଟହଲ ମାରୁଛନ୍ତି । ଯାହା ଫଳରେ ଗାଁ ଗୁଡିକରେ ଦୁଃଖ ଦୁର୍ଦ୍ଦଶା ପ୍ରବେଶ କରୁଥିବାର ସୂଚନା ମିଳେ ।

ବିଭିନ୍ନ ନଟାଝଟା କଣ୍ଟାରେ ପରିପୂର୍ଣ୍ଣ ପରିତ୍ୟକ୍ତ ସମଗ୍ର ଘରଡିହଟି 'ମିଡି-ଜାଟା' (ଜଟଜଟିଆ ଲତା)ରେ ପରିବେଷ୍ଟିତ ଓ ପରିପୂର୍ଣ୍ଣ ଏବଂ ପରିତ୍ୟକ୍ତ ଗୃହରେ, ଦିନ ଦ୍ୱିପ୍ରହରରେ ମୂଷା, ବିରାଡି, ଚୁଟିଆମୂଷା, ଡାଲୁଆମୂଷା, ବାଇଚଢେଇ ମାନଙ୍କର ରାସଲୀଳା ଚାଲେ ଏବଂ ତାଙ୍କର କେଁକଟର, କୁଟୁରକୁଟୁର, ଚେଁ ଚାଁ ଶବ୍ଦ ଓ କଳିଗୋଳ ନାଟ ତାମସାରେ କେବଳ ଘରଟି ମୁଖରିତ ହେଉଅଛି ।

ମୁଣ୍ଡାରୀ କବିତା ସାହିତ୍ୟରେ ମଧ୍ୟ ଖୁବ୍ ଉନ୍ନତ ଓ ବଳିଷ୍ଠ ମୁଣ୍ଡାରୀ ଶବ୍ଦର ବ୍ୟବହାର ରହିଛି । ତୁଳନାତ୍ମକ କବିତା ରଚନା କରିବାରେ ରାଞ୍ଚି ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପଦ୍ମଶ୍ରୀ ରାମଦୟାଲ ମୁଣ୍ଡାଙ୍କ ଭୂମିକା ଖୁବ୍ ଉଚ୍ଚକୁଟୀର । ତାଙ୍କର ସମସ୍ତ ରଚିତ କବିତାସମୂହରେ ସାହିତ୍ୟିକ ମୂଲ୍ୟବୋଧ ଖୁବ୍ ସୁନ୍ଦର ଓ ମନମୁଗ୍ଧକର । ନିମ୍ନଲିଖିତ 'ଚିଲିକା ଲା'ରି ଅଟାଂଏଯାନା' କବିତାରୁ କେତେକ ପଂକ୍ତି ଏଠାରେ ଉଲ୍ଲେଖ କରାଗଲା ।

ଚିଲିକା ଲା'ରି ଅଟାଂଏଯାନା
ପାଏଲା ତାମାଃ ତିସାରି ଯାନା
ଲେଚେକଚେ ମୁଗୁଃଇ ମୁଗୁଃଇ
କତେମ୍ ସେନ୍ କେଦାରେ ?

Digitized by srujanika@gmail.com

ନିଦା ଚିଲିକା ତେତେଃରେ
ଆଟାଲ୍ ବା'ଆ ତାମ୍ ସୁପିଦ୍‌ରେ
ସାଏତେମ୍ ଲେଲେ ମିସାମ୍ ହେତାଃଏ
କତେମ୍ ସେନ୍ କେଦାରେ ?
ଅକ ମୁଲିଦ୍‌ତେ ଆମେମ୍ ସେନେ
ଅଣ୍ଡରେ ତାନା ଚିମିନ୍ ମନେ ।
ଆନ୍ଦୁ ପଲା ଝାମେଝାମ୍
କତେମ୍ ସେନ୍ କେଦାରେ ? ?

ଓଡ଼ିଆ ଭାଷାନ୍ତର

ଆଲୋ ହେ ସୁନ୍ଦରୀ ! ଆକାଶରେ ମେଘର ଲହରି ଯେମିତି ଉଡୁଛି; ତୋର ଆଞ୍ଚଲ୍ ସେପରି ବିସ୍ତରିତ ହୋଇ ଖେଳୁଛି; ସ୍ମିତ ହାସ୍ୟ ଖେଳାଇ ତୁମେ କୁଆଡେ ଯାଉଛ ? ଜ୍ୟୋତ୍ସ୍ନା ରଜନୀରେ ଯାମିନୀ ଯେପରି ସୁନ୍ଦର ଦେଖାଯାଏ; ତୁମ କବରୀରେ ଆଟାଲ୍ ବା'ଆ (ଡଗର ଫୁଲ) ଯେମିତି ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଉଛି । ପୁଣି ତୁମର କଟାକ୍ଷ ଚାହାଣିରେ କେତେ ଯୁବପ୍ରାଣ ଡହଳ ବିକଳ ହେଉଛି; ତୁମେ ଜାଣିପାରୁଛ କି ? ତୁମେ ଯେଉଁଆଡେ ଯାଉଛ; କେତେ ଯୁବପ୍ରାଣ ପ୍ରେମାନଳରେ ଦହନ ହେଉଛି, ସେକଥା ଅନୁଭବୀ ହିଁ କେବଳ ଜାଣିପାରିବ । ତୁମ ପାଦ ଆଙ୍ଗୁଠିରେ ପିନ୍ଧିଥିବା ପଲା (ମୁଦି) କେତେ ସୁମଧୁର ଶୁଭୁଛି; କେତେ ଯୁବପ୍ରାଣ ଡହଳ ବିକଳ କରୁଛି; ତୁମେ ଜାଣିଛ କି ?

ସ୍ୱତଃ ଏହି ମୁଣ୍ଡାରୀ କବିତାରେ ପ୍ରେମିକ ପ୍ରେମିକା ବା ନାୟକନାୟିକାଙ୍କ ପ୍ରେମ ସମ୍ପର୍କ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି । ଠିକ୍ ସେହିପରି ଏହି ଇତିହାସର ରଚୟିତାଙ୍କ କବିତା ମଧ୍ୟ ପ୍ରଣିଧ୍ୟାନଯୋଗ୍ୟ । ତାଙ୍କ ଦ୍ୱାରା ରଚିତ 'ଇଚାଃ ବା'ଆ' ପୁସ୍ତକରେ ଥିବା 'ଯେତାଏ କା'କ ଲେଲ୍ ଧାଳି' ଅର୍ଥାତ୍ 'କେହି ଦେଖି ପାରନ୍ତି ନାହିଁ' କବିତାରେ ସେ ଖୁବ୍ ସୁନ୍ଦର ଭାବେ ପ୍ରେମିକ ଓ ପ୍ରେମିକା ସମ୍ବନ୍ଧରେ ରଚନା କରିଛନ୍ତି ।

Digitized by srujanika@gmail.com

କବିତା-

କାନାଃମ୍ ଚେକା କିଆଁ ଆମ୍ ଗାତିଂ
ଦୁଲୁମ୍ ଅ କା' ହିଜୁଃତାନା ହଲ୍କରେ
ଜୀ'ଇ ବିତାର୍ ମନେ ତାଇଁଆ
ଜୁଣ୍ଡିତାନା ମଗଦ୍ ମଗଦ୍ ବିତାର୍‌ରେ
ଯେତାଏ କା'କ ଲେଲ୍‌ଧାଲି ଚେତାନ୍‌ରେ ।।୧।।

ଗିତିଃ ଯାନ୍‌ରେ ଲେଲ୍‌ମେଆଇଁ କୁମୁତେ
ଲେଚେ କଚେ ମୁଗୁଃଇ ମୁଗୁଃଇ ଲାନ୍ଦାତେ
ଘନେ ଘନେମ୍ ହିଜୁଃ ଆଇଁଆଃ ମନେତେ
ମନେ ଜୀ'ଇ ରେମ୍ ଅଣ୍ଡର୍ କେଦା; ଜୁଲ୍‌ତାନା ମାଣିତେ
ଯେତାୟ କା'କ ଲେଲ୍‌ଧାଲି ମେଦ୍‌ତେ ।।୨।।

ଘନେ ଘନେଇଁ ଲେଲେଏ ତାମାଃ
ମେଦ୍ ରିପିଂ ବାଙ୍କା କୟଃ କୁମୁତେ
ନାନା ବାବା ମୁଁ ତାମାଃ; ଚାଣ୍ଡୁଃ ଲେକାନ୍ ମୁଆଁଣା
ଜୁଣ୍ଡିତାନା ମନେ ତାଇଁଆଃ ବିତାର୍‌ରେ
ଯେତାଏ କା'କ ଲେଲ୍‌ଧାଲି ଚେତାନ୍‌ରେ ।।୩।।

କାନାଃଇଁ ଚେକାଯାନା
ଦୁଲୁମଅ କା' ହିଜୁଃତାନା ହଲ୍କରେ
ରେଙ୍ଗେଃ ତେତାଂ ଯତଇଁ ରିଲିଂ କେଦା ଜୀବନ୍‌ରେ
ଜୁଣ୍ଡିତାନା ବୁରୁସି-ସେଙ୍ଗେଲ୍ ବିତାର୍‌ରେ
ଯେତାଏ କା'କ ଲେଲ୍‌ଧାଲି ଚେତାନରେ ।।୪।।

ବୁରୁ-ସେଙ୍ଗେଲ୍ ମଗଦ୍ ମଗଦ୍ ଜୁଲଃଅ ଲେକା;
ମନେ ଜୀ'ଇ ଦ ଜୁଲ୍ କାତେ ଅବ୍ ହାପେଅୱା
ଯେତାଏ କା'କ ଲେଲ୍‌ଧାଲି ଚେତାନ୍‌ରେ ।।୫।।

Digitized by srujanika@gmail.com

ଓଡ଼ିଆ ଭାଷାନ୍ତର

ହେ ପ୍ରିୟେ ! ମୋତେ ତୁମେ କ'ଣ କଲ ? ଯେ ମୋ ଦେହରେ ନିଦ ଆସୁନାହିଁ; ମୋ ମନ ହୃଦୟରେ ଅଗ୍ନି ଲାଗି ଭିତରେ ଭିତରେ ଜଳୁଛି; କେହି ଦେଖି ପାରୁନାହାନ୍ତି । ମୁଁ ଶୋଇଗଲେ ସ୍ୱପ୍ନରେ ସ୍ମିତହାସ୍ୟ ମୁଖରେ ବାରମ୍ବାର ତୁମେ ମୋ ପାଖକୁ ଆସୁଥିବାର ଦେଖେ ଏବଂ ଘନ ଘନ; କ୍ଷଣକୁ କ୍ଷଣ ତୁମର ହସହସ ମୁଖମଣ୍ଡଳ ମୋ ହୃଦୟକୁ ଜାଳିପୋଡି ବିଦୀର୍ଣ୍ଣ କରୁଛି ଏବଂ ଏକଥା କେହି ଦେଖିପାରୁ ନାହାନ୍ତି ସତ; କିନ୍ତୁ ମୁଁ ବାରମ୍ବାର ତୁମ ସ୍ମିତହାସ୍ୟ, କଟାକ୍ଷ ଚାହାଣୀ ନୀଳଆଖିର ଗଭୀର ପ୍ରେରଣା, ଇସାରା, ସରୁ ନାକ, ଚନ୍ଦ୍ର ପରି ଉଦୁଉଦିଆ ମୁଖମଣ୍ଡଳ ଦେଖି; ମୋ ମନ ଗହନ ପ୍ରେମାନଳରେ ପୋଡି ଯାଉଛି । କ'ଣ ହୋଇଗଲା, ମୋତେ କିମିଆ କରିଦେଲ କି ? କିଛି ଜାଣି ପାରୁନାହିଁ । ମୋ ଶରୀରରେ ଟିକେ ନିଦ ଆସୁନାହିଁ କିମ୍ବା ଭୋକ ଶୋଷ ସବୁ ପାଶୋରି ଯାଇଛି ଖାସ୍ ତୁମରି ଚିନ୍ତାରେ; ମୋ ମନ, ତନୁ, ହୃଦୟ, 'ବୁର୍ସି ସେଙ୍ଗେଲ୍' 'ଅଗାଡି ଓ ତୁଷରେ ଜାଳି ରଖାଯାଇଥିବା ନିଆଁ' ପରି ଧୀରେ ଧୀରେ ଭିତରେ ଭିତରେ କୁରି କୁରି; ଦିକି ଦିକି ଜଳୁଛି । ଜଳିଜଳି ଧୀରେ ଧୀରେ ଲିଭିଯାଉଛି କିନ୍ତୁ କେହି ଦେଖିପାରୁ ନାହାନ୍ତି । କେବଳ ସେହିମାନେ ଅନୁଭବ କରିପାରିବେ, ଯେଉଁମାନଙ୍କର ମିଳନ ଓ ବିରହ ଘଟିଥାଏ, ପ୍ରେମ ସେହିମାନଙ୍କ ନିକଟରେ ସତ୍ୟ ରୂପେ ପ୍ରତିଷ୍ଠିତ ହୋଇଥାଏ, ସେମାନଙ୍କ ପକ୍ଷରେ ମିଳନ ବେଳର ବର୍ଷକର ସମୟସୀମା ଦିନଟିଏ ପରି ଜଣାପଡେ ଏବଂ ଦିନଟାଏ ବିରହ ସମୟରେ ବର୍ଷେ ପରି ଜଣାପଡେ । କବି ଜଣେ ପ୍ରେମିକର ବିରହ ବେଦନାକୁ ଲକ୍ଷ୍ୟ ଓ ଅନୁଭବ କରି ଯଥାର୍ଥରେ ମୁଣ୍ଡାରୀ ଭାଷାରେ ବିରହ ବେଦନାର ଗୀତ ରଚି ମୁଣ୍ଡାରୀ ସାହିତ୍ୟକୁ ସମୃଦ୍ଧଶାଳି କରିଛନ୍ତି ।

ସଂସ୍କୃତରେ ମଧ୍ୟ ଏପରି ଶ୍ଳୋକଟିଏ ରହିଛି ।

ପ୍ରେମ ସତ୍ୟଂ ତୟୋରେବ ଯୟୋର୍ଯୋଗ ବିୟୋ ଗୟୋ
ବତ୍ସରା ବାସରୀୟନ୍ତି ବତ୍ସରୀୟନ୍ତି ବାସରାଃ ।■

Digitized by srujanika@gmail.com

ଏକାଦଶ ଅଧ୍ୟାୟ

ମୁଣ୍ଡାରୀ ନାଟକ ଓ ରଙ୍ଗମଞ୍ଚର ଭୂମିକା

ସାହିତ୍ୟର ବିଭିନ୍ନ ବିଭାଗ ଭିତରେ ନାଟକ ସାହିତ୍ୟ ଏକ ଅନନ୍ୟ ସୃଷ୍ଟି । ଏହି ନାଟକ ହେଉଛି ସମାଜର ମୁଖ୍ୟ ଦର୍ପଣ । ଏହି ନାଟକ ଦର୍ପଣରେ ଜନଜୀବନର କାର୍ଯ୍ୟକଳାପ, କଳା, ସ୍ଥାପତ୍ୟ, ନୃତ୍ୟ, ସଙ୍ଗୀତରେ ପ୍ରତିଫଳକ ଦୃଶ୍ୟମାନ । ସାହିତ୍ୟର ବିକାଶ କରିବାକୁ ହେଲେ ନାଟକ (ଯାତ୍ରା, ଅପେରା, ଏକାଙ୍କିକା, ଚଳଚ୍ଚିତ୍ର, ଓ ନୃତ୍ୟ- କାରାମ୍, ଯାଦୁର୍, ଗେନା, ଦାସାଇଁ, କାଠି) ଉପେକ୍ଷା କରାଯାଇ ନପାରେ । ସୁତରାଂ ସାହିତ୍ୟରେ ନାଟକର ଭୂମିକା ଅତୀବ ମହତ୍ୱପୂର୍ଣ୍ଣ । ନାଟକରେ ଥାଏ ସମାଜର ସାମାଜିକ ଜୀବନର ଚାଲିଚଳନ, ଶିକ୍ଷାର ପ୍ରଗତି, ଗାଁ ଗହଳରେ ଥିବା ସାଉ ମହାଜନମାନଙ୍କ ଦୁରାତ୍ମା, ଗୁଣ୍ଡା ଟାଉଟରମାନଙ୍କ ଦ୍ୱାରା ନିର୍ଯ୍ୟାତିତର ଚିତ୍ର, ସାଧୁ ମହାତ୍ମାମାନଙ୍କର ଜନହିତ କାର୍ଯ୍ୟାବଳୀ, ନାୟକ ନାୟିକାଙ୍କର ମିଳନ, ବିଚ୍ଛେଦ, ବିରହ ବେଦନା, ଯନ୍ତ୍ରଣା, ପରିବାର ଲୋକମାନଙ୍କ ଦ୍ୱାରା ନିର୍ଯ୍ୟାତନା, ଦୁଷ୍ଟ, କାମୁକ, ଲମ୍ପଟମାନଙ୍କ ଦ୍ୱାରା ନାରୀ ନିର୍ଯ୍ୟାତନା, ଯୌତୁକ ଲୋଭରେ ବଧୂହତ୍ୟା, ନ୍ୟାୟ ବାଗୀଶମାନଙ୍କ ଦ୍ୱାରା ସତ୍ୟ ନ୍ୟାୟର ଉପସ୍ଥାପନା, କୁମତିମାନଙ୍କ କୁପରାମର୍ଶ, ଅଜ୍ଞାନ, ଅନ୍ଧବିଶ୍ୱାସ, ସାମାଜିକ କୁପରମ୍ପରା ଆଦି ରୂପ ପାଇଥାଏ । ନାଟକ ସାଧାରଣତଃ ଦୁଇ

Digitized by srujanika@gmail.com

ପ୍ରକାରର ଅଛି । ଗୋଟିଏ ହେଉଛି ଦୃଶ୍ୟନାଟକ (Visible Drama)- ଯାହା ମଞ୍ଚରେ, ପରଦାରେ ଥିଏଟର ଓ ଟି.ଭି., ସି.ଡି., ଭି.ସି.ଡି. ଆଦିରେ ଦେଖି ହୁଏ ଏବଂ ଅନ୍ୟଟି ହେଉଛି ଶ୍ରୋତ ନାଟକ (Audiable Drama)- ଯାହା ମୋବାଇଲ୍, ରେଡ଼ିଓ ଆଦିରୁ କେବଳ ଶୁଣି ଅନୁଭବ କରାଯାଏ ଏବଂ ଏହା ବୁଦ୍ଧିଜୀବୀମାନଙ୍କର ଜ୍ଞାନୋଦୟ ଓ ବୌଦ୍ଧିକ ଚେତନାର ଅଭ୍ୟୁଦୟ ହୁଏ ତଥା ନାଟକ, ଏକାଙ୍କିକା ମାଧ୍ୟମରେ ଶ୍ରୋତା ହୋଇ ଶୁଣୁଥିବା ଦର୍ଶକ, ଶ୍ରୋତା, ସମବେତ ନାଟକ ପ୍ରେମୀ, ସୁଧୀ ଜନତାମାନେ ନାଟକର ବିଷୟବସ୍ତୁ, ସାରକଥା, ନାଟକର ସଂଳାପ ମାଧ୍ୟମରେ ସପକ୍ଷ, ବିପକ୍ଷ, ଲାଭକ୍ଷତି, ଉଚିତ ଅନୁଚିତ, ନ୍ୟାୟଅନ୍ୟାୟ, ଭୁଲ୍‌ଠିକ୍, ନିଜେ ହିଁ ସିଦ୍ଧାନ୍ତ ନେଇପାରନ୍ତି । ଅତଏବ ନିଜ ଜୀବନର ବିଭିନ୍ନ ସମସ୍ୟା, ପ୍ରତିବନ୍ଧକ ସମାଧାନ କରିବାରେ ନାଟକ ପ୍ରଦର୍ଶନର ଏକ ଗୁରୁତ୍ୱ ଭୂମିକା ରହିଛି । ଓଡ଼ିଆ ସାହିତ୍ୟ ପରି ମୁଣ୍ଡାରୀ ସାହିତ୍ୟରେ ମଧ୍ୟ ବିଭିନ୍ନ ନାଟକ, ଏକାଙ୍କିକା ମାନ ରହିଛି ।

ମୁଣ୍ଡାରୀ ନାଟକ ମାଧ୍ୟମରେ ସମାଜର ଚାଲିଚଳନରେ ପରିବର୍ତ୍ତନ ଦ୍ରୁତଗାମୀରେ ହୋଇ ଚାଲିଛି । ମୁଣ୍ଡା ସମାଜରେ ମଧ୍ୟ ନିମ୍ନଲିଖିତ ଓ ନିମ୍ନ ପ୍ରକାରର ନାଟକ (ଚାଲିତା) ମାନ ରହିଅଛି ।

୧. ପୌରାଣିକ ନାଟକ
୨. ଐତିହାସିକ ନାଟକ
୩. ସାମାଜିକ ନାଟକ
୪. କାଳ୍ପନିକ ନାଟକ

୧) ମୁଣ୍ଡା ସମାଜରେ ଥିବା ପୌରାଣିକ ନାଟକ ହେଉଛି: କନେଆଁ ମାଁ, ଜୀବନ ସୁଙ୍ଗୁତି, ଧର୍ମା କରମା, ବାରମାଣ ହାସା ଇତ୍ୟାଦି । ଏହି ନାଟକ ଗୁଡ଼ିକରେ ପୌରାଣିକ ତଥ୍ୟ ସାବିତ୍ରୀ ଯମରାଜା, କେଦାରଗୌରୀ, ଶ୍ରୀକୃଷ୍ଣଙ୍କ ଦୁଇମାତା ଉପାଖ୍ୟାନ ଉପରେ ବିଷୟବସ୍ତୁ ଆଧାରିତ ।

Digitized by srujanika@gmail.com

୨) **ଐତିହାସିକ ନାଟକ ହେଉଛି:** ବିର୍ସାମୁଣ୍ଡା, ବିର୍ସା ସିଦୁକାହ୍ନୁ, ହଲଦୀଘାଟ ଲାଲାଇ, କୁଳିହନାଃ କାରସାଦି, ହାଗା ବିରାଦ, ଚାମ୍ପା ଗା'ଲ୍ ରେନ୍ ରାଜାଃ କାରସାଦି, ସାଇଲ ରାକାବ୍ ବୁରୁ ରେୟାଃ ଲାଲାଇ।

୩) **ସାମାଜିକ ନାଟକ ଗୁଡିକ ହେଉଛି:** ହେଲେମ୍ ଜଆର୍, ଅକୟାଃ ନାଚାର୍ ହନ୍ କଲା, ଶିଶିର୍‌ଜାଲି, ଟୁଆର୍ ହନ୍, ବାରିଆ କିମିନ୍, ହାତୁ ଗରାମ୍, ମାରାଂ କିମିନ୍, ଆବୁ ଆଦିବାସୀ, ହେମାଲ୍ ଉମୁଲ୍, ଉକୁ ଦାନାଂ, ସାବୁର୍ ଜାନା ସିବିଲ୍ ନାତା, ହୟତେ ସୟାଜାନା, ସାମଣମ୍ ସଂସାର ଚାପୁଦ୍ ଜାନା ଅକୟାଃ ଦିୟାଁତେ, ଜୀବ୍ ଜୀବନ୍ ରେୟାଃ ଟୁରୁଦ୍ ଅକଆରେ, ଚକାଃ ମାୟାଁ ତେମ୍ ବୁଲ୍ ତାନା, କାଜି ଲେରେ ମୁର୍ଚି ଲେକା, କା' କାଜି ଲେରେ ବେଙ୍ଗାଳା, ସାର୍ତେ ଗେନା ହିଞ୍ଜୁଲ୍ ବା'ଆ ହାଟିଆରେ ଲାଉଓ୍ୱା ଗୁଲି ତାନା, ସାଙ୍ଗି ସଂସାର, ସୁସାର, ସମାଜ ସୁସାର ପ୍ରଭୃତି।

୪) **କାଳ୍ପନିକ ନାଟକ:** ଚଳଚ୍ଚିତ୍ର, ବିଭିନ୍ନ ଭାଷାର ବିଭିନ୍ନ ପ୍ରକାର ନାଟକମାନ ମୁଣ୍ଡା ସମାଜର ଯୁବ ନାଟ୍ୟକାର ଓ ଶିକ୍ଷିତ ଯୁବକମାନେ ଦେଖି ପ୍ରଭାବିତ ହୋଇ ନିଜ ମୁଣ୍ଡାରୀ ଭାଷାରେ ନିଜସ୍ୱ ଶୈଳୀ ଓ ନିଜସ୍ୱ ସାମାଜିକ ରୁଚିକୁ ଭିତ୍ତିଭୂମି କରି ସଂପ୍ରତି ମୁଣ୍ଡା ସମାଜରେ ଅନେକ କାଳ୍ପନିକ ନାଟକମାନ ରଚିତ ହୋଇ ପ୍ରଦର୍ଶିତ ହେଉଅଛି। ବିଭିନ୍ନ ମଞ୍ଚ ଗୁଡିକ ସ୍ଥାପନ କରି କାଳ୍ପନିକ ନାଟକମାନ ମଞ୍ଚସ୍ଥ କରାଯାଉଛି। କାଳ୍ପନିକ ନାଟକ ଗୁଡ଼ିକ ହେଉଛି- କା' ଲେଲଃ ମାନ୍ନୀ, ମସରା ମନେରେ ଅସ୍କରା ଉତୁଃ, ନିଦା ଆଂ ଯାନା କୁମୁ କା' ଚାବା ଯାନା, କୁମୁ ତାଇଯାନା ତାଲା ନିଦାରେ, ଆଂ ଯାନା ନିଦା କୁମୁ ଆଧାରେ ପ୍ରଭୃତି। ମୁଣ୍ଡା ନାଟ୍ୟକାର ଭାବେ ମୁଣ୍ଡା ସମାଜରେ ଶ୍ରୀ ଶିବନାରାୟଣ ସିଂ (ଶିଙ୍ଗିରାୟ) କାଳିଆପଦା, ଶ୍ରୀ ଅମୂଲ୍ୟ ଚରଣ ସିଂ ବ୍ରହ୍ମପୁର, ଶ୍ରୀ ଦଶରଥ ସିଂ ଅସ୍ତଝରଣ, ଚକରାପାଳର ଅଭିରାମ ସିଂ, ବଢେଇପଲାର ହରି ସିଂ, ଖଡିଆବସାର ଶ୍ରୀ ଗୋପିନାଥ ସିଂ, କମଳାଶୋଳର ଶ୍ରୀ ମହାଦେବ ସିଂ, ଚକରାପାଳର ଶ୍ରୀ ପ୍ରତାପ ସିଂ ତଥା ୰ଗୋପିନାଥ ସିଂ ଲାଲଗଞ୍ଜ। ଘୁଷୁରିଆର ଶ୍ରୀ ନନ୍ଦଲାଲ ସିଂ, କେନ୍ଦୁଆସାହିର

Digitized by srujanika@gmail.com

ଶ୍ରୀ ବସନ୍ତ କୁମାର ସିଂ ଏବଂ କାଳିଆପଦାର ଶ୍ରୀ ସନ୍ତୋଷ କୁମାର ସିଂ ପ୍ରମୁଖ ନାଟ୍ୟକାର ଅଟନ୍ତି । ଓଡ଼ିଆ ଭାଷାରେ ନାଟ୍ୟକାର ଶ୍ରୀଧର ସିଂହଙ୍କ ନିଶାନ, ନିଶା ପାଣିର କରାମତି, ଛଇଛଟକି ଇତ୍ୟାଦି ମୁଣ୍ଡା ସମାଜର ନିଶା ନିବାରଣ, ଶିକ୍ଷାର ଲାଭ, ବିଭିନ୍ନ ଅନ୍ଧବିଶ୍ୱାସ ଦୂରୀକରଣ ନିମନ୍ତେ ଉଦ୍ଦିଷ୍ଟ ।

ଯାତ୍ରା ଓ ଲୀଳା ସୁଆଙ୍ଗକୁ ଛାଡିଦେଲେ ମୁଣ୍ଡା ସମାଜରେ ଆଉ ଏକ ଭିନ୍ନ ପ୍ରକାରର ଗଣବିନୋଦନ ଦେଖାଯାଏ । ତାହା ହେଉଛି କାରାମ୍ ସୁସୁନ୍, ଦାସାଇଁ ସୁସୁନ୍, ଜାହାଲି ଓ କାଠି ସୁସୁନ୍, ତଥା ଯାଦୁର୍ ସୁସୁନ୍ ମାଧ୍ୟମରେ ମୁଣ୍ଡାରୀ ଭାଷାର ସଙ୍ଗୀତ ସାହିତ୍ୟର ସର୍ଜନା ଚାଲେ । ଏହି ନୃତ୍ୟ ଗୀତ ମାଧ୍ୟମରେ ମୁଣ୍ଡାରୀ ସାହିତ୍ୟର ମଧ୍ୟ ବିକାଶ ଘଟେ । ଏହି ଗୀତ ଓ ନୃତ୍ୟଗୁଡ଼ିକ ଜନତାଙ୍କ ଆଗରେ ପରିବେଷଣ ହେଲେ ସମବେତ ନୃତ୍ୟପ୍ରେମୀ ମନ୍ତ୍ର ମୁଗ୍ଧ ପରି ଶୁଣନ୍ତି ।

ଏହି ଯାତ୍ରା ବା ନାଟକର ଅତୀତରୁ ବର୍ତ୍ତମାନ; ସମୟର ଉତ୍ଥାନ ପତନରେ ନାଟକ ହୋଇଛି ପରିବର୍ତ୍ତିତ ସ୍ଥିତିରେ ଚିତ୍ରରେ ଚିତ୍ରରେ ଜୀବନ୍ତ ଚିତ୍ରଲିପି । ମୁଣ୍ଡାରୀ ସାହିତ୍ୟ ସୃଷ୍ଟି କରିବା ନିମନ୍ତେ ଆଗ୍ରହ, ଉଦ୍ଦୀପନା ଓ ଅନୁଭବ କରିବାର କ୍ଷୁଧା ଜାଗ୍ରତ କରିବା ନିମନ୍ତେ ବିଭିନ୍ନ ମୁଣ୍ଡାରୀ କେସେଟ୍, ଟିଭି, ମାଧ୍ୟମରେ ସାମୂହିକ ପ୍ରଚେଷ୍ଟା, ରଙ୍ଗମଞ୍ଚରେ ଦିନରେ ବିଭିନ୍ନ ନାଟକ ମଞ୍ଚସ୍ଥ କରିବା ଉଚିତ । ନାଟକ ପ୍ରଦର୍ଶନରେ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିବା ଆବଶ୍ୟକ । ନାଟ୍ୟକାର, କଳାକାର ଓ ଅଭିନେତା, ଅଭିନେତ୍ରୀ, କଣ୍ଠଶିଳ୍ପୀମାନଙ୍କୁ ବିଭିନ୍ନ ମୁଣ୍ଡା ଗଣମାଧ୍ୟମ ଓ ସାମାଜିକ ଗଣଅନୁଷ୍ଠାନ ତରଫରୁ ପ୍ରଶଂସା ଓ ସମ୍ବର୍ଦ୍ଧନା ଦେବା ଉଚିତ । କିନ୍ତୁ Most of our young and Educated writers of Dramma, Opera, have neither the responsibility nor the ability to create the creativity of writing and to think for the development of our Munda society. (S.S. Birgam)

Digitized by srujanika@gmail.com

ବହୁକାଳ ଧରି ପରାଧୀନ ରହି ଆସିଥିବା ଯୋଗୁଁ ସ୍ୱାଧୀନତା ଲାଭ ପରେ ମଧ୍ୟ ବଂଶାନୁଗୁଣ ପରି ଆମ ମୁଣ୍ଡାଜାତିର ପର ନିର୍ଭରଶୀଳତା ଓ ପରାପୋକ୍ଷତା; ତିଷ୍ଠି ରହିଛି ଆମମାନଙ୍କ ଭିତରେ; ସେଇଥିପାଇଁ ନିଜ ଭାଷା, ନିଜ ସାହିତ୍ୟ, ପ୍ରତି ବୀତସ୍ପୃହ ହୋଇଉଠି କିଏ ଇଂରାଜୀ, କିଏ ଓଡିଆ, କିଏ ବଙ୍ଗଳା ତ ଆଉ କିଏ ହିନ୍ଦୀ ଭାଷାରେ କଥାବାର୍ତ୍ତା କରୁଛନ୍ତି।

ପୁନଶ୍ଚ ଆମ ମୁଣ୍ଡା ଜାତିର ସଂଘର୍ଷ ବି କ୍ୱଚିତ୍ ଦେଖାଯାଏ। ମନେରଖିବା ଉଚିତ୍ ହେବ ଯେ- ଯେଉଁ ଜାତିର ସଂଘର୍ଷ ନ ଥାଏ, ସେ ଜାତି ବ୍ୟକ୍ତିର ସଂଘର୍ଷ- ଚେତନା ଆସିବ ନାହିଁ । ଜାତିର ସଂକଟ ନଥିଲେ ବ୍ୟକ୍ତିର ସଙ୍କଟ ଚେତନା ମଧ୍ୟ ଆସିବନାହିଁ। ଆମେ ସଙ୍କଟ ପ୍ରତି ଅବହିତ ନୋହୁଁ କିମ୍ବା ସଂଘର୍ଷ ପ୍ରତି ଉତ୍ସୁକ ନୋହୁଁ। ସେଥିପାଇଁ ଆମେ ନିଜକୁ ପ୍ରଗତିଶୀଳ କହିବା ବେଳେ ଆତ୍ମବିଶ୍ଳେଷଣ କରିବା ଏକାନ୍ତ କାମ୍ୟ। ନିଜ ଭିତରେ ଆମେ ଦେଖିବା ଆମର ତହିଁରେ ଅଭିଜ୍ଞତା ଅଛି କି ନାହିଁ; ଆମର ଅନୁଭବ ମଧ୍ୟ ତଦ୍ରୁପ, ଆମ ଭିତରେ ଚିନ୍ତା ନାହିଁ କି ଚେତନା ନାହିଁ, ଭାଷା ଓ ସାହିତ୍ୟ ପ୍ରତି ମମତା ନାହିଁ କି ଶ୍ରଦ୍ଧା ନାହିଁ। ନିଜକୁ ନିଜେ ଭଲ ପାଇ ଶିଖିବା ଶିଖିନାହୁଁ। ନିଜ ଜାତି, ଭାଷା, ସଂସ୍କୃତି ନେଇ ଗର୍ବ କରିବା ମଧ୍ୟ କ୍ୱଚିତ୍ ଦେଖାଯାଏ। କେବଳ ଖାଇବା ପାଇଁ ଖାଇପିଇ ବଞ୍ଚି ରହିଛୁ। ପେଟ ଚାଖଣ୍ଡକ ପାଇଁ ନାମକୁ ମାତ୍ର ଶିକ୍ଷାର୍ଜନ ଗୋଟିଏ ଛୋଟ ମୋଟ ଚାକିରି କରିବାରେ ବ୍ୟସ୍ତ।

ସେଥିପାଇଁ ମୁଣ୍ଡା ସମାଜର ସଚେତନ ଓ ଜାଗ୍ରତ ନାଟ୍ୟକାର ଓ ସାହିତ୍ୟିକ ବନ୍ଧୁମାନଙ୍କୁ ନିବେଦନ କରାଯାଉଛି ଯେ, ସେମାନେ ଓଡିଆ ନାଟକ-ବାବାଜୀ, ଅନ୍ନ ଓ ଶାଗୁଣା ବସିଛି ଡେଣା ମେଲାଇ, ଖେଜୁରୀ ଗଛର ମୂଳରୁ ପାହାଚ ପାହାଚ, ଦୁଃଖ ଦେଇଗଲା ଦରଦୀବନ୍ଧୁ ସହିତ ଆମେରିକାନ୍ Story of Civilisation ଉଇନ୍‌ଷ୍ଟାନ୍ ଚର୍ଚ୍ଚିଲଙ୍କର 'ଇଂରେଜ ଜାତିର ଇତିହାସ' ପରି ପୁସ୍ତକ ଅଧ୍ୟୟନ କରି ସାହିତ୍ୟ ସୃଷ୍ଟି ମାଧ୍ୟମରେ ନୂଆ ନୂଆ ଚିନ୍ତା ଚେତନାର ନୂତନ ମାର୍ଗ ଅନ୍ୱେଷଣ କରିବାର ପ୍ରବୃତ୍ତି ଜାଗ୍ରତ କରନ୍ତୁ।

Digitized by srujanika@gmail.com

ନୂତନ ଅସନ୍ତୋଷର ଇଙ୍ଗିତ ଦେଇଯାଉ, ମୁଣ୍ଡାଜାତିର ଜନଗଣଙ୍କୁ ଅନେକ ବାଟ ଯିବାକୁ ବାକି ଅଛି। ଯଦିଓ ମୁଣ୍ଡା ସମାଜର ସଭ୍ୟତା, ସଂସ୍କୃତି ଓ ସାହିତ୍ୟ ସବୁ ଅଲିଖିତ ଓ ଲିଖିତ ଅଛି; ତଥାପି ଏ ସମାଜର ଜନସାଧାରଣ ଏଗୁଡ଼ିକ ଏପର୍ଯ୍ୟନ୍ତ ନିଜର କରି ପାରିନାହାନ୍ତି; ହୁଏତ ସେଥିପାଇଁ ଆମ ଭାଷା, ସାହିତ୍ୟ ସାନ୍ତାଳୀ ଓ ଓଡିଆ ପରି ଗତିଶୀଳ ହୋଇନାହିଁ ବରଂ ଅନ୍ୟମାନଙ୍କ ଆଖିରେ ଏପର୍ଯ୍ୟନ୍ତ ନିଉଛୁଣା, ଅଣଦେଖା ଓ ଅଜାତିଆ ପରି ପଡିରହିଛି। ମୁଣ୍ଡାରୀ ସଙ୍ଗୀତକୁ ଲୋକପ୍ରିୟ କରିବା ନିମନ୍ତେ, ମୁଣ୍ଡା ଜାତିର ସଙ୍ଗୀତରେ ନୂତନ ଭାବେ ବିକଶିତ ହୋଇଥିବା କଣ୍ଠଶିଳ୍ପୀ, କଳାକାରମାନଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ଓ ଜନଗଣମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ସମ୍ମାନିତ କରି ଉତ୍ସାହ ଓ ପ୍ରେରଣା ଯୋଗାଇବା ଉଚିତ। ଏପରି କରାଗଲେ ବହୁ ଲୁକାୟିତ ପ୍ରତିଭାବାନ୍ କଳାକାର, କଣ୍ଠଶିଳ୍ପୀ, ନାଟ୍ୟକାରମାନେ ଅନୁପ୍ରେରିତ ହୋଇ ଅଧିକରୁ ଅଧିକ ଏ ଦିଗରେ ଆଗେଇବେ। ସେହି କଳାକାର ଓ କଣ୍ଠଶିଳ୍ପୀମାନେ ହେଲେ- ୧) ଶ୍ରୀ ନନ୍ଦକିଶୋର ସିଂ (ବାସିପିଠା) - କଣ୍ଠଶିଳ୍ପୀ, ସଙ୍ଗୀତକାର, ୨) ଶ୍ରୀମତୀ ରୋମି ସିଂ (ବେତନଟା, ମଧୁପୁର) - ଗାୟିକା, ୩) କୁମାରୀ ମମତା ସିଂ - ନୃତ୍ୟକାରୀ, ୪) ରସାନନ୍ଦ ସିଂ - ସଙ୍ଗୀତଜ୍ଞ ଓ ସଙ୍ଗୀତ ନିର୍ଦ୍ଦେଶକ, ୫) ଶ୍ରୀ ସୁନାରାମ ସିଂ (ସାହିଲ), ହରିଶୋଳ, ରଙ୍ଗାମାଟିଆ - ଗାୟକ, ୬) ଶ୍ରେଷ୍ଠ ନାଟ୍ୟକାର - ଶ୍ରୀ ଦଶରଥ ସିଂ (ଅସ୍ତଝରଣ), ଅଭିନେତା, ୭) ଶ୍ରୀ ଜୟହରି ସିଂ - କଳାକାର ତଥା ଅଭିନେତା, ୮) ଶ୍ରୀମତୀ ଯଶୋଦାମଣି ସିଂ (ଅଙ୍ଗାରଗଡିଆ) - କଣ୍ଠଶିଳ୍ପୀ, ୯) ଶ୍ରୀ ପ୍ରଦୀପ କୁମାର ସିଂ (ରଙ୍ଗାମାଟିଆ) - ପ୍ରଡ୍ୟୁସର୍ (ପ୍ରଯୋଜକ) ଓ ନିର୍ଦ୍ଦେଶକ, ୧୦) ଶ୍ରୀ ଅର୍ଜୁନ ସିଂ (ପୋଡାଅସ୍ତିଆ), ୧୧) ଶ୍ରୀ ଲମ୍ବୋଦର ସିଂ (ପୋଡାଅସ୍ତିଆ) - ଟେଲିଭିଜନ କଳାକାର, ୧୨) ଦୀପା ସିଂ (ପୋଡାଅସ୍ତିଆ) - ରେକର୍ଡ ଡେନ୍‌ସାର୍ ୧୩) ଶ୍ରୀ ନନ୍ଦଲାଲ ସିଂ (ଘୁଷୁରିଆ) - ଗାହ୍ନିକ, ୧୪) ଶ୍ରୀ ବୁଧିଆ ସିଂ (ବଡସାହି-ଡାହିସାହି) - ମୁଣ୍ଡାରୀ ଲିପିର ଶିକ୍ଷକ ଓ ମୁଣ୍ଡାରୀ

Digitized by srujanika@gmail.com

ଲିପିରେ ସହାୟକ ପୁସ୍ତକ ରଚୟିତା, ୧୫) ଶ୍ରୀଧର ସିଂହ – ଖ୍ୟାତନାମା ଲେଖକ ଓ କବି, ୧୬) ପଣ୍ଡିତ୍ ଶ୍ରୀ ରୋହିଦାସ ସିଂ ନାଗ୍ (ଶାଲବନୀ) – ମୁଣ୍ଡାରୀ ଅଲଗୁରୁ , ମୁଣ୍ଡାରୀ ଲିପିର ସ୍ରଷ୍ଟା। ମୁଣ୍ଡାରୀ ସମାଜ ସାଓ୍ବାଁର ଜାମ୍‌ଡା କାର୍ଯ୍ୟକାରୀ ବୈଠକରେ ତା ୧୨।୦୪।୨୦୧୧ ରିଖ ସଂଗୃହିତ ଓ ଅନୁମୋଦିତ ତଥ୍ୟ ଉପରେ ପର୍ଯ୍ୟବେସିତ। ତା ୧୫।୦୫।୨୦୧୧ ରିଖ ବୈଠକର ସିଦ୍ଧାନ୍ତ ଅନୁସାରେ ଏହା ଘୋଷଣା କରାଯାଇଛି। ଶ୍ରୀ ନନ୍ଦଲାଲ ସିଂ (ଘୁଷୁରିଆ) ଓ ଏହି ପୁସ୍ତକ ରଚୟିତା ଶ୍ରୀଧର ସିଂହ ମହୋଦୟମାନେ ଜାମ୍‌ଡାର ପଦାଧିକାରୀ ଯୋଗୁଁ ସେମାନେ ସମ୍ବର୍ଦ୍ଧନା ନେବା ପାଇଁ ମନା କରିଦେଲେ। ସୁତରାଂ ଉପସଭାପତି ଓ ସଭାପତିଙ୍କୁ ସମ୍ବର୍ଦ୍ଧନା ନ ଦେବାପାଇଁ ଗୃହକୁ ଅନୁରୋଧ କରିଥିଲେ। ପୁନଶ୍ଚ ଆମ ଜାତି ଭାଷା ଓ ସଂସ୍କୃତି ପାଇଁ ସଭାସମିତି, ପ୍ରଚାର କରିବା କେବଳ ସିଆଣିଆ ଲୋକର ଲୋକ ଦେଖାଣିଆ ସାହିତ୍ୟ ସଭା ପରି ହୃଦବୋଧ ହେଉଛି; କାରଣ ସେଥିରେ ଉଦ୍ୟୋକ୍ତାମାନଙ୍କର ଆନ୍ତରିକତା, ତ୍ୟାଗ, ସ୍ନେହ, ମମତା, ଉତ୍ସର୍ଗୀକୃତ ମନୋଭାବ, ନିରନ୍ତର ମସୀ ଚାଳନା, ସୀମାହୀନ ଦୁର୍ବାର ଆକାଂକ୍ଷା ଓ ସୃଜନଶୀଳ ମନୋଭାବର ଊଣାଭାବ ରହିଥିଲା ପରି ମନେ ହେଉଛି। ସୁତରାଂ ମୁଣ୍ଡା ସମାଜରେ ଥିବା ନିମ୍ନ ଆର୍ଥିକ ସ୍ତରର ଲୋକମାନଙ୍କୁ ଏଥିରେ ସାମିଲ କରିବା ଅପରିହାର୍ଯ୍ୟ। ସେମାନଙ୍କ ଅଭାବ, ଅନାଟନ, ବିଭିନ୍ନ ସମସ୍ୟା, ପ୍ରତିବନ୍ଧକ, ତେଲଲୁଣ ସଂସାର- ଜଞ୍ଜାଳ ବୁଝି; ଅନୁଭବ କରି ସମାଧାନ ସହାନୁଭୂତି ଦେଖାଇ ସାହିତ୍ୟ କ୍ଷେତ୍ରରେ ନାଟକ, ନୃତ୍ୟ, ଅଭିନୟ, ଲିଖନ, ପଠନରେ ସାମିଲ କରିବା ଆବଶ୍ୟକ।

ଅଭିଧାନର ଭୂମିକା

ସାହିତ୍ୟକୁ ପରାଗପୁଷ୍ଟ, ସମୃଦ୍ଧଶାଳୀ, ରସୋଚ୍ଛଳ, ଭାବଗମ୍ଭୀର, ଅର୍ଥନିବଦ୍ଧ ଓ ଅର୍ଥପୂର୍ଣ୍ଣ କରିବା ନିମନ୍ତେ ପ୍ରତ୍ୟେକ ଭାଷାର ଅଭିଧାନ ନିତାନ୍ତ

Digitized by srujanika@gmail.com

ଆବଶ୍ୟକ ଏବଂ ଅଭିଧାନର ଭୂମିକା ମଧ୍ୟ ଯଥେଷ୍ଟ ବେଶି । ମୁଣ୍ଡାରୀ ଭାଷାକୁ ସରସ, ସୁନ୍ଦର କରିବା ନିମନ୍ତେ ମୁଣ୍ଡାରୀ ଭାଷାର ଅଭିଧାନ- 'ମୁଣ୍ଡାରୀ ଟୁଂକଡାରୀ' ମଧ୍ୟ ରହିଛି । ଏହି ଟୁଂ କାଡାରୀରେ ଲିଖିତ ଓ ସଂଗୃହିତ ଶବ୍ଦାବଳୀ ପର୍ଯ୍ୟାୟ କ୍ରମ (Chronological) ଲେଖାରୁ କବି, ଲେଖକ, ପ୍ରାବନ୍ଧିକ, ଗାଳ୍ପିକ, ନାଟ୍ୟକାରମାନେ ବିଭିନ୍ନ ଶବ୍ଦ, ଅର୍ଥ, ଖୋଜି ଶବ୍ଦ ଓ ସଂଳାପ ସଂଯୋଜନା କରିଥା'ନ୍ତି । ଭାଷାକୁ ଅଧିକ ଶାଣିତ ଓ ରସୋତୀର୍ଣ୍ଣ କରିବାରେ ସଫଳ ହୋଇଥା'ନ୍ତି । ସୁତରାଂ ଏହି ମୁଣ୍ଡାରୀ ଟୁଂକ୍‌ଡାରୀ ସଂକଳନ କରିବାରେ ପ୍ରମୁଖ ଅଂଶଗହଣ କରିଛନ୍ତି, ସେମାନେ ହେଲେ- ଏମ୍.ଏମ୍. ମୁଣ୍ଡୁ, ଡଃ. ମନସିଦ୍ ବାଡାଏଉଦ୍, ମନୀନ୍ଦ୍ରା ଭାଦୁରୀ, ଏନ୍. ସଏ ।■

Digitized by srujanika@gmail.com

ସହାୟକ ପୁସ୍ତକସୂଚୀ

୧. The Structure of English Language ବହିର ଓଡିଆ ଅନୁବାଦକ ପ୍ରଫେସର ଡଃ. ଶ୍ରୀଯୁକ୍ତ ଗୋଲକ ବିହାରୀ ଧଳଙ୍କ ମତ।

୨. ଭାଷା ଓ ଧ୍ୱନି ବିଜ୍ଞାନ, ପ୍ରଫେସର ଶ୍ରୀଯୁକ୍ତ ଧନେଶ୍ୱର ମହାପାତ୍ର।

୩. ଡକ୍ଟର ଗୋଲକ ବିହାରୀ ଧଳଙ୍କ ମତ।

୪. ସାହିତ୍ୟର ସଂଜ୍ଞା, ଶ୍ରୀଯୁକ୍ତ ଗଦାଧର ମିଶ୍ର।

୫. ମାର୍କସ୍‌ବାଦୀୟ ଚିନ୍ତାଧାରାରେ ସାହିତ୍ୟ, ଅଧ୍ୟାପକ ଶ୍ରୀଯୁକ୍ତ ଅବନୀ କୁମାର ବରାଳ।

୬. ଓଡିଆ ସାହିତ୍ୟର ଇତିହାସ, ଡକ୍ଟର ମାୟାଧର ମାନସିଂହ।

୭. ମାର୍କସ୍‌ବାଦୀୟ ସାହିତ୍ୟ ଓ ଦର୍ଶନ, ଅଧ୍ୟାପକ ଶ୍ରୀ ସଚିଦାନନ୍ଦ ମିଶ୍ର।

୮. ଜାମ୍‌ତ୍ରା ଇତିହାସ, ଶ୍ରୀ ଶ୍ରୀଧର ସିଂହ।

୯. ପ୍ରଗତିର ଆଢୁଆଳେ ଆଦିମ ଜନଜାତି ମୁଣ୍ଡା, ଶ୍ରୀଧର ସିଂହ।

୧୦. ସାଂପ୍ରତିକ ସାହିତ୍ୟ, ଶ୍ରୀଯୁକ୍ତ ବିଭୂତି ପଟ୍ଟନାୟକ।

୧୧/୧୨. ସାହିତ୍ୟ ତତ୍ତ୍ୱ; ପ୍ରାଚ୍ୟ ପଶ୍ଚାତ୍, ଅଧ୍ୟାପିକା ଜ୍ୟୋସ୍ନାମୟୀ ପ୍ରଧାନ।

୧୩. Mundas and their Country, By S. C. Roy.

Digitized by srujanika@gmail.com

୧୪. Encyclopedia of Mundarica, Vol.6, By the Rev. J. Hoffman.

୧୫. Mundari Tunkdary, By M. M. Mundu.

୧୬. କବିତା ପୁସ୍ତକ, ଆଲଚି, କୁସୁଲୀ, ଆନ୍ଦୁକାଲ, ଇଚାଃ ବା'ଆ, ଆଣେଃ ରାସେ, ବିନ୍ତି ।

୧୭. ମୁଣ୍ଡାରୀ ଲୋକଗୀତ, ମୁଣ୍ଡାରୀ ସଙ୍ଗୀତ ଓ ନୃତ୍ୟର ସଂକ୍ଷିପ୍ତ ପରିଚୟ, ଶ୍ରୀଧର ସିଂହ ।

୧୮. ୧୯୭୨ ରୁ ୧୯୮୩ ମୁଣ୍ଡାରୀ ଦର୍ପନ୍, ଆନ୍ଦୁକାଲ, ଆସ୍କାଲ୍, ମାସ୍କାଲ, ଆରସି, ବାଂବୁରୁ, ସାମ୍ଲତିଂ, ଆଦି ପତ୍ରିକା ।

୧୯. ଆଧୁନିକ ଓ ଓଡିଆ ସାହିତ୍ୟର ଭୂମି ଓ ଭୂମିକା, ଓଡିଶା ସାହିତ୍ୟ ଏକାଡେମୀ ।

୨୦. ଓଡିଆ ସାହିତ୍ୟର ଇତିହାସ, ଅଧ୍ୟାପକ ଡଃ. ବଂଶୀଧର ମହାନ୍ତି ।

୨୧. ଓଡିଆ ସାହିତ୍ୟର ଇତିହାସ, ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ।

Digitized by srujanika@gmail.com

ପରିଚିତି

ନାମ		ଶ୍ରୀ ଶ୍ରୀଧର ସିଂହ
ଜନ୍ମ		୧୨.୦୨.୧୯୪୯
ଠିକଣା		ସା. କାଳିଆପଦା, ପୋ.: ଶିରାଥଳୀ, ଭାୟା: ପୁରୁଣା ବାରିପଦା, ଥାନା: ଖୁଣ୍ଟା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା
ମାତା	:	ଶ୍ରୀମତୀ ଗୁରୁବାରୀ ସିଂହ
ପିତା	:	୰ଶ୍ୟାମାରାୟ ସିଂହ
ଶିକ୍ଷାଗତ ଯୋଗ୍ୟତା	:	ଏମ୍.ଏ. ବି.ଇଡ଼ି., ଓ.ଇ.ଏସ୍.
ମୋବାଇଲ୍ ନମ୍ବର	:	୦୯୪୩୭୩୨୧୩୧୮

ତା୧୭.୦୮.୧୯୭୧ରେ ଚାକିରି ଆରମ୍ଭ ମ.ଇ. ସ୍କୁଲର ସହକାରୀ ଶିକ୍ଷକ ଭାବେ।

୧୯୯୧ରେ ଓ.ଇ.ଏସ୍. ପରେ ସହକାରୀ ଶିକ୍ଷା ମଣ୍ଡଳାଧୀଶ, ମୟୂରଭଞ୍ଜ ସର୍କଲ, ବାରିପଦା

ଡି.ଆଇ.ଅଫ୍ ସ୍କୁଲସ୍, ବେତନଟୀ, ଉଦଳା ଶିକ୍ଷାଜିଲ୍ଲା

ପ୍ରଧାନ ଶିକ୍ଷକ, ଏମ୍.ପି.ସି. ଉଚ୍ଚ ବିଦ୍ୟାଳୟ, ବେତନଟୀ

କୁଶଳଦା ମାଧ୍ୟମିକ ଗୁରୁ ତାଲିମ (ସି.ଟି. ସ୍କୁଲ) ବିଦ୍ୟାଳୟ

କେ.ସି. ହାଇସ୍କୁଲ, ନୀଳଗିରି, ବାଲେଶ୍ବରରେ ଅବସର ଗ୍ରହଣ। (ତା୩୧.୦୮.୨୦୦୯)

Digitized by srujanika@gmail.com

ସାହିତ୍ୟ କୃତି

ପ୍ରକାଶିତ କବିତା ପୁସ୍ତକ

୧. ଦେବକୁଣ୍ଡ	୧୯୭୭
୨. ମୁକୁଳ	୧୯୮୨
୩. ଆତ୍ମବେଦନା	୧୯୮୧
୪. ଭଞ୍ଜକନ୍ୟା (କାବ୍ୟ)	୧୯୯୫
୫. ରାଜନୀତିର କୁହୁକ ଖେଳ	୧୯୯୫-୯୬
୬. ଅନ୍ୱେଷଣ	୧୯୯୯
୭. କବିତା ମିଛ ନୁହେଁ	୨୦୦୧

ଆଦିବାସୀ ଜୀବନ ଉପରେ ପ୍ରକାଶିକ ପ୍ରବନ୍ଧ ପୁସ୍ତକ

୧. ଆଦିବାସୀ ଭାଷା ମୁଣ୍ଡାରୀ	୧୯୮୩
୨. ଶିକ୍ଷା ଜଗତରେ ଆଦିବାସୀ	୧୯୯୪
୩. ଆଦିବାସୀ ସଂସ୍କୃତି ଓ ଜୀବନଧାରା	୧୯୯୫
୪. ଆଦିବାସୀମାନଙ୍କ ଅର୍ଥନୈତିକ ଅବସ୍ଥା	୧୯୯୬
୫. ଜାମ୍‌ଡ଼ା ଇତିହାସ	୧୯୯୪-୯୫
୬. ଆଦିବାସୀ ଧର୍ମବିଶ୍ୱାସ	୧୯୯୭
୭. ରାଜନୀତିରେ ଆମ ଆଦିବାସୀ	୧୯୯୭
୮. ମୁଣ୍ଡାରୀ ସାସାଂକିର	୨୦୧୦
୯. ପ୍ରଗତିର ଆଲୁଆଲେ ଆଦିମ ଜନଜାତି ମୁଣ୍ଡା	୨୦୧୧

ମୁଣ୍ଡାରୀ ଭାଷାରେ ପ୍ରକାଶିତ କବିତା ପୁସ୍ତକ

୧. ଆଣେଃ ରାସେ (୧ମ ଭାଗ)	୧୯୭୭
୨. ଅଲ୍‌ଚି	୧୯୮୨
୩. କୁସୁଲି	୧୯୯୨

Digitized by srujanika@gmail.com

୪. ଆଣେଃ ରାସେ (୨ୟ ଭାଗ) ୧୯୮୭
୫. ସୁସାର ୧୯୮୩
୬. ଅଣେଃ ୧୯୯୫
୭. ହାମ୍‌ଟୁ ୨୦୧୦
୮. ଇଚାବା ୨୦୧୨
୯. ଆନ୍ଦୁକାଲ୍ ୨୦୧୩
୧୦. ମୁଣ୍ଡା କଓ୍ୱା ଆଣାନ୍ଦୀ ନିଗି ବିଗିକ ୨୦୧୪

ଏତ୍‌ଭିନ୍ନ ବିଭିନ୍ନ ଓଡ଼ିଆ ଭାଷାରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ।

ମୁଣ୍ଡାରୀ ଭାଷାରେ ପ୍ରକାଶିତ ପ୍ରବନ୍ଧ/ଗଳ୍ପ ପୁସ୍ତକ

୧. ଦାରୋଗା ବାବୁ ୧୯୭୭
୨. କାରାମ କାହାନୀ ୨୦୦୯
୩. ମୁଣ୍ଡାରୀ ବାଇଆଙ୍କିର (ମୁଣ୍ଡାରୀ ବ୍ୟାକରଣ) ୨୦୧୧
୪. ମୁଣ୍ଡାରୀ ଲୋକଗୀତ ୨୦୧୧
୫. ମୁଣ୍ଡାରୀ ସଙ୍ଗୀତ ଓ ତାର ବିଭାଗୀକରଣ ୨୦୧୨

ଓଡ଼ିଆରେ ପ୍ରକାଶିତ ପ୍ରବନ୍ଧ ପୁସ୍ତକ

୧. ଆମ ଚଳଣି ୧୯୯୫
୨. କିଛି ସ୍ମୃତି କିଛି ଅନୁଭୂତି ୨୦୦୯
୩. ମୋ ଦୃଷ୍ଟିରେ ସାମ୍ପ୍ରତିକ ଜନଜୀବନ ୨୦୧୦-୧୧
୪. ସାମ୍ପ୍ରତିକ ଯୁଗର ଭିନ୍ନ ଏକ ଦୃଷ୍ଟିକୋଣ ୨୦୧୩
୫. ଅରଣ୍ୟର ଫୁଲ ୨୦୧୩
୬. ମୁଣ୍ଡାରୀ ସାହିତ୍ୟର ଇତିହାସ ୨୦୧୪
୭. ପଣ୍ଡିତ ଅଲଗୁରୁ ରୋହିଦାସ ସିଂହ ନାଗ ୨୦୧୪
୮. ଅରଣ୍ୟର ବହ୍ନି ୨୦୧୪
୯. ଅନୁଭୂତିରେ ଜୀବନ ୨୦୧୪

Digitized by srujanika@gmail.com

ଇଂରାଜୀ ଭାଷାରେ ପ୍ରକାଶିତ

ଆଦିବାସୀ ଜନଜୀବନ ଉପରେ ପ୍ରବନ୍ଧ ଓ କବିତା

1. Mundari Song and Dance	2005
2. Mundas of Orissa	2005
3. A Glimps of Tribals	2007
4. The Voice of Agony	2009
5. The Dreams & the Demands of the Mundas	2014

ଓଡ଼ିଆ ଭାଷାରେ ପ୍ରକାଶିତ ନାଟକ

୧. କିଶାନ	୧୯୭୧
୨. ଛଇଛଟକି	୧୯୭୧
୩. ନିଶା ପାଣିର କରାମତି	୧୯୭୨

ବିଭିନ୍ନ ଅନୁଷ୍ଠାନରେ ସଦସ୍ୟତା

୧. ମନସ୍ୱିନୀ ସାହିତ୍ୟ ପରିଷଦ, ପାରାଦ୍ୱୀପ

୨. ସୁଲେଖା ସାହିତ୍ୟ ପରିଷଦ, ପୁରୀ

୩. ବାଣୀପାଠ ସାହିତ୍ୟ ପରିଷଦ, ବଡ଼ସାହି, ମୟୂରଭଞ୍ଜ

୪. ମୟୂର ଆର୍ଟିଷ୍ଟ ଏସୋସିଏସନ୍, କଡ଼ଦା, ମୟୂରଭଞ୍ଜ

୫. ଉତ୍କଳ ସାହିତ୍ୟ ପରିଷଦ, ବେତନଟୀ, ମୟୂରଭଞ୍ଜ

୬. ତେଲିସାହି ସାହିତ୍ୟ ସଂସଦ, ବଲାଙ୍ଗୀର

ଏତଦ୍ ଭିନ୍ନ ଅନେକ ସାହିତ୍ୟିକ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ।

ସମ୍ମାନ, ପୁରସ୍କାର ଓ ସମ୍ବର୍ଦ୍ଧନା

୧.	ମୁଣ୍ଡାରୀ ମାର୍ଶାଲ	୧୯୮୫, ମୁଣ୍ଡାରୀ ସାହିତ୍ୟ ପରିଷଦ, ମୁଣ୍ଡାରୀ ସମାଜ ସାଓଁର ଜାମ୍ଦା, ଓଡ଼ିଶା ।

Digitized by srujanika@gmail.com

୨.	ଭଞ୍ଜ ପ୍ରଦୀପ	୧୯୯୬, ବାଣୀପାଠ ସାହିତ୍ୟ ପରିଷଦ, ବଡ଼ସାହି, ମୟୂରଭଞ୍ଜ
୩.	କବି କୁସୁମ	୧୯୯୭, ମନସ୍ୱିନୀ ସାହିତ୍ୟ ପରିଷଦ, ଅଠରବାଙ୍କ, ପାରାଦ୍ୱୀପ
୪.	ସୁଲେଖା ସମ୍ମାନ	୧୯୯୮, ସୁଲେଖା ସାହିତ୍ୟ ପରିଷଦ, ପୁରୀ
୫.	ମୁଣ୍ଡାରୀ କବି ସମ୍ମାନ	୧୯୯୦-୯୩, ମୁଣ୍ଡାରୀ ସମାଜ ସାଓଁର୍, କାମ୍‌ଡା, ଓଡ଼ିଶା
୬.	ମା ସମ୍ମାନ	୧୯୯୮, ମୟୂର ଆର୍ଟିଷ୍ଟ ଏସୋସିଏସନ୍, ତଳକଡ଼ଦା, ମୟୂରଭଞ୍ଜ
୭.	ଶ୍ରୀ ଭଗବାନ ସମ୍ମାନ	୧୯୯୭, ଶ୍ରୀ ଭଗବାନ ସାହିତ୍ୟ ପରିଷଦ, ଭୁବନେଶ୍ୱର
୮.	କବି ସମ୍ମାନ	୧୯୯୮, ଚେତନଟୀ, ଉତ୍କଳ ସାହିତ୍ୟ ପରିଷଦ, ମୟୂରଭଞ୍ଜ
୯.	ଅଗ୍ନି ସ୍ଫୁଲିଙ୍ଗ ପ୍ରତିଭା ସମ୍ମାନ	୨୦୦୧, ମନସ୍ୱିନୀ ଓ ଅଗ୍ନି ସ୍ଫୁଲିଙ୍ଗ ସାହିତ୍ୟ ପରିଷଦ
୧୦.	କବି ସମ୍ମାନ	୨୦୦୬, ତେଲିସାହି ସାହିତ୍ୟ ପରିଷଦ, ବଲାଙ୍ଗୀର
୧୧.	କବି ଓ ଲେଖକ ସମ୍ମାନ	୨୦୦୭, ବଳାଙ୍ଗୀ ସାହିତ୍ୟ ପରିଷଦ, ମୟୂରଭଞ୍ଜ, ବାରିପଦା
୧୨.	ଭଞ୍ଜ ଗୌରବ (ପଦବୀ)	୨୦୦୮, ମନସ୍ୱିନୀ ସାହିତ୍ୟ ପରିଷଦ, ପାରାଦ୍ୱୀପ
୧୩.	ଦେବେନ୍ଦ୍ର ସମ୍ମାନ	୨୦୧୧, ବାଣୀପୀଠ, ବଡ଼ସାହି
୧୪.	ଜନଜାତି ପ୍ରତିଭା ସମ୍ମାନ	୨୦୧୨, ଓଡ଼ିଶା ଆଦିବାସୀ ଜନମଙ୍ଗଳ ବିଭାଗ ତରଫରୁ ରାଜ୍ୟପାଳଙ୍କ ଦ୍ୱାରା

Digitized by srujanika@gmail.com

୧୫. ସାରସ୍ୱତ ପଦ୍ମ ସମ୍ମାନ ୨୦୧୧, ସୋର ସାହିତ୍ୟ ସଂସଦ
୧୬. ବିନୋଦ ବିହାରୀ ସ୍ମୃତି ସମ୍ମାନ ୨୦୧୨, ବାଲେଶ୍ୱର

ଏତଦ୍ ଭିନ୍ନ ବହୁ ଶିକ୍ଷାନୁଷ୍ଠାନ ତରଫରୁ ବିଭିନ୍ନ ଶିକ୍ଷା ସମ୍ପର୍କିତ ପ୍ରବନ୍ଧ ଓ କୃତି ପାଇଁ ସମ୍ମାନିତ ଓ ସମ୍ବର୍ଦ୍ଧିତ। ଆଜି ଓ କାଲି, ନୂତନବାର୍ତ୍ତା, ଅଗ୍ନି ସ୍ଫୁଲିଙ୍ଗ, ଲହରୀ, ଶଙ୍ଖ, ଶିକ୍ଷକ ଦର୍ପଣ, ଶିକ୍ଷା ପ୍ରଦୀପ, ଆମ ସହର ଆମ ଗାଁ, ସାହିତ୍ୟ ବାର୍ତ୍ତା, ନବକାକଳି, ପଲ୍ଲୀବାର୍ତ୍ତା, କଳ୍ପଲତା, ମନସ୍ୱିନୀ, ଜିଜ୍ଞାସା, ସମ୍ଭାର, ଶ୍ରୀଜଗନ୍ନାଥ, ପୁଷ୍ପରାଗ, ଶତାବ୍ଦୀ, ସବୁଜ ସକାଳ, ଆମେ କଳାକାର, ରାଜହଂସ, ଆସକାଲ, ମାସ୍କାଲ୍, ଆର୍ସି, ବାଂବୁରୁ ଆଦି ବହୁ ପତ୍ରପତ୍ରିକାରେ କବିତା ଓ ପ୍ରବନ୍ଧମାନ ପ୍ରକାଶିତ।

ସାହିତ୍ୟିକ/ସାରସ୍ୱତ ଓ ସାମାଜିକ, କଳା ସାଂସ୍କୃତିକ କାର୍ଯ୍ୟ

୧. ଉପସଭାପତି, ମୁଣ୍ଡାରୀ ସମାଜ ସାଓଁର ଜାମ୍‌ଡା, ଓଡ଼ିଶା, ୧୯୭୯ରୁ ୧୯୮୨
୨. ଉପଦେଷ୍ଟା, ମୁଣ୍ଡାରୀ ଭାଷା ବିକାଶ ପରିଷଦ, ନୂଆସାହି, ମୟୂରଭଞ୍ଜ
୩. ମୁଖ୍ୟ ସଂପାଦ, ମୁଣ୍ଡାରୀ ଦର୍ପନ, ୧୯୮୩ରୁ ୧୯୮୫
୪. ପ୍ରତିଷ୍ଠାତା ଓ ମୁଖ୍ୟ ସମ୍ପାଦକ, ଆନ୍ଦୁକାଲ, ୧୯୮୯ରୁ ୨୦୦୧
୫. ସହସମ୍ପାଦକ, ଉଲ୍ ଗୁଲାନ୍ (All India Tribal Magzine from Ranchi, 2002)
୬. ପ୍ରତିଷ୍ଠାତା ଓ ମୁଖ୍ୟ ସମ୍ପାଦକ, (ତ୍ରୈମାସିକ ଓଡ଼ିଆ ପତ୍ରିକା) ପଲ୍ଲୀବାର୍ତ୍ତା ୨୦୦୦ରୁ ୨୦୦୩
୭. ସାଧାରଣ ସମ୍ପାଦକ ଭାରତ ମୁଣ୍ଡା ସମାଜ, ୧୯୮୭ରୁ ୨୦୧୦ (Director Primer text book bureau for Primary School, 2004 to 2008 Social meeting/conference for development of mundari language, culture, socio & economic status of West Bengal, Bihar, Jharkhand and Orissa.)

Digitized by srujanika@gmail.com

୮. ଆଦିବାସୀ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନର ସଦସ୍ୟ

୯. ମୁଣ୍ଡାରୀ ନାଟ୍ୟ ପରିଷଦର ସଭାପତି ୧୯୯୮ରୁ ୨୦୦୪

୧୦. ମା ଚଣ୍ଡୀ ଓ ତାରିଣୀ ପାଠାଗାରର ପ୍ରତିଷ୍ଠାତା ଓ ସଭାପତି, ୧୯୭୦ରୁ ୧୯୯୩

୧୧. ମୁଣ୍ଡାରୀ ଭାଷା ବିକାଶ ପରିଷଦ, ଓଡ଼ିଶା, କାଳିଆପଦାର ସଭାପତି, ୨୦୦୯ରୁ ଅଦ୍ୟାବଧି

୧୨. ଓଡ଼ିଶା ଝୁମର ଏକାଡେମୀ ଉପସଭାପତି, ୨୦୧୦ରୁ ଅଦ୍ୟାବଧି

୧୩. ସଭାପତି, ମୁଣ୍ଡାରୀ ସମାଜ ସାଓଁର ଜାମ୍‌ଡ଼ା, ଓଡ଼ିଶା ୨୦୧୦ରୁ ଅଦ୍ୟାବଧି

■■■

Digitized by srujanika@gmail.com

ଉତ୍ତଗୌରବ, କବି କୁସୁମ, ମୁଣ୍ଡାରୀ ମାର୍ଶାଲ କବି ଶ୍ରୀ ଶ୍ରୀଧର ସିଂହ, ଓ.ଇ.ଏସ୍.
ଏକାଧାରରେ ଜଣେ ଲେଖକ, କବି, ପ୍ରାବନ୍ଧିକ, ସମାଲୋଚକ, ସମାଜସେବୀ ଓ ଜଣେ
ଶିକ୍ଷକ, ପ୍ରଧାନଶିକ୍ଷକ, ଶିକ୍ଷା ଜିଲ୍ଲା ଅଧିକାରୀ ଭାବେ ତଥା ନିଜର ସାହିତ୍ୟ ରଚନା
ନିମନ୍ତେ ସର୍ବତ୍ର ପରିଚିତ। ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହିତ ଓତପ୍ରୋତ ଭାବେ ଜଡ଼ିତ।
ବିହାର, ବେଙ୍ଗଲ, ଝାଡ଼ଖଣ୍ଡ ଓ ଓଡ଼ିଶାର ବିଭିନ୍ନ ଆଦିବାସୀ ସଂଗଠନର କର୍ମକର୍ତ୍ତା
ଭାବେ ଅବସ୍ଥାପିତ ଏବଂ ସଂପ୍ରତି ମୁଣ୍ଡାରୀ ସମାଜ ସାଓ୍ୱାଁରି ଜାମଡ଼ା ଓଡ଼ିଶାର ସଭାପତି।
ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସେ ନିମ୍ନଲିଖିତ ସମ୍ମାନ ଓ ପଦବୀଗୁଡ଼ିକରେ ସମ୍ବର୍ଦ୍ଧିତ
ହୋଇଛନ୍ତି।

୧. ମୁଣ୍ଡାରୀ ମାର୍ଶାଲ ପଦବୀ (୧୯୮୫) - ମୁଣ୍ଡାରୀ ସାହିତ୍ୟ ପରିଷଦ
୨. ମୁଣ୍ଡାରୀ କବି (୧୯୯୦ ଓ ୧୯୯୩) - ଜାମଡ଼ା
୩. ମୁଣ୍ଡାରୀ ସମ୍ରାଟ ସମ୍ମାନ (୧୯୯୫) - ବାରିପଦା
୪. କବି କୁସୁମ ପଦବୀ (୧୯୯୭) - ପାରାଦୀପ
୫. ଭଞ୍ଜ ପ୍ରଦୀପ ପଦବୀ (୧୯୯୭) - ବଡ଼ସାହି, ମୟୂରଭଞ୍ଜ
୬. ମାଆ ସମ୍ମାନ (୧୯୯୭) - ତଳକତ୍ରଦା, ମୟୂରଭଞ୍ଜ
୭. ଶ୍ରୀ ଭଗବାନ ସମ୍ମାନ (୧୯୯୭) - ଭୁବନେଶ୍ୱର
୮. ସୁଲେଖା ସମ୍ମାନ (୧୯୯୮) - ପୁରୀ
୯. ଅଗ୍ନି ସ୍ଫୁଲିଙ୍ଗ ପ୍ରତିଭା ସମ୍ମାନ (୨୦୦୧) - ବଲାଙ୍ଗିର
୧୦. ସାହିତ୍ୟ ବାର୍ତ୍ତା ସମ୍ମାନ (୨୦୦୨) - ଯାଜପୁର
୧୧. ବଳାଙ୍ଗି ସାହିତ୍ୟ ସମ୍ମାନ (୨୦୦୬) - ବାରିପଦା, ମୟୂରଭଞ୍ଜ
୧୨. ଉତ୍ତଗୌରବ ପଦବୀ ସମ୍ମାନ (୨୦୦୭) ମନସ୍ୱିନୀ ଓ ଗାଁଗଣ୍ଡା, ପାରାଦ୍ୱୀପ,
ବାଲେଶ୍ୱର
୧୩. ଜନଜାତି ପ୍ରତିଭା ସମ୍ମାନ (୨୦୧୨) - ଓଡ଼ିଶା ସରକାରଙ୍କ ତରଫରୁ ରାଜ୍ୟପାଳଙ୍କ
ଦ୍ୱାରା
୧୪. ଦେବେନ୍ଦ୍ର ସମ୍ମାନ (୨୦୧୨) - ବାଣୀପୀଠ, ବଡ଼ସାହି ଦ୍ୱାରା ସମ୍ମାନିତ
୧୫. ବିନୋଦ ବିହାରୀ ସ୍ମୃତି ସମ୍ମାନ (୨୦୧୨)- ବାଲେଶ୍ୱର

ଏତଦ୍‌ଭିନ୍ନ ପଶ୍ଚିମ ଓଡ଼ିଶାର ବନଜ୍ୟୋତ୍ସ୍ନା ସାହିତ୍ୟ ପରିଷଦ, ଉତ୍କଳ ସାହିତ୍ୟ ପରିଷ
ବେତନଟୀ ଏବଂ ବହୁ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନରୁ ସାହିତ୍ୟ କ୍ଷେତ୍ରରେ ନିଜର
ଉଚ୍ଚକୋଟୀର ରଚନା ପାଇଁ ସମ୍ବର୍ଦ୍ଧିତ ଓ ମାନପତ୍ର ପ୍ରାପ୍ତ ହୋଇଛନ୍ତି। ସଂପ୍ରତି ନିଜ ଭା
ସାହିତ୍ୟ ଓ ସଂସ୍କୃତିର ବିକାଶରେ ନିୟୋଜିତ।